ISSN : 2583-5270

# ସାହିତ୍ୟ ଚର୍ଚ୍ଚା

ଫେବ୍ରୁଆରି ୨୦୨୪



ଫଟୋ : ଅଜୟ ମହାଲା

## ଓଡ଼ିଆ ସାହିତ୍ୟର ନବ ଦିଗନ୍ତ

Vol-2 • Issue-12 • February 2024 • Monthly • Rs.40 • 68 Pages • Bhubaneswar

# ସାହିତ୍ୟ ଚର୍ଚ୍ଚା

SAHITYA CHARCHA

ଓଡ଼ିଆ ସାହିତ୍ୟର ନବ ଦିଗନ୍ତ

ISSN : 2583-5270, RNI Regd. No. : ODIODI/2022/81590

ଭାଗ-୨ • ସଂଖ୍ୟା-୧୨ • ଫେବ୍ରୁଆରି ୨୦୨୪ • ମାସିକ • ଟ.୪୦ • ୬୮ ପୃଷ୍ଠା • ଭୁବନେଶ୍ୱର

ମୁରବି
**ମହାପ୍ରଭୁ ଶ୍ରୀଜଗନ୍ନାଥ**

ସଂପାଦକ
**ନିହାର ରଂଜନ ଶତପଥୀ**

ଉପଦେଷ୍ଟା
**ଡ. ପୂର୍ଣ୍ଣଚନ୍ଦ୍ର ମିଶ୍ର**
**ଦୁର୍ଗା ଚରଣ ଷଡ଼ଙ୍ଗୀ**
**ବଳଦେବ ମହାରଥା**
**ପ୍ରଶାନ୍ତ ଭୂୟାଁ**

ସହ-ସଂପାଦକ
**ପ୍ରଭାତ ରଞ୍ଜନ ବେହୁରା**
**ଦେବାଶିଷ ମୁଦୁଲି**

ପରିଚାଳନା ନିର୍ବାହୀ
**ଗୋଲଖ ଚନ୍ଦ୍ର ଦାସ**

ଅକ୍ଷର ସଜ୍ଜା
**ଶଚିନ୍ଦ୍ର କୁମାର ରାଉତରାୟ**

ୱେବ୍‌ସାଇଟ୍ ପରିଚାଳକ
**ପ୍ରଭଞ୍ଜନ ବଳିୟାରସିଂ**

ପ୍ରଚ୍ଛଦପଟ ଫଟୋ
**ଅଜୟ ମହାଲା**

ଯୋଗାଯୋଗ
**ସାହିତ୍ୟ ଚର୍ଚ୍ଚା**, ୧୯, ଆର୍ଯ୍ୟ ଭିଲେଜ୍,
ଡୁମୁଡୁମା, ଫେଜ୍-୪,
ଭୁବନେଶ୍ୱର-୭୫୧୦୧୯
ଫୋନ୍ : (୦୬୭୪) ୩୫୫୨୯୪୭
ମୋବାଇଲ : ୯୩୬୮୭୭୨୫୦୬
E-mail: info@sahityacharcha.com
Website: www.sahityacharcha.com

**ମୂଲ୍ୟ : ଟ. ୪୦/-**

## ।। ସୂଚୀ ।।



| | |
|---|---|
| ପାଠକଙ୍କ ମତାମତ | ୦୨ |
| ସାହିତ୍ୟରେ ତୁଣ୍ଡ ସେବା (ସଂପାଦକୀୟ) | ୦୩ |
| 'ଓଡ଼ିଆ ଦାସ': କେତେ ବାସ୍ତବ ? (ପ୍ରବନ୍ଧ): ରମାକାନ୍ତ ନାୟକ | ୦୫ |
| ଝିଅଟି କାଲି ଜହ୍ନ ଦେଖିଲା (କବିତା) : ରବି କୁମାର ମହାନ୍ତି | ୧୧ |
| ବ୍ରିଫ୍‌କେଶ୍ (ଗଳ୍ପ) : ଆନନ୍ଦ ଚନ୍ଦ୍ର ପହି | ୧୨ |
| ବାଳର ବଜାରଦର (ରମ୍ୟରଚନା) : ଅଭୟ ଦାଶ | ୧୭ |
| ଉପହାର (ଗଳ୍ପ) : ପ୍ରଭଞ୍ଜନ ଦାଶ | ୧୯ |
| ଆଇନାରେ 'ମହାଭାରତ' ଓ 'ମହାଭାରଥ' (ପ୍ରବନ୍ଧ) : ରମେଶ ଚନ୍ଦ୍ର ମଲ୍ଲିକ | ୨୧ |
| କବି ଆଶୁତୋଷ ପରିଡ଼ାଙ୍କ ସହିତ ସାରସ୍ୱତ ଆଳାପ (ସାକ୍ଷାତକାର) | ୨୫ |
| ବାଇ ଚଢ଼େଇର ସଂସାର (ଗଳ୍ପ) : ଚୌଧୁରୀ ବରଦାପ୍ରସନ୍ନ ଦାସ | ୨୯ |
| ଗୀତିକବିତାର ଗତି - ପ୍ରାଚୀନରୁ ନବୀନ(ପ୍ରବନ୍ଧ) : ସଦାନନ୍ଦ ପରିଡ଼ା | ୩୩ |
| ଟାଣୁଆ ଜାଲ (ବ୍ୟଙ୍ଗ) : ଅଜୟ କୁମାର ମିଶ୍ର | ୩୮ |
| ଛମାଣ ଆଠଗୁଣ୍ଠ ରଚନାର ଅନ୍ତରାଳେ (ପ୍ରବନ୍ଧ) : ପୂର୍ଣ୍ଣଚନ୍ଦ୍ର ମିଶ୍ର | ୪୧ |
| ଆଧା (ଅନୁବାଦ ଗଳ୍ପ) : ସୁକୋମଳ ଦାଶ | ୪୭ |
| ଭାରି ମନେ ପଡ଼େ (ଅନୁଭୂତି) : ବନଜ ଦେବୀ | ୫୦ |
| ରେବତୀର ବାଣୀବିହାର (ଗଳ୍ପ) : ହେମନ୍ତ ବିଶ୍ୱାଳ | ୫୪ |
| ପୁସ୍ତକ ପ୍ରକାଶନର ସ୍ୱକୀୟ ଶୈଳୀ (ପ୍ରବନ୍ଧ):ମାନସ ରଞ୍ଜନ ମହାପାତ୍ର | ୫୮ |
| ଦୁଇଟି ଗଜଲ (କବିତା) : ଜାକିର ଖାନ୍ | ୬୧ |
| ବୋଉ ପାଇଁ ତିନୋଟି ସ୍କେଚ୍ (ମିନିଗପ) : ଲତିକା ବିଳାସ | ୬୨ |
| କଇଁଛ ଓ ଦୁଷ୍ଟ ମାଙ୍କଡ଼ (ଶିଶୁ ଗଳ୍ପ) : ସ୍ନିଗ୍ଧା ନାୟକ | ୬୪ |
| ଭଙ୍ଗାଘରେ ଚକାଜହ୍ନ (ପୁସ୍ତକ ସମୀକ୍ଷା) : ନିହାର ଶତପଥୀ | ୬୬ |
| ସାହିତ୍ୟ ସମାଚାର | ୬୭ |
| ନ୍ୟୂନପଞ୍ଚାଶଭାବ (ଶେଷ ପୃଷ୍ଠା) : ପ୍ରଶାନ୍ତ ଭୂୟାଁ | ୬୮ |

# ପାଠକଙ୍କ ମତାମତ

**ଜା**ନୁଆରୀ, ୨୦୨୪ ସଂଖ୍ୟାରେ ପ୍ରକାଶିତ ଅନୁବାଦ ଗଳ୍ପ, 'ସାଧୁବାବାଙ୍କ ଭୋଗ' ପଢ଼ିଲି। ଯଦିଓ ଏହା ଏକ ଅନୁବାଦ ଗଳ୍ପ, ଏଥିରୁ ଅନେକ କିଛି ଶିକ୍ଷା ମିଳୁଛି। ପ୍ରେମଚାନ୍ଦଙ୍କ ଗଳ୍ପ ସବୁବେଳେ ଅଲଗା ଓ ନିଆରା। ଦୁଃଖ ଓ ଅଭାବରେ ଥିବା ମଣିଷମାନଙ୍କର କଥାକୁ ସେ ତାଙ୍କ ଲେଖନୀ ମାଧ୍ୟମରେ ବେଶ୍ ଜୀବନ୍ତଭାବେ ଫୁଟାଇଥାନ୍ତି। ସେ ଯା ହେଉ, ଆଶିଷ ରାୟଙ୍କ ଅନୁବାଦ ବେଶ୍ ଚମତ୍କାର ଏବଂ ହୃଦୟସ୍ପର୍ଶୀ ହୋଇପାରିଛି। କାରଣ ପ୍ରେମଚାନ୍ଦଙ୍କ ମୂଳ ଲେଖା ହିନ୍ଦୀରେ ହୋଇଥିବାରୁ ଅନେକ ପାଠକ ପଢ଼ିବା ସମ୍ଭବ ହୋଇ ନଥାଏ।

ଏହି ଗଳ୍ପଟି ପଢ଼ିସାରିବା ପରେ ମୁଁ ହିନ୍ଦୀରେ ମୂଳ ଗଳ୍ପଟି ମଧ୍ୟ ପଢ଼ିଲି। ଏହାପରେ ମୁଁ ଜାଣିଲି ଯେ, ଲେଖକ ଗଳ୍ପଟିର ଆକ୍ଷରିକ ଅନୁବାଦ ନକରି କିଛି କିଛି ପରିବର୍ତ୍ତନ କରିଛନ୍ତି। ଏହା ହିଁ ହେଉଛି ପ୍ରକୃତ ଅନୁବାଦ କଳା। ସେଥିପାଇଁ ଲେଖକଙ୍କୁ ଆଉଥରେ ଧନ୍ୟବାଦ।

**ମହେନ୍ଦ୍ର ମିଶ୍ର**
mkmishra29@gmail.com



ମତାମତ ପଠାଇବା ପାଇଁ ଇ-ମେଲ୍ ଠିକଣା:
**info@sahityacharcha.com**

**'ସା**ହିତ୍ୟ ଚର୍ଚ୍ଚା' ବର୍ତ୍ତମାନ ଓଡ଼ିଆ ସାହିତ୍ୟ ଜଗତରେ ଏକ ଚର୍ଚ୍ଚିତ ନାମ। ମୁଁ ଅନେକ ଥର ଭୁବନେଶ୍ୱର ଆସିଲେ ପୁରୁଣା ବସ୍ ଷ୍ଟାଣ୍ଡରେ ଥିବା ନାରାୟଣୀ ବୁକ୍ ଷ୍ଟୋରରୁ ଏହି ପତ୍ରିକାଟିକୁ ନେଇ ଆଗ୍ରହ ସହକାରେ ପଢେ। ଏଥିରେ ସ୍ଥାନିତ ପ୍ରତ୍ୟେକ ଲେଖା ଏକ ସ୍ୱତନ୍ତ୍ର ଶୈଳୀର। ଏଣୁ-ତେଣୁ ଲେଖା ଏଥିରେ ସ୍ଥାନିତ ହେଉଥିବାର ମୁଁ ଦେଖୁନାହିଁ। ଯାହା ଜାଣେ, ଏଥିରେ ସ୍ଥାନ ପାଇବାକୁ ହେଲେ ଲେଖାର ମାନ ଉଚ୍ଚ ହେବା ଦରକାର। କାରଣ ମୋର ଜଣେ ବନ୍ଧୁ ଲେଖା ପଠାଇଥିଲେ, କିନ୍ତୁ ତାହା ପ୍ରକାଶିତ ହେଲାନାହିଁ। ତାପରେ ମୁଁ ଯାହା ଜାଣିବାକୁ ପାଇଲି, ସେହି ଲେଖାଟି ଏହି ପତ୍ରିକା ପାଇଁ ଉପଯୁକ୍ତ ବୋଲି ବିବେଚିତ ହୋଇନାହିଁ। ମୁଁ ମୋର ବନ୍ଧୁଙ୍କର ସେହି ଲେଖାଟି ଆଣି ପଢିଲି। ବାସ୍ତବରେ ମୋତେ ମଧ୍ୟ ଲେଖାଟି ଏହି ପତ୍ରିକାରେ ସ୍ଥାନ ପାଇବା ଭଳି ଉପଯୁକ୍ତ ମନେ ହେଉନଥଲା। ତେଣୁ ମୁଁ ସେହି ବନ୍ଧୁଙ୍କୁ କହିଲି, 'ତୁମେ ପ୍ରଥମେ ସେହି ପତ୍ରିକାଟିକୁ ଭଲ ଭାବରେ ପଢ଼; ଏଥିରେ ଯେଉଁଭଳି ଲେଖା ସ୍ଥାନିତ ହେଉଛି ସେହିଭଳି ମାନର ଲେଖା ଲେଖିବାକୁ ଚେଷ୍ଟା କର। ଭବିଷ୍ୟତରେ ତୁମର ଲେଖା ସ୍ଥାନ ପାଇବ ବୋଲି ମୋର ଆଶା ଓ ବିଶ୍ୱାସ।'

**ଅର୍ଜୁନ ନାୟକ**
naikarjun3010@gmail.com

**ପ**ତ୍ରିକାର ଜାନୁଆରୀ ସଂଖ୍ୟାରେ ପ୍ରକାଶିତ ଦୁର୍ଗାଚରଣ ଆଚାର୍ଯ୍ୟଙ୍କ 'ନୂତନ ଓଡ଼ିଆ ଶବ୍ଦ ନିର୍ମାଣରେ ଆମର ଦାୟିତ୍ୱ' ପ୍ରବନ୍ଧରେ ଶିକ୍ଷିତବର୍ଗମାନେ କେଉଁ ନୂତନ ଶବ୍ଦଟିଏ ବ୍ୟବହାର କଲେ ତାହାର ବିକଳ୍ପ ଶବ୍ଦ ବ୍ୟବହାର କରିବାକୁ ପଡ଼ିବନାହିଁ, ତାହାର ଏକ ସୂଚୀ ପ୍ରକାଶ କରିପାରିଲେ ଭଲହେବ ବୋଲି ମତ ଦିଆଯାଇଛି। ଲେଖାଟି ସୁପାଠ୍ୟ ଏବଂ ଉଚ୍ଚକୋଟୀର ହୋଇଛି। ଏହି ବିଷୟରେ ଆହୁରି ବିଚାର ଆଲୋଚନା ହେବା ଉଚିତ।

**ବିକାଶ ରାଉଳ**
bikashraulo1999@gmail.com

**'ସା**ହିତ୍ୟ ଚର୍ଚ୍ଚା' ପତ୍ରିକାର ଜାନୁଆରୀ ୨୦୨୪ ସଂଖ୍ୟାରେ ପ୍ରକାଶିତ ପ୍ରବନ୍ଧମାନ ଅତ୍ୟନ୍ତ ଉଚ୍ଚକୋଟୀର। ଦେବୀପ୍ରସନ୍ନ ପଟ୍ଟନାୟକ 'ଓଡ଼ିଆ ବର୍ଣ୍ଣ ସଂଖ୍ୟା ଓ ଓଡ଼ିଆ ବର୍ଣ୍ଣକ୍ରମ' ପ୍ରବନ୍ଧରେ ବର୍ଣ୍ଣସଂଖ୍ୟା ଓ ବର୍ଣ୍ଣକ୍ରମର ବିବାଦ ଓ ଏହାର ସମାଧାନ ସମ୍ପର୍କରେ ଆଲୋଚନା କରିଛନ୍ତି। ଏଥିରୁ କିଛି ନୂତନ ତଥ୍ୟ ଜାଣିବାକୁ ପାଇଲି।


**ଚିନ୍ମୟୀ ପ୍ରିୟଦର୍ଶିନୀ ସାହୁ**
chinmayeepriyadarsanisahu@gmail.com

ସମ୍ପାଦକୀୟ

# ସାହିତ୍ୟରେ ତୁଣ୍ଡ ସେବା

ଇଂରାଜୀରେ 'ଲିପ୍ ସର୍ଭିସ୍' ବୋଲି କଥାଟିଏ ଅଛି। ଓଡ଼ିଆରେ ଏହାକୁ ଆମେ ତୁଣ୍ଡ ସେବା ବୋଲି କହିପାରିବା। ଆଜି ଆମର ଭାଷା ଓ ସାହିତ୍ୟରେ ଏହି ତୁଣ୍ଡ ସେବାଟି ପ୍ରବଳ। ଆମ ସାହିତ୍ୟ ମୁମୂର୍ଷୁ ହୋଇ ଯେ କେଉଁ ରସାତଳକୁ ଗଲାଣି ସେ ଆଡ଼କୁ କାହାର ନିଘା ନାହିଁ। ଅଥଚ ସେହି ସାହିତ୍ୟ ନାମରେ ଆମର କିଛି ସାହିତ୍ୟଜୀବୀ ମଞ୍ଚ ଦୁଲୁକାଇବା ଓ ନିଜର ଚେହେରା ଚମକାଇବାରେ ବ୍ୟସ୍ତ। ଭାଷଣ, ଫୁଲମାଳ, ସମ୍ବର୍ଦ୍ଧନା, ପ୍ରଦର୍ଶନୀ, ନାଚ ଓ ତାମସା ଜରିଆରେ ହିଁ ଏବେ ଚାଲିଛି ସାହିତ୍ୟ ସେବା।

ସାହିତ୍ୟର ଧର୍ମ ତ ମାତ୍ର ଯୋଡ଼ିଏ: ଲିଖନ ଓ ପଠନ। ଅର୍ଥାତ୍ ଲେଖକ ଲେଖିବ ଓ ପାଠକ ପଢ଼ିବ; ଆମ ସାହିତ୍ୟକୁ ବଂଚାଇ ରଖିବା ପାଇଁ ଏହି ଦୁଇଟି ପ୍ରକ୍ରିୟା ହିଁ ଯଥେଷ୍ଟ। ଅଥଚ ସାହିତ୍ୟ ନାମରେ କୁମ୍ଭୀର କାନ୍ଦଣା କାନ୍ଦୁଥିବା ଆମର କିଛି ତଥାକଥିତ ସାହିତ୍ୟସେବୀ ଏହି ଦୁଇଟିକୁ ଛାଡ଼ି ଆଉ ସବୁଥିରେ ଲିପ୍ତ।




ଦିନକୁ ଦିନ ଓଡ଼ିଆ ସାହିତ୍ୟର ପାଠକଙ୍କ ସଂଖ୍ୟା କମିଚାଲିଥିବା କଥା ଅନେକଙ୍କୁ ବିବ୍ରତ କରେ। କିନ୍ତୁ ଏହାର ଆଉ ଗୋଟିଏ ଶୋଚନୀୟ ଦିଗ ହେଲା ଯେ ଆମ ଲେଖକଗଣଙ୍କର ଲେଖିବାର ପ୍ରବୃତ୍ତି ମଧ୍ୟ କମିଯାଇଛି। ଉଭମାନର ନୂଆ ମୌଳିକ ସର୍ଜନା ପାଇଁ ଅଧିକାଂଶ ଲେଖକମାନଙ୍କ ମଧ୍ୟରେ ନା ଅଛି ଆଗ୍ରହ, ନା ସମୟ। ଅନେକେ ନିଜର ପୁରୁଣା ଲେଖାଗୁଡ଼ିକୁ ନୂଆ ବୋଲି କହି ଚଳାଇନେଉଛନ୍ତି; ନୋହିଲେ ପୂର୍ବରୁ ଅନ୍ୟ କେହି ଲେଖିଥିବା ରଚନାଗୁଡ଼ିକର ନାମମାତ୍ର ପରିବର୍ତ୍ତନ କରି ତାହାର ଏକ ପ୍ରକାର ପୁନର୍ଲିଖନରେ ହିଁ ଲିପ୍ତ ଅଛନ୍ତି। ଏହା ସହିତ ତାଳ ଦେଇ ପାଠକମାନେ ମଧ୍ୟ କ୍ରମେ ସାହିତ୍ୟ ପ୍ରତି ମୁହଁ ମୋଡ଼ିବା ଆରମ୍ଭ କରିଛନ୍ତି। ଫଳରେ ଏବେ ନା ଚାଲିଛି ଲିଖନ, ନା ପଠନ। କେବଳ ସାହିତ୍ୟ ନାମରେ ସଭା ସମିତି ଓ ତର୍କବିତର୍କ ଆଦି ହିଁ ଯାହା ବଢ଼ି ବଢ଼ି ଚାଲିଛି। ଏହାକୁ ସାହିତ୍ୟର ତୁଣ୍ଡ ସେବା ବୋଲି କହିବା ନାହିଁ, ତ ଆଉ କ'ଣ!

ସାହିତ୍ୟ ବରଂ ରସାତଳକୁ ଯାଉଥାଉ, ହେଲେ ସାହିତ୍ୟ-ଉତ୍ସବମାନଙ୍କର ଅଭାବ ନାହିଁ। ଖାଲି 'ଉତ୍ସବ' କହିଲେ ବୋଧହୁଏ ପାପ ଲାଗିବ; ତେଣୁ ଏଗୁଡ଼ିକୁ 'ମହୋତ୍ସବ' ବୋଲି କୁହାଯାଉଛି। ଆମ ଜାଣିବାରେ ଗତ ବର୍ଷକ ଭିତରେ ଖୋଦ୍ ଭୁବନେଶ୍ୱରରେ ଏଭଳି କେଇ ଗଣ୍ଡା ମହୋତ୍ସବ ଅନୁଷ୍ଠିତ ହୋଇସାରିଲାଣି। ଆମ ସରକାର ବାହାଦୁର ମଧ୍ୟ ବିପୁଳ ଅର୍ଥ ବ୍ୟୟ ପୂର୍ବକ ଏକ ବିରାଟ ଓଡ଼ିଆ ଭାଷା ସମ୍ମିଳନୀର ଆୟୋଜନ ପାଇଁ ଅଣ୍ଟା ଭିଡ଼ିଛନ୍ତି। ଏହି ସମ୍ମିଳନୀର ପ୍ରାକ୍ ପ୍ରସ୍ତୁତି ସ୍ୱରୂପ ଓଡ଼ିଶାର ବିଭିନ୍ନ ଶିକ୍ଷାନୁଷ୍ଠାନମାନଙ୍କରେ ଭାଷା ଓ ସାହିତ୍ୟ ସଂପର୍କିତ ସଭା କରିବା ପାଇଁ ବଡ଼ ରକମର ଅର୍ଥ ମଂଜୁରୀ ସହ ନିର୍ଦ୍ଦେଶନାମା ଜାରି କରାଯାଇଛି। ଏହାର ପରିଣାମରେ ସେହି ଶିକ୍ଷାନୁଷ୍ଠାନଗୁଡ଼ିକରେ ଉପର ଠାଉରିଆ ଭାବରେ ଯେଉଁ ସଭା ଓ ସେମିନାର ଆଦି ଆୟୋଜିତ ହେଉଛି, ସେସବୁ ଆମର ଭାଷା ଓ ସାହିତ୍ୟକୁ ଆଗକୁ ନେବାପାଇଁ ବାସ୍ତବରେ ସହାୟକ ହୋଇପାରିଛି କି?

ତଥାପି ଆଶ୍ୱାସନାର ବିଷୟ ଏହି ଯେ ଏଭଳି ପ୍ରତିକୂଳ ପରିବେଶ ସତ୍ତ୍ୱେ ଆଜି ବି ଅଳ୍ପ କିଛି ସଂଖ୍ୟକ ନିଷ୍ଠାପର ସାଧକ ଆମ ଭାଷା ଓ ସାହିତ୍ୟର ନିରଳସ ସେବାରେ ବ୍ରତୀ ଅଛନ୍ତି। ପ୍ରଚାର, ପୁରସ୍କାର ଅବା ସମ୍ବର୍ଦ୍ଧନା ଆଦିର ଆସକ୍ତିଠାରୁ ଊର୍ଦ୍ଧ୍ୱରେ ଥାଇ ନିରବରେ ନିଜର ସାଧନା ଜାରି ରଖିଥିବାରୁ ଏମାନେ ସହଜରେ କାହାରି ନଜରରେ ପଡ଼ନ୍ତି ନାହିଁ। ଏହିଭଳି କିଛି ବ୍ୟତିକ୍ରମୀ ପ୍ରତିଭାଧର ହିଁ ଆଜି ଆମର ଅର୍ଦ୍ଧମୃତ ସାହିତ୍ୟରେ ନବଜୀବନର ସଂଚାର କରିବାରେ ମୂଲ୍ୟବାନ ଭୂମିକା ତୁଲାଉଛନ୍ତି ବୋଲି ଆମେ ମନେକରୁ।

***ନିହାର ଶତପଥୀ***

## ସାହିତ୍ୟ ବିଚାର

କମଳାକାନ୍ତ ରଥ




*ବ୍ୟଙ୍ଗଚିତ୍ରଟିର ପ୍ରସଙ୍ଗ ପାଇଁ ଚଳିତ ସଂଖ୍ୟାର 'ସମ୍ପାଦକୀୟ' ଦ୍ରଷ୍ଟବ୍ୟ ।*

---

## 'ସାହିତ୍ୟ ଚର୍ଚ୍ଚା'ର ଗ୍ରାହକ ଯୋଜନା

ଆଗ୍ରହୀ ପାଠକମାନେ ବାର୍ଷିକ ଗ୍ରାହକ ଦେୟ ସ୍ୱରୂପ ୧୨ଟି ସଂଖ୍ୟାର ମୂଲ୍ୟ ଟ.୪୮୦/- ମାତ୍ର ପଠାଇ ଏକ ବର୍ଷ ପର୍ଯ୍ୟନ୍ତ ଡାକ ବା କୋରିଅର୍ ଯୋଗେ ଏହି ପତ୍ରିକା ପାଇପାରିବେ । ଏଥିପାଇଁ କୌଣସି ଅତିରିକ୍ତ ଡାକଖର୍ଚ୍ଚ ନିଆଯାଏ ନାହିଁ । ନିମ୍ନରେ ଦିଆଯାଇଥିବା ଆକାଉଣ୍ଟ ନମ୍ବର କିମ୍ବା 'କ୍ୟୁ.ଆର୍. କୋଡ୍'କୁ ଟ.୪୮୦/- ପଠାଇବା ପରେ ଆମର ହ୍ୱାଟ୍ସଆପ୍ ନଂ. 9368772506 କିମ୍ବା ଇ-ମେଲ୍ ଠିକଣା info@sahityacharcha.com ରେ ନିଜର ନାମ, ଡାକଠିକଣା ଓ ମୋବାଇଲ ନମ୍ବର ଜଣାନ୍ତୁ ।

*IFS Code* : CNRB0018007
*Account No.* : 120000048648
*Account Name* : Sahitya Charcha

ଏହି ଗ୍ରାହକ ଯୋଜନାର ସୂଚନା ଆମ ୱେବ୍‌ସାଇଟ୍‌ର ନିମ୍ନୋକ୍ତ ଲିଙ୍କ୍‌ରେ ମଧ୍ୟ ଉପଲବ୍ଧ ଅଛି ।
**www.sahityacharcha.com/subscription**

ପାର୍ଶ୍ୱରେ ଦିଆଯାଇଥିବା କ୍ୟୁ.ଆର୍. କୋଡ୍ ଚିତ୍ରକୁ ସ୍କାନ କରି G Pay, PhonePe କିମ୍ବା Paytm ଆଦି ଦ୍ୱାରା ମଧ୍ୟ ଏହି ଦେୟ ପଠାଯାଇପାରେ । ଚେକ୍ କିମ୍ବା ବ୍ୟାଙ୍କ ଡ୍ରାଫ୍ଟ ଯୋଗେ ବାର୍ଷିକ ଗ୍ରାହକଦେୟ ପଠାଇବାକୁ ଥିଲେ ତାହାକୁ Sahitya Charcha ନାମରେ ଲେଖି ଆମର ନିମ୍ନଲିଖିତ ଠିକଣାକୁ ପଠାନ୍ତୁ ।

**ସାହିତ୍ୟ ଚର୍ଚ୍ଚା**, ୧୯, ଆର୍ଯ୍ୟ ଭିଲେଜ୍, ଡୁମୁଡୁମା, ଫେଜ୍-୪, ଭୁବନେଶ୍ୱର-୭୫୧୦୧୯
ଫୋନ୍ : (୦୬୭୪) ୩୫୫୨୯୪୭, ମୋବାଇଲ : ୯୩୬୮୭୭୨୫୦୬


**ପ୍ରବନ୍ଧ**

# ‘ଓଡ଼ିଆ ଦାସ’ : କେତେ ବାସ୍ତବ ?



ଡ. ରମାକାନ୍ତ ନାୟକ

କଳ୍ପନାପ୍ରସୂତ ଗୋଟିଏ ଓଡ଼ିଆଶୂନ୍ୟ ଓଡ଼ିଶା ଭୂଖଣ୍ଡ। ଏହି ପ୍ରେକ୍ଷାପଟରେ ଏକାନ୍ତ ନିଃସଙ୍ଗ ଦୁର୍ବିସହ ଜୀବନ ଅତିବାହିତ କରି ଆସିଥିବା ବିଶ୍ୱର ଏକମାତ୍ର ତଥା ଅନ୍ତିମ ଜରାଜୀର୍ଣ୍ଣ ବୟୋବୃଦ୍ଧ ମୁମୂର୍ଷୁ ଓଡ଼ିଆଟି ପ୍ରତି ହିନ୍ଦୀ ଟେଲିଭିଜନ ସାମ୍ବାଦିକର ମର୍ମଭେଦୀ ପ୍ରଶ୍ନ, “ଓଡ଼ିଆ କ୍ୟୁଁ ମର ଗୟା ?” ଦୁଃଖ ଓ ଆତ୍ମଗ୍ଲାନିରେ ବିଷର୍ଣ୍ଣ ଓଡ଼ିଆଟି କରୁଣ ଚିତ୍କାର କରି ଉଠୁଛି, “ନାଁ, ଓଡ଼ିଆ ଭାଷା ମରିନି, ଆହୁରି ବାସ୍ତରି ଘଣ୍ଟା ବାକି ଅଛି।” ଏହା ଥିଲା ରାଜଧାନୀର ସାଂସ୍କୃତିକ ପ୍ରାଣକେନ୍ଦ୍ର ରବୀନ୍ଦ୍ରମଣ୍ଡପଠାରେ ସଦ୍ୟ ମଞ୍ଚାୟନ ହୋଇଥିବା ଭିନ୍ନସ୍ୱାଦର ନାଟକ ‘ଓଡ଼ିଆ ଦାସ’ର ସଂବେଦନଶୀଳ ସଂଳାପ, ଯାହା ଶାସ୍ତ୍ରୀୟ ମାନ୍ୟତା ପ୍ରାପ୍ତ ସହସ୍ର ସହସ୍ର ବର୍ଷର ଗୌରବମୟ ଐତିହ୍ୟର ସ୍ୱାକ୍ଷର ବହନ କରିଥିବା ଓଡ଼ିଆ ଭାଷାର ସ୍ଥିତି ଓ ସମ୍ଭାବନା ଉପରେ ଚିନ୍ତାଉଦ୍ରେକକାରୀ ପ୍ରଶ୍ନବାଚୀ ଉତ୍ଥାପିତ କରେ। ଏହି ନାଟ୍ୟସାହିତ୍ୟରେ ବ୍ୟକ୍ତ ହୋଇଛି ଆଶଙ୍କା ଯେ, ସମ୍ପ୍ରତି ଓଡ଼ିଆ ଭାଷା ନିଜର ସ୍ଥିତି ପାଇଁ ସଂଘର୍ଷରତ ଏବଂ ଆଉ ଦୁଇଶହ ବର୍ଷ ପରେ ଏହାର ଅନ୍ତ ଘଟି ଧରାବକ୍ଷରୁ ନିଶ୍ଚିହ୍ନ ହୋଇଯାଇପାରେ। ଓଡ଼ିଆ ଭାଷାକୈନ୍ଦ୍ରିକ ଏହି ନାଟ୍ୟକୃତିର ସନ୍ଦେଶ ହେଉଛି ଏବେଠାରୁ ସତର୍କ ନ ହେଲେ, ନିକଟ ଭବିଷ୍ୟତରେ ହୁଏତ ଆମ ଭାଷାକୁ ବଞ୍ଚାଇବା କଷ୍ଟକର ହୋଇପାରେ।




ନିକଟରେ ଭୁବନେଶ୍ୱରଠାରେ ଏକ ଇଂରାଜୀ ସମ୍ବାଦପତ୍ର ପକ୍ଷରୁ ଆୟୋଜିତ ଦୁଇଦିବସୀୟ ସାହିତ୍ୟ ସମାରୋହରେ ଉଷ୍ମତା ଭରିଦେବା ଭଳି ଗୋଟିଏ ବିଷୟ ଆଧାରିତ ଆଲୋଚନାଚକ୍ରର ଆୟୋଜନ କରାଯାଇଥିଲା। ଏଥିରେ ଆଲୋଚ୍ୟ ବିଷୟ ଥିଲା “ୱାର୍ଡସ ଇନ୍ ଓଡ଼ିଶା: ଡେଡ୍ ଅର ଆଲାଇଭ୍ ?” ଓଡ଼ିଆ ଭାଷାକୁ ନେଇ ଏତାଦୃଶ ପ୍ରଶ୍ନ କେବଳ ଆଜିର ନୁହେଁ, ଊନବିଂଶ ଶତାବ୍ଦୀରୁ ଏ ପ୍ରକାର ପ୍ରସଙ୍ଗ ସମୟେ ସମୟେ ଉତ୍ଥାପିତ ହୋଇ ଓଡ଼ିଆ ଭାଷା ଜଗତରେ ଝଡ଼ ସୃଷ୍ଟି କରିଆସିଛି। ଉଭୟ ସପକ୍ଷବାଦୀ ଓ ବିପକ୍ଷବାଦୀ ଯୁକ୍ତିନିଷ୍ଠ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇ ନିଜ ନିଜର ପରାକାଷ୍ଠା ପ୍ରଦର୍ଶନ କରିଛନ୍ତି। ଯୁକ୍ତି ମଧ୍ୟକୁ ତୀବ୍ର ଭାବପ୍ରବଣତା ବି ପଶିଆସି ପରିବେଶକୁ ଅଧିକ ଉତ୍ତେଜନାମୟ କରିଦେଇଛି।

୧୮୭୦ ମସିହା ବେଳକୁ ଓଡ଼ିଆ ଭାଷାରେ ପ୍ରଚୁର ତାଳପତ୍ର ପୋଥି ପୁରାଣ ପ୍ରଭୃତି ଥିଲେ ସୁଦ୍ଧା କାଗଜ ମୁଦ୍ରିତ ପୁସ୍ତକ ଥିଲା ବିରଳ। ଊନବିଂଶ ଶତାବ୍ଦୀର ଶେଷ ପର୍ଯ୍ୟନ୍ତ ଆମ ଭାଷାର ନାମ ଥିଲା ଉତ୍କଳଭାଷା। ସମ୍ଭବତଃ ଓଡ଼ିଆ ଭାଷା ନାମଟି ଦେଇଥିଲେ ବ୍ରିଟିଶ ପ୍ରଶାସନର କୌଣସି କମିଶନର କିମ୍ବା କଲେକ୍ଟର। ଐତିହାସିକ ପ୍ୟାରୀମୋହନ ଆଚାର୍ଯ୍ୟଙ୍କ ମତରେ ଦଶମ ଶତାବ୍ଦୀଠାରୁ ଭାରତବର୍ଷରେ ଭାଷା ପରିବର୍ତ୍ତନ ଆନ୍ଦୋଳନର ସୂତ୍ରପାତ ହୋଇ ଅଧୁନା ପ୍ରଚଳିତ ନାନା ଭାଷା କ୍ରମେ କ୍ରମେ ସୃଷ୍ଟି ହୋଇଛି। ଗଙ୍ଗବଂଶୀୟ ରାଜାଙ୍କ ସମୟରେ ଓଡ଼ିଶାର ଅନ୍ୟାନ୍ୟ ସାଂସ୍କୃତିକ ପରିବର୍ତ୍ତନ ସହିତ ଭାଷା କ୍ଷେତ୍ରରେ ମଧ୍ୟ ପରିବର୍ତ୍ତନର ସୂତ୍ରପାତ ହେଲା। ତତ୍କାଳୀନ ପ୍ରଚଳିତ ଭାଷାର ରୂପ କ୍ରମଶଃ ପରିବର୍ତ୍ତିତ ହୋଇ ଆଧୁନିକ ଓଡ଼ିଆଭାଷାର ରୂପ ଗ୍ରହଣ କଲା। ଏହି ଭାଷାର ଉନ୍ନତି ହୋଇ ଗଜପତି ପ୍ରତାପରୁଦ୍ରଙ୍କ ସମୟକୁ ଓଡ଼ିଶାରେ ବହୁ ପରିମାଣର ଶୁଦ୍ଧ ଓଡ଼ିଆ ଭାଷା ସୃଷ୍ଟି ହୋଇଥିଲା। (ପ୍ୟାରୀମୋହନ ଆଚାର୍ଯ୍ୟ- ଓଡ଼ିଶାର ଇତିହାସ) ପ୍ରତାପରୁଦ୍ରଙ୍କ ପ୍ରାଣତ୍ୟାଗ ପରେ ଓଡ଼ିଶାର ରାଜନୈତିକ ଓ ସାଂସ୍କୃତିକ ଆକାଶରେ ଦୁର୍ଦ୍ଦିନର କଳାବାଦଲ ଘୋଟି ଆସିଲା।

## ପାରସ୍ୟ ଭାଷାର ପ୍ରାଧାନ୍ୟ

ବ୍ୟାସକବି ଫକୀରମୋହନ ସେନାପତି କଟକ ଆଲୋଚନା ସଭାର ଚତୁର୍ଥ ବାର୍ଷିକ ଅଧିବେଶନରେ ପ୍ରଦାନ କରିଥିବା ସଭାପତି ଅଭିଭାଷଣର କିୟଦଂଶ ଏଠାରେ ଉଲ୍ଲେଖ କରିବା ସମୀଚୀନ ମନେହୁଏ। ତାଙ୍କ ଭାଷାରେ "ପଚାଶ ଷାଠିଏ ବରଷ ପୂର୍ବରେ ଏହି ଉତ୍କଳ ଦେଶରେ ପାରସ୍ୟ ଭାଷା ରାଜଭାଷା; ସୁତରାଂ ଆଲୋଚ୍ୟ ଭାଷା ରୂପେ ବ୍ୟବହୃତ ହେଉଥିଲା। ସମ୍ଭ୍ରାନ୍ତଲୋକଙ୍କ ଘର ପିଲାମାନେ ବିଧିରକ୍ଷା ପରି ଅବଧାନ ଚାଟଶାଳୀରେ ଉଡ଼ାଙ୍ଗ ଫେଡ଼ାଙ୍ଗ ନଳ ଭିଆଣେ ପର୍ଯ୍ୟନ୍ତ ଉତ୍କଳ ଭାଷାର ପାଠ ସମାପ୍ତକରି ପାରସି ପଢ଼ିବା ପାଇଁ ଆଖୁନ୍‌ଜୀ ସେବାରେ ନିଯୁକ୍ତ ହେଉଥିଲେ। ସେ ସମୟରେ ପାର୍ସିମିଶା ଓଡ଼ିଆ ବା ବଙ୍ଗଳାରେ କଥା କହିବା ଜ୍ଞାନବାନର ପରିଚାୟକ ସ୍ୱରୂପ ଥିଲା। ବଡ଼ଲୋକମାନେ ପାରସ୍ୟ ଭାଷାରେ ଘରର ଆୟବ୍ୟୟ ହିସାବ ରଖୁଥିଲେ। କେବଳ ଭାଗବତ, ରାମାୟଣ ପ୍ରଭୃତି ଧର୍ମଶାସ୍ତ୍ର ଉତ୍କଳଭାଷାକୁ ଧରି ରଖିଥିଲା।" କିନ୍ତୁ ଉତ୍କଳଭାଷାର ଗୌରବମୟ ଅତୀତକୁ ସ୍ମରଣ କରି ପ୍ରତ୍ନତତ୍ତ୍ୱବିତ୍ ପଣ୍ଡିତ ବେଣ୍ଟଲି ସାହେବ କହନ୍ତି, "ପ୍ରାୟ ୪୨ଶତ ବରଷ ପୂର୍ବେ ଲିଖିତ ମାନବ ଧର୍ମଶାସ୍ତ୍ରରେ ଉତ୍କଳର ନାମ ଉଲ୍ଲେଖ ଅଛି XXXXX ୨୫ଶତ ବର୍ଷ ପୂର୍ବେ ଯୁବକ ଶାକ୍ୟସିଂହ ଭାବୀ ଶ୍ୱଶୁରଙ୍କ ନିକଟରେ ଆତ୍ମବିଦ୍ୟାର ପରିଚୟ ଦେବା ନିମନ୍ତେ ଯେଉଁ ୬୪ ପ୍ରକାର ଅକ୍ଷର ଲେଖିଥିଲେ, ସେଥି ମଧ୍ୟରେ ଉତ୍କଳାକ୍ଷର ଅନ୍ୟତମ ଅଟେ। ପନ୍ଦରଶତ ବର୍ଷପୂର୍ବରେ ଉତ୍କଳରେ ଲିଖିତ ପୂର୍ଣ୍ଣାଙ୍ଗ ଭାଷା ବିଦ୍ୟମାନ ଥିବାର ଦେଖାଯାଏ।" ଏହି ପ୍ରେକ୍ଷାପଟରେ ଫକୀରମୋହନଙ୍କ ଖେଦୋକ୍ତି "ହାୟ! ଆମ୍ଭେମାନେ କି ଦୁର୍ଭାଗ୍ୟ କି ଅଯତ୍ନଶୀଳ ଏମନ୍ତ ପ୍ରାଚୀନ, ଏମନ୍ତ ଅଙ୍ଗ ସୌଷ୍ଠବ ସମ୍ପନ୍ନ ଭାଷା ପ୍ରାପ୍ତ ହୋଇମଧ୍ୟ ତାହାର ସଦ୍‌ବ୍ୟବହାରରେ ଉଦାସୀନ ହୋଇଅଛୁ।"


**ପଚାଶ ଷାଠିଏ ବରଷ ପୂର୍ବରେ ଏହି ଉତ୍କଳ ଦେଶରେ ପାରସ୍ୟ ଭାଷା ରାଜଭାଷା; ସୁତରାଂ ଆଲୋଚ୍ୟ ଭାଷା ରୂପେ ବ୍ୟବହୃତ ହେଉଥିଲା।**

ବ୍ରିଟିଶ ଶାସନ କାଳରେ, ଯେତେବେଳେ ଭାଷା ସହିତ ଜାତିର ଆବେଗ ଜଡ଼ିତ ହୋଇପଡ଼ିଲା, ଭାଷା ହେଲା ମାତୃଭାଷା ଏବଂ ମାତୃଭାଷା ହିଁ ଜନନୀ, ତାହାର ସେବା କରିବାକୁ ପଡ଼ିବ, ସମ୍ମାନ ପ୍ରଦର୍ଶନ କରିବାକୁ ପଡ଼ିବ – ଏହି ଭାବ ଉଦ୍ରେକ ହେଲା। ଭି. ନାରାୟଣ ରାଏ ଏହି କଥା ଲେଖିଛନ୍ତି, "ଦେୟାର ଇଜ ନୋ ଏଭିଡେନ୍‌ସ ଅଫ ଲାଙ୍ଗୁଏଜ ଆଜ୍ ସର୍ଭିଙ୍ଗ୍ ଆଜ ସିମ୍ବଲ୍ ଅଫ ନେସନାଲ ଆଇଡେଣ୍ଟି ବିଫୋର୍ ଦ ନାଇନ୍‌ଟିନ୍ଥ ସେଞ୍ଚୁରୀ।" ଏଣିକି ଓଡ଼ିଆ ଭାଷା ହେଲା ମାତୃଭାଷା। ମାତୃଭାଷା ପ୍ରତି ମମତା ନ ଥିବା ଅଜ୍ଞାନତା ଓ ଅପରାଧ। ମାତୃଭାଷା ସେବାରେ କୃତାର୍ଥତା। ମାତୃଭାଷା ପ୍ରତି ଆମ ମୁଗ୍ଧତା ଓ ସପ୍ରଶଂସ ମନୋଭାବ ଆହୁରି ବଢ଼ିଯାଏ ଯେତେବେଳେ ମାତୃଭାଷା କୌଣସି କାରଣରୁ ଅବଜ୍ଞାତ ବା ଆକ୍ରାନ୍ତ ହୁଏ। ଭାଷା ପ୍ରତି ଅବଜ୍ଞା, ଉପେକ୍ଷା ଓ ଅପମାନର କାରଣ ସବୁଦିନେ ସାଧାରଣତଃ ଅନ୍ୟ ଏକ ଭାଷା। ସେଦିନ ବଙ୍ଗଳା ଥିଲା ଆକ୍ରମଣକାରୀ; ତେଣୁ ଓଡ଼ିଆମାନେ ଭାଷା ସୁରକ୍ଷା ଆନ୍ଦୋଳନରେ ଜାଗି ଉଠିଥିଲେ (ଓଡ଼ିଆ ସାହିତ୍ୟ ସମାଜ ସ୍ମରଣିକା-୨୦୦୮-୦୯ ଦାଶରଥି ପ୍ରସାଦ ଦାସ)

ଏହି ସଂକ୍ରାନ୍ତରେ କର୍ମବୀର ଗୌରୀଶଙ୍କରଙ୍କ ବକ୍ତବ୍ୟ ଉଲ୍ଲେଖଯୋଗ୍ୟ, "ଉଡ଼ିୟା ସ୍ୱତନ୍ତ୍ର ଭାଷା ନୟ" - ଏ ନାମରେ ଖଣ୍ଡିଏ ଗ୍ରନ୍ଥକର୍ତ୍ତାଙ୍କଠାରୁ ପାଇଥିବାରୁ କୃତଜ୍ଞତାପୂର୍ବକ ସ୍ୱୀକାର କରୁଅଛି। ଗ୍ରନ୍ଥକାରଙ୍କ ନାମ ବାବୁ କାନ୍ତିଚନ୍ଦ୍ର ଭଟ୍ଟାଚାର୍ଯ୍ୟ। ବାଲେଶ୍ୱର ଗଭର୍ଣ୍ଣମେଣ୍ଟ ବିଦ୍ୟାଳୟର ପଣ୍ଡିତ। ଏହା ବଙ୍ଗଭାଷାରେ ରଚିତ। XXXXX ଗ୍ରନ୍ଥାକାର ଯେବେ ପକ୍ଷପାତଶୂନ୍ୟ ହୋଇ ବିଚାର କରିବାକୁ ଚେଷ୍ଟା କରି ଥାଆନ୍ତେ, ତେବେ ଜାଣି ପାରିଥାନ୍ତେ ଯେ ବର୍ତ୍ତମାନ ବଙ୍ଗଳା ଓ ଓଡ଼ିଆରେ ଯେଉଁ ପୁସ୍ତକାଦି ହେଉଅଛି, ତହିଁରେ ଅଧିକ ସଂସ୍କୃତ ଶବ୍ଦ ମିଶ୍ରିତ ହେଉଥିବାରୁ ଏ ଦୁହିଁରେ ବିସ୍ତର ସମତା ଦେଖାଯାଏ, ମାତ୍ର ଅବୋଧ ଓଡ଼ିଆ ଓ ବଙ୍ଗାଳୀ ଦୁହେଁ ଏ ଭାଷା ବୁଝିବାକୁ ଅକ୍ଷମ। ଶିକ୍ଷାଲାଭ ନ କଲେ, ଏଥିରେ ପ୍ରବେଶ ହୋଇପାରୁ ନାହାନ୍ତି। କିନ୍ତୁ କେହି କାହାର ଦେଶୀୟ ଭାଷାକୁ ସହଜରେ ବୁଝିପାରନ୍ତି ନାହିଁ। ସୁତରାଂ ପୃଥକ ବୋଲିବାକୁ ହେବ ଓ କାନ୍ତିବାବୁ ଯେତେ ପୁସ୍ତକ ରଚନା କରନ୍ତୁ ଦୁଇଭାଷା କଦାଚ ଏକ ହୋଇ ନ ପାରିବ।"(ଉତ୍କଳ ଦୀପିକା ୨୭/୦୧/୧୮୭୦)

## ରୟାଲ ସୋସାଇଟିର ଭୂମିକା

ବିଲାତର ରୟାଲ ସୋସାଇଟି ଉଦ୍ୟମରେ ଭାରତ ସରକାର କିଛି ଟଙ୍କା ବ୍ୟବସ୍ଥା କରିଥିଲେ, ଓଡ଼ିଶାର ପ୍ରାଚୀନ ମୂର୍ତ୍ତିମାନଙ୍କର ପ୍ଲାଷ୍ଟର ଅଫ ପ୍ୟାରିସ ନକଲ ତିଆରି କରିବା ପାଇଁ। ସ୍ଥିର ହୋଇଥିଲା ଯେ କଲିକତାର ଆର୍ଟ ସ୍କୁଲ କେତେକ ଲୋକଙ୍କୁ ଛାଞ୍ଚ ତିଆରିକରି ମୂର୍ତ୍ତି ତିଆରି କରିବା ବିଷୟରେ ତାଲିମ ଦେବ ଏବଂ ସେମାନେ ଓଡ଼ିଶା ଯାଇ ସେଠାରେ ମନ୍ଦିରମାନଙ୍କରୁ ସୁନ୍ଦର ସୁନ୍ଦର ମୂର୍ତ୍ତି ବାଛି ତା'ର ନକଲ ତିଆରି କରିବେ। ଏମାନଙ୍କ ସହିତ ପ୍ରଖ୍ୟାତ ଐତିହାସିକ ବଙ୍ଗୀୟ ଲେଖକ, ବଙ୍ଗ ଏସିଆଟିକ ସୋସାଇଟିର ପୂର୍ବତନ ଅଧ୍ୟକ୍ଷ ତଥା ୱାର୍ଡସ ଇନ୍‌ଷ୍ଟିଚ୍ୟୁଟର ନିର୍ଦ୍ଦେଶକ ରାଜେନ୍ଦ୍ର ଲାଲ ମିତ୍ରଙ୍କୁ ପ୍ରେରଣ କରାଯାଇଥିଲା ସୁନ୍ଦର ମୂର୍ତ୍ତିଗୁଡ଼ିକୁ ବାଛିବା ସହିତ ଓଡ଼ିଶାର ଏକ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ କରିବା ପାଇଁ। ପୁରୀ ଓ କୋଣାର୍କରେ ତାଙ୍କର ଦାୟିତ୍ୱ ସମ୍ପନ୍ନ କରିବା ପରେ ସେ କଟକକୁ ଆଗମନ କଲେ। କଟକ ଡିବେଟିଂ କ୍ଲବ ପକ୍ଷରୁ ତାଙ୍କ ସମ୍ମାନାର୍ଥେ ଗୋଟିଏ ସଭାର ଆୟୋଜିତ ହେଲା। ଏହି ସଭାରେ ଉଦ୍‌ବୋଧନ ଦେଇ ରାଜେନ୍ଦ୍ରଲାଲ କହିଲେ, "ଉତ୍କଳର ସେ ଯଥାର୍ଥ ହିତାକାଂକ୍ଷୀ ହେବେ, ଯେ ସର୍ବାଗ୍ରେ ଓଡ଼ିଆ ଭାଷା ଉଠାଇ ଦେଇ ବଙ୍ଗଭାଷା ପ୍ରଚଳନ କରିବାର ଚେଷ୍ଟା କରିବେ, କାରଣ ଯେତେବେଳେ ଓଡ଼ିଆ ଭାଷା ଉଠିଯାଇନାହିଁ, ସେତେବେଳେ ଓଡ଼ିଶାର ଉନ୍ନତି ହେବ ନାହିଁ।"




ଓଡ଼ିଆ ଭାଷା ଉପରେ ବଙ୍ଗଳାର କ୍ରମାଗତ ଆକ୍ରମଣ ପରିପ୍ରେକ୍ଷୀରେ ଓଡ଼ିଆଙ୍କ ଭାଷାପ୍ରୀତି ତୀବ୍ର ଦୁର୍ବାର ହୋଇ ଉଠିଥିଲା। ଓଡ଼ିଆ ଭାଷାର ସାହିତ୍ୟ, ସଂଗୀତ ଓ ଅନ୍ୟାନ୍ୟ ଭାଷା ଆଧାରିତ ସଂସ୍କୃତି ଏହି ଭାଷାପ୍ରୀତିକୁ ଅଧିକ ସୁଦୃଢ଼ କରିଥିଲା। ଶକ୍ତି ଦ୍ୱନ୍ଦ୍ୱରେ ବଙ୍ଗଳା ଭାଷାକୁ ପରାଭୂତ କରି ଓଡ଼ିଆ ଭାଷା, ସେତେବେଳେ ତିଷ୍ଠିବା ସହିତ ଶକ୍ତିଶାଳୀ ଓ ସମୃଦ୍ଧ ହୋଇଛି।

ଏହା ଥିଲା ଓଡ଼ିଆ ଭାଷାର ଅବସ୍ଥା ଊନବିଂଶ ଶତାବ୍ଦୀର ଶେଷାର୍ଦ୍ଧରେ। ମାତ୍ର ଏକବିଂଶ ଶତାବ୍ଦୀରେ ଓଡ଼ିଆ ଭାଷାର ଭବିଷ୍ୟତ ନେଇ ପ୍ରଶ୍ନ ଉଠିବା କେତେକଙ୍କ ପାଇଁ ଗ୍ରହଣଯୋଗ୍ୟ ହୋଇ ନ ପାରେ। ବର୍ତ୍ତମାନ ପରିସ୍ଥିତି ସମ୍ପୂର୍ଣ୍ଣ ଭିନ୍ନ। ଭାରତର ଭାଷାଭିତ୍ତିକ ପ୍ରଥମ ସ୍ୱତନ୍ତ୍ର ରାଜ୍ୟ ଭାବରେ ଓଡ଼ିଶା ଜନ୍ମ ନେଲା। ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ଦ୍ୱାରା ତା.୧୧/୦୩/୨୦୧୪ରେ ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ଲାଭ କଲା। ଶାସ୍ତ୍ରୀୟ ମାନ୍ୟତା ପ୍ରାପ୍ତ ହେବା ଯୋଗୁ ଓଡ଼ିଆ ଭାଷା ସଂସ୍କୃତ ଭାଷା ସହିତ ସମାନ ଆସନ ଲାଭକଲା। ଏହି ମାନ୍ୟତା ପାଇବା ପାଇଁ ଗୋଟିଏ ପ୍ରଧାନ ସର୍ତ୍ତ ଥିଲା ଯେ ଭାଷାଟିର ସାହିତ୍ୟିକ ପରମ୍ପରା ମୌଳିକ ହୋଇଥିବ ଏବଂ ଏହା ଅନ୍ୟ କୌଣସି ଭାଷା ସମ୍ପ୍ରଦାୟରୁ ଉଦ୍ଧାର ସୂତ୍ରରେ ଆସି ନ ଥିବ। ଏହାର ଅର୍ଥ ଓଡ଼ିଆଭାଷା ସବୁବେଳେ ଅନ୍ୟ ଭାଷା ଉପରେ ନିର୍ଭର ନ କରି ନିଜ ଶକ୍ତିରେ ବଳୀୟାନ। ୧୮୭୦ ମସିହା ବେଳକୁ କାଗଜ ମୁଦ୍ରିତ ପୁସ୍ତକ ସଂଖ୍ୟା ଅତ୍ୟନ୍ତ ନଗଣ୍ୟ ଥିଲା। ୧୯୪୪ ମସିହା ବେଳକୁ ସମଗ୍ର ଓଡ଼ିଶା ପ୍ରଦେଶରେ ଗୋଟିଏ ସୁଦ୍ଧା ସାହିତ୍ୟ ପତ୍ରିକା ଜୀବିତ ନ ଥିଲା। ଏଣୁ ବାମଣ୍ଡା ରାଜାଙ୍କ ସାହାଯ୍ୟରେ ଡକ୍ଟର ମାୟାଧର ମାନସିଂହ 'ଶଙ୍ଖ' ନାମକ ଏକମାତ୍ର ପତ୍ରିକା ପ୍ରକାଶ କରିଥିଲେ। ବର୍ତ୍ତମାନ ଦାକ୍ଷିଣାତ୍ୟର ତେଲୁଗୁ, ତାମିଲ, ମାଲାୟାଲମ ଓ କନ୍ନଡ଼ ଏବଂ ପୂର୍ବଭାରତର ବଙ୍ଗଳାକୁ ଛାଡ଼ିଦେଲେ ଓଡ଼ିଆ ଭାଷାରେ ପ୍ରକାଶିତ ସାହିତ୍ୟ ପତ୍ରିକା ସଂଖ୍ୟା ଭାରତବର୍ଷରେ ସର୍ବାଧିକ। ସେହିପରି ଓଡ଼ିଶାରେ ଭାଷା ସାହିତ୍ୟକୁ କେନ୍ଦ୍ରକରି ସାହିତ୍ୟାନୁଷ୍ଠାନ, ସାହିତ୍ୟ ସଭା ଓ ପୁସ୍ତକ ଉନ୍ମୋଚନ ଉତ୍ସବ ଅହେତୁକ ଭାବରେ ବୃଦ୍ଧି ପାଇଛି।

## ସମୃଦ୍ଧ ସାହିତ୍ୟ

ଓଡ଼ିଆ ଭାଷାରେ ରଚିତ ମଧ୍ୟଯୁଗୀୟ ସାହିତ୍ୟ ଅତ୍ୟନ୍ତ ସମୃଦ୍ଧ। ଏହାର ଆଧୁନିକ ସାହିତ୍ୟିକମାନେ ଜାତୀୟସ୍ତରର ସମସ୍ତ ମର୍ଯ୍ୟାଦାଜନକ ଶ୍ରେଷ୍ଠ ସମ୍ମାନରେ ବିମଣ୍ଡିତ ହୋଇଛନ୍ତି। ପ୍ରଥିତଯଶା କବି ରମାକାନ୍ତ ରଥ (୧୯୯୨ ମସିହା-ଶ୍ରୀରାଧା), ମନୋଜ ଦାସ (୨୦୦୦ ମସିହା-ଅମୃତଫଳ), ଜଗନ୍ନାଥ ପ୍ରସାଦ ଦାସ (୨୦୦୭-କବିତା ସଂକଳନ 'ପରିକ୍ରମା') ସରସ୍ୱତୀ ସମ୍ମାନରେ ଭୂଷିତ ହୋଇଛନ୍ତି। ୧୯୯୧ ମସିହାରୁ ପ୍ରଚଳିତ ଏହି ପୁରସ୍କାର ସର୍ବଭାରତ ସ୍ତରରେ ମୋଟ ୩୨ଜଣ ପ୍ରଖ୍ୟାତ ସାହିତ୍ୟିକଙ୍କୁ ଅର୍ପଣ କରାଯାଇଥିବାବେଳେ ସେଥି

ମଧ୍ୟରୁ ତିନିଜଣ ଓଡ଼ିଆ ପ୍ରତିଭାଧର ଏଥିରେ ଅନ୍ତର୍ଭୁକ୍ତ ହେବା ଆମ ଭାଷା ଓ ସାହିତ୍ୟ ପାଇଁ ଅତ୍ୟନ୍ତ ଗୌରବର ବିଷୟ। ପ୍ରତିବର୍ଷ ଓଡ଼ିଆ ଭାଷାର ରଚନା କେନ୍ଦ୍ର ସାହିତ୍ୟ ଏକାଡେମୀ ଦ୍ୱାରା ପୁରସ୍କୃତ ହୁଏ। ଦେଶର ସର୍ବୋଚ୍ଚ ସାହିତ୍ୟ ପୁରସ୍କାର ଜ୍ଞାନପୀଠ ପୁରସ୍କାର ଅଦ୍ୟାବଧି ୫୨ଜଣଙ୍କୁ ଅର୍ପଣ କରାଯାଇଥିବା ବେଳେ ଓଡ଼ିଆ ଭାଷାରେ ୧୯୭୩ରେ ଗୋପୀନାଥ ମହାନ୍ତି, ୧୯୮୬ରେ ସଚ୍ଚିଦାନନ୍ଦ ରାଉତରାଏ, ୧୯୯୩ରେ ସୀତାକାନ୍ତ ମହାପାତ୍ର ଓ ୨୦୧୧ରେ ପ୍ରତିଭା ରାୟ ଏହି ସମ୍ମାନଜନକ ପୁରସ୍କାର ହାସଲ କରି ଓଡ଼ିଆଭାଷାକୁ ଧନ୍ୟ କରିଛନ୍ତି। ସର୍ବାଧିକ ଜନସଂଖ୍ୟା ବ୍ୟବହାର କରୁଥିବା ଭାଷା ତାଲିକାରେ ଓଡ଼ିଆ ଭାଷା ବିଶ୍ୱରେ ୩୭ତମ ଓ ଭାରତରେ ନବମ ସ୍ଥାନ ଅଧିକାର କରିଛି। ଭାବ ବିନିମୟ ମାଧ୍ୟମ ଭାବରେ ୫୦ ନିୟୁତ ଲୋକ ଓଡ଼ିଆ ଭାଷା ବ୍ୟବହାର କରୁଥିବା ଜଣାଯାଏ। ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗରେ ଓଡ଼ିଆ ଭାଷାକୁ ଦ୍ୱିତୀୟ ସରକାରୀ ଭାଷା ଭାବରେ ସ୍ୱୀକୃତି ପ୍ରଦାନ କରାଯାଇଛି। ଓଡ଼ିଆ ଭାଷାର ଦୁଇ ହଜାର ବର୍ଷର ଗୌରବମୟ ଇତିହାସ ଓ ମୌଳିକ ରଚନାବଳୀ ଉପଲବ୍ଧ।

**ସର୍ବାଧିକ ଜନସଂଖ୍ୟା ବ୍ୟବହାର କରୁଥିବା ଭାଷା ତାଲିକାରେ ଓଡ଼ିଆ ଭାଷା ବିଶ୍ୱରେ ୩୭ତମ ଓ ଭାରତରେ ନବମ ସ୍ଥାନ ଅଧିକାର କରିଛି।**

ଓଡ଼ିଶାର ମୋଟ ଲୋକସଂଖ୍ୟାର ଶତକଡ଼ା ୮୦ ଭାଗ ଲୋକ ଓଡ଼ିଆଭାଷା ବୁଝିପାରନ୍ତି। ସରକାରୀ ସ୍ତରରେ ଓଡ଼ିଆଭାଷାର ବ୍ୟବହାର ଉପରେ ମଧ୍ୟ କିଛି ମାତ୍ରାରେ ଗୁରୁତ୍ୱ ଦିଆଯାଉଛି। ଓଡ଼ିଆ ଭାଷା ପ୍ରତିଷ୍ଠାନ, ଓଡ଼ିଶା ସାହିତ୍ୟ ଏକାଡେମୀ, ଓଡ଼ିଆ ବିଶ୍ୱବିଦ୍ୟାଳୟ ଆଦି ପ୍ରତିଷ୍ଠିତ ହୋଇ ଓଡ଼ିଆ ଭାଷାର ପ୍ରଚାର ଓ ପ୍ରସାରକୁ ପ୍ରୋତ୍ସାହିତ କରୁଛନ୍ତି। ସମ୍ପ୍ରତି ଗୁଗୁଲ ସର୍ଚ୍ଚ ଇଞ୍ଜିନର ଭାଷା ତାଲିକାରେ ଓଡ଼ିଆଭାଷା ସନ୍ନିବେଶିତ ହୋଇଛି। ଓଡ଼ିଆ ବିଭବ, ଇ-ଗ୍ରନ୍ଥାଳୟ, ଇ-ଲାଇବ୍ରେରୀ, ଓଡ଼ିଶା ଭର୍ଚୁଆଲ ଲାଇବ୍ରେରୀ ପ୍ରଭୃତି ଇଣ୍ଟରନେଟ୍ ସେବାରେ ଓଡ଼ିଆ ଭାଷାକୁ ଅନ୍ତର୍ଭୁକ୍ତ କରାଯାଇଛି। ଏକ ସର୍ବେକ୍ଷଣରୁ ଜଣାଯାଏ ଯେ ପ୍ରତିବର୍ଷ ୩୦୦୦ରୁ ଊର୍ଦ୍ଧ୍ୱ ଓଡ଼ିଆ ପୁସ୍ତକ ପ୍ରକାଶିତ ହେଉଅଛି। ସରକାରୀ ସ୍ୱୀକୃତିପ୍ରାପ୍ତ ଓଡ଼ିଆ ସମ୍ବାଦପତ୍ର ସଂଖ୍ୟା ୮୬ରେ ପହଞ୍ଚିଥିବା ବେଳେ, ୧୨ଟି ଟେଲିଭିଜନ ସମ୍ବାଦ ଚ୍ୟାନେଲ, ୮ଟି ମନୋରଞ୍ଜନ ଧର୍ମୀ ଚ୍ୟାନେଲ, ୩ଟି ଆଧ୍ୟାତ୍ମିକ ଟେଲିଭିଜନ ଚ୍ୟାନେଲ, ୩ଟି ସଂଗୀତ ଓ ଚଳଚ୍ଚିତ୍ର ଚ୍ୟାନେଲ ଏବଂ ଗୋଟିଏ ସରକାରୀ ଓଡ଼ିଆ ଚ୍ୟାନେଲ ଚବିଶ ଘଣ୍ଟିଆ କାର୍ଯ୍ୟକ୍ରମ ପ୍ରସାରଣ କରୁଅଛନ୍ତି। ବିଶ୍ୱର ୧୯୫୦୦ ରୁ ଊର୍ଦ୍ଧ୍ୱ ମାତୃଭାଷା, ଭାରତରେ ୭୮୦ ଟି ଭାଷା ଓ ୧୨୨ଟି ବୃହତଭାଷା ମଧ୍ୟରେ ଓଡ଼ିଆ ଭାଷାର ସ୍ଥିତି ଯଥେଷ୍ଟ ସମ୍ମାନଜନକ।

**ସଙ୍କଟଜନକ ଭବିଷ୍ୟତ**

ଓଡ଼ିଆ ଭାଷାର ଏପରି ଅନୁକୂଳ ଅବସ୍ଥା ସତ୍ତ୍ୱେ ୨୦୨୪ ମସିହାରେ ଊନବିଂଶ ଶତାବ୍ଦୀ ଭଳି ଏହାର ସଙ୍କଟଜନକ ଭବିଷ୍ୟତ ସଂକ୍ରାନ୍ତରେ ପ୍ରଶ୍ନ ଉତ୍‌ଥାପିତ ହେବା ଅଯୌକ୍ତିକ କିମ୍ବା ଆଶ୍ଚର୍ଯ୍ୟଜନକ ନୁହେଁ। 'ବିଜୟିନୀ' ନାମକ ପତ୍ରିକାରେ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ପ୍ରଫେସର ଅଜିତ ମହାନ୍ତିଙ୍କ ପ୍ରକାଶିତ ପ୍ରବନ୍ଧର ଶୀର୍ଷକ "ଓଡ଼ିଶାର ଭାଷା ମାନସିକତା: ଓଡ଼ିଆ ଭାଷା ଓ ଭବିଷ୍ୟତ" ଏଠାରେ ପ୍ରାସଙ୍ଗିକ ମନେହୁଏ। ଏଥିରେ ସେ ଉଲ୍ଲେଖ କରିଛନ୍ତି, କୌଣସି ଭାଷାର ମୃତ୍ୟୁ ଆଦୌ ଅସ୍ୱାଭାବିକ ନୁହେଁ। ବିଗତ ୭/୮ ଦଶନ୍ଧି ମଧ୍ୟରେ ପୃଥିବୀର ୫୦୦ ଭାଷା ହଜିଯାଇଛି। ୟୁନେସ୍କୋର ସର୍ବେକ୍ଷଣ ଅନୁଯାୟୀ ବିଶ୍ୱର ୧୯୭ ଟି ଭାଷା ବିପନ୍ନ, ଯାହା ମଧ୍ୟରୁ ବୋଡୋ ଓ କୁଇ ଭଳି ଭାରତୀୟ ଭାଷା ଅନ୍ୟତମ। ୨୦୦୦ ମସିହା ସୁଦ୍ଧା ୭୦୦୦ ଭାଷା ବିଶ୍ୱରୁ ଲୋପ ପାଇଯାଇଛି। କେବଳ ବିଗତ ଶତାବ୍ଦୀରେ ୩୦୦୦ ଭାଷା ପୃଥିବୀରୁ ଅନ୍ତର୍ହିତ ହୋଇଯାଇଛନ୍ତି। ବିଗତ ପଚାଶବର୍ଷ ମଧ୍ୟରେ ଭାରତର ୨୨୦ଟି ଭାଷା ମୃତ୍ୟୁବରଣ କରିଛନ୍ତି। ପୃଥିବୀରେ ପ୍ରତି ୧୪ ଦିନରେ ଗୋଟିଏ ଭାଷା ନିଶ୍ଚିହ୍ନ ହୋଇଯାଏ। ବିଶ୍ୱରେ ୫୮ଟି ଭାଷା ଅଛି, ଯାହାକୁ ମାତ୍ର ଜଣେ ଲେଖାଏଁ ବ୍ୟକ୍ତି ବ୍ୟବହାର କରନ୍ତି। ସେପରି ଭାଷାର ସଂଖ୍ୟା ଭାରତରେ ୪୬। ଦଶ ଜଣ ମାତ୍ର ବ୍ୟବହାର କରୁଥିବା ଭାଷାର ସଂଖ୍ୟା ଭାରତରେ ୨୨। ଭାଷା କିପରି ଦୟନୀୟ ଭାବରେ ମୃତ୍ୟୁବରଣ କରେ ତାହାର ଉଜ୍ଜ୍ୱଳ ଦୃଷ୍ଟାନ୍ତ ଆଣ୍ଡାମାନର ଆକା-ବୋ ଭାଷା। ୨୦୧୦ ମସିହାରେ ଏହି ଭାଷାର ଅନ୍ତିମ ବ୍ୟବହାରକାରିଣୀ ବୋଆ ସିନିଅର ନାମ୍ନୀ ମହିଳାଙ୍କର ମୃତ୍ୟୁ ସହିତ ଉକ୍ତ ଭାଷାର ଚିରଦିନ

ପାଇଁ ବିଳୟ ଘଟିଲା। ବୋଆ ସିନିଅର ପିତାମାତାଙ୍କ ଦେହାନ୍ତ ପରେ ପ୍ରାୟ ୪୦ବର୍ଷ ଧରି ବଞ୍ଚିରହିଥିଲେ ଏକାକୀ ଆକା–ବୋ ଭାଷାର ଅନ୍ତିମ ବାହକ ଭାବରେ। ଅନ୍ୟ କେହି ସେ ଭାଷା ଜାଣି ନ ଥିବାରୁ ସେ କାହା ସହିତ ସେହି ଭାଷାରେ କଥାବାର୍ତ୍ତା କରିପାରୁ ନ ଥିଲେ। ଭାବର ବିନିମୟ ପାଇଁ ବାଧ୍ୟ ହୋଇ ତାଙ୍କୁ ହିନ୍ଦୀଭାଷାର ଏକ ଆଣ୍ଡାମାନ ସଂସ୍କରଣ ଶିକ୍ଷା କରିବାକୁ ପଡୁଥିଲା। 'ଓଡ଼ିଆ ଦାସ' ନାଟକରେ ହିନ୍ଦୀ ସାମ୍ବାଦିକଙ୍କ ବାର୍ତ୍ତାଳାପ ଏହି ନିଚ୍ଛକ ଦୃଶ୍ୟର ଏକ ଜୀବନ୍ତ ପ୍ରତିଫଳନ।

ଓଡ଼ିଆ ଭାଷାର ବିକାଶ ଓ ଅଭିବୃଦ୍ଧି ପାଇଁ ଶାସ୍ତ୍ରୀୟ ମାନ୍ୟତା କେବଳ ଯଥେଷ୍ଟ ନୁହେଁ। ଲାଟିନ ଗୋଟିଏ ଶାସ୍ତ୍ରୀୟ ଭାଷା; କିନ୍ତୁ ସେହି ଭାଷାକୁ ଖୁବ୍ କମ୍ ଲୋକ ଓ ସୀମିତ ପରିବେଶରେ ବ୍ୟବହାର କରନ୍ତି। ଅନ୍ୟପକ୍ଷରେ ଇଂରାଜୀ ଗୋଟିଏ ଶାସ୍ତ୍ରୀୟ ଭାଷା ନୁହେଁ ଅଥଚ ବିଶ୍ୱର ଏକ ଚତୁର୍ଥାଂଶ ଲୋକଙ୍କ ଦ୍ୱାରା ଏହା ଆଦୃତ ହୁଏ। ଇଂରାଜୀ ଭାଷା ପୃଥିବୀର ସବୁଠାରୁ ମର୍ଯ୍ୟାଦାବନ୍ତ ଭାଷାରେ ପରିଣତ ହୋଇଛି କେବଳ ସେହି ଭାଷାରେ ରଚିତ ଅତି ଉଚ୍ଚମାନର ତଥାକଥିତ ସର୍ଜନାତ୍ମକ ସାହିତ୍ୟକୃତି ପାଇଁ ନୁହେଁ। ଜର୍ମାନୀ, ଫରାସୀ, ଋଷ ଆଦି ଭାଷାରେ ତ ଆହୁରି ଅଧିକ ଉଚ୍ଚମାନର ସର୍ଜନାତ୍ମକ ସାହିତ୍ୟ ସୃଷ୍ଟି ହୋଇସାରିଛି, କିନ୍ତୁ ସେ ସମସ୍ତ ଭାଷା ଇଂରାଜୀ ପରି ମର୍ଯ୍ୟାଦାବନ୍ତର ଆସନ ଲାଭ କରିପାରି ନାହାନ୍ତି। ତାହାର ମୁଖ୍ୟ କାରଣ ହେଉଛି ଇଂରାଜୀ ଭାଷାରେ ରହିଛି ବିଶ୍ୱର ସର୍ବବୃହତ୍ ଜ୍ଞାନର ଭଣ୍ଡାର। ସକଳ ପ୍ରକାର ତଥ୍ୟ ବିବରଣ, ଜ୍ଞାନ ଓ ବିଜ୍ଞାନରେ ଇଂରାଜୀ ଭାଷା ପରିପୂର୍ଣ୍ଣ। ସେହି ତଥ୍ୟ ବିବରଣ ହାସଲ ପାଇଁ ପୃଥିବୀର ଅଧିକରୁ ଅଧିକ ଲୋକ ଇଂରାଜୀ ପ୍ରତି ଆକୃଷ୍ଟ ହୁଅନ୍ତି। ଏହି ଉଦାରୀକରଣ ଓ ଜଗତୀକରଣ ଯୁଗରେ ତୀବ୍ର ପ୍ରତିଯୋଗିତା ଓ ପ୍ରତିଦ୍ୱନ୍ଦ୍ୱିତା କାଳରେ ସମସ୍ତଙ୍କ ପକ୍ଷରେ ବିବିଧ ତଥ୍ୟ, ବିବରଣ, ଜ୍ଞାନ ଓ ବିଜ୍ଞାନ ହୋଇପଡ଼ିଛି ଏକାନ୍ତ ଅପରିହାର୍ଯ୍ୟ। ଓଡ଼ିଆ ଭାଷା ସେହିପରି ଆକର୍ଷଣୀୟ ହୋଇ ନ ପାରିଲେ ତାହା କାହାକୁ ଆକର୍ଷିତ କରିପାରିବ ନାହିଁ। ଓଡ଼ିଆ ଭାଷାର ବ୍ୟବହାରୋପଯୋଗିତା ବୃଦ୍ଧି ପାଇଲେ ତାହା ମର୍ଯ୍ୟାଦାବନ୍ତ ଭାଷାର ମାନ୍ୟତା ପାଇପାରିବ। ବଙ୍ଗଭାଷା ଅଦ୍ୟାବଧି ଶାସ୍ତ୍ରୀୟ ମାନ୍ୟତା ଲାଭ କରି ନ ଥିଲେ ମଧ୍ୟ ସେ ଭାଷାରେ ଓଡ଼ିଆ ତୁଳନାରେ ବିଶାଳ ଜ୍ଞାନ ଭଣ୍ଡାର ରହିଛି। ବର୍ତ୍ତମାନ ହିନ୍ଦୀ, ମରାଠୀ ଓ ଗୁଜରାଟୀ ଭାଷାରେ ମୌଳିକ ଚିନ୍ତନ, ଦର୍ଶନ, ବୌଦ୍ଧିକ ବିତର୍କ ବହୁଳ ଭାବରେ ଚାଲିଅଛି। ଏହି ଭାଷାଗୁଡ଼ିକ ଶାସ୍ତ୍ରୀୟ ନୁହନ୍ତି।



## ମୈଥିଳୀ ଭାଷାର ନିୟତି

ଏକଦା ମୈଥିଳୀ ଭାଷା ଥିଲା ଭାରତର ଏକ ପ୍ରାଚୀନ ଓ ଉନ୍ନତ ଭାଷା। ଏହି ଭାଷାରେ ବିଶାଳ ସାହିତ୍ୟ ଭଣ୍ଡାର ମଧ୍ୟ ରହିଛି। କିନ୍ତୁ ସମୟଚକ୍ରରେ ବର୍ତ୍ତମାନ ମୈଥିଳୀ ଭାଷା ହିନ୍ଦୀ ଭାଷାର ଗର୍ଭରେ ବିଲୀନ ହେବା ସହିତ ସେ ଭାଷାର ଲିପି ବଙ୍ଗଳା ଓ ଅସମୀୟା ଭାଷାରେ ବ୍ୟବହୃତ ହେଉଛି। ସେ ଭାଷାରେ ଆଉ ପ୍ରାଥମିକ ଶିକ୍ଷା ପ୍ରଦାନ କରାଯାଉନାହିଁ। ସମ୍ପ୍ରତି ମୈଥିଳୀ ଭାଷା ପରି ଏକ ଉନ୍ନତ ଭାଷା ଗୋଟିଏ ଉପଭାଷାରେ ପରିଣତ ହୋଇଛି। ଏହି ଭାଷାକୁ ବଞ୍ଚାଇବା ପାଇଁ ମିଥିଳାବାସୀ ଦୀର୍ଘଦିନ ବ୍ୟାପୀ ସଂଗ୍ରାମ ଜାରି ରଖିଥିଲେ ମଧ୍ୟ ବଞ୍ଚାଇବା ସମ୍ଭବପର ହେଉ ନାହିଁ। ଏହାର ମୁଖ୍ୟ କାରଣ ହେଉଛି ମୈଥିଳୀ ଭାଷାର ଦୁଇଟି ଉପଭାଷା ଅଙ୍ଗିକା ଓ ବଜ୍ଜିକା ମୂଳଭାଷାର ଆଧିପତ୍ୟକୁ ଅସ୍ୱୀକାର କରି ନିଜକୁ ଗୋଟିଏ ଗୋଟିଏ ସ୍ୱତନ୍ତ୍ର ଭାଷାର ମାନ୍ୟତା ଦାବି କରୁଛନ୍ତି। ଆମ ଓଡ଼ିଶାର ଭାଷା କ୍ଷେତ୍ରରେ ମଧ୍ୟ ଅନୁରୂପ ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ଉପୁଜୁଛି। ଓଡ଼ିଶାର ପଶ୍ଚିମାଞ୍ଚଳର କେତେକ ବ୍ୟକ୍ତି ସେମାନେ କହୁଥିବା ଉପଭାଷାକୁ ଗୋଟିଏ ଗୋଟିଏ ସ୍ୱତନ୍ତ୍ର ଭାଷା ଭାବରେ ମାନ୍ୟତା ଦାବି କରି ଆନ୍ଦୋଳନ ଆରମ୍ଭ କରିଛନ୍ତି।

ନ'ଦଶନ୍ଧି ପୂର୍ବେ ପଶ୍ଚିମବଙ୍ଗର ମେଦିନିପୁର, ଚବିଶ ପରଗଣା, ଝାଡ଼ଖଣ୍ଡର ସିଂହଭୂମ, ଖରସୁଆଁ ଅଞ୍ଚଳ, ଛତିଶଗଡ଼ର ମହାସମୁନ୍ଦ, ବସନା ଏବଂ ଆନ୍ଧ୍ରପ୍ରଦେଶର ବିଶାଖାପାଟଣା ପ୍ରଭୃତି ଜିଲ୍ଲାଗୁଡ଼ିକ ଓଡ଼ିଆବହୁଳ ଥିଲା। ଆଜି ସେଠାରେ ଓଡ଼ିଆମାନେ ସଂଖ୍ୟାଲଘୁରେ ପରିଣତ ହୋଇସାରିଛନ୍ତି। ଏହାର କାରଣ ସେ ସ୍ଥାନରେ ଥିବା ଓଡ଼ିଆ ଲୋକମାନଙ୍କ ପଳାୟନ ନୁହେଁ, ବରଂ ଭାଷାନ୍ତର ହିଁ ଦାୟୀ। ଏହି ଅଞ୍ଚଳଗୁଡ଼ିକୁ ଅଣଓଡ଼ିଆ

ରାଜ୍ୟରେ ଅନ୍ତର୍ଭୁକ୍ତ କରିଦିଆଯିବାରୁ ସେମାନଙ୍କ ସରକାରୀ ବିଦ୍ୟାଳୟଠାରୁ ଆରମ୍ଭକରି ସରକାରୀ ନିଯୁକ୍ତି ପର୍ଯ୍ୟନ୍ତ ପରୀକ୍ଷା ତଥା ସରକାରୀ କାର୍ଯ୍ୟ ନିମନ୍ତେ ସବୁଠାରେ ଆଉ ଓଡ଼ିଆ ଭାଷାର ପ୍ରୟୋଜନ ହେଲା ନାହିଁ। ସେସବୁ ସ୍ଥାନରେ ଲୋକେ ନିଜ ପିଲାଙ୍କୁ ଓଡ଼ିଆ ପଢ଼ାଇବା ପରିବର୍ତ୍ତେ ବଙ୍ଗାଳୀ, ହିନ୍ଦୀ ଓ ତେଲୁଗୁ ପଢ଼ାଇଲେ। ଓଡ଼ିଆ ଜାଣିଥିବା ପୁରୁଣା ଲୋକମାନେ କ୍ରମେ ସଂସାରରୁ ବିଦାୟ ନେବାପରେ ଓଡ଼ିଆ ପଢ଼ିପାରୁଥିବା, ଲେଖିପାରୁଥିବା ବା କହିପାରୁଥିବା ଲୋକଙ୍କ ସଂଖ୍ୟା ହ୍ରାସପାଇ ସଂଖ୍ୟା ନ୍ୟୂନରେ ପରିଣତ ହୋଇଛି। ଆମର ଏହି ପଡ଼ୋଶୀ ରାଜ୍ୟଗୁଡ଼ିକରୁ ଯେଉଁ ମହତ୍ତ୍ୱପୂର୍ଣ୍ଣ ଶିକ୍ଷା ମିଳେ, ତାହା ହେଉଛି କୌଣସି ଭାଷାର ବ୍ୟବହାର ଦୈନନ୍ଦିନ ଜୀବନରୁ ଅପସରି ଗଲେ, ସେ ଭାଷାର କ୍ରମଶଃ ଅପମୃତ୍ୟୁ ଘଟେ। ଯେଉଁମାନେ ଯୁକ୍ତି କରନ୍ତି ଯେ ଆମର ରାମାୟଣ, ମହାଭାରତ, ଭାଗବତ ଲକ୍ଷ୍ମୀ ପୁରାଣ ରହିଛି, ଆମର ନିଜସ୍ୱ ଲିପି ଅଛି, ତେଣୁ ଭାଷା ପ୍ରତି କୌଣସି ବିପଦ ନାହିଁ ସେମାନେ ସ୍ମରଣ ରଖିବା ଉଚିତ ଯେ, ସଂସ୍କୃତଠାରୁ ଅଧିକ ଶାସ୍ତ୍ରପୁରାଣ ଓ ସାହିତ୍ୟ ଅନ୍ୟ କୌଣସି ଭାଷାରେ ନ ଥିବ। ମାତ୍ର ସମ୍ପ୍ରତି ସଂସ୍କୃତ ଭାଷା କେବଳ ଲିଖିତ ଓ ସାହିତ୍ୟର ଭାଷା ହୋଇ ରହିଛି। ତାହା କେଉଁ ରାଜ୍ୟ କିମ୍ବା ପ୍ରଶାସନ କ୍ଷେତ୍ରରେ ବ୍ୟବହାର ହେବାର ଦେଖାଯାଏ ନାହିଁ।

**ବଙ୍ଗଳା ଲୋକଙ୍କ ମାତୃଭାଷା ପ୍ରେମ ବିଶ୍ୱବିଦିତ, ଯାହାଙ୍କ ପାଇଁ ମାତୃଭାଷା ଦିବସ ସମଗ୍ର ପୃଥିବୀରେ ପାଳନ କରାଯାଏ।**

### ଅର୍ଜିତ ସମ୍ପତ୍ତି

'ଓଡ଼ିଆ ଦାସ'ର ଏକ ଲୋକପ୍ରିୟ ସଂଳାପ "ଭାଷା କାହାର ପୈତୃକ ସମ୍ପତ୍ତି ନୁହେଁ। ଏହା ହେଉଛି ଏକ ଅର୍ଜିତ ସମ୍ପତ୍ତି। ଅର୍ଥାତ୍ ଯେଉଁ ଭାଷାରେ କର୍ମ ଉପାର୍ଜନର ସୁଯୋଗ ଅଧିକ ଥାଏ, ଅନ୍ୟ ଭାଷାଭାଷୀମାନେ ସେହି ଭାଷା ପ୍ରତି ଅଧିକ ଭାବରେ ଆକର୍ଷିତ ହେବା ସ୍ୱାଭାବିକ। ଏହି ଦୃଷ୍ଟିରୁ ଓଡ଼ିଆ ଭାଷାକୁ ଉପାର୍ଜନର ଭାଷାରେ ପରିଣତ କରିବା ଆବଶ୍ୟକ। ଓଡ଼ିଆ ଭାଷାକୁ ବିଜ୍ଞାନର ଭାଷାରେ ପରିଣତ କରିବାକୁ ପଡ଼ିବ। ଏଥିପାଇଁ ଓଡ଼ିଆ ପରିଭାଷିକ ଶବ୍ଦ ବିକଶିତ ହେବା ଯେତିକି ସମ୍ଭବ, ମୂଳ ଇଂରାଜୀକୁ ଓଡ଼ିଆରେ ଅଙ୍ଗୀଭୂତ କରିନେବା ସେତିକି ସମ୍ଭବ। ଏହା ହେଲେ ବୈଜ୍ଞାନିକ ଚିନ୍ତନ ପାଇଁ ଓଡ଼ିଆରେ ଭାଷାର ଅଭାବ ହେବ ନାହିଁ। ଓଡ଼ିଆ ବୈଜ୍ଞାନିକମାନେ ବୈଜ୍ଞାନିକ ଚିନ୍ତନ ପାଇଁ ଓଡ଼ିଆର ବ୍ୟବହାର କରି ଓଡ଼ିଶାରେ ପ୍ରସାରିତ କରିପାରିବେ। ବିଜ୍ଞାନରେ ଅର୍ଥ କେବଳ ପଦାର୍ଥ ବିଜ୍ଞାନ ବା ରସାୟନ ବିଜ୍ଞାନ ନୁହେଁ। ଅର୍ଥଶାସ୍ତ୍ର, ମାନବଶାସ୍ତ୍ର (ହ୍ୟୁମାନିଟିଜ୍) ମଧ୍ୟ ବିଜ୍ଞାନର ପ୍ରସାରିତ କ୍ଷେତ୍ରରେ ଅନ୍ତର୍ଭୁକ୍ତ।

ବଙ୍ଗଳା ଲୋକଙ୍କ ମାତୃଭାଷା ପ୍ରେମ ବିଶ୍ୱବିଦିତ, ଯାହାଙ୍କ ପାଇଁ ମାତୃଭାଷା ଦିବସ ସମଗ୍ର ପୃଥିବୀରେ ପାଳନ କରାଯାଏ। ତେଲୁଗୁ ଲୋକମାନେ ମଧ୍ୟ ଏ କ୍ଷେତ୍ରରେ କିଛି କମ୍ ନୁହନ୍ତି। ଛତିଶଗଡ଼ ଓ ଝାଡ଼ଖଣ୍ଡରେ ସମସ୍ତ ସରକାରୀ ଓ ବେସରକାରୀ କାର୍ଯ୍ୟର ସିଂହଭାଗ ହିନ୍ଦୀରେ ସମ୍ପନ୍ନ ହୁଏ। ଓଡ଼ିଆରେ କିନ୍ତୁ ବିପରୀତ ହୁଏ। ଏଠାରେ ମାତୃଭାଷା ଓଡ଼ିଆକୁ ଅତ୍ୟନ୍ତ ଅନାଦର କରାଯାଏ। ଓଡ଼ିଶାରେ ସମସ୍ତ ସରକାରୀ କାର୍ଯ୍ୟ ଓଡ଼ିଆରେ ହେବ ବୋଲି, ଦି ଓଡ଼ିଶା ଅଫିସିଆଲ ଲାଙ୍ଗୁଏଜ ଆକ୍ଟ ୧୯୫୫ ଓଡ଼ିଶା ବିଧାନସଭାରେ ଗୃହୀତ ହୋଇଥିଲା। ସମୟ କ୍ରମେ ୧୯୮୫, ୨୦୧୬ ଓ ୨୦୧୮ରେ ଏହାକୁ ସଂଶୋଧନ କରାଯାଇଛି। ମାତ୍ର ଓଡ଼ିଆ ବ୍ୟବହାର କରିବା ପାଇଁ ସ୍ୱୟଂ ଓଡ଼ିଆମାନେ ଆଗ୍ରହୀ ନୁହନ୍ତି। ଘରୋଇ କ୍ଷେତ୍ରରେ ମଧ୍ୟ ସମାନ ଅବସ୍ଥା। ନଥିପତ୍ର କାର୍ଯ୍ୟ, ନିର୍ଦ୍ଦେଶନାମା, ରାଜପତ୍ର, ନିୟମାବଳୀ ତ ଦୂରର କଥା ସାମାନ୍ୟ ଛୁଟି ଦରଖାସ୍ତଟିଏ ମଧ୍ୟ ଓଡ଼ିଆରେ ଲେଖାଯାଏ ନାହିଁ। ଏପରିକି ଇଂରାଜୀ ଜାଣି ନ ଥିବା କର୍ମଚାରୀମାନେ ଅନ୍ୟ କର୍ମଚାରୀଙ୍କୁ ଅନୁରୋଧ କରି ଇଂରାଜୀରେ ଲେଖାଇ ଆଣନ୍ତି। ହେଲେ ନିଜେ ଓଡ଼ିଆରେ ଦୁଇପଦ ଲେଖିବାକୁ ପଛଘୁଞ୍ଚା ପ୍ରଦର୍ଶନ କରନ୍ତି। ଓଡ଼ିଆ ଭାଷାରେ ନିମନ୍ତ୍ରଣ ପତ୍ର ମଧ୍ୟ ବିରଳ। ଏସବୁ ଦୃଷ୍ଟିରୁ ବିଚାର କଲେ ଉନବିଂଶ ଶତାବ୍ଦୀରେ ଓଡ଼ିଆ ଭାଷାର ଆକ୍ରମଣକାରୀ ବଙ୍ଗଭାଷା ଥିବାବେଳେ ସମ୍ପ୍ରତି ଆମେ ନିଜେ ହିଁ ଓଡ଼ିଆ ଭାଷାର ଶତ୍ରୁଭଳି ଆଚରଣ ପ୍ରଦର୍ଶନ କରୁଛନ୍ତି। ଓଡ଼ିଆ ଭାଷାଭାଷୀଙ୍କ ଭାଷାପ୍ରେମର ଅଭିବୃଦ୍ଧି ବର୍ତ୍ତମାନ ସମୟର ସବୁଠାରୁ ବଡ଼ ଆହ୍ୱାନ।

□□

ଲେଖକଙ୍କ ଇ-ମେଲ୍ ଠିକଣା:
rknprincipalbbm@gmail.com

କବିତା

# ଝିଅଟି କାଲି ଜହ୍ନ ଦେଖିଲା



ରବି କୁମାର ମହାନ୍ତି



କାଲି ଯେବେ ସଂଜ ଓହ୍ଲେଇ ଆସିଲା
ଅନ୍ଧାରର ପାହାଚରେ
ଛୁଆ ଚଢ଼େଇ ଚଞ୍ଚୁ ଘଷୁଥିଲା
ତା' ମାଆର
ଉଦାସି କୋଳରେ
କଳମ ଫୁଲର ପାଖୁଡ଼ାରେ
କିଏ ମେଞ୍ଚେ ଆଲୁଅର
ରଂଗ ନେସିଦେଲା
ଯେବେ ଏମିତି ସଂଜ ବେଳରେ
ଛନଛନ ହେଇ ନ ଥିବା ଝିଅଟି
ପ୍ରଥମେ ଜହ୍ନ ଦେଖିଲା
ତା' କଷି କମଳା ନରମ ଗଣ୍ଡରେ
ସରମର
ଛିଟା ଚହଟିଲା
ଝିଅ ଜୀବନରେ ପ୍ରଥମ ଥର
କାଲି ଜହ୍ନ ଦେଖିଲା।

ତାକୁ ଫୁଲମାନେ ଡାକିଲେ ଆ...
ଶିଖିବୁ କେମିତି ମିଛରେ ମିଛରେ
ମାନ କରନ୍ତି ଏ ବେଳରେ
ଭାରି ହୁସିଆର ଭଅଁରକୁ
ଅଜାଣତରେ ଢଳିବୁନି ତା'କୋଳରେ।

ତାକୁ କଅଁଳ ପବନ ଡାକିଲା
ଆ..
ଶିଖେଇ ଦେବି ତୋତେ
ସବୁଠି ଥାଇ
କେଉଁଠି ନଥିବାର କଳା
ତୁ ଛୁଇଁବୁ ସବୁ
କେବେ ବି କେମିତି ନଦେବୁ କାହାକୁ ଧରା
ଧରାଦେଲେ କଥା ଶେଷ
ଅକାରଣରେ ସଜଫୁଟା ଦିହ ତୋର
ହେଇଯିବ ମାରା।

କାଲି ସଂଜରେ
ଆକାଶଟା ତାକୁ ବାଆଁରା ଲାଗିଲା
ବେଳ ନ ବୁଡୁଣୁ ସିଏ
ଚଉରାରେ ଦୀପ ଜାଳିଥିଲା
ସ୍ୱପ୍ନରେ କିଏ ତାକୁ କହିଥିଲା ଯେ
ପହିଲି ଘରଯୋଗ୍ୟା ବେଳେ
ଜହ୍ନ ଦେଖିବା ଶୁଭ
ଫି କୁଆଁରୀ ଙ୍କ କପାଳରେ ଏମିତି
ଲେଖିଛି ଦଇବ।

ଜହ୍ନ ପରି ସୁକୁମାର ହେବ ଗଣ୍ଠିଧନ
ଜହ୍ନ ଆଲୁଅ ପରି ଚହଟିବ
ତା' ସଂସାର
ମିଠା ମିଠା କଳ୍ପନାରେ
ଭରିଯିବ ମନ
ସେଥିପାଇଁ ଏମିତି ବେଳରେ
ଭାରି ଦରକାର
ଆକାଶର ଜହ୍ନ।

କାଲି ତା' ଅଗଣାରେ ପ୍ରଥମେ
ପ୍ରଜାପତି ଡେଣା ଝାଡ଼ିଦେଲା,
ଛାତି ତଳେ
ବେପଥୁର ବୀଣା କିଏ
ଧୀରେ ବଜେଇଲା
ପିନ୍ଧା ବାସ ଆପେ ଆପେ
ତଳେ ଲୋଟୁଥିଲା
ଝିଅ ଦେହର ନଈରେ
ଅକସ୍ମାତ ଲାଜର ବନ୍ୟା ଆସିଗଲା।

କେବେ ଜହ୍ନ ଦେଖି ନ ଥିବା ଝିଅ
କାଲି
ପ୍ରଥମେ ଜହ୍ନ ଦେଖି
ନିଜକୁ ନିଜେ
ଶୁଣେଇଲା।

□□

କବିଙ୍କ ଇ-ମେଲ ଠିକଣା:
rabikumarmohanty74@gmail.com




ଗଳ୍ପ

# ବ୍ରିଫ୍‌କେସ୍

ଆନନ୍ଦ ଚନ୍ଦ୍ର ପହି

କଲିକତାର ବହୁବଜାର ଷ୍ଟ୍ରିଟରେ ଥିବା ମନୀଷା ଇଂଲିଶ ମିଡିୟମ ସ୍କୁଲ ଆଗରେ ଠିଆ ହୋଇଥିଲା ଦେବାଶିଷ। ରବିବାର ଶୀତୁଆ ସକାଳ। ସମୟ ନଅଟା। ଷ୍ଟେଟ ବ୍ୟାଙ୍କର ପ୍ରୋବେସନାରି ଅଫିସର ଚାକିରି ପାଇଁ ମୌଖିକ ପରୀକ୍ଷା ହେବ ସକାଳ ୧୦ଟା ୩୦ମିନିଟରେ। ଏ ଯାଏ ସ୍କୁଲର ଗେଟ ଖୋଲି ନାହିଁ। ଆଉ କେହି ଆସି ନାହାନ୍ତି।

ଅପେକ୍ଷା କରିବାଟା ଭାରି ବିରକ୍ତିକର। ସେ ସ୍କୁଲ ଆଗରେ ବସିବା ପାଇଁ କିଛି ହେଲେ ବ୍ୟବସ୍ଥା ନାହିଁ। ଶୀତୁଆ ସକାଳର କଅଁଳ ଖରାରେ ଠିଆହୋଇ ପରୀକ୍ଷା ସମୟକୁ ଅପେକ୍ଷା କରିଛନ୍ତି ଦେବାଶିଷ। ଆଉ କେହି ପରୀକ୍ଷାର୍ଥୀ ଆସିଗଲେ ଗପସପରେ ସମୟ କଟିଯାଆନ୍ତା। ତା'ପରି ପରୀକ୍ଷାର ଦେଢ଼ ଘଣ୍ଟା ଆଗରୁ କିଏ କାହିଁକି ବା ଆସିବ? ଦେବାଶିଷର ଆଶଙ୍କା ଥିଲା ଏ ଅଖ୍ୟାତ ସ୍କୁଲଟିକୁ କଲିକତା ମହାନଗରୀରୁ ଖୋଜି ପାଇବା ପାଇଁ ଯଥେଷ୍ଟ ସମୟ ଲାଗିବ। ସେଥିପାଇଁ ସିଏ ଏତେ ଆଗରୁ ବାହାରିଥିଲା। କିନ୍ତୁ ଅଳ୍ପ ସମୟ ଖୋଜାଖୋଜିରେ ସ୍କୁଲଟି ମିଳିଗଲା।



କିଏ ଜଣେ ବୟସ୍କ ଭଦ୍ରଲୋକ ଦେହରେ ଚାଦର ଘୋଡ଼ିହୋଇ ଦେବାଶିଷ ପାଖରେ ପହଞ୍ଚିଲେ। କାହାକୁ ଅପେକ୍ଷା କରିଛ ବୋଲି ବଙ୍ଗଳା ଭାଷାରେ ପଚାରିଲେ। ଦେବାଶିଷ ଯଦିଓ ବଙ୍ଗଳା ଭାଷା ବୁଝିପାରୁଥିଲା ତଥାପି କିଛି ଉତ୍ତର ନ ଦେଇ ଚୁପ୍ ରହିଲା। ଉତ୍ତରଟା ଓଡ଼ିଆରେ ଦେବ ନା ଇଂରାଜୀରେ ଦେବ ସେ କଥା ସ୍ଥିର କରୁ କରୁ ସେ ଲୋକ ହିନ୍ଦୀ ଭାଷାରେ ପଚାରିଲେ-ଆପ କାହାଁସେ ଆୟେ?

ମନେ ମନେ ବିରକ୍ତ ହେଲା ଦେବାଶିଷ। ଏମିତି ଗୋଟେ ଲୋକ ଏ ସମୟରେ ଆସି ପହଞ୍ଚିଲା ଯାହା ସହିତ ମନଖୋଲି କିଛି କଥାବାର୍ତ୍ତା କରିହେବ ନାହିଁ। ଇଏ ଆମ ଓଡ଼ିଆଲୋକ ନୁହଁ।

ସେ ଲୋକ ଦେବାଶିଷଠୁ କିଛି ଉତ୍ତର ନ ପାଇବାରୁ ଦ୍ୱିତୀୟ ପ୍ରଶ୍ନ ପଚାରିଲା - ଉତ୍ତରପ୍ରଦେଶ ସେ?

ଦେବାଶିଷ ତଥାପି କିଛି ଉତ୍ତର ଦେଲା ନାହିଁ। ସେ ଭାବୁଥିଲା କହିଦେବ - ମୁଁ ଯୋଉଠୁ ଆସିଲି ତୋ ବାପର କ'ଣ ଗଲା? ମୁଁ ଯୋଉଠୁ ଆସିଲେ ବି ଏଇ ଭାରତରୁ ଆସିଛି। କାହିଁକି ଯେ ଆମ ଦେଶର ଗୋଟିଏ ପ୍ରଦେଶର ଲୋକମାନେ ଅନ୍ୟ ପ୍ରଦେଶର ଲୋକଙ୍କୁ ବିଦେଶୀ ବୋଲି ଭାବନ୍ତି?

ସେ ଭଦ୍ରଲୋକ ପୁଣି ପ୍ରଶ୍ନକଲେ - ମଧ୍ୟପ୍ରଦେଶ ସେ?

ଦେବାଶିଷ କିଛି ନ କହି ତଥାପି ନିରବ ରହିଲା।

ସେ ଲୋକ ଏଥର ପ୍ରଶ୍ନ କଲା - ଓଡ଼ିଶା ସେ?

ଯଦିଓ ଦେବାଶିଷ କିଛି ନ କହିବାର ନିଷ୍ପତ୍ତି ନେଇଥିଲା ତଥାପି ତା' ମୁଣ୍ଡଟା ହଁ ମାରିବା ମୁଦ୍ରାରେ ହଲିଗଲା।

ସେ ଭଦ୍ରଲୋକ ଅଧା ଓଡ଼ିଆ ଓ ଅଧା ବଙ୍ଗଳାରେ କଥାବାର୍ତ୍ତା ଆରମ୍ଭ କଲା। ଦେବାଶିଷ କହିଲା-ଏମିତି ମିଶାମିଶି ଭାଷା କହିଲେ ଦୁଇଟି ଯାକ ଭାଷାର ଅସମ୍ମାନ ହେବ। ବଙ୍ଗଳା ଆଉ ଓଡ଼ିଆ ଭାଷା ଭିତରେ ବେଶି କିଛି ପାର୍ଥକ୍ୟ ନାହିଁ। ଆପଣ ବଙ୍ଗଳା ଭାଷାରେ କୁହନ୍ତୁ। ମୁଁ ଓଡ଼ିଆରେ କହିବି। ବୁଝିବାରେ ଆମ ଭିତରୁ କାହାର ବି କିଛି ଅସୁବିଧା ହେବ ନାହିଁ।

ଏଣିକି ସେ ଭଦ୍ରଲୋକ ବଙ୍ଗଳା ଭାଷାରେ କଥାବାର୍ତ୍ତା କଲେ। ସେ ଦେବାଶିଷକୁ ପଚାରି ବୁଝିଲେ ସେ କାହିଁକି ଏ

ସ୍କୁଲ ଆଗରେ ଠିଆ ହୋଇଚି ? କାହାକୁ ଅପେକ୍ଷା କରିଛି ? ଦେବାଶିଷ ସବୁକଥା ତାଙ୍କୁ କହିଲା। ତା'ପରେ ସେ ଲୋକ ଦେବାଶିଷକୁ କହିଲେ-ମୁଁ ଆପଣଙ୍କୁ ଏତେ କଥା ପଚାରିଲି, ଆପଣ କିଛି ଖରାପ ଭାବିବେ ନାହିଁ। ମୋର ଗୋଟିଏ ଉଠା ଜଳଖିଆ ଦୋକାନ ଅଛି। ସ୍କୁଲ ସମୟରେ ମୁଁ ଏଇ ସ୍କୁଲ ଆଗରେ ମୋ ଜଳଖିଆ ଦୋକାନ ଖୋଲି ବ୍ୟବସାୟ କରେ। ଛୁଟି ଦିନରେ ଅନ୍ୟ ଆଡ଼କୁ ନେଇ ଯାଏ। କିନ୍ତୁ ଆଜି ପରି ଯେଉଁ ରବିବାର ଦିନ ଏଠି ପରୀକ୍ଷା ହୁଏ, ସେଦିନ ବେଶ୍ କିଛି ଲୋକ ପରୀକ୍ଷା ସରିବା ପର୍ଯ୍ୟନ୍ତ ଜମା ହୁଅନ୍ତି। ତେଣୁ ମୁଁ ଦୋକାନ ଖୋଲେ। ଆଜି ବି ଖୋଲିବି।

ଏତିକି କହି ସେ ଲୋକଟି ତା' ଦୋକାନ ଆଣିବାକୁ ଚାଲିଗଲା। ଦେବାଶିଷ ପରୀକ୍ଷା ସମୟକୁ ଅପେକ୍ଷା କଲା। ଘଣ୍ଟାକୁ ଚାହିଁଲା ମୋଟେ ୯ଟା ୨୦ ମିନିଟ୍। ପରୀକ୍ଷା ଆହୁରି ଘଣ୍ଟାଏ ୧୦ ମିନିଟ ବାକି ଅଛି।

କିଛି ସମୟ ପରେ ଆଉ ଜଣେ ଯୁବକ ଦେବାଶିଷ ଆଡ଼କୁ ଆସିଲା। ଦେବାଶିଷ ଟିକେ ଖୁସି ହେଲା। ଇଏ ବୋଧହୁଏ ଜଣେ ପରୀକ୍ଷାର୍ଥୀ। ସମୟ କାଟିବାରେ ଆଉ କିଛି ଅସୁବିଧା ହେବ ନାହିଁ। ସେ ଯୁବକ ଜଣକ କଞ୍ଚା ଓଡ଼ିଆରେ ପଚାରିଲା-ଏଠି ବ୍ୟାଙ୍କର ପ୍ରୋବେସନାରି ଅଫିସର୍ ପୋଷ୍ଟ ପାଇଁ ମୌଖିକ ପରୀକ୍ଷା ହେବ ନା ?

ଦେବାଶିଷ ଆଉ ଟିକେ ଖୁସିହେଲା। ଇଏ ଜଣେ ପରୀକ୍ଷାର୍ଥୀ, ପୁଣି ଓଡ଼ିଆ। ସମୟଟା ଭଲରେ କଟିବ। କିଛି ସମୟ କଥାବାର୍ତ୍ତା ପରେ ଦେବାଶିଷ ଜାଣି ପାରିଲା ଯେ ଏ ଯୁବକର ନାମ ନବୀନ ପ୍ରଧାନ। ଘର ଫୁଲବାଣୀ। ଏ ଲୋକର ଗୋଟିଏ ପାନ ଦୋକାନ ଅଛି କଲିକତାରେ। ଯାର ମାମୁ ପୁଅ ଭାଇ ପ୍ରଦୋଷ ଏଇ ପରୀକ୍ଷା ଦେବାର ଥିଲା। କିନ୍ତୁ କାଲି ରାତି ସୁଦ୍ଧା ପ୍ରଦୋଷ ନବୀନଙ୍କ ବସାକୁ ନ ଆସିବାରୁ ନବୀନ ଆସିଛି ଏଇ ସ୍କୁଲ ପାଖକୁ। ହୁଏତ କୌଣସି କାରଣବଶତଃ ସିଏ ନବୀନର ବସାକୁ ନ ଯାଇ ପାରି ସିଧା ସକାଳ ଦଶଟା ଆଗରୁ ପରୀକ୍ଷା କେନ୍ଦ୍ର ପାଖରେ ପହଞ୍ଚି ଯାଇଥିବ।

ନବୀନ ମଧ୍ୟ ପ୍ରଦୋଷକୁ ଅପେକ୍ଷା କରି ଦେବାଶିଷ ସହିତ ଠିଆହେଲା। ପରୀକ୍ଷା ବେଳକୁ ପ୍ରଦୋଷ ଆସିବ। ବ୍ୟାଙ୍କର ଲିଖିତ ପରୀକ୍ଷାରେ ଯିଏ ପାସ୍ କରିଛି ସିଏ ନିଶ୍ଚୟ ମୌଖିକ ପରୀକ୍ଷାକୁ ଆସିବ।

ପାଖ ଦୋକାନରୁ ଦୁଇ କପ୍ ଚା'ଆଣିଲା ନବୀନ। ଦେବାଶିଷ ଓ ନବୀନ ଦୁହେଁ ପିଇଲେ। ତଥାପି ହାତରେ ଘଣ୍ଟାଏ ସମୟ ଅଛି। ସ୍କୁଲର ଗେଟ୍ ଏ ପର୍ଯ୍ୟନ୍ତ ଖୋଲି ନାହିଁ। ଚା' ପିଉ ପିଉ ନବୀନ କହିଲା-ମୁଁ ଆସିବା ବେଳେ ଏଇ ଅଳ୍ପ ଦୂରରେ ଥିବା ବସ୍ତି ପାଖରେ ଗୋଟେ ଫିଲ୍ମ ସୁଟିଂ ଚାଲିଛି। ହିନ୍ଦୀ ଫିଲ୍ମ। ପ୍ରିୟଙ୍କା ଚୋପ୍ରା ଆଉ ସଲମନ ଖାଁ ଆସିଛନ୍ତି। ଏଠି ଅପେକ୍ଷା କରି କରି ବିରକ୍ତ ଲାଗିଲାଣି। ଚାଲ ଟିକେ ସୁଟିଂ ଦେଖି କରି ପାଞ୍ଚ, ସାତ ମିନିଟ ଭିତରେ ଫେରି ଆସିବା।

ପ୍ରିୟଙ୍କା ଚୋପ୍ରା ନାଆଁଟା ଶୁଣିବା ପରେ ଦେବାଶିଷର ଯୁବକ ଦେହରେ ଓ ମନରେ କିଛିଟା ଚମକ୍ ସୃଷ୍ଟିହେଲା। ପ୍ରିୟଙ୍କାକୁ ପାଖରୁ ଦେଖିବାର ଇଚ୍ଛାଟା ତାକୁ ଟାଣିଲା। ଅନ୍ତତଃ ଦଶ, ପନ୍ଦର ମିନିଟ ଭିତରେ ଫେରି ଆସିଲେ କିଛି କ୍ଷତି ହେବ ନାହିଁ। ବରଂ କିଛି ସମୟ ଭଲରେ କଟିଯିବ। କଲିକତା ଯାତ୍ରା ସହିତ ପ୍ରିୟଙ୍କା ଚୋପ୍ରାର ସ୍ମୃତି ଯୋଡ଼ି ହୋଇ ସ୍ମରଣୀୟ ହୋଇ ରହିବ।

**ପ୍ରିୟଙ୍କାକୁ ପାଖରୁ ଦେଖିବାର ଇଚ୍ଛାଟା ତାକୁ ଟାଣିଲା। ଅନ୍ତତଃ ଦଶ, ପନ୍ଦର ମିନିଟ ଭିତରେ ଫେରି ଆସିଲେ କିଛି କ୍ଷତି ହେବ ନାହିଁ।**

ସ୍କୁଲ ପଛପଟ ଗଳି ରାସ୍ତାରେ ଆଗେ ଆଗେ ଚାଲିଲା ନବୀନ। ତା' ପଛେ ପଛେ ଦେବାଶିଷ। ନବୀନ କହି କହି ଚାଲିଥାଏ -ଏଠୁ ଖୁବ୍ ଅଳ୍ପ ବାଟ। ସେଇ ଯୋଉ ଚାଳଘର ବସ୍ତି ଦେଖାଯାଉଚି, ସେଇଠି।

ଦେବାଶିଷ ଚାଳଘର ବସ୍ତି ଆଡ଼କୁ ଚାହିଁ ପଛକୁ ଚାହିଁଲା। ସ୍କୁଲଟା ସେଇଠୁ ଦେଖାଯାଉଚି। ମନେ ମନେ ହିସାବ କଲା ଅତି ବେଶିରେ ଅଧ କିଲୋମିଟର ପଛରେ ସ୍କୁଲଟା। ଚାଳଘର ବସ୍ତିଟା ଆଗକୁ ଆଉ ଅଧ କିଲୋ ମିଟରେ ଦୂର।

ନବୀନ ପଛକୁ ନ ଚାହିଁ ଚାଲିଛି। ହଠାତ୍ ସେମାନଙ୍କ ଆଗ ଦେଇ ଦୁଇ ଜଣ ଦୌଡ଼ାଦୌଡ଼ି ହୋଇ ଚାଲିଗଲେ। ନବୀନ ଆଉ ଆଗକୁ ନ ଯାଇ ଠିଆହୋଇ ଯାଇ କହିଲା- କଲିକତା ଭଲ ଜାଗା ନୁହଁ। ବୋଧହୁଏ ଚୋରଟା ଆଗରେ ଧାଇଁଛି। ତା' ପଛରେ ଗୋଟେ ଲୋକ ଗୋଡ଼େଇଚି। ଚୋର

ଆଉ ଡକାୟତ ଏଇ କଲିକତାରେ ଭର୍ତ୍ତି ହୋଇଚନ୍ତି। ଆମେ ଆଉ ଆଗକୁ ଗଲେ ବିପଦ।

ପ୍ରିୟଙ୍କାକୁ ଦେଖିବା ନିଶାଟା ଦେବାଶିଷକୁ ଆଗକୁ ଆଗକୁ ଟାଣୁଥିଲା। ସିଏ ପଚାରିଲା - ତୁମେ ପରା କହୁଥିଲ ଏଇ ପାଖରେ କୋଉଠି ଫିଲ୍ମ ସୁଟିଂ ହେଉଛି ?

ନବୀନ କହିଲା-ଏଇ ଚାଳଘର ପାଖରେ ସୁଟିଂ ହଉଛି ଯେ କିନ୍ତୁ ଆଉ ଆଗକୁ ଯିବାକୁ ମୋର ସାହସ ହେଉନାହିଁ। ଏଇଟା ଚୋର ଖଣ୍ଟଙ୍କ ଏରିଆ। ଏଇଠୁ ଫେରିଯିବା।

ଦେବାଶିଷ ବାଧ ହେଲା ଫେରିବାକୁ। ପାଞ୍ଚ ମିନିଟର ବାଟ ଫେରିଲା ପରେ ହଠାତ୍ ସେମାନଙ୍କ ଆଗରୁ ସେଇ ଚୋରଟା ବାହାରିଲା। ନବୀନ ଆଲସିସିଆନ କୁକୁର ପରି ଝପଟି ଯାଇ ମାଡ଼ି ବସିଲା ସେ ଚୋରଟାକୁ। ଚୋର ଠାରୁ ଛଡ଼ାଇ ଆଣିଲା ଗୋଟେ ବ୍ରିଫକେସ୍।



ଚୋରଟା ଆଗକୁ ପଛକୁ ଅତି ସନ୍ତର୍ପଣରେ ଚାହିଁ ନବୀନ ପାଖରେ କାକୁତିମିନତି ହେଲା। ବ୍ରିଫକେସ୍‌ଟାକୁ ଫେରାଇ ଦେବାକୁ ଆକୁଳ ଅନୁରୋଧ କଲା। ତାକୁ ପୋଲିସରେ ଧରାଇ ଦେବାର ଧମକ ଦେଇ ତାକୁ ଚୁପ୍ କରାଇ ଦେଲା ନବୀନ। ବ୍ରିଫକେସ୍‌ଟାକୁ ଅଳ୍ପ ଖୋଲି ନିଜେ ଦେଖିଲା। ଦେବାଶିଷକୁ ମଧ୍ୟ ଟିକେ ଦେଖାଇ ଦେଲା। ତା' ଭିତରେ ଲକ୍ଷେ, ଦେଢ଼ ଲକ୍ଷ ଟଙ୍କାର ବିଡ଼ା ବିଡ଼ା ନୋଟ ଖୁନ୍ଦା ଖୁନ୍ଦି।

ଦେବାଶିଷର ନିଃଶ୍ୱାସ ରୁନ୍ଧି ହୋଇଗଲା। ଜିଭ ଶୁଖି ଶୁଖିଗଲା। ପାଟି ଅଠା ଅଠା ଲାଗିଲା।

ନବୀନ ନିଜ ପକେଟରୁ ୫୦୦ ଟଙ୍କିଆ ନୋଟ ଖଣ୍ଡେ କାଢ଼ି ସେ ଚୋର ପକେଟରେ ପୂରାଇ ଦେଇ କହିଲା-ଏ ବ୍ରିଫକେସ୍ ଭିତରେ କେବଳ କିଛି ଏଣୁ ତେଣୁ କାଗଜ ଅଛି। ଏଇ ୫୦୦ ଟଙ୍କା ନେଇ ତୁ ଚାଲିଯା'।

ଚୋରଟା ସେ ୫୦୦ ଟଙ୍କିଆ ନୋଟକୁ ଜମା ନ ଛୁଇଁ କହିଲା -ନାଇଁ ନାଇଁ ସେ ବାକ୍ସଟା ଭାରି ଓଜନିଆ ହେଇଚି। ସେଥିରେ ନିଶ୍ଚୟ ବହୁତ ଭଲ ମାଲ୍ ଅଛି।

ଚୋର ଓ ନବୀନ ଭିତରେ କଥୋପକଥନ ବଙ୍ଗଳା ଭାଷାରେ ଚାଲିଲା। ଚୋରଟା ପାଞ୍ଚ ହଜାର ଟଙ୍କା ଦାବି କଲା। ନବୀନ ତା' ପକେଟରୁ ବାହାର କରି ଆଉ ୫୦୦ ଟଙ୍କା ଚୋର ହାତରେ ଗୁଞ୍ଜିଦେଲା। ଚୋର ସେତିକିରେ ସନ୍ତୁଷ୍ଟ ନ ହୋଇ ୫ ହଜାର ଟଙ୍କା ଦାବି କଲା। ନବୀନ ତାକୁ ପୋଲିସର ଧମକ ଦେଲା। ଚୋରଟା ତଥାପି ଡରି ନ ଯାଇ ୫ହଜାର ଟଙ୍କା ଦାବିରେ ଅଟଳ ରହିଲା।

ନବୀନ ଦେବାଶିଷର କାନ ପାଖରେ ମୁହଁ ଲଗାଇ ଫିସ୍ ଫିସ୍ କଣ୍ଠରେ କହିଲା-ମୋ ପାଖରେ ଆଉ ନାହିଁ। ତୁମେ ଆଉ ୫ ଶହ ଟଙ୍କା ଦିଅ, ସେ ଚୋରଟା ଚାଲି ଯାଉ। ଏ ବ୍ରିଫକେସ୍ ଭିତରେ ଅତି କମ୍‌ରେ ଲକ୍ଷେ, ଦେଢ଼ ଲକ୍ଷ ଟଙ୍କା ଅଛି। ସିଏ ଚାଲିଗଲା ପରେ ଆମେ ଦୁହେଁ ଅଧା ଅଧା ବାଣ୍ଟିନେବା।

ଦେବାଶିଷ ଯୁକ୍ତି କଲା-ନା, ସେ ଚୋରି ଟଙ୍କା ନେବା ବିପଜ୍ଜନକ। ଚୋରି ଟଙ୍କା ନେବା ଯାହା ଚୋରି କରିବା ସେଇଆ। ତୁମେ ନିଅ। ମୁଁ ସେ ଚୋରି ଟଙ୍କା ଛୁଇଁବି ନାହିଁ।

ନବୀନ ଗୋଟେ କଡ଼କୁ ଟାଣିନେଇ ଦେବାଶିଷକୁ ବୁଝେଇଲା। -ଏମିତି ସୁଯୋଗ ଜୀବନରେ ବାରମ୍ବାର ଆସେନାହିଁ। ଜୀବନରେ ଯେତେଲୋକ ବଡଲୋକ୍ ହୋଇଛନ୍ତି ସେମାନେ ସମସ୍ତେ ଏମିତି କୌଣସି ନା କୌଣସି ସୁଯୋଗର ସଦ୍‌ବ୍ୟବହାର କରିଛନ୍ତି। ଏ ଟଙ୍କା ଅଯାଚିତ ଭାବେ ଭଗବାନ ଆମକୁ ଦେଇଚନ୍ତି। ଭଗବାନ ଯାହାକୁ ଯେତେବେଳେ ଦିଅନ୍ତି ଏମିତି ଅଯାଚିତ ଭାବେ ହିଁ ଦିଅନ୍ତି। ଭଗବାନଙ୍କ ଦାନକୁ ଗ୍ରହଣ ନ କଲେ ତାଙ୍କ ପ୍ରତି ଅବମାନନା ହେବ। ଏମିତି ଅପୂର୍ବ ଯୋଗାଯୋଗ କେବଳ ଭଗବାନଙ୍କ ଦୟାରୁ ସମ୍ଭବ ହୋଇଛି। ତୁମ ଘର କେଉଁଠି ଆମ ଘର କେଉଁଠି ? ପୁଣି ମୋର ତୁମ ସହିତ ସାକ୍ଷାତ୍ ଅତି ଆକସ୍ମିକ ଭାବେ। ଏ ଟଙ୍କା ମିଳିବା ମଧ୍ୟ ନିହାତି ଆକସ୍ମିକ। ଯାକୁ ଭଗବାନଙ୍କ ଦାନ ବ୍ୟତୀତ ଆଉ କିଛି କୁହାଯାଇ ନ ପାରେ।

ଦେବାଶିଷ ମନର ସିଲହଟ ଦୋହଲିଗଲା। ଏତେ ଗୁଡ଼େ ଟଙ୍କାର ପ୍ରଲୋଭନ ତା' ଆଖି ଝଲସାଇ ଦେଲା। ତା' ଘରର ଅଭାବୀ ପଟ୍ଟଚିତ୍ରଟା ତା' ମନ କାନ୍ଥରେ ମଡ଼େଇ ହୋଇଗଲା।

ଇଣ୍ଟରଭିୟୁ ଦେବା ପାଇଁ ତା' ବାପା ଆବଶ୍ୟକ ଟଙ୍କା ଯୋଗାଡ଼ କରିପାରିଲେ ନାହିଁ। ତା'ମାଆ ଅନେକ ଦୁଆରୁ ଫେରିବା ପରେ ଶେଷରେ ତା' ସୁନାହାର ବନ୍ଧା ପକାଇ ମାସିକ ଟଙ୍କା ପ୍ରତି ୧୦ ପଇସିଆ ସୁଧରେ ୫ ହଜାର ଟଙ୍କା ଆଣି ତାକୁ ଦେଇଚି। ଇଣ୍ଟରଭିଉ ସରିଲେ ବଳକା ଟଙ୍କାରେ ଦେବାଶିଷ ତା' ସାନ ଭଉଣୀ ପାଇଁ ଡ୍ରେସ୍, ବାପାଙ୍କ ପାଇଁ ଚପଲ ଆଉ ମାଆଙ୍କ ପାଇଁ କଲିକତି ଶାଢ଼ି ନେବ।

ନବୀନ ଏକ ରକମ ଦେବାଶିଷର ପକେଟରୁ ୫ଶହ ଟଙ୍କା ଛଡ଼ାଇ ନେଇ ସେ ଲୋକର ପକେଟରେ ଗୁଞ୍ଜିଦେଲା।

ଗାଆଁର ମହାଦେବ ମନ୍ଦିରଟି ଅସମ୍ପୂର୍ଣ୍ଣ ଅଛି। ଦେବାଶିଷ ମନେ ମନେ ହିସାବ କଲା ତା'ଭାଗ ସତୁରି, ପଚସ୍ତରି ହଜାର ଟଙ୍କା ପଡ଼ିବ। ମହାଦେବ ମନ୍ଦିରକୁ କିଛି ଟଙ୍କା ଦେଇଦେଲେ ଚୋରି ଅପରାଧ ଲାଘବ ହୋଇଯିବ। ବଳକା ଟଙ୍କାରେ ସମସ୍ତଙ୍କ ପାଇଁ ଲୁଗାପଟା କିଣିଲା ପରେ ମଧ୍ୟ ଆହୁରି ଢେର ଟଙ୍କା ବଳିବ। ସେତକ ଟଙ୍କା ବାପାଙ୍କୁ ଧରାଇ ଦେଲେ ସିଏ ଖୁସି ହେବେ।

**ତାର ହୃଦ୍‌ସ୍ପନ୍ଦନ ବଢ଼ିଯାଇଥିଲା। ଅନ୍ୟ ପରୀକ୍ଷାର୍ଥୀମାନେ ପରୀକ୍ଷା କଥା ଭାବୁଥିବା ବେଳେ ଦେବାଶିଷ କେବଳ ସେଇ ବ୍ରିଫକେସ୍ ବିଷୟରେ ହିଁ ଭାବୁଥିଲା।**

ଚୋର ପକେଟରେ ଗୁଞ୍ଜିଦେଇଥିବା ସମସ୍ତ ଟଙ୍କା ସିଏ ନବୀନକୁ ଫେରାଇ ଦେଇ କହିଲା -ଏତେ କମ୍‌ରେ ହେବ ନାହିଁ। ଅତି କମରେ ୫ ହଜାର ଟଙ୍କା ନ ପାଇଲେ ଏତେ ଟଙ୍କାର ବ୍ରିଫକେସ୍ ଛାଡ଼ିବି ନାହିଁ। ଏଇଟା ଶେଷ କଥା।

ନବୀନ ଦେବାଶିଷର କାନରେ କହିଲା-ମୋ ପାଖରେ ଆଉ ଜମା କିଛି ନାହିଁ। ଆଉ ୪ ହଜାର ଟଙ୍କା ନ ପାଇଲେ ସିଏ ବ୍ରିଫକେସ୍ ମୋଟେ ଛାଡ଼ିବ ନାହିଁ। ତମ ପାଖରେ ଯାହା ଅଛି ସବୁ ଦେଇଦିଅ। ବ୍ରିଫକେସ୍ ଖୋଲିଲେ ତୁମେ ଦେଇଥିବା ଟଙ୍କା ଅଧିକ ଦୁଇ ଗୁଣ ଟଙ୍କା ନେଇଯିବ।

ଦେବାଶିଷ ଯୁକ୍ତିକଲା-ତୁମେ ସେ ବ୍ରିଫକେସ୍ ଖୋଲି ୫ ହଜାର ଟଙ୍କା ଦେଇ ଦିଅ। ଆଉ ଯାହା ରହିବ ଆମେ ନେବା। ଏତେ ଲୋଭ କରିବାଟା ଠିକ୍ ନୁହଁ।

ନବୀନ କହିଲା-ସେ ଚୋର ଯଦି ଦେଖି ପକେଇବ ଯେ ବ୍ରିଫକେସ୍‌ରେ ଏତେଗୁଡ଼େ ଟଙ୍କା ଅଛି ତା'ହେଲେ ସିଏ ଏଥିରୁ ଅଧେ ଦାବି କରିବ। ତୁମେ କଥାଟା ବୁଝୁନା କାହିଁକି ?

ଦେବାଶିଷର ପ୍ରତିବାଦକୁ ନ ମାନି ନବୀନ ତା' ମନିପର୍ସଟା ଛଡ଼ାଇ ନେଇ ସେଥିରେ ଥିବା ୪ହଜାର ଟଙ୍କା ଚୋର ହାତରେ ଗଞ୍ଜିଦେଲା। ତଥାପି ଚୋରଟା ପିଛା ଛାଡୁ ନାହିଁ।

ନବୀନ ଆଗକୁ ପଛକୁ ଚାହିଁଲା। ସ୍କୁଲଟା ପାଖ ହୋଇଗଲାଣି। କିଛି ପରୀକ୍ଷାର୍ଥୀ ସ୍କୁଲ ଆଗରେ ଜମା ହେଲେଣି। ଘଣ୍ଟାକୁ ଚାହିଁଲା ଦେବାଶିଷ ପରୀକ୍ଷା ଆରମ୍ଭ ହେବାକୁ ଆଉ ମାତ୍ର ପନ୍ଦର ମିନିଟ ବାକି ଅଛି। ଦେବାଶିଷ ପରୀକ୍ଷାକୁ ଯିବାକୁ ବ୍ୟସ୍ତତା ପ୍ରକାଶ କଲା।

ନବୀନ ସେ ବ୍ରିଫ୍‌କେସଟା ଦେବାଶିଷ ହାତକୁ ବଢ଼ାଇ ଦେଇ ଠାରିଦେଲା। ତୁମେ ବ୍ରିଫକେସ୍‌ଟା ଧରି ପରୀକ୍ଷା କେନ୍ଦ୍ର ଭିତରକୁ ପଶିଯା'। ମୁଁ ସେ ଲୋକକୁ ବିଦା କରିଦେଇ ତୁମ ପରୀକ୍ଷା ସରିବା ପର୍ଯ୍ୟନ୍ତ ତୁମକୁ ଏଇ ସ୍କୁଲ ଆଗରେ ଅପେକ୍ଷା କରିବି।

ଦେବାଶିଷ ସେଇ ବ୍ରିଫକେସ୍‌ଟି ଧରି ପରୀକ୍ଷା କେନ୍ଦ୍ର ଭିତରକୁ ପଶିଗଲା। ତାର ହୃଦ୍‌ସ୍ପନ୍ଦନ ବଢ଼ିଯାଇଥିଲା। ଅନ୍ୟ ପରୀକ୍ଷାର୍ଥୀମାନେ ପରୀକ୍ଷା କଥା ଭାବୁଥିବା ବେଳେ ଦେବାଶିଷ କେବଳ ସେଇ ବ୍ରିଫକେସ୍ ବିଷୟରେ ହିଁ ଭାବୁଥିଲା। ତା'ର ମନେ ହେଉଥିଲା ଯେପରି ସମସ୍ତ ପରୀକ୍ଷାର୍ଥୀ ସିଏ ଧରିଥିବା ବ୍ରିଫକେସ୍‌କୁ ହିଁ ଚାହିଁଛନ୍ତି।

ଦେବାଶିଷ ସମସ୍ତଙ୍କ ହାତକୁ ଚାହିଁଲା। କାହା ହାତରେ ଡାଇରୀ କିମ୍ବା ଖଣ୍ଡେ ବହି। କିନ୍ତୁ ତା'ହାତରେ ଗୋଟେ ରଙ୍ଗଛଡ଼ା ପୁରୁଣା ଶସ୍ତା ବ୍ରିଫକେସ୍। ତା'ର ମନେହେଲା ତାକୁ ଯେମିତି ସମସ୍ତେ ସନ୍ଦେହ କରୁଛନ୍ତି।

ଅନ୍ୟ ପରୀକ୍ଷାର୍ଥୀମାନଙ୍କ ଦୃଷ୍ଟିରୁ ବ୍ରିଫକେସ୍‌ଟିକୁ ଦୂରେଇ ରଖିବା ପାଇଁ ସିଏ ଗୋଟେ ଖୁଣ୍ଟ ଆଢୁଆଳକୁ ଚାଲିଗଲା। ସେଠି ଠିଆହେଲା ବେଳେ ତାକୁ ଲାଗିଲା ଯେମିତି ଅନ୍ୟମାନେ ତାକୁ ଲକ୍ଷ୍ୟ କରୁଛନ୍ତି।

ବାହାରେ କିଛି ଗୋଟେ ଶବ୍ଦ ହେଲେ ଦେବାଶିଷ ଚମକି ପଡୁଥିଲା। ପୋଲିସ୍ ଆସିଯିବା ଭୟରେ ସିଏ ପ୍ରତି ମୁହୂର୍ତ୍ତରେ ଭୟରେ ଭିତରେ ଭିତରେ ଥରୁଥିଲା। ନବୀନ ଉପରେ ଦେବାଶିଷ ବିରକ୍ତ ହେଉଥିଲା। ସିଏ ବ୍ରିଫକେସର ଦାୟିତ୍ୱ ନ

ନେଇ ତାକୁ ଧରାଇ ଦେବା ଫଳରେ ତା'ର ଆଜି ଏ ଅବସ୍ଥା। ପରୀକ୍ଷା ଦେବା ପାଇଁ ତା'ର ମାନସିକ ସ୍ଥିରତା ରହୁନାହିଁ।

ଏମିତି ଭୟରେ ଥରି ଥରି ଘଣ୍ଟାଏ ଅପେକ୍ଷା କରିବା ପରେ ପରୀକ୍ଷା ପାଇଁ ତାକୁ ଡକରା ଆସିଲା। ଇଣ୍ଟରଭିୟୁ ବୋର୍ଡରେ ବସିଥିବା ସମସ୍ତ ଲୋକ ଦେବାଶିଷକୁ ଓ ତା'ର ବ୍ରିଫକେସ୍‌କୁ କେମିତି ଗୋଟେ ଆଶ୍ଚର୍ଯ୍ୟ ଆଖିରେ ଚାହିଁଥିଲେ। ତାଙ୍କ ଭିତରୁ ଜଣେ ପ୍ରଶ୍ନ କଲେ- ସେ ବ୍ରିଫକେସ୍‌ରେ ଆମ ପାଇଁ କିଛି ଅଛି କି?

ସମସ୍ତେ ହୋ ହୋ ହୋଇ ହସି ଉଠିଲେ। ଦେବାଶିଷର ଅପ୍ରତିଭ ମୁହଁଟା ଲଜ୍ଜାରେ ଲାଲ ପଡ଼ିଗଲା। ଇଣ୍ଟରଭିୟୁରେ ସେ ଅନେକ ପ୍ରଶ୍ନର ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିଲା। ନବୀନକୁ ନ ପାଇ ଘଣ୍ଟାକୁ ଚାହିଁଲା। ସମୟ ୧୨ଟା ତିରିଶ ମିନିଟ୍।

**ଦେବାଶିଷର ଅପ୍ରତିଭ ମୁହଁଟା ଲଜ୍ଜାରେ ଲାଲ ପଡ଼ିଗଲା। ଇଣ୍ଟରଭିୟୁରେ ସେ ଅନେକ ପ୍ରଶ୍ନର ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିଲା।**

ଇଣ୍ଟରଭିୟୁ ସାରି ଦେବାଶିଷ ବାହାରକୁ ଆସିଲା। ସ୍କୁଲ ଆଗରେ ଠିଆହୋଇ ଏଣେ ତେଣେ ଚାହିଁଲା। ନବୀନବାବୁ ବୋଧହୁଏ ମିଲ୍ ଖାଇବାକୁ କୌଣସି ହୋଟେଲକୁ ଚାଲିଯାଇଥିବେ। ଦେବାଶିଷକୁ ମଧ୍ୟ ଭୋକ ଲାଗିଲା। ସକାଳ ସାତଟା ବେଳେ ସିଏ ଜଳଖିଆ ଖାଇଥିଲା। ବର୍ତ୍ତମାନ ତା' ପେଟରେ ଭୋକ ଗର୍ଜୁଛି। ବ୍ରିଫକେସ୍‌ଟା ନେଇ ସିଏ କେଉଁ ହୋଟେଲକୁ ପଶିବ? ତା'ଛଡ଼ା ସିଏ ହୋଟେଲକୁ ଯିବା ସମୟରେ ଯଦି ନବୀନ ବାବୁ ଆସି ତାକୁ ଖୋଜନ୍ତି? ନା, ତାକୁ ଏଇଠି ଏମିତି ଅପେକ୍ଷା କରିବାକୁ ପଡ଼ିବ।

ରାସ୍ତାରେ ଯାଉଥିବା ସମସ୍ତ ଲୋକ ତା'ହାତରେ ଥିବା ବ୍ରିଫକେସ୍‌କୁ ସନ୍ଦେହ ଦୃଷ୍ଟିରେ ଚାହୁଁଥିବା ଦେବାଶିଷ ଅନୁଭବ କଲା। ଏଠି ଏମିତି ସ୍କୁଲ ଆଗଟାରେ ଏତେ ସମୟ ଅପେକ୍ଷା କରିବା ନିରାପଦ ନୁହଁ। ଯଦି କିଏ ତା'ହାତରୁ ବ୍ରିଫକେସ୍‌ଟା ଛଡ଼ାଇନିଏ, ସିଏ କ'ଣ ତା'ର ପ୍ରତିରୋଧ କରିପାରିବ?

ସ୍କୁଲରୁ ଇଣ୍ଟରଭିୟୁ ସରିଗଲାଣି। ସମୟ ଅପରାହ୍ଣ ୨ଟା। ସବୁ ପରୀକ୍ଷାର୍ଥୀ ଚାଲିଗଲେଣି। ସ୍କୁଲଟା ଧୀରେ ଧୀରେ ଜନଶୂନ୍ୟ ହେଲା। ଏତେଗୁଡ଼େ ଟଙ୍କାଭରା ବ୍ରିଫକେସ୍ ଧରି କଲିକତା ମହାନଗରୀର ରାସ୍ତା ଉପରେ ବସି ରହିବା ନିରାପଦ ନୁହେଁ। ତଥାପି ନବୀନ ବାବୁଙ୍କୁ ଅପେକ୍ଷା କରିବା ବ୍ୟତୀତ ତା'ପାଖରେ ଆଉ କିଛି ଉପାୟ ନାହିଁ।

ଭୟ, ମାନସିକ ଯନ୍ତ୍ରଣା ଆଉ ଭୋକ ଭିତରେ ଦିନ ଚାରିଟା ପର୍ଯ୍ୟନ୍ତ ଅପେକ୍ଷା କଲା ଦେବାଶିଷ। ନବୀନ ବିଳମ୍ବ କରିବାର କାରଣ ସମ୍ବନ୍ଧରେ ନିଜ ମନରେ ଅନେକ ବିଶ୍ଳେଷଣ କଲା। କିନ୍ତୁ ସିଏ ଏତେ ସମୟ ବିଳମ୍ବ କରିବାର କିଛି କାରଣ ଖୋଜି ପାଇଲା ନାହିଁ। ହଠାତ୍ ଦେବାଶିଷ ମନରେ ସନ୍ଦେହ ହେଲା- ନବୀନ କ'ଣ ଆଉ ଆସିବ ନାହିଁ?

ସମୟ ବଢ଼ିବା ସଙ୍ଗେ ସଙ୍ଗେ ଦେବାଶିଷର ସନ୍ଦେହର କଳା ଛାଇ ବଢ଼ି ବଢ଼ି ତାକୁ ଭୟଭୀତ କଲା। ତା' ଦେହଟା ଭୟରେ ଝାଳେଇଗଲା। ସ୍କୁଲ ପଛ ପଟକୁ ଯାଇ ବ୍ରିଫକେସ୍‌ଟାକୁ କ୍ଷୀପ୍ର ହସ୍ତରେ ଖୋଲି ପକାଇଲା। ବ୍ରିଫ୍‌କେସ୍ ଭିତରେ ନୋଟ ସାଇଜର ବିଡ଼ା ବିଡ଼ା କାଗଜ। ପ୍ରତି କାଗଜ ବିଡ଼ାର ଦୁଇ ପଟରେ ଦୁଇ ଖଣ୍ଡ ନକଲି ୫ଶହ ଟଙ୍କିଆ ନୋଟ୍।

ଦେବାଶିଷର ମୁଣ୍ଡ ବୁଲାଇଦେଲା। ଏତେ ବଡ଼ କଲିକତା ସହରର ଅର୍ଗଳି ଭିତରୁ ବାହାରି ନିଜ ଅଖ୍ୟାତ ଗାଆଁକୁ ଫେରିଯିବାର ବାଟ ଖୋଜୁଥିଲା ସିଏ। ତା'ପାଖରେ ଗୋଟିଏ ହେଲେ ଟଙ୍କା ନାହିଁ। ଏଠି କାହା ସହିତ ତା'ର ପରିଚୟ ନାହିଁ। କାହାଠୁ କିଛି ସାହାଯ୍ୟ ମିଳିବାର ସମ୍ଭାବନା ନାହିଁ। ଏ ବିଷମ ପରିସ୍ଥିତିରୁ ରକ୍ଷା ପାଇବା ପାଇଁ ସେ ତା' ମୋବାଇଲ ଫୋନ୍‌ଟାକୁ ପ୍ୟାଣ୍ଟ ପକେଟରେ ଖୋଜିଲା । କିନ୍ତୁ ସେଇଟା ବି କେତେବେଳେ ନବୀନ ତା' ପକେଟରୁ ତା' ଅଜାଣତରେ ନେଇ ଯାଇଛି ତା'ର ସାମାନ୍ୟତମ ସୁରାକ ସିଏ ପାଇ ନାହିଁ।

ତା' ହାତର ଘଣ୍ଟାଟି ବ୍ୟତୀତ ତା'ପାଖରେ ଆଉ କିଛି ନାହିଁ। କିନ୍ତୁ ଏ ଘଣ୍ଟାଟି ସେ କାହାକୁ ବିକ୍ରି କରିବ? ଘଣ୍ଟା ବିକିଲେ କେତେ ଟଙ୍କା ମିଳିବ? ସିଏ ଘରକୁ କେମିତି ଫେରିବ? କିଏ ତାକୁ ସାହାଯ୍ୟ କରିବ? ଏମିତି ଅନେକଗୁଡ଼ିଏ ଭୟଙ୍କର ପ୍ରଶ୍ନର ଉତ୍ତର ସେଇ ସ୍କୁଲ ପଛ ପଟରେ ଠିଆହୋଇ ଖୋଜୁଥିଲା ଦେବାଶିଷ।

□□

ଲେଖକଙ୍କ ଇ-ମେଲ୍ ଠିକଣା:
anandapahi@gmail.com

ରମ୍ୟ ରଚନା


# ବାଳର ବଜାରଦର



ଡା. ଅଭୟ ଦାଶ

କିଛି ନୂଆକଥା ନୁହେଁ। ଏଇ ବାର୍ଦ୍ଧକ୍ୟ! ଆଜି ନୁହେଁ, ଲୋକସାହିତ୍ୟ ହେଉ କି ପୁରାଣ ଶାସ୍ତ୍ର ଭଜନ କୀର୍ତ୍ତନ ସବୁ ଯେମିତି ଗୋଟାଏ ଷ୍ଟାଣ୍ଡାର୍ଡାଇଜେସନ କରି ଦେଇଛନ୍ତି ବାଲ୍ୟ, ଯୌବନଠାରୁ ଆରମ୍ଭ କରି ବାନପ୍ରସ୍ଥ ପର୍ଯ୍ୟନ୍ତ। କିଏ କହେ 'ପୁତ୍ର ନିବେଶି ପତ୍ନୀ ପାଶେ, ଅଥବା ଚଳିବ ସନ୍ନ୍ୟାସେ।' ମୋ ଜେଜେ ଅଜା ପଣ୍ଡିତ ଗଣେଶ ମିଶ୍ର ଲେଖିଗଲେ, 'ଜରା ସ୍ୱରୂପିଣୀ ରାକ୍ଷସୀ ଆଗେ ନୃତ୍ୟ କଲାଣି।' ସବୁ ବୁଢ଼ାଯାକ ଆମକୁ ସାବଧାନ କରି ଦେଇ ଲେଖିଗଲେ ନିଜର ଅନୁଭୂତି ଡର ଆଦି। ଜେଜେ, 'ନାରୀ କୁହୁକିନୀ କୁହୁକ ମନ୍ତ୍ର ବୁଝି ନ ପାରି, ନିରବଧି ତାକୁ ଭଜିଲି ଆପଣାକୁ ପାସୋରି' ଲେଖି ବିବାଦ ଘେରକୁ ଆସିଥିଲେ। ଯେଉଁ ବିବାଦର ସୂତ୍ରଧର ଥିଲା ମୋ ବୋଉ; ଯାହା ଜେଜେ ଆଇଙ୍କ ନିକଟରେ ଉପସ୍ଥାପିତ ହୋଇ ଜେଜେଙ୍କୁ, 'ଦେହି ପଦ ପଲ୍ଲବ ମୁଦାରଂ'ର ଶରଣରେ ଆସିବାକୁ ହୋଇଥିଲା।

ସେଇ ଜେଜେଙ୍କଠାରୁ ଗୋଟିଏ ପାଚିଲା ବାଳ ବଦଳରେ ଦୁଇଟି କଣା ପଇସା ପାଇ ମୁଁ ଯେତେ ଧନ ଅର୍ଜନ କରିଥିଲି ତାହା ଦିନକୁ ଦୁଇଟି ବରା, ଦୁଇଟି ଜଲିପି, ଗୋଟିଏ ମୁଢ଼ିମୁଆଁ ଓ ଚାରିଦିନର ପରିଶ୍ରମର ଅର୍ଜନରେ ଗୋଟିଏ ରସଗୋଲା ସହ ସମାନ ଥିଲା। ଜେଜେ ମୋ ହାତର ପରଶରେ ପୂରା ଚନ୍ଦା ହୋଇଗଲେ ସିନା, ବାର୍ଦ୍ଧକ୍ୟକୁ ରୋକିପାରିଲେ ନାହିଁ। ସେ କାଳରେ ମନ୍ଦାର ଫୁଲ, ମେଥି, ରାଶିତେଲ ସିଝାଇ ଶୁଖାଇ ନାନା ଡିଜାଇନ କରି, ଜବାକୁସୁମ, କ୍ୟାନ୍ଥାରାଇଡ଼ିନ୍, ଭୃଙ୍ଗରାଜ ନାଁ'ରେ ଭୁଆଁବୁଲାଇ ଅନେକ କଲିକତି କମ୍ପାନୀ ଆମକୁ ଖୁବ୍ ଠକିଲେ।



ପରବର୍ତ୍ତୀ ସମୟରେ ଆସିଲେ ସିଲ୍କିକ୍ରିନ୍, ବ୍ରେଲ୍ କ୍ରିମ୍, ଲାଇ ୟୁ, ଓଲ୍ଡ ସ୍ପାଇସ୍ କ୍ରିମ୍ ଯାହାର ଆମେ ଶିକାର ହେଲୁ। ସେଇ କଲିକତି କମ୍ପାନୀମାନେ ଆମକୁ ଛାଡ଼ିଦେଇ ନାହାନ୍ତି। ରଙ୍ଗ ଡିଜାଇନ୍ ଏମିତି କଲେ ଯେ ସମସ୍ତେ ବାଳ ରଙ୍ଗେଇଲେ। ବଡ଼ ବଡ଼ ସିନେମା ଷ୍ଟାର୍‌ମାନେ କୌନ ବନେଗା କରୋଡ଼ପତି ଓଜନର ଷ୍ଟାର୍ ରଙ୍ଗ ସାଙ୍ଗକୁ ବାଳ ରୁଆ ପନ୍ଥା ଧରିଲେ। ଯେଉଁ ବାଳକୁ ଅଭୟ ଦାଶ ଓପାଡ଼ିବାକୁ ଦୁଇ ପଇସା ନେଉଥିବା ଦେଖାଯାଉଥିଲା, ସେଇ ବାଳ ରୋଇବାକୁ ଗୋଟା ଦୁଇହଜାର। ହବ ନାହିଁ କାହିଁକି? ମୁଦ୍ରାସ୍ଫୀତି ଆଜ୍ଞା, ଇନଫ୍ଲେସନ୍। ଅଭୟ ଦାଶର ଆଜିର ରୋଜଗାର ସେଇ ଷ୍ଟାର୍‌ମାନଙ୍କ ଗୋଟିଏ ବାଳକୁ ସମାନ ନୁହେଁ। ଏଥିରୁ ଆପଣ ସାର୍‌ମାନେ ଯାହା ବୁଝୁଥିବେ?

**କେବଳ ନେଗେଟିଭିଟି**

ଏବେ ଅଭୟ ଦାଶ ଘରେ ଶୁଣୁଛି, ନା ନା ତୁମ ଦ୍ୱାରା ନୁହେଁ। ତୁମେ ବୁଝିପାରିବ ନାହିଁ। ତୁମେ ଟେକିପାରିବ ନାହିଁ। ତୁମେ ଚଢ଼ି ପାରିବ ନାହିଁ। ମାନେ ସବୁ ହେଲା ଥିଓରି ଅଫ୍ ନେଗେଟିଭିଟି। ଠିକ୍ ଅଛି। ନ ହେଲେ ନାହିଁ। ଆମ ଦୁନିଆ ଅଲଗା। ଆମେ ସେଇଠି ଖୁସି ରହିବା। ଆମେ କ'ଣ ଏକା? ଆମ ଭଳିଆ ଅନେକ ଅଛନ୍ତି, କେତେ ଆସି କେତେ ଗଲେଣି। ସମସ୍ତେ ଏଇବାଟେ ଯାଆନ୍ତି।

ପଞ୍ଚତନ୍ତ୍ର କଥାରେ ଥିବା ବୃଦ୍ଧ ବ୍ରାହ୍ମଣ, ବୃଦ୍ଧ ଜରଦ୍ଗବ, ବୃଦ୍ଧ ବ୍ୟାଘ୍ର ସମସ୍ତେ ଆଜି ସେଇ କଥା କାହାଣୀରେ ଜୀବିତ। ଅଭୟ ଦାଶ ଭାବୁଥାଏ, 'ମୁଁ କ'ଣ ସତରେ ବୁଢ଼ା

ହୋଇଗଲି ?' ବାହାରକୁ ଗଲେ ଜଣାଶୁଣା ଲୋକେ ଏକା ଚଲେଇ ଦେଉ ନାହାନ୍ତି । ଧର ଧର ବୁଢ଼ାକୁ ଧରିଆଣ । ଆରେ ମୁଁ ଚାଲିଯିବି ବୋଲି ଯେତେ କହିଲେ, କିଏ ଶୁଣୁଛି ? ଭଲକଥା ସେଥିରେ ଲୁଚିଥିବା ଆପଣାପଣ ଓ ଭଲପାଇବା ସୂଚାଇଦିଏ ଅନେକ କଥା । ଗୋଟାଏ ସମର୍ପଣ ଭାବ କହନ୍ତୁ, କି ଭକ୍ତି କହନ୍ତୁ । ବସରେ ଚଢ଼ିଲେ କଣ୍ଡକ୍ଟର ଡାକଛାଡ଼େ, ହୋ ବୁଢ଼ା ମଉସା କୁଆଡ଼େ ଯିବ? ବସ! ଆରେ ମଉସାଙ୍କୁ ଟିକିଏ ଆଡଜଷ୍ଟ୍ କରି ଦିଅ । ଚବିଶ ଟଙ୍କା ଦିଅ । ଧଳା ବାଳକୁ ଦେଖି ମଉସା ଡାକି ବସିବାକୁ ତ ଦେଲା ! ମୋଟର ଚଳେଇଲାବେଳେ ରେଡ୍ ଲାଇଟ୍ ଡେଇଁବା ଅପେକ୍ଷାରେ ଟୋକାମାନେ କହନ୍ତି, 'ହେ ବୁଢ଼ା ! ଠିଆ ହୋଇ କ'ଣ ଦେଖୁଛୁ ? ରେଡ୍ ଲାଇଟ୍ !' ତଥାପି ଶୁଣିବାକୁ ହୁଏ 'ଚଲେଇ ଜାଣିନୁ ତ ଆସୁଥିଲୁ କାହିଁକି ?'

**ବୁଢ଼ାର ଖାଲି ନ୍ୟୁଜ୍**

ଘରେ ଆସି ନ୍ୟୁଜ୍ ଶୁଣିବାକୁ ହେଲେ, ନାତି ନାତୁଣୀଙ୍କ କାର୍ଟୁନ୍ ଶୋ' ବାଧାପ୍ରାପ୍ତ ହେଲେ, ଶୁଣିବାକୁ ହୁଏ, କାହାର କ'ଣ ? ବୁଢ଼ାର ଖାଲି ନ୍ୟୁଜ୍ ! ଏକୁଟିଆ ବେଳେ ମନେ ପଡ଼ିଛି ଅନେକ ଥର ଆମ ବାଇଶି ମୌଜାର କବି ଭ୍ରମରବର ରାଏଙ୍କ ଦୁଇଧାଡ଼ି , 'ଦେଶ ଛାଡ଼ିବାର ବେଶ ସାଜିଲିଣି, ବୟସ ହେଲାଣି ଅଠର ଚଉ ।'

ମନେପଡ଼େ ଆଦିଶଙ୍କରଙ୍କ ମୋହମୁଦ୍ଗର ସ୍ତୋତ୍ରମ୍ 'ଅଂଗଂ ଗଳିତଂ ପଳିତଂ ମୁଣ୍ଡଂ' ଆଦି । ସେଇ ମୁଣ୍ଡ ବାଳକୁ ଝୁରି ହୋଇଛନ୍ତି ମହାତ୍ମା ଶଙ୍କର । ଅଭୟ ଦାଶ ବା କି ଛାର ? ଏଇଥିରୁ ବୁଝୁଥିବେ ବାଳର ମହତ୍ତ୍ୱ ! ସେଥିପାଇଁ ବୋଧେ ନ୍ୟାୟାଧୀଶମାନଙ୍କ ପାଇଁ କୃତ୍ରିମ ବାଳର ପ୍ରଚୂଳ ବା ଉଇଗ୍ର ବ୍ୟବହାର ବ୍ରିଟିସ୍ କୋର୍ଟରେ ବାଧ୍ୟତାମୂଳକ ଥିଲା !

**ସେଇ ମୁଣ୍ଡ ବାଳକୁ ଝୁରି ହୋଇଛନ୍ତି ମହାତ୍ମା ଶଙ୍କର । ଅଭୟ ଦାଶ ବା କି ଛାର ? ଏଇଥିରୁ ବୁଝୁଥିବେ ବାଳର ମହତ୍ତ୍ୱ !**

ଏଇ ସଂକ୍ରାନ୍ତରେ ଆଧୁନିକ ବୋଲାଉଥିବା ଓଡ଼ିଆଙ୍କୁ କହିବି, 'ବାଳକୁ ବାଳ ହି ରହନେଦୋ କୋଇ ନାମ ନା ଦୋ ।' ଆଉ ଗୋଟିଏ ମହମ୍ମଦ ରଫିଙ୍କ ମୁଖ ନିଃସୃତ ଗୀତର ଅନୁସରଣରେ ଅଭୟ ଦାଶ ଗାଇ ଉଠିଛି, 'ବୁଢ଼ୋଁକୋ ବୁଢ଼ା ସାବିତ୍ କରନା, ଦୁନିଆ କି ପୁରାନି ଆଦତ୍ ହୈ ।' ଧନ୍ୟବାଦ ଆଜ୍ଞାମାନେ ।

□□

ଲେଖକଙ୍କ ଇ-ମେଲ ଠିକଣା:
abhaydash1@gmail.com

**ବର୍ତ୍ତମାନ 'ଗୁଗୁଲ୍ ପ୍ଲେ-ବୁକ୍ସ'ରେ ପଢ଼ନ୍ତୁ 'ସାହିତ୍ୟ ଚର୍ଚ୍ଚା' ପତ୍ରିକାର ଇ-ବୁକ୍ ସଂସ୍କରଣ, ଅତି ସୁଲଭ ମୂଲ୍ୟରେ ।**

***It's Easy !***

1. **Download 'Google Play Books' from Play Store.**
2. **Register by using your Gmail ID and password.**
3. **In the Search box please type 'Sahitya Charcha'. Select the issue you wish to read.**
4. **Pay Rs.11.80 by using Google pay, UPI or any other payment mode.**
5. **Download the 'Sahitya Charcha' Magazine into your device.**

ପ୍ରତି ସଂଖ୍ୟାର ମୂଲ୍ୟ-

ଟ.୧୧.୮୦

(ଏଗାର ଟଙ୍କା ଏବଂ ଅଶୀ ପଇସା ମାତ୍ର)

Google Play Books


ଗଳ୍ପ

# ଉପହାର



ପ୍ରଭଞ୍ଜନ ଦାଶ

ବାପାଙ୍କ ପକେଟ୍‌ରେ ଥିବା ସେହି କଲମଟି ପ୍ରତି ପିଲାଟି ଦିନରୁ ଶେଖରର ଥିଲା ଅହେତୁକ ଦୁର୍ବଳତା। ସବୁବେଳେ ଶେଖର କଲମଟି ନେବାକୁ ଖୁବ୍ ଅଳି କରୁଥିଲା ଘରେ। ହେଲେ ବାପା ଥିଲେ ଶୃଙ୍ଖଳା, ନୀତି ଓ ଅନୁଶାସନର ଜଣେ ନିଆରା ମଣିଷ। କେବେ ହେଲେ ତାଙ୍କ ବିନା ଅନୁମତିରେ କିଛି ବି କରିବା ଅସମ୍ଭବ। କଲମ ନେବା ତ ଦୂରର କଥା ଛୁଇଁବାକୁ ସେ କାହାରିକୁ ପ୍ରଶ୍ରୟ ଦେଉ ନ ଥିଲେ। ବୃତ୍ତିରେ ବାପା ଥିଲେ ପ୍ରଧାନଶିକ୍ଷକ। ବିଜ୍ଞାନ, ଗଣିତ ଓ ଜ୍ୟାମିତି ପରି ଜଟିଳ ପାଠ ସବୁ ପଢ଼ାଉଥିଲେ। ସାତଖଣ୍ଡ ମଉଜାରେ ଶ୍ରେଷ୍ଠ ଶିକ୍ଷକ ଭାବେ ତାଙ୍କର ଥିଲା ଏକ ବିଶେଷ ପରିଚୟ। ଯେ କେହି ଦେଖିଲେ ସମ୍ମାନର ସହିତ ମୁଣ୍ଡ ନୁଆଁଇ ପ୍ରଣାମ କରୁଥିଲେ। ପିଲାମାନେ ଯେତିକି ଭୟ କରୁଥିଲେ, ସେତିକି ସମ୍ମାନ ଅଜାଡ଼ି ଦେଉଥିଲେ। କେଜାଣି କାହିଁକି ଶେଖର ମନରେ କିନ୍ତୁ ସେହି କଲମଟି ପ୍ରତି ଭରି ରହିଥିଲା ଖୁବ୍ ଆଗ୍ରହ।



ସୁନେଲି ରଙ୍ଗର ସୁନ୍ଦର ଫାଉଣ୍ଟେନ୍ କଲମ। ସେମିତି ସୂକ୍ଷ୍ମ କାରୁକାର୍ଯ୍ୟର ସୁନ୍ଦର କଲମଟେ ସହଜରେ କେଉଁଠି ମିଳିବା ବି ଅସମ୍ଭବ। ବାପାଙ୍କ ସଫେଦ ଧଳା ପଞ୍ଜାବି ପକେଟ୍‌ରେ ସେହି କଲମଟି ଥିଲା ଖୁବ୍ ଆକର୍ଷଣୀୟ। ସମସ୍ତଙ୍କ ନଜର କେନ୍ଦ୍ରିତ କରୁଥିଲା ସେହି କଲମଟି। ହେତୁ ପାଇବା ଦିନରୁ ବାପାଙ୍କ ପକେଟ୍‌ରେ କଲମଟିକୁ ଦେଖି ଆସୁଥିଲା ଶେଖର। କଲମଟି ବିଷୟରେ ଶେଖର ବିଶେଷ କିଛି ଜାଣେ ନାହିଁ, ସେ କିନ୍ତୁ ଏତିକି ଜାଣିଛି କଲମଟି ବାପାଙ୍କର ଅତି ପ୍ରିୟ। ସେଥିପାଇଁ ସେ କେବେହେଲେ ବି କଲମଟିକୁ ନିଜଠୁ ଦୂରେଇ ରଖିପାରନ୍ତିନି। ତାଙ୍କ ବ୍ୟତୀତ ସେ କଲମଟିକୁ ଅନ୍ୟ କେହି ଯେ ଛୁଇଁଥିବ ସେକଥା ବି ଅସମ୍ଭବ ପ୍ରାୟ। ସତେ ଯେପରି ବାପା ଓ କଲମ ଏକ ଏବଂ ଅଭିନ୍ନ।

କଲେଜରେ ପଢ଼ିବା ବେଳେ ସେହି କଲମଟି ବିଷୟରେ ଶେଖର ଅଳ୍ପ କିଛି ଶୁଣିବାକୁ ପାଇଥିଲା। ସେତେବେଳକୁ ବାପାଙ୍କର ଚାକିରି ସରି ଆସିଥାଏ। କଥାବାର୍ତ୍ତା ଭିତରେ ଥରେ ମାଆ କହୁଥିଲେ, "ଏ କୁଆଡ଼େ ବାପାଙ୍କର କଲେଜ ସମୟର କଥା। ସେ ସମୟରେ ପରାଧୀନ ଭାରତ ନୂଆ ନୂଆ ସ୍ୱାଧୀନତାର ସ୍ୱାଦ ପାଇଥାଏ। ଇଂରେଜମାନେ ନିଜ ଦେଶକୁ ଫେରି ଯିବାକୁ ପ୍ରସ୍ତୁତ ହେଉଥାନ୍ତି। ହେଲେ କିଛି କିଛି ଇଂରେଜମାନଙ୍କ ମନରେ ଭାରତ ଓ ଭାରତୀୟଙ୍କ ପ୍ରତି ଭରି ରହିଥାଏ ଖୁବ୍ ଭଲପାଇବା, ସ୍ନେହ ଓ ପ୍ରେମ। ସେମିତି ଜଣେ ଇଂରେଜ ସାହେବଙ୍କ ଝିଅ ଥିଲେ ବାପାଙ୍କ ଅତି ଅନ୍ତରଙ୍ଗ ବାନ୍ଧବୀ। ପରସ୍ପରଙ୍କ ବନ୍ଧୁତା ଥିଲା ଖୁବ୍ ନିବିଡ଼। ଶେଷରେ ସ୍ୱଦେଶକୁ ଫେରିଯିବା ବେଳେ ସ୍ମୃତିର ସନ୍ତକ ସ୍ୱରୂପ ଏ କଲମଟି ଥିଲା ବାପାଙ୍କ ଲାଗି ଇଂରେଜୀ ବାନ୍ଧବୀଙ୍କଠୁ ଶେଷ ଉପହାର।" ବୋଉର ଏ କଥା ଯେ କେତେ ସତ ସେ କଥା ଶେଖର ଜାଣେ ନାହିଁ। ବାପାଙ୍କ ପରି କଠୋର ଅନୁଶାସନ ମଣିଷର ଯେ ବିଦେଶୀ ବାନ୍ଧବୀ ଥିବେ କଥାଟା ଅବିଶ୍ୱାସ ପରି ମନେ ହୁଏ ଶେଖରକୁ। କିନ୍ତୁ ଏ କଥା ସତ ଯେ କଲମଟି ପ୍ରତି ବାପାଙ୍କ ସମ୍ପର୍କ ଖୁବ୍ ନିବିଡ଼। ଲେଖିବା ତଥା କିଛି ସରକାରୀ କାର୍ଯ୍ୟ ପାଇଁ ବାପା ଅନ୍ୟ କଲମର ବ୍ୟବହାର କଲେ ମଧ୍ୟ ବିଶେଷକରି ଦସ୍ତଖତ ଲାଗି ଲୋଡ଼ା ପଡ଼ିଥାଏ ସେହି କଲମଟି। ବାପାଙ୍କ ହାତର ଖୁବ୍ ସୁନ୍ଦର ଅକ୍ଷରରେ ବିଦେଶୀ କଲମ ସ୍ୟାହିର ମିଶ୍ରଣ

ଦେଖିବାକୁ ଅତି ଚମତ୍କାର ଲାଗେ। କଲମଟିକୁ ପାଖରୁ ଦେଖିବାକୁ ଅନେକବାର ଚେଷ୍ଟାକରି ବିଫଳ ହୋଇଛି ଶେଖର। ଏମିତିରେ ତ ବାପାଙ୍କ ପାଖକୁ ଯିବାର ସାହସ ନ ଥାଏ ତା'ର। ଯଦି କେବେ ବାପାଙ୍କ ନିକଟତର ହୁଏ ତେବେ କଲମ ଅପେକ୍ଷା ବାପାଙ୍କ ବଡ଼ ବଡ଼ ଆଖି ଦୁଇଟି ଶେଖରକୁ ଅଧିକ ଭୟଭୀତ କରିପକାଏ।

କଲମଟି ଉପରେ କିଛି ମୂଲ୍ୟବାନ ଧାତୁ ଅବା ପଥରଟେ ଲାଗିଥିବାର ଅନୁମାନ କରେ ଶେଖର। ସକାଳେ ଅବା ସଂଧ୍ୟାର ସୂର୍ଯ୍ୟ କିରଣରେ ବାପାଙ୍କ ପକେଟ୍‌ରେ ଥିବା କଲମଟି ଖୁବ୍ ଉଜ୍ଜ୍ୱଳ ଭାବେ ଚକ୍ ଚକ୍ କରେ। ଦୂରରୁ ହିଁ ଶେଖର ଜାଣିପାରେ ବାପାଙ୍କ ସ୍ଥିତି ଅବା ଉପସ୍ଥିତି ବିଷୟରେ। ଶେଖରର କଲେଜ ପଢା ଶେଷ ହେବା ବେଳକୁ ବାପା ସମ୍ପୂର୍ଣ୍ଣ ରୂପେ ସରକାରୀ ଚାକିରିରୁ ସେବା ନିବୃତ୍ତ ହୋଇ ସାରିଥାନ୍ତି। ସେମିତି ବିଶେଷ କିଛି କାମ ନ ଥିଲେ ବି ସବୁଦିନ ଧଳା ପଞ୍ଜାବୀଟି ପିନ୍ଧି କଲମଟିକୁ ପକେଟ୍‌ରେ ରଖି ସେ ବାହାରି ପଡନ୍ତି ବୁଲାବୁଲି କରିବାକୁ। ରାସ୍ତାଘାଟ, ହାଟ, ବଜାର ସବୁଠି ସମସ୍ତଙ୍କ ନଜର ସେହି କଲମଟି ଉପରେ। ସତେ ଯେମିତି କଲମଟି ବାପାଙ୍କ ବ୍ୟକ୍ତିତ୍ୱର ଅନ୍ୟ ଏକ ପରିଚୟ। ପାଠପଢ଼ା ଏବଂ କର୍ମ ନିଯୁକ୍ତିର ସଂଘର୍ଷ ଭିତରେ ଘରଠୁ ଅନେକ ବର୍ଷ ଧରି ଦୂରରେ ରହିବାକୁ ବାଧ୍ୟ ହୋଇଥିଲା ଶେଖର। ସମୟ କ୍ରମେ ବିଦେଶରେ ସେ ନିଜକୁ ପ୍ରତିଷ୍ଠିତ କରି ପାରିବାରିକ ଜୀବନରେ ଖୁବ୍ ଖୁସି ଥିଲା।

**ସମୟ ଢେର ଗଡ଼ି ଯାଇଥିଲା। ବୟସର ଚାପରେ ବାପା ବି ବାର୍ଦ୍ଧକ୍ୟର ଶେଷ ଅବସ୍ଥାକୁ ଆସି ସାରିଥିଲେ।**

ସମୟ ଢେର ଗଡ଼ି ଯାଇଥିଲା। ବୟସର ଚାପରେ ବାପା ବି ବାର୍ଦ୍ଧକ୍ୟର ଶେଷ ଅବସ୍ଥାକୁ ଆସି ସାରିଥିଲେ। ଘରଠୁ ଦୂରରେ ରହିବା ହେତୁ ବାପାଙ୍କ କଲମକୁ ପ୍ରାୟତଃ ପାସୋରି ସାରିଥିଲା ଶେଖର। ସେଦିନ ବାପାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଜଟିଳ ଥିବା ଖବର ପାଇ ପରିବାର ସହ କିଛିଦିନ ଛୁଟିନେଇ ଘରକୁ ଆସିଥିଲା ଶେଖର।

ବାପା ଥିଲେ ସମ୍ପୂର୍ଣ୍ଣ ଶଯ୍ୟାଶାୟୀ। ଅନୁଶାସନ, ନୀତି ଓ ଶୃଙ୍ଖଳା ସବୁ କିଛି ଫିକା ଲାଗୁଥିଲା ବାପାଙ୍କ ପାଖେ । ଦୁର୍ବଳ ଶରୀର, ଅସ୍ପଷ୍ଟ ସ୍ୱର ଓ କ୍ଷୀଣ ଶକ୍ତିକୁ ନେଇ କଅଁଳ ଶିଶୁଟେ ପରି ମନେ ହେଉଥିଲେ ସେ। ପାଖରେ ବସି କିଛି ସମୟର କଥାବାର୍ତ୍ତା ଭିତରେ ଶେଷରେ ତକିଆ ତଳୁ କଲମଟିକୁ କାଢ଼ି ଶେଖର ହାତକୁ ବଢ଼ାଇ ଦେଲେ ବାପା। ଆଶ୍ଚର୍ଯ୍ୟରେ ଚାହିଁଲା ଶେଖର ! ଅନେକ ଦିନ ପରେ ସେ ପୁଣି ଦେଖୁଛି ଏ କଲମଟିକୁ। ଯାହାକି ପିଲାଦିନେ ଛୁଇଁବାର ଆଶା ବି ଅପୂରଣୀୟ ଥିଲା ତା' ପକ୍ଷେ, ହେଲେ ଆଜି କିନ୍ତୁ ବାପା ନିଜେ ଧରାଇ ଦେଇଛନ୍ତି ତାଙ୍କର ସେ ଅତିପ୍ରିୟ କଲମଟିକୁ। ବାପାଙ୍କ ରୁଗଣ୍ ହାତ ସହ କଲମଟିକୁ ଜାବୁଡ଼ି ଧରିଥାଏ ଶେଖର। ପ୍ରଥମ ଥର ସେ ଅନୁଭବ କରୁଛି ସେହି କଲମର ଅପୂର୍ବ ସ୍ପର୍ଶ। କହିବାର ବିଶେଷ ସାମର୍ଥ୍ୟ ନ ଥିବା ବାପା କ୍ଷୀଣ ସ୍ୱରରେ ଶେଖରର କାନେ, କହିଲେ "ବାବୁରେ ମୋର ତ ଆୟୁଷ ସରି ଆସିଲାଣି। ହେଲେ, ଏ କଲମର ଆହୁରି ଗୋଟେ ଆୟୁଷ ତୋ ହାତରେ ଅଛି। ମୁଁ ଜାଣେ ମୋ ପରି ତୁ ଏ କଲମକୁ ଖୁବ୍ ଭଲ ପାଉ। ସେଥିପାଇଁ ତତେ ଏ ମୋର ଶେଷ ଉପହାର।"

ବାପାଙ୍କ ହାତରୁ କଲମଟି ସମ୍ପୂର୍ଣ୍ଣ ରୂପେ ଆସି ସାରିଥିଲା ଶେଖର ହାତକୁ। କଲମରେ ଥିବା ଇଂରାଜୀ ମୋହରଟିକୁ ଅତି ଆଶ୍ଚର୍ଯ୍ୟର ସହ ଦେଖୁଥାଏ ଶେଖର। କଲମର ସୁନ୍ଦରତା ଓ ତା' ଭିତରେ ଭରି ରହିଥିବା ସମ୍ପର୍କର ଗଭୀରତାକୁ ଅନୁଭବ କରିପାରୁଥାଏ ଶେଖର। ଅନେକ ଜଟିଳ ଗଣିତକୁ ସରଳରେ ସମାଧାନ କରିଥିବା ଏ କଲମ, ମନର ଭାବନାକୁ କାଗଜରେ ଧରି ରଖୁଥିବା ଏ କଲମ ଯାହା ଭିତରେ ଲୁଚି ରହିଛି ଗୋଟେ ଅନାବିଳ ଅଦେଖା ସମ୍ପର୍କ। ସତରେ ସମୟ ଓ ବୟସ ହିଁ ବୁଝେଇପାରେ ମଣିଷ ଓ ଏ କଲମ ଭିତରେ ଥିବା ସମ୍ପର୍କର ମୂଲ୍ୟକୁ। କଲମଟିକୁ ପକେଟ୍‌ରେ ରଖି ବାପାଙ୍କୁ ଚାହିଁଲା ଶେଖର। ବାପାଙ୍କ ଓଠରେ ହସ ଆଉ ଆଖିରେ କିଛି ଖୁସିର ଲୁହ। ଅନୁରୂପ ଭାବେ ବାପାଙ୍କ ହାତରୁ ଏ ମୂଲ୍ୟବାନ ଉପହାର ପାଇ ଶେଖର ଆଖିରେ ବି ଚାଲିଆସିଥିଲା କେଇ ଟୋପା ଖୁସିର ବୁନ୍ଦା।

□□

ଲେଖକଙ୍କ ଇ-ମେଲ୍ ଠିକଣା:
pravanjandash56@gmail.com

**ପ୍ରବନ୍ଧ**

# ଆଇନାରେ 'ମହାଭାରତ' ଓ 'ମହାଭାରଥ'



ଡ. ରମେଶ ଚନ୍ଦ୍ର ମଲ୍ଲିକ

ଗତ 'ସାହିତ୍ୟ ଚର୍ଚ୍ଚା' (ଭାଗ-୨, ସଂଖ୍ୟା-୧୧, ଜାନୁଆରୀ, ପୃଷ୍ଠା-୫୦-୫୫) ପତ୍ରିକାରେ ଡକ୍ଟର ସନ୍ତୋଷ କୁମାର ରଥଙ୍କଦ୍ୱାରା ଲିଖିତ "ସାରୋଳ ଦାସ ମହାଭାରଥ ଓ ତାର ପ୍ରାସଙ୍ଗିକତା" ପ୍ରବନ୍ଧଟି ପଢ଼ିବାର ସୁଯୋଗ ପାଇଲି। ଏଇ ପ୍ରବନ୍ଧରେ ଉପସ୍ଥାପିତ ହୋଇଥିବା ତଥ୍ୟ, ଅବଧାରଣା (କନ୍‌ସେପ୍ଟ) ଓ ସିଦ୍ଧାନ୍ତ ସମ୍ପର୍କରେ ଆଉ ଥରେ ଆଲୋଚନା କରିବାର ଆବଶ୍ୟକତା ରହିଚି। ପ୍ରଥମେ ଡକ୍ଟର ରଥଙ୍କୁ ଧନ୍ୟବାଦ ଦେବି ଯେ ସେ 'ସରୋଳ ଦାସ ଓ ମହାଭାରଥ ଓ ତାର ପ୍ରାସଙ୍ଗିକତା' ଆଧାରରେ ଉପଯୁକ୍ତ ପ୍ରବନ୍ଧଟିଏ ରଚନା କରିପାରିଚନ୍ତି। କିନ୍ତୁ ଉକ୍ତ ପ୍ରବନ୍ଧରେ ପ୍ରକାଶିତ କେତେକ ସିଦ୍ଧାନ୍ତକୁ ସ୍ପଷ୍ଟୀକରଣ କରାଇବା ହେଉଚି ଏଇ ପ୍ରବନ୍ଧଟିର ଲକ୍ଷ୍ୟ।

**ସାରଳା ଦାସଙ୍କ 'ମହାଭାରତ' ଆଜି ସରୋଳ ଦାସଙ୍କ 'ମହାଭାରଥ'ରେ ପରିବର୍ତ୍ତିତ ହେବା ଅସ୍ୱାଭାବିକ ବିଷୟ।**


ନିକଟ ଅତୀତରେ 'ସାରୋଳ ଦାସ ମହାଭାରଥ' (୨୦୨୦/୨୦୨୧) ନାଁରେ ଦୁଇଟି ଗ୍ରନ୍ଥ କୁଳସଚିବ, ଶିକ୍ଷା ଓ ଅନୁସନ୍ଧାନଙ୍କଦ୍ୱାରା ପ୍ରକାଶିତ ହେବା ଆମପାଇଁ ଗୌରବର କଥା। ଏଇ ଗ୍ରନ୍ଥଦ୍ୱୟ ସମ୍ପାଦନା କରିବାରେ ଡକ୍ଟର ଗୌରାଙ୍ଗ ଚରଣ ଦାଶ, ଡକ୍ଟର ପ୍ରଦୀପ୍ତ କୁମାର ପଣ୍ଡା, ଡକ୍ଟର ଭାଗ୍ୟଲିପି ମଲ୍ଲ ଓ ଡକ୍ଟର ଫଣୀନ୍ଦ୍ରଭୂଷଣ ନନ୍ଦଙ୍କ ଅବଦାନ ମହତ୍ତ୍ୱପୂର୍ଣ୍ଣ। ଏକଥା ମଧ୍ୟ ସତ୍ୟ ଯେ ଏଇ ଗ୍ରନ୍ଥ ସମ୍ପାଦନା ସମୟରେ ଡକ୍ଟର ସନ୍ତୋଷ କୁମାର ରଥ ଓ ଡକ୍ଟର ଅଜିତ କୁମାର ନାୟକଙ୍କ ସହଯୋଗ ଏକାନ୍ତ ସ୍ମରଣୀୟ। ଏସବୁ କଥା ଗ୍ରନ୍ଥର ଅବତରଣିକାରେ ଲେଖାଅଛି। ଏଇ ଗ୍ରନ୍ଥଦ୍ୱୟ ଓ ଲେଖକଙ୍କ ନାମକରଣ ସମ୍ପର୍କରେ ଆଲୋଚନା କରିବା ମଧ୍ୟ ଏଇ ପ୍ରବନ୍ଧର ଆଉ ଏକ ଲକ୍ଷ୍ୟ।

## ପ୍ରଥମ ସୋପାନ

ସାରଳା ଦାସଙ୍କ 'ମହାଭାରତ' ଆଜି ସରୋଳ ଦାସଙ୍କ 'ମହାଭାରଥ'ରେ ପରିବର୍ତ୍ତିତ ହେବା ଅସ୍ୱାଭାବିକ ବିଷୟ। ଏ ସମ୍ପର୍କରେ ସମ୍ପାଦକମାନେ ଯେଉଁ କାରଣ ଓ ଯୁକ୍ତି ବା ତର୍କ ଦର୍ଶାଇଚନ୍ତି ସେ ବିଷୟରେ ଆଲୋଚନା କରିବା ସମୀଚୀନ ହେବ। ଗ୍ରନ୍ଥଦ୍ୱୟର ଅବତରଣିକାରେ ଉଲ୍ଲେଖ ରହିଚି: "ଓଡ଼ିଆ ଭାଷାରେ *ମହାଭାରଥ* ଲେଖାଯାଇଛି, ଏବଂ, କୁହାଯାଏ, ତାହାକୁ ସରୋଳ ଦାସ ନାମକ ଜଣେ ବ୍ୟକ୍ତି ଲେଖିଛନ୍ତି। ଆମ କବିଙ୍କର ତିନି ପ୍ରକାର ନାଁ ସହିତ ପରିଚିତ-ଶାରଳା, ସାରଳା ଓ ସାରୋଳା 'ଦାସ'ଙ୍କୁ ତାଙ୍କ ସାଂଙ୍ଖ୍ୟାଭାବରେ ବ୍ୟବହୃତ କରାଯାଇଛି। ଆମ ବହି ସମ୍ପାଦନାପାଇଁ ବ୍ୟବହାର କୌଣସି ଖେଦାରେ '*ସାରଳା*' କି '*ଶରଳା*' ଶବ୍ଦ ମିଳେ ନାହିଁ। ସବୁଠାରେ *ସାରୋଳା* ଯାହା ଗୁରୁତ୍ୱପୂର୍ଣ୍ଣ, *ଦାସ* ତାଙ୍କ ସାଂଙ୍ଖ୍ୟା ନୁହେଁ। ଏହା ସେବକ, ଅନୁଗତ ଅର୍ଥରେ ବ୍ୟବହୃତ। ତେଣୁ ତାଙ୍କୁ ସାରୋଳ ଦେବୀଙ୍କର ଦାସ ଅର୍ଥାତ ସାରୋଳଦାସ କୁହାଯାଇପାରିବ। ଯେପରି ବିଷ୍ଣୁଦାସ, ଚଣ୍ଡିଦାସ, ତୁଳସୀଦାସ, ଶିବଦାସ ଇତ୍ୟାଦି। ଆମେ ଏକଥା ମଧ୍ୟ କହୁଛୁ, ତାଙ୍କ ନାଁ ସିଦ୍ଧେଶ୍ୱର ଦାସ (ପରିଡ଼ା)। ଏହା ମଧ୍ୟ ଏକ ବିତର୍କ ପ୍ରସଙ୍ଗ। ପୁଣି କୌଣସି ଖେଦାରେ '*ମହାଭାରତ*' ଶବ୍ଦ ନାହିଁ। ଏହା ସବୁଠାରେ '*ମହାଭାରଥ*' ଲେଖାଯାଇଛି। ତେଣୁ ଗ୍ରନ୍ଥର ରଚନାକାଳ ଓ ପୋଥିପାଠକୁ ଆଧାର କରି କବିଙ୍କ ନାଁ ସାରୋଳ ଦାସ ଓ ଗ୍ରନ୍ଥକୁ ମହାଭାରଥ ରଖାଯାଇଛି" (ଅବତରଣିକା: ଏକ)। ଉକ୍ତ ମନ୍ତବ୍ୟକୁଆଧାର କରି ଡକ୍ଟର ସନ୍ତୋଷ କୁମାର ରଥ 'ସାରୋଳ ଦାସ ମହାଭାରଥ ଓ ତାର ପ୍ରାସଙ୍ଗିକତା' ପ୍ରବନ୍ଧରେ ଶୁଦ୍ଧ ସଂସ୍କରଣ ପ୍ରସ୍ତୁତି, ଆର୍ତ୍ତବଲ୍ଲଭ ମହାନ୍ତିଙ୍କ ପୋଥି ସଂଗ୍ରହ, ସଂସ୍କରଣଗୁଡ଼ିକ ମଧ୍ୟରେ ଅମେଳ, ପୁନର୍ନିର୍ମାଣର ଆବଶ୍ୟକତା, ସରଳୀକରଣ ଗୁରୁତ୍ୱ, ମହାଭାରଥ

କାହିଁକି, ଏବଂ ମହାପ୍ରାଣର ବ୍ୟବହାର ବିଷୟଗୁଡ଼ିକ ଆଲୋଚନା କରି 'ସାରଳାଦାସ' ଯେ 'ସାରୋଳ ଦାସ' ଏବଂ 'ମହାଭାରତ' ଯେ 'ମହାଭାରଥ' ହେବ ଏଇ ସିଦ୍ଧାନ୍ତ ଦୃଢ଼ଭାବେ ପ୍ରସ୍ତାବିତ କରିଚନ୍ତି। କିନ୍ତୁ ଅସଲ କଥାଟି ହେଲା ଯେ ଡକ୍ଟର ରଥ ଜମାରୁ ଭାଷାବୈଜ୍ଞାନିକ ଓ ଶୁଦ୍ଧ ସଂସ୍କରଣର ନିୟମଗୁଡ଼ିକୁ ଦୃଷ୍ଟିରେ ନ ରଖି ଆଲୋଚନାଟିକୁ ଦୃଢ଼ଭାବେ ପ୍ରସ୍ତାବିତ କରିଚନ୍ତି।

କୌଣସି ଏକ ପୋଥିର ଶୁଦ୍ଧ ସଂସ୍କରଣ ପ୍ରସ୍ତୁତ କରିବାକୁ ହେଲେ ପୋଥି ସଂଗ୍ରହ, ପୋଥିଚୟନ, ଶୁଦ୍ଧପାଠ ନିର୍ଣ୍ଣୟପାଇଁ ପୋଥିପାଠ ଏବଂ ପୂର୍ବରୁ ପ୍ରକାଶିତ ଭିନ୍ନଭିନ୍ନ ସଂସ୍କରଣର ପାଠକୁ ଅତି ସତର୍କତା ସହିତ ମେଳ କରାଇ ପାଠାନ୍ତର ନିର୍ଣ୍ଣୟ ଏବଂ ପରିଶେଷରେ ଶୁଦ୍ଧପାଠ ନିର୍ଣ୍ଣୟ କରାଯିବବୋଲି ପଣ୍ଡିତ ସୁକ୍‌ଥନଙ୍କର ସଂସ୍କୃତ ମହାଭାରତ ଗ୍ରନ୍ଥର ଅବତରଣିକାରେ ଦର୍ଶାଇଚନ୍ତି। ଏସବୁ କଥା ଉପରେ ଗୁରୁତ୍ୱ ପ୍ରଦାନ କରାଯିବା ଉଚିତ। କିନ୍ତୁ 'ସରୋଳଦାସ ମହାଭାରଥ' ଗ୍ରନ୍ଥଦ୍ୱୟ ପାଠକଲେ ଆପଣମାନେ ଦେଖିବେ ଉକ୍ତ ଗ୍ରନ୍ଥର ପ୍ରକାଶକୀୟରେ ବହୁବାର 'ସାରଳା ଦାସ' ଓ 'ମହାଭାରତ' ବ୍ୟବହାର ହୋଇଚି।




## ପାଠଗତ ପାର୍ଥକ୍ୟ

ଶବ୍ଦପାଠ ନିର୍ଣ୍ଣୟ କରିବାକୁ ହେଲେ ଯେତେବେଳେ ପୋଥି ସଂଗ୍ରହ ଓ ନିର୍ବାଚନ କରାଯାଏ ସେତେବେଳେ ପୋଥିର ପାଠଗତ ପାର୍ଥକ୍ୟକୁ ଗୁରୁତ୍ୱ ପ୍ରଦାନ କରାଯାଇଥାଏ। ବିଶେଷ ପାଠଗତ ପାର୍ଥକ୍ୟ ନ ଥିଲେ ତାହା ଶୁଦ୍ଧ ପାଠ ନିର୍ଣ୍ଣାୟକ ପୋଥି ଭାବେ ଗ୍ରହଣ କରାଯାଏ ନାହିଁ। ଏହି ନ୍ୟାୟରେ ବିଚାର କଲେ ଏବଂ ଏଥି ସହିତ ପୋଥି ପ୍ରାପ୍ତିର ସ୍ଥାନ ଓ ସମୟକୁ ଅନୁଧ୍ୟାନ କଲେ ଦେଖାଯାଏ ସମ୍ପାଦକମାନଙ୍କଦ୍ୱାରା 'ପୋଥିଚୟନ' ଆଦର୍ଶ ଆଦୌ ଯୁକ୍ତିସଂଗତ ନୁହେଁ। ପୋଥି ଏକ ଅଞ୍ଚଳରୁ ଅନ୍ୟ ଅଞ୍ଚଳକୁ ଗତି ବା ସ୍ଥାନାନ୍ତରୀକରଣ ହେବା ସ୍ୱାଭାବିକ ବ୍ୟବସ୍ଥା। ସମ୍ପାଦକମାନେ ଚୟନ କରିଥିବା 'କ' ଠାରୁ 'ଣ' ପର୍ଯ୍ୟନ୍ତ ଭୁବନେଶ୍ୱର, ପୁରୀ, ଖୋର୍ଦ୍ଧା, ଆଠଗଡ଼, ବଲାଙ୍ଗୀର ଓ ପାରଳାଖେମୁଣ୍ଡି ଇତ୍ୟାଦି ସ୍ଥାନ ମଧ୍ୟରେ ସୀମିତ। ଅନୁରୂପଭାବେ ସମୟସୀମା ମଧ୍ୟ ୧୮୩୯ ରୁ ୧୯୦୫ ମସିହା ମଧ୍ୟରେ ଆବଦ୍ଧ। ସ୍ଥାନ ଓ କାଳ ଉଭୟ ଆଦର୍ଶକୁ ଭିତ୍ତି କରି ବିଚାର କଲେ ଏସବୁ ୩ଟି ବା ୪ଟି ଭିନ୍ନଭିନ୍ନ ପୋଥି ବିଚାର କରାଯିବ। କାରଣ ପାଦଟୀକାରେ ଦର୍ଶାଯାଇଥିବା ପାଠଗତ ପାର୍ଥକ୍ୟ ଅତ୍ୟନ୍ତ ସୀମିତ। ବିଶେଷ ପାର୍ଥକ୍ୟ ଆର୍ତ୍ତବଲ୍ଲଭ ମହାନ୍ତିଙ୍କଦ୍ୱାରା ସମ୍ପାଦିତ ମହାଭାରତରେ ଦୃଶ୍ୟମାନ ପାଦଟୀକାରୁ ସ୍ପଷ୍ଟ। ଏଥିରୁ ପ୍ରମାଣିତ ହେଉଚି ଯେ ସମ୍ପାଦକମାନେ ଆଦର୍ଶ ପୋଥିଚୟନରେ ସାଧୁତା ରକ୍ଷା କରି ପାରିନାହାନ୍ତି। ଏଇ ନିର୍ଦ୍ଦିଷ୍ଟ କ୍ଷେତ୍ରରେ ପରିସଂଖ୍ୟାନ (ଷ୍ଟାଟିଷ୍ଟିକାଲ୍) ପଦ୍ଧତି ଅବଲମ୍ବନ କରି ଶୁଦ୍ଧପାଠ ନିରୂପଣ କରିବା ବିପଜ୍ଜନକ ହୋଇଚି।

ଏବେ ମୂଳ ପ୍ରସଙ୍ଗ ହେଉଚି 'ମହାଭାରଥ' କାହିଁକି ? ଆମେ ସମସ୍ତେ ଜାଣିଚେ ମୂଳ ବା ପ୍ରଥମ ମହାଭାରତ ଗ୍ରନ୍ଥ ସଂସ୍କୃତ ଭାଷାରେ ଲେଖା ହୋଇଚି। କୌଣସି ଏକ ଗ୍ରନ୍ଥର ନାଁ ଅନ୍ୟ କୌଣସି ଭାଷାରେ ରୂପାନ୍ତରିତ କଲାବେଳେ ସେଇ ମୂଳ ନାଁଟି ସୁରକ୍ଷିତ ରଖିବାକୁ ପଡ଼ିଥାଏ। ଏଇ ନ୍ୟାୟରେ ପୃଥିବୀର ତଥା ଭାରତର ବିଭିନ୍ନ ଭାଷାରେ 'ମହାଭାରତ' ନାଁଟି ଅପରିବର୍ତ୍ତିତ ଓ ଲେଖକଙ୍କ ନାଁ ମଧ୍ୟ ଅପରିବର୍ତ୍ତିତ ହେବା ସମୁଚିତ।

ଓଡ଼ିଆ ସାହିତ୍ୟ ଆଲୋଚନାର ଇତିହାସ ଓ ସମ୍ପାଦନାର ଇତିହାସ ଉଭୟକୁ ଦୃଷ୍ଟିରେ ରଖି ବିଚାର କଲେ ଦେଖିବାକୁ ମିଳେ ଯେ ପ୍ରମୁଖ ତଥା ପ୍ରତ୍ୟେକ ଗବେଷକ ଓ ସାହିତ୍ୟିକ ଯଥା – ପଣ୍ଡିତ ଗୋପୀନାଥ ନନ୍ଦଶର୍ମା, ଶ୍ୟାମସୁନ୍ଦର ରାଜଗୁରୁ, ମୃତ୍ୟୁଞ୍ଜୟ ରଥ, ନୀଳକଣ୍ଠ ଦାସ, ଆର୍ତ୍ତବଲ୍ଲଭ ମହାନ୍ତି, କରୁଣାକର କର, ବିନାୟକ ମିଶ୍ର, ସରଳା ଦେବୀ, କୃଷ୍ଣଚନ୍ଦ୍ର ପାଣିଗ୍ରାହୀ, ସୁରେନ୍ଦ୍ର ମହାନ୍ତି, ଗୋପୀନାଥ ମହାନ୍ତି, ମାୟାଧର ମାନସିଂହ, ସୂର୍ଯ୍ୟନାରାୟଣ ଦାସ, ଚିତ୍ତରଞ୍ଜନ ଦାସ,

ବଂଶୀଧର ମହାନ୍ତି, କୃଷ୍ଣଚରଣ ସାହୁ, ଧନେଶ୍ୱର ମହାପାତ୍ର, ଉଦୟନାଥ ସାହୁ, ବସନ୍ତ କୁମାର ମଲ୍ଲିକ, ଦୀନବନ୍ଧୁ ରଥ, ସ୍ମିତା ମହାନ୍ତି ଓ ଅନ୍ୟ ବହୁ ଗବେଷକ 'ସାରଳା ମହାଭାରତ' ନାଁକୁ ପାରମ୍ପରିକ ସୂତ୍ରରେ ବ୍ୟବହାର କରିଆସିଚନ୍ତି। ଯେଉଁ ନାଁ ଦୁଇଟି ଓଡ଼ିଆମାନଙ୍କ ରକ୍ତରେ ଓ ବିଶ୍ୱବାସୀମାନଙ୍କ ମାନସପଟ୍ଟରେ ସମିଶ୍ରିତ ହୋଇଗଲେଣି ତାକୁ ପୁରି ଟାଣିଓଟାରି ରକ୍ତାକ୍ତ କରିବାର କୌଣସି ଆବଶ୍ୟକତା ନାଇଁ। ସର୍ବଜନ ମୁଖରେ ଗୃହୀତ ଓ ଆଦୃତ 'ମହାଭାରତ' ଓ 'ସାରଳା ଦାସ' ଉଭୟ ନାଁ ଦୁଇଟିକୁ ବଦଳାଇ ଓଡ଼ିଆ ସାହିତ୍ୟରେ ଭ୍ରାନ୍ତି ସୃଷ୍ଟି କରିବା ଆଦୌ ନ୍ୟାୟସଂଗତ ବିଷୟ ନୁହେଁ। ବରଂ 'ମହାଭାରତ'କୁ ଆଧାର କରି ଅଧିକ ଗବେଷଣା କରାଯିବା ଉଚିତ୍।

## ଦ୍ୱିତୀୟ ସୋପାନ

ଭାଷାବୈଜ୍ଞାନିକ ଦୃଷ୍ଟିକୋଣରୁ 'ମହାଭାରଥ' ଶବ୍ଦଟି ସଠିକବୋଲି ପ୍ରମାଣ କରିବାପାଇଁ ଡକ୍ଟର ସନ୍ତୋଷ କୁମାର ରଥ ମହାଭାରଥ କାହିଁକି ଓ ମହାପ୍ରାଣ ଧ୍ୱନି ବ୍ୟବହାର ସମ୍ପର୍କରେ ଯେଉଁ ଆଲୋଚନା କରିଚନ୍ତି ସେ ସବୁ ସମ୍ପର୍କରେ ଆଉ ଥରେ ଅନୁଶୀଳନ କରିବାକୁ ହେବ। ସେ ଲେଖିଛନ୍ତି "ଯଦି ଆମେ ଆର୍ତ୍ତବଲ୍ଲଭ ମହାନ୍ତିଙ୍କ ମହାଭାରତର ପାଠ୍ୟ ଭିତରେ ଖୋଜିବା ତେବେ ଶତାଧିକ ଥର ମହାଭାରଥ, ଭ୍ରାଥା, ଭରଥ ପରି ଶବ୍ଦ ନିକଟରେ ଝୁଣ୍ଟି ପଡ଼ିବା। ଆମକୁ ଏବେ ଏହା ଅଡୁଆ ଲାଗିପାରେ, କିନ୍ତୁ ଏକଥା ସତ ଯେ ପ୍ରାଚୀନ କାଳରେ ଓଡ଼ିଶାର ଜନ ଜୀବନରେ ଏହା ହିଁ ପ୍ରଚଳିତ ଥିଲା। ଅଳ୍ପପ୍ରାଣ ଓ ମହାପ୍ରାଣ ଧ୍ୱନି ପରସ୍ପର ନିକଟରେ ଥାଇ ଉଚ୍ଚାରଣ ବେଳେ ପରସ୍ପର ପ୍ରଭାବିତ ହେବା ଖୁବ୍ ସାଧାରଣ କଥା। ଓଡ଼ିଶା ପରି ଆଦିବାସୀ ଜନବହୁଳ ରାଜ୍ୟରେ ଯେଉଁମାନଙ୍କ ଭାଷାରେ ମହାପ୍ରାଣ ବର୍ଣ୍ଣ ଅନୁପସ୍ଥିତ, ସେମାନେ ନୂତନ ଶବ୍ଦଟିଏ ଉଚ୍ଚାରଣ ବେଳେ ମହାପ୍ରାଣ ସ୍ଥାନରେ ବେଳେବେଳେ ମହାପ୍ରାଣ ସ୍ଥାନରେ ଅଳ୍ପପ୍ରାଣ ଓ ଅଳ୍ପପ୍ରାଣ ସ୍ଥାନରେ ବେଳେବେଳେ ମହାପ୍ରାଣ ଉଚ୍ଚାରଣ କରିବା ଖୁବ୍ ସ୍ୱାଭାବିକ" (ପୃଷ୍ଠା-୫୪:ଦ୍ରଷ୍ଟବ୍ୟ)। ଏକଥା ସତ୍ୟ ଯେ ଆର୍ତ୍ତବଲ୍ଲଭ ମହାନ୍ତି 'ମହାଭାରଥ' ସ୍ଥାନରେ 'ମହାଭାରତ' ଲେଖିସାରିଚନ୍ତି। ଏଭଳିକି ଅନେକ ଶବ୍ଦ ଯଥା-ଜାତ, ଶତ, ଭିତର, ଭଗତ, ଭିତର ମାନଧାତା, ମହାତମା, ଶତ, ବହୁତ, ଦୂତ, ଉଦିତ, ଜାତ, ଭଗତ, ଦେହିତା, ରେତ ଓ ହତ ଶବ୍ଦ ମହାଭାରତରେ ବ୍ୟବହୃତ ହୋଇଚି। ଯେପରିକି 'ସ୍ୱର୍ଗାରୋହଣ ପର୍ବରେ କୁହାଯାଇଚି:

ଅଶସ୍ତମା ହତ ବୋଲି ଶୁଣନ୍ତି ସେ କର୍ଣ୍ଣେ<br>
ତେବେ ସେ ଶହସ୍ର ଛାଡ଼ିବେ ଜିଣିମ ତାକୁ ରଣେ<br>
(ସା:ମ (ସଂ)୧୯୬୫ ପୃଷ୍ଠା:୨୨୯)




ଏକ ପ୍ରକାର ପାଠ ମଧ୍ୟ ସଦ୍ୟ ପ୍ରକାଶିତ 'ମହାଭାରଥ' ଗ୍ରନ୍ଥରେ ଲିଖିତ ଓ ସମ୍ପାଦିତ ହୋଇଚି।

ଅଶସ୍ତମାହତ ବୋଲି ଶୁଣଇ ଯେବେ କର୍ଣ୍ଣେ।<br>
ତେବେ ସେ ଶହସ୍ର ଛାଡ଼ଇ ଜିଣଇଂ ତାକୁ ରଣେ।'<br>
(ସାରୋଳଦାସ ମହାଭାରଥ-୨୦୨୦:୨୪୫)

ଏଠାରେ ବୁଝି ନେବାକୁ ହେବ ଯେ ସଂସ୍କୃତ ଭାଷାର କ୍ଲିଷ୍ଟ ଧ୍ୱନି ଉଚ୍ଚାରଣ ନ ହୋଇପାରି ପାଲି ଓ ପ୍ରାକୃତ ଭାଷାରେ ସରଳୀକରଣ ହୋଇ ମହାପ୍ରାଣ ଧ୍ୱନି ଅଳ୍ପପ୍ରାଣରେ ପରିଣତ ହୋଇଛି, ଯଥା- ହସ୍ତ > ହଥ୍ଥ > ହଥ > ହାତ।

## ଅଳ୍ପପ୍ରାଣ ଓ ମହାପ୍ରାଣ

କିନ୍ତୁ ଏହା ନିର୍ଦ୍ଦିଷ୍ଟ ସ୍ଥାନରେ, ସବୁ ସ୍ଥାନରେ ପରିବର୍ତ୍ତିତ ହୋଇ ନ ଥାଏ। ଏହି ପରିପ୍ରେକ୍ଷୀରେ ଡକ୍ଟର ରଥ ପ୍ରସ୍ତାବିତ କରୁଥିବା "ଅଳ୍ପପ୍ରାଣ ଓ ମହାପ୍ରାଣ ଧ୍ୱନି ପରସ୍ପର ନିକଟରେ ଥାଇ ଉଚ୍ଚାରଣ ବେଳେ ପରସ୍ପର ପ୍ରଭାବିତ ହେବା ଖୁବ୍ ସାଧାରଣ କଥା" ମନ୍ତବ୍ୟଟି ଗ୍ରହଣୀୟ ହୋଇପାରିବ ନାହିଁ। ସେଇଭଳି "ଓଡ଼ିଶା ପରି ଆଦିବାସୀ ଜନବହୁଳ ରାଜ୍ୟରେ ଯେଉଁମାନଙ୍କ ଭାଷାରେ ମହାପ୍ରାଣ ବର୍ଣ୍ଣ ଅନୁପସ୍ଥିତ ସେମାନେ ନୂତନ ଶବ୍ଦଟିଏ ଉଚ୍ଚାରଣ ବେଳେ ମହାପ୍ରାଣ ସ୍ଥାନରେ ଅଳ୍ପପ୍ରାଣ

ଓ ଅଳ୍ପପ୍ରାଣ ସ୍ଥାନରେ ବେଳେବେଳେ ମହାପ୍ରାଣ ଉଚ୍ଚାରଣ କରିବା ଖୁବ୍ ସ୍ୱାଭାବିକ” ବୋଲି ଦର୍ଶାଇଥିବା ଉକ୍ତି ବା ମନ୍ତବ୍ୟଟି ମଧ୍ୟ ଅଗ୍ରହଣୀୟ। କାରଣ ଓଡ଼ିଶାର ଆଦିବାସୀ ବା ଜନଜାତି ମୁଖ୍ୟତଃ ତିନୋଟି ପ୍ରଜାତିର ସମାବେଶ ଯଥା- ଆର୍ଯ୍ୟ, ଦ୍ରାବିଡ଼ ଓ ଅଷ୍ଟ୍ରିକ ବା ମୁଣ୍ଡା। ଦ୍ରାବିଡ ଭାଷାଗୁଡ଼ିକରେ ମୁଖ୍ୟତଃ ମହାପ୍ରାଣ ଧ୍ୱନିର ବ୍ୟବହାର ନାହିଁ କହିଲେ ଚଳେ। କିନ୍ତୁ ମୁଣ୍ଡା ଭାଷାଗୁଡ଼ିକରେ ମହାପ୍ରାଣ ଧ୍ୱନିର ସ୍ଥିତି ଦେଖିବାକୁ ମିଳେ। ଯେଉଁଥିପାଇଁ ବାଲେଶ୍ୱରୀ ଓଡ଼ିଆରେ / ଓ > / ଉ/ ଧ୍ୱନିରେ ପରିବର୍ତ୍ତିତ ହୋଇଥାଏ ବୋଲି ଭାଷାବିଜ୍ଞାନୀ ପଞ୍ଚାନନ ମହାନ୍ତି (୧୯୮୭) ମତପୋଷଣ କରିଚନ୍ତି। ଅତଏବ ଓଡ଼ିଆ ଭାଷାରେ /ଓ / ଧ୍ୱନିର ବ୍ୟବହୃତ ବହୁତ ସୀମିତ। ତଥାପି ଓଡ଼ିଆରେ / ଓ / > / ଉ / ଓ/ ଆ/ ଧ୍ୱନିରେ ପରିବର୍ତ୍ତନ ହେବାର ଦୃଷ୍ଟାନ୍ତ ରହିଚି।

**ଓଡ଼ିଆରେ ଲୋକମାନେ ଯେଉଁଭଳି ଉପରୋକ୍ତ ଶବ୍ଦଗୁଡ଼ିକ ଉଚ୍ଚାରଣ କରନ୍ତି ବା କହନ୍ତି ସେଇଭଳି ମଧ୍ୟ ଲେଖିବାର ଦୃଷ୍ଟାନ୍ତ ରହିଚି।**

(କ) ଓ > ଅ – ଗୋଲୋକ > ଗୋଲକ, ତୋତେ > ତତେ

ଭୂଗୋଳ > ଭୂଗଳ

କୋଣ > କଣ

ମୋତେ > ମତେ

ଏଇଭଳି ଅନେକ ଉଦାହରଣ ଓଡ଼ିଆରେ ରହିଚି।

(ଖ) ଓ > ଉ ପକୋଡ଼ି > ପକୁଡ଼ି

ସଙ୍କୋଚ> ସଙ୍କୁଚ

ଓପର > ଉପର

ଓଦା > ଉଦା

ଓପାଡ଼ିବା > ଉପାଡ଼ିବା

ଓଡ଼ିଆରେ ଓ > ଉ ଏବଂ ଉ > ଓ ରେ ପରିବର୍ତ୍ତିତ ହେବା ଏକ ଔପଭାଷିକ ବିଲକ୍ଷଣ। ଓଡ଼ିଆରେ ଲୋକମାନେ ଯେଉଁଭଳି ଉପରୋକ୍ତ ଶବ୍ଦଗୁଡ଼ିକ ଉଚ୍ଚାରଣ କରନ୍ତି ବା କହନ୍ତି ସେଇଭଳି ମଧ୍ୟ ଲେଖିବାର ଦୃଷ୍ଟାନ୍ତ ରହିଚି। ଏସବୁ ଅତି ସଂଶୋଧନ (ହାଇପର-କନେକ୍ସନ) କୁ ଭାଷାର ସ୍ୱାଭାବିକ ପ୍ରକ୍ରିୟା ବୋଲି ବିଚାର କରିବା ଯୁକ୍ତିଯୁକ୍ତ।

**ଉପସଂହାର**

ନିମ୍ନଲିଖିତ ବିଷୟଗୁଡ଼ିକ ଉପସଂହାରରେ ଉଲ୍ଲେଖ କରିବା ସମୀଚୀନ।

(କ) ପାରମ୍ପରିକ ବ୍ୟବସ୍ଥା ଓ ଭାଷାବୈଜ୍ଞାନିକ ଦୃଷ୍ଟିରୁ ସାରଳା ଦାସଙ୍କ ମହାଭାରତ ହିଁ ଆମପାଇଁ ଗ୍ରହଣୀୟ।

(ଖ) ଅଳ୍ପପ୍ରାଣ ଓ ମହାପ୍ରାଣ ଧ୍ୱନି ପରିବର୍ତ୍ତନ ଏସବୁପାଇଁ ଦାୟୀ ନୁହେଁ କାରଣ ଓଡ଼ିଆରେ ଓ > /ଅ / ଏବଂ / ଉ/ ରେ ପରିବର୍ତ୍ତିତ ହେବାର ଦୃଷ୍ଟାନ୍ତ ରହିଚି।

(ଗ) କୌଣସି ବ୍ୟକ୍ତି ଗ୍ରନ୍ଥର ଗୃହୀତ ନାଁ ଉପରେ ଏତେ ଗବେଷଣା ନ କରି ‘ମହାଭାରତ’ ବିଷୟରେ ବୈଜ୍ଞାନିକ ଅନୁଶୀଳନ କରିବା ଆମ ପାଇଁ ସ୍ୱାଗତଯୋଗ୍ୟ ଆହ୍ୱାନ।

**ସହାୟକ ଗ୍ରନ୍ଥସୂଚୀ:-**

(୧) ଦାଶ, ଗୌରାଙ୍ଗଚରଣ ଓ ଓଗେର ।୨୦୨୦। ସାରୋଳ ଦାସ ମହାଭାରଥ। (ସଂ) ଭୁବନେଶ୍ୱର: ଶିକ୍ଷା ଓ ଅନୁସନ୍ଧାନ। ୨୦୨୧। ସାରୋଳଦାସ ମହାଭାରଥ। (କର୍ଣ୍ଣାଦି ଦଶପର୍ବ) (ସଂ)। ଭୁବନେଶ୍ୱର: ଶିକ୍ଷା ଓ ଅନୁସନ୍ଧାନ।

(୨) ମହାନ୍ତି, ଆର୍ତ୍ତବଲ୍ଲଭ। ୧୯୬୫। ମହାଭାରତ। (ସଂ)। ଭୁବନେଶ୍ୱର:ଓଡ଼ିଶା ସରକାରଙ୍କ ସାଂସ୍କୃତିକ ବ୍ୟାପାର ବିଭାଗ।

(୩) ରଥ, ସନ୍ତୋଷ କୁମାର।୨୦୦୪। ସାହିତ୍ୟ ଚର୍ଚ୍ଚା ଭାଗ-୨, ସଂଖ୍ୟା-୧୧, ଜାନୁଆରୀ ୨୦୨୪ ପୃଷ୍ଠା-୫୦-୫୫।

(୪) ସାହୁ, ଉଦୟନାଥ ଓ ମଲ୍ଲିକ, ରମେଶ ଚନ୍ଦ୍ର।୨୦୨୩। ଶତାବ୍ଦୀର ସାରଳା ସମୀକ୍ଷା । (ସଂ)। ଭୁବନେଶ୍ୱର: ପେଜ୍‌ମେକର ପବ୍ଲିକେଶନ।

(୫) ମହାନ୍ତି, ପଞ୍ଚାନନ, ୧୯୮୭

‘ହ୍ୱେଆର ଡିଡ୍ ୧୦୧ ଗୋ ଇନ୍ ଦି ନର୍ଦନ ଡାଇଲେକ୍ଟ ଅଫ୍ ଓରିଆ ?’

ଇଣ୍ଡିଆନ ଲିଙ୍ଗୁଇଷ୍ଟିକ୍, ଭାଗ-୪୮ (୪୮)

□□

ଲେଖକଙ୍କ ଇ-ମେଲ ଠିକଣା:
ramesmalik@gmail.com

ସାକ୍ଷାତକାର

# ବରିଷ୍ଠ କବି ଆଶୁତୋଷ ପରିଡ଼ାଙ୍କ ସହିତ ସାରସ୍ୱତ ଆଳାପ

*ପ୍ରବୀଣ କବି ଡ. ଆଶୁତୋଷ ପରିଡ଼ା ଓଡ଼ିଆ ସାହିତ୍ୟ ଜଗତରେ ଜଣେ ପ୍ରଗତିଶୀଳ ସାରସ୍ୱତ ସ୍ରଷ୍ଟା ଭାବରେ ପରିଚିତ। କବିଙ୍କର ବୟସ ବର୍ତ୍ତମାନ ୭୭ ବର୍ଷ ଏବଂ ସେ ଏ ବର୍ଷ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇଁ ମନୋନୀତ ହୋଇ ଚର୍ଚ୍ଚାକୁ ଆସିଛନ୍ତି। ଭୁବନେଶ୍ୱରସ୍ଥିତ ଆଂଚଳିକ ଗବେଷଣାଗାରଠାରେ ଜଣେ ବରିଷ୍ଠ ବୈଜ୍ଞାନିକ ଭାବରେ କାର୍ଯ୍ୟ କରି ସେ ସେବାନିବୃତ୍ତ ହୋଇଛନ୍ତି। ଏ ଯାବତ୍ ତାଙ୍କର ପ୍ରକାଶିତ ପୁସ୍ତକ ଗୁଡ଼ିକ ମଧ୍ୟରେ ୧୨ଗୋଟି କବିତା ସଂକଳନ ଅନ୍ତର୍ଭୁକ୍ତ। ତା'ଙ୍କ ସହିତ ବାର୍ତ୍ତାଳାପ କରିଥିଲେ 'ସାହିତ୍ୟ ଚର୍ଚ୍ଚା'ର ସଂପାଦକ ନିହାର ଶତପଥୀ।*



**ସାହିତ୍ୟ ଚର୍ଚ୍ଚା:** ଆପଣ ଏ ବର୍ଷ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରର ବିଜେତା ହୋଇଥିବାର ଘୋଷଣା ଶୁଣି ଓଡ଼ିଶାର ସାହିତ୍ୟ ଜଗତ ଏକ ପ୍ରକାର ଚକିତ ହୋଇପଡ଼ିଥିଲା। କାରଣ, ଏ ବର୍ଷର ସମ୍ଭାବ୍ୟ ବିଜେତାଙ୍କ ତାଲିକାରେ ଅନ୍ୟ କିଛି ଜଣଙ୍କର ନାମ ମଧ୍ୟ ଶୁଣାଯାଉଥିଲା। ଏହା ଆପଣଙ୍କୁ ମଧ୍ୟ ଚକିତ କରିଛି କି ?

**ଆଶୁତୋଷ ପରିଡ଼ା:** ହଁ, ମୋତେ ନିଶ୍ଚିତ ଭାବରେ ଟିକିଏ ଆଶ୍ଚର୍ଯ୍ୟାନ୍ୱିତ କଲା। ପୂର୍ବରୁ ମଧ୍ୟ ମୋ ବହି ଏଥିପାଇଁ ପ୍ରାରମ୍ଭିକ ବିବେଚନାକୁ ଯାଇଛି; କିନ୍ତୁ କୌଣସି କାରଣରୁ ଏହା ମନୋନୀତ ହୋଇପାରିନାହିଁ। ତେଣୁ ଏଥରକ ବି ମିଳିଯିବ, ସେମିତି କିଛି ଆଶା ନ ଥିଲା।

**ସାହିତ୍ୟ ଚର୍ଚ୍ଚା:** ତା'ହେଲେ ଆପଣଙ୍କର ଏହି ବହିଟି ପୂର୍ବ ବର୍ଷ ମଧ୍ୟ ଏହା ସର୍ଟଲିଷ୍ଟେଡ୍ ହୋଇଥିଲା ?

**ଆଶୁତୋଷ ପରିଡ଼ା:** ହଁ, ପୂର୍ବ ବର୍ଷ ବି ସର୍ଟଲିଷ୍ଟେଡ୍ ଥିଲା; ଏହା ଅବଶ୍ୟ ମୁଁ ପରେ ଜାଣିଲି।

**ସାହିତ୍ୟ ଚର୍ଚ୍ଚା:** ତେବେ ଏ ବର୍ଷର ପୁରସ୍କାରଟି ଆପଣଙ୍କର ଏହି ବହିକୁ ମିଳିବାର ଅଛି ବୋଲି ଆପଣ ଆଗରୁ କିଛି ବି ଆଭାସ ପାଇନଥିଲେ !

**ଆଶୁତୋଷ ପରିଡ଼ା:** ନା, ଆଭାସ ପାଇନଥିଲି।

**ସାହିତ୍ୟ ଚର୍ଚ୍ଚା:** ଓଡ଼ିଶାରେ ଗୋଟିଏ ଧାରଣା ରହିଆସିଛି ଯେ ବିନା ଲବିଂରେ ସାହିତ୍ୟ ପୁରସ୍କାରଟିଏ ପାଇବା ବଡ଼ କଷ୍ଟକର। ଆପଣ ଏହାକୁ ଭୁଲ୍ ବୋଲି ପ୍ରମାଣିତ କରିଦେଲେ।

**ଆଶୁତୋଷ ପରିଡ଼ା:** ଆମେ କେମିତି କହିପାରିବା, ଯେ ଲବିଂ ହେଉଛି ବୋଲି ? ଆଗରୁ ଯେଉଁମାନେ ପାଇଛନ୍ତି, ସେମାନେ ଲବିଂରେ ପାଇଛନ୍ତି ବୋଲି କାହିଁକି ଭାବିବା ? ସେମାନଙ୍କ ବହିକୁ ବିଚାରକ ମଣ୍ଡଳୀ ପସନ୍ଦ କରିଛନ୍ତି। ମୋତେ

ଯଦି ପଚରାଯିବ ଯେ, 'ଆପଣଙ୍କ ବହି ଗତ ବର୍ଷ କାହିଁକି ପାଇଲାନି', ମୁଁ କହିବି ଯେ 'ହୁଏତ ମୋ କବିତାର ସ୍ୱର ଜୁରିର ପସନ୍ଦକୁ ଆସିଲା ନାହିଁ।' କିନ୍ତୁ ଏ ବର୍ଷ ସେମାନେ ଏହାକୁ ପସନ୍ଦ କଲେ; ଆମେ ଏଇମିତି ଭାବିବା। ମୁଁ ଭାବେନା, ସମସ୍ତ ଲେଖକ ଲବିଂ କରି ପୁରସ୍କାର ପାଆନ୍ତି ବୋଲି।

**ସାହିତ୍ୟ ଚର୍ଚ୍ଚା**: ଆପଣ ତ ମୂଳତଃ ଜଣେ କବି। ତେବେ ଆପଣ 'କଳାତ୍ମକ ବାସ୍ତବତା - ଭିତ୍ତି ଓ ଅଙ୍ଗୀକାର' ନାମକ ଗୋଟିଏ ପ୍ରବନ୍ଧ ସଂକଳନ ମଧ୍ୟ ରଚନା କରିଛନ୍ତି। ଏହି କଳାତ୍ମକ ବାସ୍ତବତା କହିଲେ ଆପଣ ଯାହା ଭାବନ୍ତି, ତାହା ନ ଥିଲେ କବିତାଟିଏ ଅନ୍ତଃସାର ଶୂନ୍ୟ ହୋଇଯାଏ କି?

**ଆଶୁତୋଷ ପରିଡ଼ା**: ଅବଶ୍ୟ; କାରଣ ମୁଁ ଅନ୍ତତଃ ଭାବେ, ଯେ କୌଣସି ସାହିତ୍ୟିକ ସର୍ଜନା ବାସ୍ତବତାର ଗୋଟିଏ ପ୍ରକାର ପୁନର୍ନିର୍ମାଣ ମାତ୍ର। ସବୁ କଳାସୃଷ୍ଟିର ମୂଳରେ ବାସ୍ତବତା ଅଛି।

**ସାହିତ୍ୟ ଚର୍ଚ୍ଚା**: ବାସ୍ତବଧର୍ମୀତା ତ ରହିବ ନିଶ୍ଚୟ, ତାହା ଅଳ୍ପ ହେଉ ବା ଅଧିକ। କିନ୍ତୁ ସେଥିରେ କଳାତ୍ମକତାର ସଂଯୋଗ ନ ହେଲେ ତାହା କବିତା ହୋଇପାରିବ କି?

**ଆଶୁତୋଷ ପରିଡ଼ା**: ମୋ'ର ଧାରଣା ଯେ ହୋଇପାରିବନି। କିନ୍ତୁ ସାହିତ୍ୟର ବାସ୍ତବତା ହେଉଛି ଏକ ରୂପାନ୍ତରିତ ବାସ୍ତବତା।

**ସାହିତ୍ୟ ଚର୍ଚ୍ଚା**: ତେବେ ଏହି ରୂପାନ୍ତରଣ ପ୍ରାୟତଃ ଘଟିଥାଏ କି?

**ଆଶୁତୋଷ ପରିଡ଼ା**: ଆମେ ବାସ୍ତବତାକୁ ସ୍ଥୁଳଦୃଷ୍ଟିରେ ଯାହା ଦେଖୁଛେ, ସେଇଟା ଯେତେବେଳେ ସାହିତ୍ୟ କିମ୍ବା କଳାର ରୂପ ନେବ, ଅର୍ଥାତ୍ କବିତା ବା ଚିତ୍ରାଙ୍କନ ଭାବରେ ପ୍ରକାଶିତ ହେବ, ତାହା ନିଶ୍ଚିତ ଭାବରେ ଗୋଟିଏ ରୂପାନ୍ତରିତ ଆକୃତି ପାଇବ।

**ସାହିତ୍ୟ ଚର୍ଚ୍ଚା**: ଆମ ଆଖିକୁ ଯାହା ବାସ୍ତବ ଘଟଣା ବା ଦୃଶ୍ୟଟି ଦିଶିଥାଏ, ତା'ପ୍ରତି କବି ନିଜର ଯେଉଁ ସୂକ୍ଷ୍ମ ଅନ୍ତର୍ଦୃଷ୍ଟି ଆରୋପିତ କରେ, ତାହାକୁ ବୋଧହୁଏ ଆପଣ ଏକ ରୂପାନ୍ତରଣ ବୋଲି କହୁଛନ୍ତି।

**ଆଶୁତୋଷ ପରିଡ଼ା**: ହଁ, ସେହି ବାସ୍ତବତା ଭିତରକୁ ପ୍ରବେଶ କରି ତାହାର ଅନ୍ତଃସ୍ୱରକୁ ଉନ୍ମୋଚନ କରିବା ହିଁ ହେଉଛି କବିତା। ଏହାକୁ ବାସ୍ତବତାର କଳାତ୍ମକ ଉନ୍ମୋଚନ ବୋଲି ମଧ୍ୟ କୁହାଯାଇପାରେ।

**ସାହିତ୍ୟ ଚର୍ଚ୍ଚା**: 'ଇପ୍ସିତ କ୍ରୋଧ' ବହିଟି ପାଇଁ ଆପଣ ୧୯୯୦ ମସିହାରେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ପାଇଥିଲେ। ୨୦୨୩ରେ ଆପଣଙ୍କର 'ଅପ୍ରସ୍ତୁତ ମୃତ୍ୟୁ' ସଂକଳନ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇଲା। ଏହି ଦୀର୍ଘ ୩୩ ବର୍ଷର ବ୍ୟବଧାନ ଭିତରେ ଆପଣଙ୍କ କାବ୍ୟସ୍ୱରରେ କୌଣସି ବିବର୍ତ୍ତନ ହୋଇଛି କି?

**ଆଶୁତୋଷ ପରିଡ଼ା**: ବିବର୍ତ୍ତନ ତ ହେବା ସ୍ୱାଭାବିକ, ପରିବର୍ତ୍ତନ ଯେହେତୁ ସଂସାରର ନିୟମ। ଯେ କୌଣସି ସାହିତ୍ୟିକର ଚିନ୍ତା ଓ ଭାବନା ସମୟ କ୍ରମେ ନିଶ୍ଚିତ ଭାବରେ ରୂପାନ୍ତରିତ ହେବ। ତେବେ ଏହା ଏକ ନକାରାତ୍ମକ ଭାବରେ ବଦଳେ ନାହିଁ।

**ସାହିତ୍ୟ ଚର୍ଚ୍ଚା**: ତା'ର ମୌଳିକ ଚିନ୍ତନ ଓ ଅବବୋଧ ମଧ୍ୟ କ'ଣ ବେଳକୁ ବେଳ ବଦଳୁଥାଏ?

**ଆଶୁତୋଷ ପରିଡ଼ା**: ମୌଳିକ ଭାବ ତ ସେଇଆ ହିଁ ରହିବ। କିନ୍ତୁ ସେହି ଭାବକୁ ବୁଝିବାର ଓ ପ୍ରକାଶ କରିବାର ପ୍ରଚେଷ୍ଟା କବିଟିଏ ନୂଆ ନୂଆ ଢଙ୍ଗରେ କରିଥାଏ।

**ସାହିତ୍ୟ ଚର୍ଚ୍ଚା**: ଗୋଟିଏ ଦୃଷ୍ଟାନ୍ତ ଦେଇ ଆମେ ଏହାକୁ ବୁଝିବାକୁ ଚାହିଁବୁ। ୧୯୮୭ରେ ପ୍ରକାଶିତ ଆପଣଙ୍କ 'ଇପ୍ସିତ କ୍ରୋଧ' ସଂକଳନର ପ୍ରଥମ କବିତା 'ଭାରତମାତା'ର କେଇ ଧାଡ଼ି: 'କାହାର ବାଟ ଓଗାଳି ତୁ ଠିଆହୋଇଛୁ ମା! ଦୁଇହାତ ମେଲାକରି ରହିଯିବାର ଏ ଭଙ୍ଗୀରେ, ତୁ ଗତିରୋଧ କରୁଛୁ କାହାର?' ଦେଶର ଜାତୀୟ ଅସ୍ମିତାର ଛବି ଭାରତମାତାକୁ ପ୍ରଶ୍ନ କରିବାର ଆପଣଙ୍କର ଏକ ଉଦ୍ଦାମତା ଥିଲା ସେହି ସମୟରେ।

**ଆଶୁତୋଷ ପରିଡ଼ା**: ହଁ

**ସାହିତ୍ୟ ଚର୍ଚ୍ଚା**: ତା'ପରେ, କିଛି କାଳ ଅନ୍ତେ, ଅର୍ଥାତ୍ ୨୦୨୦ରେ ପ୍ରକାଶିତ 'ଅପ୍ରସ୍ତୁତ ମୃତ୍ୟୁ' ସଂକଳନର 'କ୍ଷମା କରିଦେ ପୃଥ୍ୱୀ' କବିତାରେ ସେହି କାବ୍ୟସ୍ୱର ଆଉ ଏକ ସ୍ତରକୁ ଉନ୍ନିତ ହୋଇଛି। ଆପଣ କହିଛନ୍ତି, 'ମୋତେ କ୍ଷମା

**ବାସ୍ତବତା ଭିତରକୁ ପ୍ରବେଶ କରି ତାହାର ଅନ୍ତଃସ୍ୱରକୁ ଉନ୍ମୋଚନ କରିବା ହିଁ ହେଉଛି କବିତା।**

କରିଦେ ପୃଥ୍ୱୀ; ବିନ୍ଦୁଏ ମାଟି, ବିନ୍ଦୁଏ ପାଣି, ବିନ୍ଦୁଏ ଉତ୍ତାପରେ ଗଢ଼ା ମୋର ଅବୟବ। କେତୋଟି ଶବ୍ଦ ଭିତରେ ସୀମିତ ମୋ ଆୟୁଷ। ମୋ ଚାରିପାଖରେ ଭଙ୍ଗାରୁଜା ସ୍ୱପ୍ନ। ପୃଥ୍ୱୀ ପ୍ରତି ଆପଣଙ୍କ ଏହି ଆବେଗଭରା ଅନୁନୟ, ଆପଣଙ୍କ ଅବବୋଧକୁ ଭିନ୍ନ ଏକ ଉଚ୍ଚତା ଦେଇଛି କି?

**ଆଶୁତୋଷ ପରିଡ଼ା:** ମୁଁ ଯେତେବେଳେ ଭାରତମାତାଙ୍କ କଥା କହୁଛି, ସେଠାରେ ଗୋଟିଏ ପ୍ରକାର ଦେଶାତ୍ମବୋଧକ ଭାବନା ଅଛି। ଏଠି ଦେଶକୁ ମୁଁ ଜଣେ ମାଆ ଭାବରେ ଦେଖୁଛି। ଭାରତମାତା ମାନଚିତ୍ରଟି ମୋତେ ହାତ ମେଲା କରି ଛିଡ଼ା ହୋଇଥିବା ଜଣେ ମାଆ ଭଳି ଦିଶୁଛି। ସେ ଯେମିତି ନିଜର ସନ୍ତାନମାନଙ୍କୁ ସବୁ ବିପଦ ଓ ଦୁର୍ବିପାକରୁ ରକ୍ଷା କରିବା ପାଇଁ ଅଭୟଦାୟିନୀ ରୂପରେ ଛିଡ଼ା ହୋଇଛି।




**ସାହିତ୍ୟ ଚର୍ଚ୍ଚା:** ପରବର୍ତ୍ତୀ କବିତାଟିରେ ଏହି ସ୍ୱର କେଉଁ ରୂପ ନେଇଛି?

**ଆଶୁତୋଷ ପରିଡ଼ା:** 'କ୍ଷମା କରିଦେ ପୃଥ୍ୱୀ'ରେ ଏହା ମୁଖ୍ୟ ସ୍ୱର ନୁହେଁ। ଏଥିରେ ଯେମିତି ଏକ ସାଧାରଣ ଟୋନ୍ ଅଛି। ପୃଥିବୀକୁ ଏଠି କାହିଁକି କ୍ଷମା ଯାଚନା କରାଯାଇଛି, ତା'ହେଲା, ପୃଥିବୀ ମଧ୍ୟ ଆମର ମାଆ, ଆହୁରି ବୃହତ୍ତର ଭାବରେ। ସେଠି କିନ୍ତୁ ହୋଇଛି କ'ଣ ନା, ଆମେ ସମସ୍ତେ ତା'କୁ ଲୁଣ୍ଠନ କରିବାକୁ ଚାହୁଁଛୁ।

**ସାହିତ୍ୟ ଚର୍ଚ୍ଚା:** ତେବେ ଦେଶ ଓ ପୃଥିବୀ ପ୍ରତି ଆପଣଙ୍କ କାବ୍ୟସ୍ୱରର ଆଭିମୁଖ୍ୟରେ ବିଶେଷ ପରିବର୍ତ୍ତନ ଆସିନାହିଁ ବୋଲି କ'ଣ ଆମେ କହିପାରିବା?

**ଆଶୁତୋଷ ପରିଡ଼ା:** ନା, ଆସିନାହିଁ।

**ସାହିତ୍ୟ ଚର୍ଚ୍ଚା:** ଆପଣଙ୍କ ରଚନାସମଗ୍ରକୁ ଦେଖିଲେ ଜଣାପଡ଼େ ଯେ ଆପଣ ଘନିଷ୍ଠ ଭାବରେ ମାନବବାଦୀ, ତା' ସହିତ ବିଦ୍ରୋହୀ ମଧ୍ୟ। କିନ୍ତୁ ସେ ବିଦ୍ରୋହରେ ଉଗ୍ରତା କିମ୍ବା ଉତ୍ତାପ ନାହିଁ। ଏହାର କାରଣ କ'ଣ ହୋଇପାରେ?

**ଆଶୁତୋଷ ପରିଡ଼ା:** ବିଦ୍ରୋହ ଥିଲେ ତ ଉତ୍ତାପ ଟିକିଏ ନିଶ୍ଚୟ ରହିବ। ବିନା ଉତ୍ତାପରେ ବିଦ୍ରୋହ ହୋଇପାରିବନାହିଁ।

**ସାହିତ୍ୟ ଚର୍ଚ୍ଚା:** କିନ୍ତୁ ଉଦାହରଣ ସ୍ୱରୂପ, ରବି ସିଂଙ୍କ ବିଦ୍ରୋହ ଓ ଆପଣଙ୍କ ବିଦ୍ରୋହ ଭିତରେ ଫରକ ଅଛି।

**ଆଶୁତୋଷ ପରିଡ଼ା:** ନିଶ୍ଚୟ ଫରକ ଅଛି। କାରଣ ସାଧାରଣ ଭାବରେ ଯେଉଁ ବିଦ୍ରୋହଧର୍ମୀ ବା ବିପ୍ଳବାତ୍ମକ କବିତାସବୁ ଲେଖାହୋଇଛି, ତା'ର ଭିତରେ ବି ବିଭିନ୍ନ ରୋମାଣ୍ଟିକ ତତ୍ତ୍ୱ ରହିଛି। କିନ୍ତୁ ଆମେ ଯେତେବେଳେ ବାସ୍ତବବାଦୀ ଦୃଷ୍ଟିକୋଣରୁ ଅନୁଭବ କରିବା ଏବଂ ତାହା ଭିତରେ ଗୋଟିଏ ବିଦ୍ରୋହକୁ ଆବିଷ୍କାର କରିବା, ତାହାର ପରିପ୍ରକାଶ ଟିକିଏ ଅଲଗା ପ୍ରକାର ହୋଇଯିବ। ଆବେଗ ତ ନିଶ୍ଚୟ ରହିବ; କିନ୍ତୁ ତାହା ସ୍ଲୋଗାନଧର୍ମୀ ନ ହୋଇ ବରଂ ନିୟନ୍ତ୍ରଣ ଭିତରେ ଏକ ରହିବ।

**ସାହିତ୍ୟ ଚର୍ଚ୍ଚା:** ଆପଣଙ୍କ କବିତାରେ ଏହି ଆଭିମୁଖ୍ୟଟା ଆପଣଙ୍କର ସ୍ୱଭାବଗତ ବା ଜେନେଟିକ୍?

**ଆଶୁତୋଷ ପରିଡ଼ା:** ସ୍ୱଭାବଗତ ଭାବରେ କହିଲେ ପିଲାଦିନେ ମୁଁ ଟିକିଏ ଲାଜକୁରା ଥିଲି। କବିମାନେ ବି ସାଧାରଣତଃ ଚୁପଚାପ୍ ଓ ଲାଜକୁରା ପ୍ରକୃତିର ହୋଇଥାଆନ୍ତି, ମୋ'ର ଯାହା ଧାରଣା। କବି ବାଚାଳ ହୋଇପାରିବନି।

**ସାହିତ୍ୟ ଚର୍ଚ୍ଚା:** ଆପଣଙ୍କର କହିବାର କଥା ଯେ କବିଟିଏ ସାଧାରଣତଃ ନିରବ ଓ ମନନଶୀଳ ହେଇଥାଏ ! ତେବେ ଆପଣ ପିଲାଦିନେ କେବେ ଭାବିଥିଲେ କି, କବିଟିଏ ହେବେ ବୋଲି?

**ଆଶୁତୋଷ ପରିଡ଼ା:** ନା, ସ୍ୱଭାବଗତ ଦୃଷ୍ଟିରୁ ଦେଖିଲେ ଏହା ମୁଁ ଭାବିନଥିଲି। ନବମ ଶ୍ରେଣୀରେ ପଢୁଥିବା ବେଳେ ସ୍କୁଲର ପତ୍ରିକା ପାଇଁ ଗୋଟିଏ କବିତା ଲେଖିଥିଲି। ତା'ପରେ ଦଶମ ଶ୍ରେଣୀରେ ଯେତେବେଳେ ମୁଁ ଭଦ୍ରକରେ ପଢ଼ିଲି, ସେତେବେଳେ ସେଠାରେ ସାହିତ୍ୟିକ ଆବହାୱା ଥିଲା; କାରଣ ଶିକ୍ଷକମାନେ ସାହିତ୍ୟପ୍ରାଣ ଥିଲେ। ସେତେବେଳେ ମୁଁ ଯେଉଁ କବିତା ଲେଖିଲି ତାହାକୁ ସାର୍‌ମାନେ ପସନ୍ଦ କଲେ। ତେଣୁ ମୋର ଉତ୍ସାହ ଜାଗ୍ରତ ହେଲା।

**ସାହିତ୍ୟ ଚର୍ଚ୍ଚା:** ଆପଣଙ୍କୁ ସାଧାରଣତଃ ଜଣେ ପ୍ରଗତିଶୀଳ

କବି ଭାବରେ ଚିତ୍ରଣ କରାଯାଏ। ଗୋଟିଏ ନିର୍ଦ୍ଦିଷ୍ଟ ରାଜନୈତିକ ଆଦର୍ଶର ଅନୁଗାମୀମାନଙ୍କୁ ପ୍ରଗତିଶୀଳ କୁହାଯାଏ କି ?

**ଆଶୁତୋଷ ପରିଡ଼ା:** ମୁଁ ଅନେକ ଥର କହିଛି, ଓ ଲେଖିଛି ମଧ୍ୟ; ମୋତେ ଯଦି କିଏ କହେ ଯେ ମୁଁ ପ୍ରଗତିଶୀଳ ମୁଁ ତାହାର ବିରୋଧ କରିନି। କାହିଁକି ନା, ପ୍ରଗତିଶୀଳର ଅର୍ଥ ହେଉଛି ଯିଏ ପରିବର୍ତ୍ତନରେ ବିଶ୍ୱାସୀ। ଜଣେ ବିଜ୍ଞାନର ଛାତ୍ର ଭାବରେ ମୁଁ ତ ପରିବର୍ତ୍ତନରେ ବିଶ୍ୱାସୀ। ଜଣେ କବି ଓ ଲେଖକ ଭାବରେ ମଧ୍ୟ ଏଥିରେ ବିଶ୍ୱାସୀ। ମୁଁ ଭାବେ ଯେ ଗୋଟିଏ ସାମାଜିକ ବିବର୍ତ୍ତନ ଭିତର ଦେଇ ସୁସ୍ଥ ଓ ସୁନ୍ଦର ସମାଜଟିଏ ଗଠିତ ହୋଇପାରିବ।

**ସାହିତ୍ୟ ଚର୍ଚ୍ଚା:** ଏଥିରେ କୌଣସି ନିର୍ଦ୍ଦିଷ୍ଟ ମତାଦର୍ଶର ଭୂମିକା ନାହିଁ ?

**ଆଶୁତୋଷ ପରିଡ଼ା:** ପ୍ରଗତିଶୀଳ ହେବାପାଇଁ ଯେ କୌଣସି ନିର୍ଦ୍ଦିଷ୍ଟ ମତାଦର୍ଶ ରହିବ, ଅର୍ଥାତ୍ ଜଣେ ସାମ୍ୟବାଦରେ ବିଶ୍ୱାସ କରିବ, ସେମିତି କିଛି ନାହିଁ। ଜଣେ ସାମ୍ୟବାଦୀ ତ ପ୍ରଗତିଶୀଳ ହୋଇପାରେ। କିନ୍ତୁ ଜଣେ ସାମ୍ୟବାଦୀ ନ ହୋଇ ବି ପ୍ରଗତିଶୀଳ ହୋଇପାରିବ।

**ଯେତେବେଳେ ମୋତେ ସଭାସମିତିରେ କହିବା ପାଇଁ ଡାକନ୍ତି, ମୁଁ ଅନର୍ଗଳ କହିବାକୁ ଭଲ ପାଏନାହିଁ।**

**ସାହିତ୍ୟ ଚର୍ଚ୍ଚା:** କୁହାଯାଏ ଯେ ଆପଣ ଭାରି ଚୁପଚାପ୍; ସାହିତ୍ୟ ପାଇଁ ବେଶି ଧାଁ ଦଉଡ଼ କରନ୍ତି ନାହିଁ। ଏହା ଆପଣଙ୍କର ବିଳମ୍ବିତ ସ୍ୱୀକୃତିର ଏକ କାରଣ କି ? ନିଜ ବୟସର ବେଶ୍ ପରିଣତ ପ୍ରହରରେ ଆପଣ ସାହିତ୍ୟ ଏକାଡମୀ ପୁରସ୍କାର ପାଇଥିବାକୁ ନେଇ ଏ କଥା ଆମ ମନକୁ ଆସୁଛି।

**ଆଶୁତୋଷ ପରିଡ଼ା:** କଥା ହେଉଛି, ଯେତେବେଳେ ମୋତେ ସଭାସମିତିରେ କହିବା ପାଇଁ ଡାକନ୍ତି, ମୁଁ ଅନର୍ଗଳ କହିବାକୁ ଭଲ ପାଏନାହିଁ। ମୋର ବ୍ୟକ୍ତିଗତ ଧାରଣା ଯେ ସାହିତ୍ୟ ଉପରେ ଏତେ ଦୀର୍ଘ ଆଲୋଚନାର ଆବଶ୍ୟକତା ନାହିଁ।

**ସାହିତ୍ୟ ଚର୍ଚ୍ଚା:** ଚର୍ବିତ ଚର୍ବଣ କଥା ଶୁଣିବାକୁ ଶ୍ରୋତାମାନେ ମଧ୍ୟ ପସନ୍ଦ କରନ୍ତି ନାହିଁ।

**ଆଶୁତୋଷ ପରିଡ଼ା:** ହଁ, ସେମାନେ ପସନ୍ଦ କରନ୍ତି ନାହିଁ। ପୂର୍ବରୁ ତ ଲୋକେ ଘଣ୍ଟା ଘଣ୍ଟା ଧରି ଭାଷଣ ଦେଉଥିଲେ। ଏବେ ତ ଟିକିଏ କମିଗଲାଣି। ମୁଁ ଯେହେତୁ ଜଣେ ଅଧ୍ୟାପକ ନୁହେଁ, ତେଣୁ ସେତେ ଲମ୍ବା ଭାଷଣ ଦେଇପାରିବିନି। ମୁଁ ମଞ୍ଚପ୍ରିୟ ମଧ୍ୟ ନୁହେଁ।

**ସାହିତ୍ୟ ଚର୍ଚ୍ଚା:** ଆପଣଙ୍କର ସେ କାଳର କବି ବନ୍ଧୁମାନଙ୍କଠାରୁ ଶୁଣିଛୁ ଯେ ଆପଣ ଏକଦା ଭୁବନେଶ୍ୱରର ଏକ ନମ୍ବର ମାର୍କେଟ ପାଖରେ ଚାଲୁଥିବା ସାହିତ୍ୟ ଖଟିକୁ ନିୟମିତ ଭାବରେ ଆସୁଥିଲେ।

**ଆଶୁତୋଷ ପରିଡ଼ା:** ମୁଁ ପ୍ରତିଦିନ ଘରୁ ଟାଉନ୍ ବସ୍ ରେ ସେଠାକୁ ଯାଉଥିଲି। ବେଶ୍ ଆତ୍ମୀୟତା ଭରା ଭାବ-ବିନିମୟ ହେଉଥିଲା ସେଠି।

**ସାହିତ୍ୟ ଚର୍ଚ୍ଚା:** ଜଣେ ଆଧୁନିକ ଯୁଗର କବିଟିଏ ହୋଇଥିବ; କିନ୍ତୁ ପ୍ରେମ ବା ଶୃଙ୍ଗାର ରସକୁ ନେଇ ପଦଟିଏ ଲେଖିବ ନାହିଁ, ଏହା ନ ହୋଇପାରେ। କିନ୍ତୁ ଆପଣ ମାନବୀୟ ସମ୍ବେଦନାର ଏହି ଦିଗଠାରୁ ନିଜକୁ ଦୂରେଇ ରଖିଛନ୍ତି କାହିଁକି ?

**ଆଶୁତୋଷ ପରିଡ଼ା:** ଜଣେ ସାଧାରଣ ମଣିଷ ଭାବରେ କେହି ପ୍ରେମାନୁଭବକୁ ଛାଡ଼ି ରହିପାରିବ ନାହିଁ। ଯେତେବେଳେ ଆମେ ପରିଣତ ବୟସକୁ ଆସୁ, ସେହି ପ୍ରେମାନୁଭବ ଏକ ଭିନ୍ନ ସ୍ତରକୁ ସ୍ପର୍ଶ କରେ। ନାରୀର ତ ପୁଣି ଗୋଟିଏ ପରିବ୍ୟାପ୍ତ ସତ୍ତା ଅଛି !

**ସାହିତ୍ୟ ଚର୍ଚ୍ଚା:** ତେବେ ଆପଣ ନିଜ କବିତାରେ କେବେହେଲେ ନାରୀକୁ ଜଣେ ପ୍ରେମିକା ଭାବରେ ବୋଧହୁଏ ଦେଖିନାହାନ୍ତି।

**ଆଶୁତୋଷ ପରିଡ଼ା:** ମୋ'ର ପ୍ରେମ କବିତା ଅଛି; କିନ୍ତୁ ତାହା ସାଧାରଣ ଭାବରେ ପ୍ରେମ କବିତା ବୋଲି କହିଲେ ଯାହା ବୁଝାଏ, ସେହିଭଳି ନୁହଁ। ଶୃଙ୍ଗାର ରସାତ୍ମକ ତ ମୋଟରୁ ନୁହେଁ।

**ସାହିତ୍ୟ ଚର୍ଚ୍ଚା:** ଆଜିର ଏହି ମନୋଜ୍ଞ ଆଲୋଚନାଟି ପାଇଁ ଆପଣଙ୍କୁ ବିଶେଷ ଧନ୍ୟବାଦ।

□□

ଗଳ୍ପ

# ବାଇ ଚଢ଼େଇର ସଂସାର

ଚୌଧୁରୀ ବରଦାପ୍ରସନ୍ନ ଦାସ



ପ୍ରବଳ ପ୍ରତାପୀ ଇଂଜିନିୟର ପଟ୍ଟନାୟକଙ୍କୁ ଏପରି ଭାବରେ କେବେ ଦେଖିବେ ବୋଲି ଆଶା କରିନଥିଲା ବଙ୍ଗଳାର ଚୌକିଦାର ସନାତନ। ଯେତେବେଳେ ବି ସମୁଦ୍ର କୂଳରେ ଏଇ ବଙ୍ଗଳାକୁ ସେ ଆସନ୍ତି, କର୍ମଚାରୀଙ୍କ ମନରେ ଶଙ୍କା ଆସେ। ଅଶ୍ରାବ୍ୟ ଗାଳି, ସସ୍‌ପେନ୍‌ସନ୍ ତାଙ୍କ ପାଇଁ ଅତି ସାଧାରଣ କଥା। ନିର୍ଦ୍ଦିଷ୍ଟ ବ୍ରାଣ୍ଡର ମଦ ତାଙ୍କ ପାଇଁ ଆସେ। ଏଥିରେ କିଛି ଓଲମବିଲମ ହେଲେ ତାଙ୍କ ମୁଣ୍ଡରେ ପିତ୍ତ ଚଢ଼ିଯାଏ। ଶୁଣାଯାଏ ସେ ପଇସାରେ ବାଟ ଚାଲନ୍ତି। ଉପର ମହଲରେ ତାଙ୍କର ଭାରି ଖାତିର। ଖାଲି ଯେ ଉଚ୍ଚ ମହଲରେ ଲୋକଙ୍କ ଘରକୁ ନୋଟ ଭର୍ତ୍ତି ଆଟାଚି ନେଇଯାଆନ୍ତି ସେ କଥା ନୁହେଁ ତଳ ମହଲରେ ବି ବହୁତ ଦାନ ଧର୍ମ କରନ୍ତି। ଉପର ମହଲର ମିଜାଜକୁ ସେ ଭଲଭାବେ ବୁଝନ୍ତି। କିଏ ସୁରାରେ, କିଏ ସାକିରେ ଅବା କିଏ ଅର୍ଥରେ। କିଏ କେମିତି ପ୍ରୀତ ହେବ ସେ ଜାଣନ୍ତି। ତଳ ଲୋକ ଉପରେ ସେ ସିଧା ବୁଟ ପିନ୍ଧି ଚଢ଼ିଯାଆନ୍ତି।



ଇଂଜିନିୟର ପଟ୍ଟନାୟକଙ୍କ ବିଷୟରେ ଏସବୁ ଶୁଣା କଥା। ଏ ବଙ୍ଗଳାର ଚୌକିଦାର ସନାତନ ଦାସ କେବେ ଗୋପାଳପୁର ଛାଡ଼ି ଯାଇନି। ବାହାରର ଏ ସବୁ କଥା ସେ ଜାଣିବ କେମିତି? ହେଲେ ବାବୁ ରଙ୍ଗମହଲରେ ରହିଲା ପରେ ଯେତେବେଳେ ମୁଖ୍ୟ ଦରଜା ବନ୍ଦ ହୋଇଯାଏ – ତାଙ୍କ ସାଥିରେ ଆସିଥିବା ଗାଡ଼ିର ଡ୍ରାଇଭର ଆଉ ଅନ୍ୟ କର୍ମଚାରୀମାନେ ବହୁ ରୋଚକ କାହାଣୀ ଗପି ବସନ୍ତି। ତାଙ୍କର ସମୟ ଏଇଥିରେ କଟିଯାଏ।

ହେଲେ ସେ ଆଖିରେ ଦେଖିଥିବା ଘଟଣାମାନ ତା'ପାଇଁ ଥିଲା ଦୁଃଖଦାୟକ। ଇଂଜିନିୟର ପଟ୍ଟନାୟକ ଏପରି ସର୍ବୋଚ୍ଚ ପଦବୀରେ ପହଁଚିଲା ପରେ ଆସିଥିଲେ ପ୍ରଥମଥର ପାଇଁ। ସାଥିରେ ତାଙ୍କର ସ୍ତ୍ରୀ। ସନାତନର ମନେ ପଡ଼ିଗଲା ବଙ୍ଗଳା ଦୁଆର ପାଖରେ ଗାଡ଼ିରୁ ଓହ୍ଲାଇ ମହିଳା ଜଣକ ନିଃଶବ୍ଦ ପାଦରେ ଚାଲିଗଲା ବେଳେ ସନାତନ ତାଙ୍କ ହାତରୁ ଧରିଥିବା ବ୍ୟାଗକୁ ନେବାପାଇଁ ହାତ ବଢ଼େଇଲା ବେଳେ "ନାଇଁ ମଉସା", ଏ ଛୋଟ ବ୍ୟାଗଟା କ'ଣ ମୁଁ ନେଇପାରିବିନି। ଚମକି ପଡ଼ିଥିଲା ସନାତନ। ଏପରି କଥା କୋଉ ବଡସାଇବଙ୍କ ସ୍ତ୍ରୀଙ୍କ ଠାରୁ ଶୁଣିନି। ଲାଗିଲା ଯେମିତି ସାମନାରେ ଥିବା ସାଗର ଭିତରୁ ବାହାରି ଲକ୍ଷ୍ମୀ ଠାକୁରାଣୀ ଚାଲିଗଲେ।

ରାତିରେ ଇଂ. ପଟ୍ଟନାୟକ ରହୁଥିବା ସୁଟରୁ ପାଟି ଶୁଣି ଘର ସାମନା ବାରଣ୍ଡାରେ ପହଁଚିଲା ସନାତନ। ଭିତରୁ ଶୁଭୁଥିଲା ସୁଁ ସୁଁ ଧୀର କାନ୍ଦ। କିନ୍ତୁ ଚିତ୍କାର କରୁଥଲେ ଇଂ ପଟ୍ଟନାୟକ- ଶାଳୀ, ଭାରୀ ସତୀ ଦେଖଉଚି ଜାଣିନୁ ଦେବତା ବି ମଦ ପିଉଥିଲେ। ଆବେ ଦ୍ରୌପଦୀଙ୍କର ତ ପାଞ୍ଚ ସ୍ୱାମୀ ଥିଲେ, ଶ୍ରୀକୃଷ୍ଣଙ୍କର ତ ଆଠଟା ପାଟରାଣୀ ଥିଲେ। ତା'ପରେ ବୀଭତ୍ସ ହସ। "ଦେଖ ଯେତେ ଲୋକ ଉପରକୁ ଯାଇଛନ୍ତି ସମସ୍ତେ କେବଳ ମାତାଲ ହୋଇ ନାରୀ ଉପଭୋଗ କରି। ଆଜିଯାଏ ସହିଲି, ଆଉ ସହିପାରିବିନି"। ଘଟଣାଟାରେ ବିକଳ ଲାଗିଲା ସନାତନକୁ। ତଳ ମହଲାକୁ ଯାଇ ଶୋଇପଡ଼ିଥିବା ବାବୁଙ୍କ ଡ୍ରାଇଭରକୁ ଉଠାଇ ବ୍ୟସ୍ତ

ହୋଇ ରହିଁ କିଛି ଅଘଟଣ ଆଶଙ୍କା କରୁଛି ବୋଲି କହିଲା। ସ୍ତ୍ରୀ ଜଣକ ଗାଡ଼ିରୁ ଓହ୍ଲାଇ ନିଜ ହାତରେ ବ୍ୟାଗଟି ନେଇ ଚାଲିଗଲାବେଳେ ତାକୁ 'ମଉସା' ବୋଲି ଡାକିଥିବା ଶବ୍ଦ କେଇଟା ତାକୁ ବିବ୍ରତ କଲା, ଲାଗିଲା ସତେ ଯେମିତି ବନ୍ଦ କୋଠରି ଭିତରେ ତା' ନିଜ ଝିଅ ଅଛି। ହଉ ଭାଇ ଶୋଇବ ଯାଅ। ଏ ଲୋକଟାର ତଳକୁ ଯିବାର ସୀମା ନାହିଁ, ନ ହେଲେ କାହିଁ ଭଲ ଭଲ ଲୋକଙ୍କୁ ପଛରେ ପକେଇ ଏତେ ଉପରକୁ ଗଲା କେମିତି ?" କହିଲେ ଡ୍ରାଇଭର।

ପଛ କଥାଗୁଡ଼ାକ ଜଳଜଳ ହୋଇ ଦିଶୁଥିଲା ତା' ଆଖିକୁ। ମନକୁ ବିଚଳିତ କଲା ଭଳି କଥା ଶୁଭୁଥିଲା ତା' କାନକୁ। ପଟ୍ଟନାୟକ ସାବ୍ ଅଳ୍ପ ଅଳ୍ପ ଦିନ ଛଡ଼ାରେ ଆସନ୍ତି ଏଇ ନିର୍ଜନ ବଙ୍ଗଳାକୁ। ଏଠି ରାତିରେ କେବଳ ସମୁଦ୍ର ଲହଡ଼ି କିମ୍ବା ଝାଉଁ ବଣର ସୁସୁ ଶବ୍ଦ ଶୁଭେ। ପ୍ରତିଥର ତାଙ୍କ ସାଙ୍ଗରେ ମାଡାମ୍ ବୋଲି ପରିଚୟ ନେଇ ଯେଉଁ ମହିଳାମାନେ ଆସନ୍ତି ସମସ୍ତେ ନୂଆ ନୂଆ କିନ୍ତୁ ଆଚରଣରେ ସମାନ। ଉଦ୍ଧତ ଚାଲି, ଉଚ୍ଛୁଳା ହସ, ଆଖିରେ ସଦା ଅବଜ୍ଞା ଭାବକୁ ଦେଖି କିଛି ଅନୁଭବ କଲେ ବି କେଉଁ କଥାରେ ମୁଣ୍ଡ ଖେଳାଏନି। ଥରେ ବ୍ୟତୀତ ସେଇ ସ୍ତ୍ରୀ ରୂପକ ଦେବୀ ମୂର୍ତ୍ତିଟି ଆଉ କେବେ ସାହେବ୍ଙ୍କ ସାଙ୍ଗରେ ଆସିନାହାନ୍ତି। ସନାତନର ଚାକିରି ସ୍ୱାଧୀନତାର କିଛି ଦିନ ଆଗରୁ। କେତେକେତେ ଦେଶୀ ଆଉ ବିଦେଶୀ ସାହେବ୍ଙ୍କୁ ସେ ଦେଖିଛି। ପୁଣି ରାଜା ପଟ୍ଟାୟତମାନଙ୍କୁ ବି ଦେଖିଛି। ଯେଉଁଦିନ ଦେଶ ସ୍ୱାଧୀନ ହେଲା ସେ ବି ଖୁସିରେ ଛାତ ଉପରେ ଚଢ଼ି ପତାକା ଉଡ଼େଇଛି। ଧୀରେ ଧୀରେ କିନ୍ତୁ ତାକୁ ଲାଗିଲା କିଛି ବଦଳିନି, ଖାଲି ଜୋକଟା ଧଳାବଦଳରେ କଳା ହୋଇଯାଇଛି। ମଣିଷଖିଆ ବାଘଟା ଦେବତାର ଖୋଳପା ପିନ୍ଧି ବୁଲୁଛି। ଛୋଟ ଚାକିରି ତା'ର, ତେଣୁ କାହା କଥାରେ ମୁଣ୍ଡ ଖେଳାଏନି। ହେଲେ ପଟ୍ଟନାୟକ ସାହେବ୍ଙ୍କ ସାଥିରେ ଆସିଥିବା ମହିଳାଙ୍କୁ ଦେଖି ତାକୁ ଦେବୀ ଦର୍ଶନ କଲାପରି ଲାଗିଥିଲା। ତା'ପରଦିନ ମିସେସ୍ ପଟ୍ଟନାୟକଙ୍କୁ ବାଟ ଦେଖେଇ ସେ ନେଇଥିଲା ପାଖ ମୁହାଣରେ ଥିବା ବନ୍ଦରେଇ ଠାକୁରାଣୀଙ୍କ ମନ୍ଦିରକୁ। ଗମ୍ଭୀରା ଭିତରେ ବସିଛନ୍ତି ଠାକୁରାଣୀ। ପ୍ରଣାମ ସାରି ଦେହୁରୀଙ୍କ ହାତରୁ ସିନ୍ଦୂର ଆଣି ନିଜ ହାତର ଚୁଡ଼ିରେ ଯେତେବେଳେ ସେ ଲଗେଇଲେ ମନେମନେ କାନ୍ଦି ଉଠିଥିଲା ସନାତନ। ବଙ୍ଗଳାର ପୁରୁଣା ଚୌକିଦାର ସନାତନ। ସକାଳେ ରୁମ୍ ଓଳେଇଲା ବେଳେ ଘର ଭିତରୁ ଅଳିଆ ଭିତରେ ପାଇଥିବା ଭଙ୍ଗା ଲାଲ ଚୁଡ଼ି କେତେ ଖଣ୍ଡ ତାକୁ ବିବ୍ରତ କଲା। ମଦ, ନିଶାରେ ନିଶ୍ଚୟ ପିଟିଛନ୍ତି ବାବୁ। ଚୁଡି ବି ମାଡ଼ରେ ଭାଙ୍ଗିଯାଇଛି। ସେ ଆଉଥରେ ପ୍ରଣାମ କଲା ଠାକୁରାଣୀଙ୍କୁ। ନିରବରେ କହିଲା, ମା ଏ ଝିଅର ମଙ୍ଗଳ କର। ପ୍ରାର୍ଥନାଟି ତା' ନିଜ ଝିଅ ପାଇଁ ନୁହେଁ ବରଂ ଅଳ୍ପ ସମୟ ତଳେ 'ମଉସା' ବୋଲି ଡାକି ତା' ମନରେ ଭାବାନ୍ତର ସୃଷ୍ଟି କରିଥିବା ଏଇ ଆଗନ୍ତୁକଙ୍କ ପାଇଁ। ଗତ ରାତିର କଥା ଭୁଲିପାରୁ ନ ଥିଲା ସେ। ମନଟା ବିଦ୍ରୋହ କଲେ ବି ତା' ହାତେ ପଥର ତଳେ। ମନକୁ ମନ କହିଲା, ମାଙ୍କଡ଼ ହାତରେ ଶାଳଗ୍ରାମ, ନଚେଇ ନଚେଇ ନେଲା ପ୍ରାଣ।


**ବେଳକୁ ବେଳ କେମିତି ଗୋଟାଏ ଆବେଗିକ ଆଉ ସ୍ୱର୍ଗୀୟ ସମ୍ପର୍କରେ ବାନ୍ଧି ହୋଇଯାଉଥାଏ ସନାତନ।**

ମା' ବନ୍ଦରେଇଙ୍କ ମନ୍ଦିରରୁ ଫେରିଲା ବେଳେ ବଙ୍ଗଳା ହତାରେ ଲଟକିଥିବା ବାୟା ଚଢ଼େଇର ବସାକୁ ଚାହିଁ ଠିଆ ହୋଇଯାଇଥିଲେ ସେ। କି ସୁନ୍ଦର ବୋଲି କହି ଦଣ୍ଡେ ସନାତନ ମୁହଁକୁ ଚାହିଁ ଦେଇଥିଲେ। ବେଳକୁ ବେଳ କେମିତି ଗୋଟାଏ ଆବେଗିକ ଆଉ ସ୍ୱର୍ଗୀୟ ସମ୍ପର୍କରେ ବାନ୍ଧି ହୋଇଯାଉଥାଏ ସନାତନ। ମନରୁ ଯାଇନାହିଁ ଏଇ ବାୟା ଚଢ଼େଇଗୁଡାଙ୍କ ପାଇଁ ଅତୀତରେ ପଟ୍ଟନାୟକ ସାହେବ୍ଙ୍କ ନିର୍ଦ୍ଦେଶରେ ଚାକିରିରୁ ନିଲମ୍ବିତ ହୋଇଥିଲା। ବାଇ ଚଢେଇଗୁଡାକ ଖୁସିରେ ସେଦିନ ଖୁମ୍ପା ଖୁମ୍ପି ହୋଇ କିଚିରି ମିଚିରି ଶବ୍ଦ କରୁଥିଲେ। ବାରଣ୍ଡାରେ ବସି ଜଣେ କଣ୍ଟ୍ରାକ୍ଟରଙ୍କ ସାଙ୍ଗରେ ଚା ପିଉଥିଲା ବେଳେ ଏଇ କଳରବ ସହିପାରିଲେନି ପଟ୍ଟନାୟକ ସାହେବ୍। କହିଲେ, ଏଇ ବସାଗୁଡ଼ାକ ଛିଡ଼ାଇ ଫୋପାଡ଼ି ଦେ। ସନାତନ ଅନୁନୟ କରିଥିଲା ଏଗୁଡ଼ାକ ଛୋଟ ପକ୍ଷୀ, ତାଙ୍କ ବସା ନ ଭାଙ୍ଗିବାକୁ। ବୁଝାଇବାକୁ ଯାଇ କହିଥିଲା, ସାର୍ ଜାଣନ୍ତି ଗୋଟିଏ ପୁରୁଷ ବାୟା ଚଢେଇ ଆଉ ସ୍ତ୍ରୀ ବାୟା ଚଢ଼େଇ ବଞ୍ଚିଥିବା ଯାଏ ଏକାଠି ଗୋଟିଏ ବସାରେ ରହନ୍ତି। ଖାଦ୍ୟ ସଂଚନ୍ତି ଠିକ୍ ଆମ ପରିବାର ପରି। କେବେ କୋଉ ପୁରୁଷ ପକ୍ଷୀ ତା'ର ସାଥୀ ବିନା ଅନ୍ୟ ବାୟା ଚଢ଼େଇ ବସାରେ ମୁହଁ ପୂରାଏ ନାହିଁ। ମାଈ ପକ୍ଷୀଟି ଅଣ୍ଡା ଉଷୁମେଇଲା ବେଳେ

ଅଣ୍ଡିରା ପକ୍ଷୀଟି ବୁଲିବୁଲି ଆଧାର ଧରି ଫେରେ। ମାଈପକ୍ଷୀର ପାଟିରେ ଆଧାର ଦିଏ। ବସାରେ ନୂଆ ପକ୍ଷୀଟିଏ ଜନ୍ମ ହେଲେ କିଚିରି ମିଚିରି ଶବ୍ଦ କରି ଏପଟ ସେପଟ ଚକ୍କର କାଟନ୍ତି। ଗୋଟିଏ ପକ୍ଷୀ ରାବିଲେ ଅନ୍ୟମାନେ ବି କଳରୋଳ କରନ୍ତି। ପୁଣି ଗୋଟାଏ ପକ୍ଷୀ ମରି ପଡ଼ିଲେ ବିନା ଶବ୍ଦରେ ତା' ଚାରି ପାଖରେ ଘୂରନ୍ତି।

ଚୁପ୍ ତୁ କ'ଣ ଗୋଟାଏ ସଲିମ ଅଲ୍ଲୀ। ଆସିଲା ପକ୍ଷୀ ବିଶାରଦ! ଗୋଟାଏ ଅଣ୍ଡିରା ପକ୍ଷୀ ଜୀବନରେ ଗୋଟିଏ ମାଈ ପକ୍ଷୀକୁ ସାଥୀକରେ କଥାଟାକୁ ସିଧା ଦେହକୁ ଟାଣିଲେ ପଟ୍ଟନାୟକ ସାହେବ୍। ଭାବିଲେ ଏଇ ଛୋଟ ଲୋକଟା ଏସବୁ ତାଙ୍କୁ ଲକ୍ଷ୍ୟ କରି କହୁଛି। ମନେ ମନେ ଉତ୍କ୍ଷିପ୍ତ ଆଉ ଅପମାନିତ ବୋଧ କଲେ। ସ୍ୱାର୍ଥ ପାଇଁ ବଡ଼ଲୋକଙ୍କ ପାଖରେ ମୁଣ୍ଡ ନୁଆଁଇ ଚାଲିଯିବା ପାଇଁ ପିଠି ଦେଖେଇ ଦେବା, ତାଙ୍କ ପାଇଁ ନୂଆ ନୁହେଁ। ଏଇ ଲୋକଗୁଡ଼ାକ କିନ୍ତୁ ସାଧାରଣ ଲୋକଙ୍କ ପାଇଁ ଭୟଙ୍କର। ଅନ୍ୟର କ୍ଷତି କରିବା ପାଇଁ ଜିଦ୍ ଅସୀମ। ଆଦେଶ ଅମାନ୍ୟ କରିଥିବାରୁ ନିଲମ୍ବିତ ହେଲେ ସନାତନ। ଅବଶ୍ୟ ନିଲମ୍ବନର କାରଣ ଦର୍ଶାଗଲା ଅଲଗା କଥା। ଅନେକ ଦିନ ପରେ ବହୁ ଖୋସାମତ କରି ପୁଣି ଚାକିରିକୁ ଫେରିଛି ସେ। ମଝିରେ ମ୍ୟାଡାମ କେବେ ଆସି ନ ଥିଲେ। ହେଲେ ବହୁନାରୀ ଆସିଥିଲେ ସ୍ତ୍ରୀର ପରିଚୟରେ ଏଠି ରହିଥିଲେ। ପଟ୍ଟନାୟକ ସାହେବ୍‌ଙ୍କୁ ନାରୀଦ୍ୱାରା ସନ୍ତୁଷ୍ଟ କରିବାର ବାଟ ପ୍ରାୟ ସମସ୍ତେ ଜାଣିଥିଲେ। ପଟ୍ଟନାୟକ ସାର୍ ବି ଏଇ ପରି ବିଦ୍ୟାରେ ସିଦ୍ଧହସ୍ତ। ଲଜ୍ଜା ଶୂନ୍ୟ ମଧ୍ୟ। ଉପରିସ୍ଥ ଅଧିକାରୀଙ୍କୁ ସେ ବି ଏମିତି ସନ୍ତୁଷ୍ଟ କରି ପାହାଚ ପରେ ପାହାଚ ଚଢୁଥିଲେ।

ବିସ୍ମୟରେ ଚାହିଁଥିଲା ସନାତନ। ସାମନାରେ ହୁଇଲ ଚେୟାରରେ ପଟ୍ଟନାୟକ ସାହେବ୍ ? ହୁଇଲ ଚେୟାରର ହ୍ୟାଣ୍ଡେଲ ଧରିଥିଲେ ପତ୍ନୀ। ଇତି ମଧ୍ୟରେ ସେ ଗଭୀର ପକ୍ଷାଘାତ ରୋଗରେ ଆକ୍ରାନ୍ତ। ପୁଣି ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ତାଙ୍କର ସବୁ ବ୍ୟାଙ୍କ ଆକାଉଣ୍ଟ ସିଜ୍ କରାଯାଇଛି। ବଙ୍ଗଳାରେ ସବୁଥର ମିଳୁଥିବା ଭି.ଆଇ.ପି. ରୁମ୍ ବଦଳରେ ମିଳିଛି ଗୋଟାଏ ଛୋଟ ରୁମ୍। ସବୁଥର ତାଙ୍କ ଆସିବା ଆଗରୁ ଏଠି ଚକ୍କର କାଟୁଥିବା କଣ୍ଟ୍ରାକ୍ଟରଗୁଡାକ ଆଜି ତାଙ୍କ ଆସିବା ଶୁଣି ଦୂରକୁ ପଳେଇଛନ୍ତି। ଆଜି ତାଙ୍କର ସ୍ମରଣ ଶକ୍ତି ବିଲୁପ୍ତ, ମଣିଷ ଚିହ୍ନିପାରୁନାହାନ୍ତି। ଡାକ୍ତର କହିଛନ୍ତି ପ୍ରାକୃତିକ ପରିବେଶରେ ବାରବାର ବୁଲାଇବାକୁ। ଯେଉଁଠି ଶୁଭୁଥିବ ପକ୍ଷୀର କାକଳୀ, ଝରଣାର କୁଳୁକୁଳୁ ଶବ୍ଦ କି ସାଗରର ଟପ୍‌ଟପ୍ ତାନ। ସନାତନ ଏଇ ଦିବ୍ୟ ପ୍ରତିମାଟିକୁ ବାରବାର ଭେଟିବାକୁ ଇଚ୍ଛାଥିଲେ ବି ଆଜି ଏପରି ଦୁଃଖଦ ଅବସ୍ଥାରେ ଦେଖି ମନେ ମନେ ବିଚଳିତ ଅନୁଭବ କଲା। ମନେପଡ଼ିଲା ମା' ବନ୍ଦରେଇ ଠାକୁରାଣୀଙ୍କ ପାଖରେ ସାହେବ୍‌ଙ୍କ ପତ୍ନୀ ଚୁଡ଼ିରେ ଠାକୁରାଣୀଙ୍କ ସିନ୍ଦୂର ମାରିବା କଥା ଆଉ ଚାକିରିରେ ଅତି ଛୋଟ ହେଲେ ବି ତାଙ୍କୁ 'ମଉସା' ସମ୍ବୋଧନ କରିବା କଥା। ସତ୍ୟବାନ ଭଲ ଲୋକ ଥିଲେ କି ଅତ୍ୟାଚାରୀ ଥିଲେ ପୁରାଣ ସେ ବିଷୟରେ ନିରବ କିନ୍ତୁ ଏହା ସତ୍ୟ ଥିଲା ଯେ ସତ୍ୟବାନଙ୍କ ମୃତ୍ୟୁରେ ସାବିତ୍ରୀଙ୍କ ଜୀବନ ଦୁଃଖରେ ଭରିଯାଇଥାଆନ୍ତା। ଆଜି ଏଠି ଏଇ ସାବିତ୍ରୀଙ୍କର ସଧବା ପଣକୁ ରକ୍ଷା କରିବା ପାଇଁ ପଟ୍ଟନାୟକ ସାର୍ ତୁରନ୍ତ ଆରୋଗ୍ୟ ହୁଅନ୍ତୁ ବୋଲି ଠାକୁରାଣୀଙ୍କୁ ମନେ ମନେ ପ୍ରାର୍ଥନା କଲା ସନାତନ।



ପାଟି ଖୋଲିବାକୁ ଚେଷ୍ଟା କରି ବି କଥା କହିପାରିଲେନି ପଟ୍ଟନାୟକ ସାହେବ୍। ହାତ ହଲାଇବାକୁ ଚେଷ୍ଟା କଲେ ବି କରିପାରିଲେନି। ପାରାଲିସିସ୍ ରୋଗ ତାଙ୍କର ଅନେକ ଅଙ୍ଗକୁ ଅଚଳ କରିଦେଇଛି। ଏବେ ଏଇ ଅଲୋଡ଼ା ମଣିଷର ଆଶାବାଡ଼ି ପାଲଟିଛନ୍ତି ପତ୍ନୀ ତନୁଜା। ସରକାରୀ ନିର୍ଦ୍ଦେଶରେ ଲମ୍ବା ଛୁଟିରେ ଯାଇଛନ୍ତି ସେ। ସରକାରୀ କାର୍ଯ୍ୟ ତା' ବାଟରେ ଚାଲିଛି। କାହାର ଅବର୍ତ୍ତମାନ କେହି ଅନୁଭବ କରୁନାହାନ୍ତି। କିଛି ସମୟ ପରେ ସ୍ୱାମୀଙ୍କୁ ରୁମ୍‌ରେ ଛାଡ଼ି ପତ୍ନୀ ତନୁଜା ଗରମ ପାଣି ପାଇଁ ଯେତେବେଳେ କିଚେନରେ ନିଜେ ପହଁଚିଲେ ସନାତନ କହିଲା ମା'ଆପଣ କାହିଁକି ଆସିଲେ ବେଲ୍ ମାରିଥିଲେ ଆମେ ନେଇକରି ଯାଇ ନ ଥାଆନ୍ତୁ।

ସନାତନଙ୍କ କଥା ନ ସରୁଣୁ ତନୁଜା କହିଲେ ଯାଙ୍କରି କଥାରେ ଏ ହତାରେ ଥିବା ବାଇଚଢେଇଙ୍କ ବସା ଭଙ୍ଗାଯାଇଥିଲା ନା? ଆଶ୍ଚର୍ଯ୍ୟ ହେଲା ସନାତନ, ଏକଥାର ଅବତାରଣା ଆଜି କାହିଁକି? ଏକଥା ଜାଣି ଶାଶୂ ଆମର ଭାଙ୍ଗି ପଡ଼ିଲେ, କହିଲେ, କାହାର ବସା ଭାଙ୍ଗିଲେ ଉପରେ ଅଭିଶାପ ପଡ଼େ। ଈଶ୍ୱରଙ୍କର ସୃଷ୍ଟିରେ ସବୁଜୀବ ସମାନ। ବାଇଚଢେଇମାନେ ପିଲାଛୁଆ ଧରି ରହୁଥିଲେ ତାଙ୍କ ଘର କାଇଁକି ଭାଙ୍ଗିଲା ମୋ ପୁଅ। ଠିକ୍ ହେଉ କି ଭୁଲ ହେଉ, ଏଇପରି ବିଶ୍ୱାସ ମଣିଷର ସତ୍‌ଇଚ୍ଛା ଉପରେ ଆଧାରିତ। କେବେ ବି ଏହା ଅନ୍ଧବିଶ୍ୱାସ ନୁହେଁ। ଏକଥା ଶୁଣି ସନାତନ କହିଲା, ନାଇଁ ମା' ଏ ଚଢ଼େଇଗୁଡାଙ୍କର ଆମେ ବସା ଭାଙ୍ଗି ନ ଥିଲୁ ଖାଲି ହୁରୁଡ଼େଇ ଦେଇଥିଲୁ। ଋଉଳ ବିଞ୍ଛି ପୁଣି ମନେଇଦେଲୁ। ଋଉଳ ଟୋକିବାକୁ ଚଢ଼େଇମାନେ ଆସି ଏଠି ପୁଣି ସେମିତି ରହିଛନ୍ତି। ଗଲାସନ ବାତ୍ୟାରେ ଆମ ବଙ୍ଗଳାର ଆଜବେଷ୍ଟସ୍ ସବୁ ଉଡ଼ିଗଲା, ହେଲେ ବାୟାବସାମାନ ସେମିତି ଗଛରେ ଝୁଲୁଥିଲା। ଅନେଶତ ମହାବାତ୍ୟାରେ ବି ମା, ସେ ବସା ସବୁ ଥିଲା। ଛୋଟ ମୁହଁରେ ବଡ଼କଥା ବୋଲି ଭାବିବ ନାଇଁ ମା, ତମ ଜୀବନ ବାୟାବସା ପରି ଦୋହଲିଗଲେ ବି କିଛି ହବନି, ବାବୁ ଭଲ ହୋଇଯାଇ ବାଟକୁ ଫେରିବେ। ତନୁଜା ଦେଖୁଥିଲା ଦୋଳି ଖେଳୁଥିବା ବାୟାବସାଗୁଡ଼ିକୁ।

> **ଏ ଚଢ଼େଇଗୁଡାଙ୍କର ଆମେ ବସା ଭାଙ୍ଗି ନ ଥିଲୁ ଖାଲି ହୁରୁଡ଼େଇ ଦେଇଥିଲୁ। ଋଉଳ ବିଞ୍ଛି ପୁଣି ମନେଇଦେଲୁ।**

◻◻

ଲେଖକଙ୍କ ଇ-ମେଲ ଠିକଣା:
barada.das@gmail.com

**'ସାହିତ୍ୟ ଚର୍ଚ୍ଚା' ୱେବ୍‌ସାଇଟ୍‌ରେ ମଧ୍ୟ ଉପଲବ୍ଧ ଅଛି।**
**ସମସ୍ତ ଉପାଦେୟ ଲେଖା ତୁରନ୍ତ ପଢ଼ିବା ପାଇଁ ନିମ୍ନଲିଖିତ ଲିଙ୍କକୁ ଯାଆନ୍ତୁ :**
**www.sahityacharcha.com**

**ସାହିତ୍ୟ ଚର୍ଚ୍ଚା ବର୍ତ୍ତମାନ ମୋବାଇଲ ଆପ୍ ରେ**

Search **Sahitya Charcha** on Play Store

ଆପଣଙ୍କ **ଆଣ୍ଡରଏଡ୍ ମୋବାଇଲ ଫୋନ୍** ପାଇଁ **'ସାହିତ୍ୟ ଚର୍ଚ୍ଚା'**ର **ଆପ୍** ବର୍ତ୍ତମାନ **'ପ୍ଲେ ଷ୍ଟୋର୍'**ରେ ଉପଲବ୍ଧ ଅଛି।

ପ୍ରବନ୍ଧ

# ଗୀତିକବିତାର ଗତି - ପ୍ରାଚୀନରୁ ନବୀନ



ଡ. ସଦାନନ୍ଦ ପରିଡ଼ା

ପ୍ରାଚୀନ ଗୀତିକବିତା ବୋଲି, ଚଉପଦୀ, ଚଉତିଶା, ସମ୍ବୋଧନ ଗୀତିକା, ଜଣାଣ, ଭଜନ, ଭକ୍ତିସଙ୍ଗୀତ, ଆଦି ରସାତ୍ମକ ସଙ୍ଗୀତ ଓ ବିଳାପ ସଙ୍ଗୀତ ଦେଇ ଆତ୍ମପ୍ରକାଶ କରିଥିଲା। ଗୀତିମୟତା ହିଁ ଗୀତିକବିତାର ମୁଖ୍ୟ ବିଭବ। କେବଳ ଭାବ ବା ପ୍ରସଙ୍ଗାନୁସାରେ ଏମାନେ ଭିନ୍ନ ଭିନ୍ନ। ଉପରୋକ୍ତ ବିଭବଗୁଡ଼ିକୁ ବିଶ୍ଲେଷଣ କଲେ ଏମାନଙ୍କୁ ସମଧର୍ମୀ ବୋଲି କୁହାଯାଇପାରେ। ଏମାନେ ବାସ୍ତବିକ ପରସ୍ପର ସମ୍ପର୍କାନ୍ୱିତ।

## ପ୍ରଥମ ଗୀତ



ଓଡ଼ିଆ ଭାଷାରେ ପ୍ରଥମ ଗୀତ କିଏ କେବେ ରଚନା କଲା ତା' କହିବା ଅବଶ୍ୟ ଏକ ବିବଦମାନ ବିଷୟ। ତେବେ ସମ୍ଭବତଃ ଏକାଦଶ ଶତାବ୍ଦୀର ରଚିତ ଗୋଟିଏ ପ୍ରାଚୀନ ପ୍ରସ୍ତର ମୂର୍ତ୍ତିର ପୃଷ୍ଠ ଦେଶରେ ଲିଖିତ "ଦେବ କହି ଭକତି କରୁଣ, ଅଛନ୍ତି ଭୋ କୁମାରସେଣ," ଉକ୍ତିଟିକୁ ଓଡ଼ିଆ ଭାଷାର ପ୍ରାଚୀନତମ ଗୀତ ରୂପେ ଅଭିହିତ କରାଯାଇଛି।[୧] ଏହା ପରେ ପଞ୍ଚଦଶ ଶତାବ୍ଦୀରେ ରଚିତ ଆଦିକବି ସାରଳା ଦାସଙ୍କ ମହାଭାରତ ଓଡ଼ିଆ ପଦ୍ୟର ପ୍ରାଣ ପ୍ରତିଷ୍ଠାତା ରୂପେ ମର୍ଯ୍ୟାଦାପ୍ରାପ୍ତ। ଷୋଡଶ-ସପ୍ତଦଶ ଶତାବ୍ଦୀରେ ଓଡ଼ିଆ ସାହିତ୍ୟ ପୁରାଣ ରଚନାକୁ ନେଇ ପରିପୁଷ୍ଟ ହୋଇଥିଲା, ଏହାର ଯଥେଷ୍ଟ ପୂର୍ବରୁ ତ୍ରୟୋଦଶ ଶତକରେ ସଂସ୍କୃତ କବି ଜୟଦେବଙ୍କ କାନ୍ତକୋମଳ ଲଳିତ ପଦାବଳୀ ଓ ଚତୁର୍ଦ୍ଦଶ ଶତକରେ ମୈଥିଳୀ କବି ବିଦ୍ୟାପତିଙ୍କ ପଦାବଳୀ ଓଡ଼ିଶା କାହିଁକି ସମଗ୍ର ଭାରତ ବର୍ଷରେ ଲୋକପ୍ରିୟତା ଅର୍ଜନ କରିଥିଲା। ଏହି ସନ୍ଦର୍ଭରେ ଚଣ୍ଡୀ ଦାସ ଓ ଗୋପାଳ କୃଷ୍ଣଙ୍କ ତତ୍କାଳୀନ ଗୀତିକବିତା ବେଶ ଉପଭୋଗ୍ୟ ମନେ ହୁଏ। [୨]

ଚଣ୍ଡୀଦାସ :-

ଯତନିବାରୟ ଗୟ ନିବାର ନା ଯାୟ,
ଆନ ପଥେ ଧାଇ ତବୁ କାନପଛେ ଧାୟ।
ଏ ଛାର ରସନା ମୋର ହଇଲ କି ବାମ,
ଯାଇ ନାହିଁ ନାମ ଲବ ଲୟ ତାର ନାମ,
ଏ ଛାରସିକ ମୁଞ୍ଜି କତ କରୁବନ୍ଧ,
ତବୁ ତ କରୁଣା ନାସ ଶ୍ୟାମଗନ୍ଧ।

ଗୋପାଳକୃଷ୍ଣ :-

କାହିଁକି ଶ୍ୟାମ ମୂରତି ଗୋ, ସଦା ଦିଶଉଛି ମୋତେ ଦିନରାତି।
ପଛୁ ଆସିଲା ପରି ହୁଏ ମତି ଗୋ, ଚାହିଁଲେ କେ ନ ଦିଶେ ଏକାରୀତି।
ଆଖି ବୁଜିଲେ କୁଂଜବନ ନିତି, ସ୍ୱପ୍ନେ ବୁଲାଉଛି ଏ କି ବିପତ୍ତି।
ଘରୁ ଅଗଣାକୁ ଯିବାକୁ ଭୀତି, ଲାଗି ଲାଗି ମୋତେ କହ କି ଗତି।

କୃଷ୍ଣ କୃଷ୍ଣ ବୋଇଲାର ଭାରତୀ, କାନରେ ପଡ଼ିଲେ ଥରୁଛି ଛାତି।

ବିଦ୍ୟାପତିଙ୍କର "ଧିକ୍ ଯାଉକ ଜୀବନ ଯୌବନ ଲାଜ, ଆଜୁ ମୋର ଅଙ୍ଗ ଦେଖିଲ ବ୍ରଜରାଜ।"

ଏଇ ଗୀତଟି ଗୋପାଳ କୃଷ୍ଣଙ୍କର "ଆଜ ବ୍ରଜରାଜ ପୁରେ ଲାଜେ ମୁଁ ବୁଡ଼ଇଲି ମା" ଗୀତଟି ସହ ତୁଳନୀୟ।

ପ୍ରାଚୀନ କାଳରେ ମଣିଷ ଅପେକ୍ଷାକୃତ ଭାବେ ଅଧିକ ସଙ୍ଗୀତପ୍ରିୟ ଥିଲା। ଫଳରେ ଅମଳ ବେଳେ, ଉତ୍ସବ ପାଳନ ସମୟରେ ସେ ଉତ୍‌ଫୁଲ୍ଲିତ ହୋଇ ଉଠୁଥିଲା, ସଙ୍ଗୀତ ସାଗରରେ ଅବଗାହନ କରି। ସେହିପରି ଭାବରେ ବିବାହ ବିଚ୍ଛେଦ ଓ ମୃତ୍ୟୁ ସମୟରେ ସ୍ୱତଃ ତା'ର କଣ୍ଠରୁ ଝରି

ଆସୁଥିଲା ରାଗ ରାଗିଣୀର ସକରୁଣ ମୂର୍ଚ୍ଛନା।

ଲୋତକାପ୍ଲୁତ ନୟନରେ ଦରଦୀ ହୃଦୟର ମାର୍ମିକ ଅଭିବ୍ୟକ୍ତି ଝରିପଡୁଥିଲା ବିଳାପ ସଙ୍ଗୀତ ମାଧ୍ୟମରେ। ଓଡ଼ିଆ ସମ୍ବୋଧନ ଗୀତିକା, କୋଇଲି, ପୋଇ ଇତ୍ୟାଦିକୁ ପ୍ରାଚୀନ ଗୀତି କବିତାର ଅନ୍ତର୍ଭୁକ୍ତ କରାଯାଇପାରେ। ବିରହଣୀ ପ୍ରେମିକା ପରଦେଶଗତ ପ୍ରେମିକ ପାଖକୁ ଚିଟାଉ ଲେଖିଲାବେଳେ ତା'ର ଅନ୍ତରର ସକଳ ଅଫୁରନ୍ତ ଆବେଗର ପରିସ୍ଫୁଟନ ହେଉଥିଲା ଏକ କ୍ଷୁଦ୍ରପତ୍ର ମାଧ୍ୟମରେ। ପୁଣି ଭାବାବେଗ ମନର ଅକୁହା କଥା ଶୁକ, କୋକିଳ, ସାରୀକାଦି ପକ୍ଷୀମାନଙ୍କୁ କହିହୁଏ, ଯାହା ଅନ୍ୟ କୌଣସି ପ୍ରିୟବାନ୍ଧବ ଆଗରେ କହିହୁଏନା।

**ରୂପାନ୍ତର**

ତେବେ ଗୀତିକବିତାର ଏକ ପରିମାର୍ଜିତ ରୂପ ଆମ ସାହିତ୍ୟ ଜଗତରେ ପ୍ରକାଶିତ ହେବାର ଯଥେଷ୍ଟ ପୂର୍ବରୁ ଏ ଦେଶର ଜାତୀୟ ଜୀବନ ଓ ଲୋକମୁଖରେ ପ୍ରାଣସ୍ପର୍ଶୀ ଗୀତିକବିତାର ରୂପାନ୍ତର ଶୁଣାଯାଉଥିଲା, କାନ୍ଦଣା, ଶିଶୁଗୀତ, ହଳିଆଗୀତ, ଖେଳଗୀତ, ଜଣାଣ ଓ ଭଜନ ଆକାରରେ ଓଡ଼ିଆ ଜନଜୀବନ ଆବେଗରେ ପରିସ୍ଫୁଟିତ ହେଉଥିଲା। କୌଣସି ଏକ ନବବିବାହିତା ତରୁଣୀ ମନର ମର୍ମସ୍ପର୍ଶୀ ଆବେଗମୟ ଅନୁଭୂତିର ଆତ୍ମପ୍ରକାଶ ପାଉଥିଲା କାନ୍ଦଣାର କାରୁଣ୍ୟମୟ ପରିବେଶରେ। କୌଣସି ଅସ୍ୱାଭାବିକତା ଓ କପଟରୁ ଉର୍ଦ୍ଧ୍ୱରେ ଥାଇ ଏକ ନବୀନା ଷୋଡ଼ଶୀ ସୁନ୍ଦରୀର ବିଳାପ ଜନମାନସକୁ ତୀବ୍ରଭାବରେ ସ୍ପର୍ଶ କରୁଥିଲା। ତାହା ସ୍ପର୍ଶ କରୁଥିଲା ହୃଦୟକୁ। ଖୋଲି ଦେଉଥିଲା ସାମାଜିକ ଜୀବନ ଓ ସଂସ୍କୃତିର ରୁଦ୍ଧଦ୍ୱାର। ଅନେକ ସମୟରେ ନବପରିଣୀତା ତରୁଣୀ ପିତୃଗୃହ ପରିତ୍ୟାଗ ଉତ୍ତାରୁ ଶ୍ୱଶୁରାଳୟରେ ଅକଥନୀୟ ନିର୍ଯାତନା ଓ ଗଞ୍ଜଣାର ଶିକାର ହୁଏ। ଶାଶୁଙ୍କର ଅସହ୍ୟ ଆପ୍ରାଣ ଗଞ୍ଜଣା ସହି ନ ପାରି ଖିଆଲି ମନ ତା'ର ବେଦନାରେ ଭରିଯାଏ। ଏହି ସରଳ ତରଳ ମନର ଅକୁହା କଥା ସ୍ୱତଃପ୍ରକଟିତ ହୁଏ ନିଜ ମୁଖରେ, ଯେତେବେଳେ କି ସେ ପ୍ରଥମ କରି ପିତୃଗୃହକୁ ଯିବାର ସୁଯୋଗ ଲାଭ କରେ। ସେହି ତାରୁଣ୍ୟ ତରଙ୍ଗିଣୀର ତରଳ ପ୍ରବାହ, ପ୍ରଣମ୍ୟ ସଖା ସୋଦର ଓ ପିତୃପିତାମହଙ୍କ ଅନ୍ତରର ଗଭୀରତମ ପ୍ରଦେଶକୁ ସିକ୍ତକରେ। ଓଡ଼ିଶାର ଗୀତିକବିତାର ଆତ୍ମାନୁଭୂତିର ଅଖଣ୍ଡ ପରିପ୍ରକାଶ ହୋଇଛି ଏହି କାନ୍ଦଣା ମାଧ୍ୟମରେ।

ହସିଲେ ବୋଲନ୍ତି ଖୁଡ଼ୀ ଦାରୀ ହେଲାଣି,
କାନ୍ଦିଲେ ବୋଲନ୍ତି ଖୁଡ଼ୀ କିଏ ମଲାଣି,
ଉଠିଲେ ବୋଲନ୍ତି ଖଦ୍ଧ ଡେରା ହୋଇଚି,
ଶୋଇଲେ ବୋଲନ୍ତି ଖୁସି ଢିଙ୍କି ପଡ଼ିଛି। (୩)

ଏହି ସବୁ କଥା କହିଲା ବେଳେ ସେ ତା' ଅନ୍ତରର ଏକ ନିଭୃତ କୋଣର ଭାବ ଓ ଭାଷାର ପରିପ୍ରକାଶ ଘଟାଏ, ଏହା କହିବା ବାହୁଲ୍ୟମାତ୍ର। ସେ ବ୍ୟକ୍ତିନିଷ୍ଠ ହୋଇ ନିଜକୁ ଅନ୍ୟ ଆଗରେ ପ୍ରକାଶ କରିଥାଏ। ସୁତରାଂ ଏହା ଗୀତି କବିତାର କୌଣସି ଶିଳ୍ପଧର୍ମରୁ ବହିର୍ଭୂତ ନୁହେଁ। ଏହିପରି କେତେକ ପଦାବଳୀ ମାଧ୍ୟମରେ କର୍ମରତ କୃଷକ ତା'ର କର୍ମକ୍ଳାନ୍ତ ଜୀବନର ମରଣାନ୍ତକ ଶ୍ରମ ସମ୍ବନ୍ଧୀୟ ସଙ୍ଗୀତ ପ୍ରକାଶ ପାଇଥାଏ ଯାହା କୌଣସି ପ୍ରାଚୀନ ଗୀତିକବିତାରୁ କମ୍ ନୁହେଁ। ନିମ୍ନୋକ୍ତ ଭାବେ ତାହା ଲକ୍ଷ୍ୟଣୀୟ।

**କେତେକ ପଦାବଳୀ ମାଧ୍ୟମରେ କର୍ମରତ କୃଷକ ତା'ର କର୍ମକ୍ଳାନ୍ତ ଜୀବନର ମରଣାନ୍ତକ ଶ୍ରମ ସମ୍ବନ୍ଧୀୟ ସଙ୍ଗୀତ ପ୍ରକାଶ ପାଇଥାଏ।**

ରାତି ଅଧଠାରୁ ମୁଁ ଯୋଚିଦେଲି ହଳ,
ବିଲକୁ ଯାଉ ଯାଉ ପହଡ଼େ ହେଲା ବେଳ,
ଲଙ୍ଗଳ ଫାନ୍ଦିଦେଇ କଣ୍ଟିରେ ଦେଲି ହାତ,
ପଛକୁ ଅନାଇଲି ଆସୁ ତ ଅଛି ଭାତ
ଭାତ ତ ଆସୁଛିରେ ତୋରାଣି କିଛି ନାହିଁ
ହଡ଼ାକୁ ପେଲି ଦେଲିରେ ମୋ ଦେହେ ଜ୍ଞାନ ନାହିଁ। (୪)

ଏଥିରେ ସଙ୍ଗୀତରେ ଧର୍ମ, ରାଗରାଗିଣୀର ବିଶେଷ ପ୍ରାଚୁର୍ଯ୍ୟ ନ ଥିଲେ ମଧ୍ୟ ଏହା ଏକ ସାର୍ଥକ ପ୍ରାଚୀନ ଗୀତିକବିତାରୁ କୌଣସି ଗୁଣରୁ କମ୍ ନୁହେଁ। ସୁତରାଂ ଟୀକା ଗୋବିନ୍ଦ ଚନ୍ଦ୍ରର ଯୋଗୀଗୀତ ବା ବଉଳା ଗାଈ ଗୀତ ହେଉ, କାନ୍ଦଣା, ଶିଶୁଗୀତ ଅଥବା ରଜଦୋଳିଗୀତ ହେଉ ଗୀତି କବିତାର ଆତ୍ମ ପ୍ରକାଶରେ ଏଗୁଡିକର ଯେ ଉଲ୍ଲେଖନୀୟ ଭୂମିକା ରହିଛି, ଏହା ଅସ୍ୱୀକାର କରି ହେବ ନାହିଁ।


**ଚିନ୍ତନର ନୂତନତା**

ପ୍ରାଚୀନ କାଳରେ ଗୀତିକବିତା ନୃତ୍ୟଗୀତ ଓ ବାଦ୍ୟର

ପରିସର ମଧ୍ୟରେ ଆବଦ୍ଧ ଥିଲା, ପରିବେଶର ପ୍ରଗତିରେ ଚିନ୍ତନର ନୂତନତାରେ ତା'ର ପରିସର ସଂପୂର୍ଣ୍ଣ ବଦଳିଗଲା। ଗୀତିକବିତାର ଆସରରୁ ନୃତ୍ୟ ପ୍ରସ୍ଥାନ କଲା। ବାଦ୍ୟ ମଧ୍ୟ ବିଦାୟ ନେଲା। ସାହିତ୍ୟ ପରମ୍ପରା କ୍ରମେ 'ଲିରିକ୍' ଏକ ଅର୍ଥପୂର୍ଣ୍ଣ ଶବ୍ଦ ରୂପେ ପ୍ରତୀୟମାନ ହେଲା। ଏହାର ବ୍ୟୁତ୍ପତ୍ତି 'ଲାୟାର୍'[୫] ନାମକ ବାଦ୍ୟଯନ୍ତ୍ରରୁ। ଗ୍ରୀକ୍ ଶବ୍ଦ 'ଲୁରା'ରୁ 'ଲାୟାର' ର ସୃଷ୍ଟି। ଏହା ସହିତ ଯେଉଁ ଗୀତ ଗାନ କରାଯାଏ ତାକୁ 'ଲୁରିକୋସ' କୁହାଯାଏ। ଇଂରାଜୀ 'ଲିରିକ୍' ଶବ୍ଦର ବ୍ୟୁତ୍ପତ୍ତି ସେଇଠୁ।[୬]

ସମାଲୋଚକ ବି.ଆର୍.ମଲ୍ଲିକ ସାହିତ୍ୟରେ ଏହି ବିଭାଗକୁ ଜନ୍ମଜାତକ ଉପରେ ଆଲୋକପାତ କରିବାକୁ ଯାଇ ଲେଖିଛନ୍ତି,

"ସର୍ବାପେକ୍ଷା ଆହ୍ଲାଦିତ ଓ ବିଭୋର କରୁଥିବା କବିତାମାନଙ୍କର ସୃଷ୍ଟି ହୋଇଥିଲା ଗ୍ରୀସ୍‌ର ସ୍ୱର୍ଣ୍ଣିମ ଯୁଗରେ।"[୭]



ତେବେ ଆଲୋଚନାର ସୁବିଧା ଦୃଷ୍ଟିରୁ ସେମାନଙ୍କୁ ନିମ୍ନମତେ ବିଭକ୍ତ କରାଯାଇପାରେ। ସେଗୁଡ଼ାକ ସାଧାରଣତଃ (କ) ଚତୁର୍ଦ୍ଦଶ ପଦୀ କବିତା (ସନେଟ୍) (ଖ) ସ୍ତୋତ୍ର (ଓଡ୍) (ଗ) ଶୋକଗୀତ (ଏଲିଜି) (ଘ) ଜାତୀୟତା ବୋଧକ ଗୀତ (ଙ) ଭକ୍ତିଗୀତ, (ଚ) ପ୍ରେମଗୀତ (ଛ) ଚିନ୍ତାମୂଳକ ଗୀତ, (ଜ) ପ୍ରକୃତି ବିଷୟକ ଗୀତି (ଝ) ଲଘୁ ବୈଠକୀ କବିତା ନାମରେ ବିଶେଷ ଭାବରେ ପରିଚିତ।

ଗୀତିକବିତାରେ ତର୍କ ଶାସ୍ତ୍ରର ଜଟିଳତା ନାହିଁ, ଅଛି ଚିତ୍ରକଳ୍ପ ସଂଯୋଜନାର ମନୋଜ୍ଞ ସାଫଲ୍ୟ, କଳ୍ପନାର ଯାଦୁକରୀ ସ୍ପର୍ଶରେ ଏହାର ପରିସର ସୁଦୂରପ୍ରସାରୀ, ସର୍ବଜନବିଦିତ, ମର୍ମସ୍ପର୍ଶୀ ସଂଗୀତ ସରଳ ସାବଲୀଳ ଭାବଧାରା ହିଁ ଗୀତି କବିତାର ମୂଳାଧାର। ଏକ ନିର୍ଦ୍ଦିଷ୍ଟ ସମୟର ଅନୁଭୂତି ଓ ଭାବର ଉଚ୍ଛ୍ୱାସ ହିଁ ଏହାର ପ୍ରଧାନ ଅବଲମ୍ବନ। ଏହା ଛନ୍ଦୋମୟ ହୋଇଥିବାରୁ ରସବୋଧ ପାଇଁ ସୁଗମ ହୋଇଥାଏ। ଗୀତିକବିତା ଏକ ଜୀବନ୍ତ ସାହିତ୍ୟ, ନୈବ୍ୟକ୍ତିକ ନୁହେଁ ବରଂ ବ୍ୟକ୍ତିକୈନ୍ଦ୍ରିକ। ସଂକ୍ଷିପ୍ତ ଓ କ୍ଷୁଦ୍ର ହୋଇଥିବାରୁ ଏହାର ଢେର୍ ଲୋକପ୍ରିୟତା ରହିଛି। ସ୍ୱର ଏହାର ମୁଖ୍ୟ ଅବଲମ୍ବନ।[୮]

କବି ଯଦି ଅନୁଭବ କରେ ଯେ, ତା'ର କବିତାଟି ପାଠକ ଅନ୍ତରରେ ପ୍ରେମାନୁଭୂତି ଜାଗ୍ରତ କରିବ, ତେବେ କବିତାଟି ପ୍ରେମଭାବାପନ୍ନ ବୋଲି ନିଃସନ୍ଦେହରେ କୁହାଯିବ, ଏ ସମ୍ବନ୍ଧରେ ଯୋଗେଶ ଦାସଙ୍କ କବିତାରେ ପ୍ରେମଗୀତି ଓ ସନେଟ୍‌ର ଯୁଗଳବନ୍ଦୀ ଦେଖିବାକୁ ମିଳେ।

ଯଥା : (୧) ଆସ ସଖୀ ଆମେ ଏଇଠି ରଚିବା ତମ ମୋ ରତିର ରାତି,

ଜହ୍ନ ଢାଳିବ ଆଞ୍ଜୁଳାଏ ଜ୍ୟୋତ୍ସ୍ନା ଫଗୁଣ ଫୁଲର ପ୍ରୀତି।

ବସନ୍ତଶୃଙ୍ଗାର : - ପ୍ରଜାପତି ଡେଣା ନାନା ବର୍ଣ୍ଣର ଅବିର ଦେବ ଗୋ ଜୁଣି,

ଘୁମୁରୁ ଘୁମୁରୁ ଘୁମେଇଁ ପଡ଼ିବ ମଳୟର ଡାକ ଶୁଣି।

ସଜନୀ ଗୋ ତୁମ ମୁଦି ପଡୁଥିବା ଆଖିର କଜ୍ଜଳ ନେଇ,

ଅଧରରେ ତୁମ ଆଙ୍କି ଦେବି ଗୋ ଛୋଟ ଏକ କଳାଜାଇ,

ତହିଁ ଏକ ସରୁ ଚୁମ୍ବନ ଦେଇ ଦେବି ତା'ରେ ଜୀବନ୍ୟାସ,

ତହୁଁ ସୁରୁ ହେବ ବାସ୍ନା ବିଭୋର ଜୀବନର ଉପନ୍ୟାସ।

(୨) ତୁମେ ମାଟି ପ୍ରଦୀପରେ ସଞ୍ଜବତୀର ଶିଖା

ମୁଁ ଯେ ଅନ୍ଧାର ସାଥେ ମିତ ବସି ମୋର ଜୀବନ କରିଛି ମାଟି

ତୁମେ ଶରତ ଆକାଶେ ମେଘର ଚିତ୍ରଲେଖା।

ରକ୍ତନାଗର ଚୋଟ :- ମୁଁ ଯେ ମେଘ ସାଥେ ମୋର ବହୁ ଦିନ ଆଗୁଁ ପୀରତି ଦେଇଛି କାଟି,

ତୁମେ ଗାଁ ପୋଖରୀରେ ପଦୁଅଁ ଫୁଲର ହାସ,

ମୁଁ ଯେ ପଦ୍ମ ନାଡ଼ରେ ଲୁଚି ରହିଥିବା ରକ୍ତନାଗର ଚୋଟ;

ତୁମେ ସଜଫୁଟା ଏକ ଗୋଲାପର ମଧୁ ବାସ

ମୁଁ ଯେ ଟିକି ଟିକି କରି କାଟି ଦେଉଥିବା ପାଖୁଡ଼ାତଳର କୀଟ

(୩) ଆଗୋ ଆଗୋ ତୁମ ମଧୁ ଯନ୍ତ୍ରଣା ହୃଦୟକୁ କୋରିଖାଏ,

ଶତ ଶତାବ୍ଦୀ ଦୂରରୁ ବି କେତେ ତାରୁଣ୍ୟକୁ ଚିରିଥାଏ।

ପ୍ରେମ :- ତୁମେ ତ ବୁଝନା ବୟସର ମାନେ ଜୀର୍ଣ୍ଣ ଜରାର

ଜୁଇ,

ପାଉଁଶ ତଳୁ ବି ପଦ୍ମ ଫୁଟାଅ ଚୁମା'ର ଅର୍ଘ୍ୟ ଦେଇ।
ମାୟାବିନୀ ମଧୁମାଳତୀ ଅଧର କୃଷ୍ଣଚୂଡ଼ାର ବେଣୀ
ଛୁଇଁ ଦେଲେ ତୁମେ ଶିହରିର କର ବେଳାଏଁ ବେପଥୁ ବୁଣି।

## ଭାବ ସଂଯୋଜନା

ମଣିଷ ମନରେ ସବୁବେଳେ ଗୋଟିଏ ଭାବର ତରଙ୍ଗ ଖେଳେ ନାହିଁ। ଅନେକ ଭାବର ଗମନ ଓ ପ୍ରତ୍ୟାଗମନ ଭିତରେ ଗୋଟିଏ ଭାବ ମୁଖ୍ୟ ଭୂମିକା ନିଏ। ଆଉ ସେଇ ଭାବ ସମ୍ବଳିତ ଓ ସଂଯୋଜିତ ହୋଇ ଏକ ସମୟରେ ସୃଷ୍ଟି ହୁଏ ଗୀତି କବିତାଟିଏ। ମଣିଷର ଆବେଗମୟ ଅନୁଭୂତିର ସ୍ୱାତନ୍ତ୍ୟ ନେଇ ଗୀତି କବିତା ହୁଏ ରୁଚି ସମ୍ପନ୍ନ। କେତେବେଳେ ଏହା ଭଜନ, ଜଣାଣ ବା ଭକ୍ତି ସଙ୍ଗୀତ ରୂପ ନିଏ ଓ କେତେବେଳେ ଧ୍ୱଂସର ତାଣ୍ଡବଲୀଳା ବର୍ଣ୍ଣନା କରେ। କେବେ କେବେ ପ୍ରକୃତିର ସ୍ନିଗ୍ଧ ପ୍ରଶାନ୍ତ କମନୀୟ ରୂପ ବର୍ଣ୍ଣନା ମୁଖର ହୁଏତ ଆଉ କେତେବେଳେ ପ୍ରଣୟର ଆନନ୍ଦମୟ ଉଚ୍ଛ୍ୱାସର ମାଙ୍ଗଳିକ ଗାଏ।

**ଭାବ ସମ୍ବଳିତ ଓ ସଂଯୋଜିତ ହୋଇ ଏକ ସମୟରେ ସୃଷ୍ଟି ହୁଏ ଗୀତି କବିତାଟିଏ।**

ଡକ୍ଟର ହରିଶ୍ଚନ୍ଦ୍ର ବେହେରାଙ୍କ କବିତାରେ ଆମେ ଏପରି ବିବିଧତା ପାଇଥାଉଁ।

### ୧. କୋରାପୁଟର ଗୀତ

ଅଳସୀ ଫୁଲର ସୁନା ଅଗଣାରେ ଗୀତର କାଉଁରୀ ଛୁଆଁ
କାନ୍ଦୁଲୁ କ୍ଷେତରେ ଲହଡ଼ି ଭାଙ୍ଗୁଛି ସୁଲୁସୁଲୁ ଥଣ୍ଡା ବାଆ।(୦)
କୋହଲା ପବନ ଥରେଇ ଦେଉଛି ଶାବରୀ ଶ୍ରୀକ୍ଷେତ୍ର ଛାତି
କନ୍ଧମାଳର ହଳଦୀ କ୍ଷେତରେ ଶୋଇ ପଡ଼େ ଶୀତ ରାତି,
ମାଣ୍ଡିଆକୁ ଡାକି କହେ ଶୁକୁଜାନି ଗୋଟି ଯିବାପରା ଆ (୧)
ଅଧା ଲଙ୍ଗୁଳି ଏ ବଣ ଦେଶେ ଶୀତ ଅଟେ ଅତି ଆପଣାର
କନ୍ଧ ପରଜାଙ୍କ ସାଥୀ ହେଇକରି ତିଆରଇ ନିଜଘର
କଉପୁନି ପିନ୍ଧି ପିଲାଙ୍କ ସାଥୀରେ ଲେଖୁଥାଏଁ ଅ ଆ। (୨)

### ୨. କେଉଁ ନବାଗତ ଆସିବେ କେଜାଣି

କେଉଁ ନବାଗତ ଆସିବେ କେଜାଣି ବାଜିଲାଣି ସାହାନାଇ
ପ୍ରକୃତି ସଜେଇ ଦେଉଛି ଆକାଶ ପାହାଡ଼ ସମୁଦ୍ର ନଈ (୦)
ମଙ୍ଗଳଦୀପ ଜାଳି ରଖିଲାଣି ନହୁଲି ଫୁକିଆ ତାରା
ପକ୍ଷୀର କଣ୍ଠରେ ଆବାହନୀ ଗୀତ ନୂଆ ସ୍ୱପ୍ନ ମନ ସାରା
ମହୁର ପସରା ମୁଣ୍ଡେଇ ଭଅଁର ଉଡ଼ିଲେଣି ଗୀତ ଗାଇ (୧)
ତୁରୁଛାୟାଘନ ତୋଟା ଉହାଡ଼ରୁ ଶୁଭିଲାଣି କୁହୁକୁହୁ,
ପବନ ସାରା ତ ଫୁଲର ପରାଗ ସବୁଠି ଝରୁଛି ମହୁ
ଗଭାକୁ ସଜେଇ ବାଟ ଚାହିଁଛନ୍ତି ଗେଣ୍ଡୁ ମଲ୍ଲୀ ଜୁଇ ଜାଇ (୨)

୩. ଅଳସୀ ଫୁଲର ସୁନା ଅଗଣାରେ, ଏକାନ୍ତର ପଦମେଳନ ସନେଟ୍।

ଅଳସୀ ଫୁଲର ସୁନା ଅଗଣାରେ ପଡ଼ିଛି କଅଁଳ ଖରା
ଏପଟେ ମାଣ୍ଡିଆ ସେପଟେ କାନ୍ଦୁଲୁ ମଝିରେ ସବୁଜହିଡ଼
ଧାଆଁନା ଦନେଇ ମିଛଟାରେ ଏଠି ହରିଣ ନ ଦିଏ ଧରା
ହିଡ଼ରେ ବସିଣ କାନ୍ଦେ ଶୁକୁଜାନି କିଏ ଭାଙ୍ଗିଦେଲା ନୀଡ
ପଳାସି ଆସୁଛି କମଳା
ତୋଟାଲୋ ସାହୁକାର ଆଖି ପରି,
ଦୂରରୁ ଶୁଭୁଛି କାହା ବଂଇଶୀ ଲୋ
ମନଯାଏ ବଉଳେଇ
ପରଜା ଝିଅର ଗଭା ଗଜରାରୁ
ମଲ୍ଲୀ ବାସ ଯାଏ ଝରି
ପରଦେଶୀ କେଉଁ କୁଣିଆ ଆସେ ଲୋ ପ୍ରାଣ ଯାଏ ଚହଲେଇ

ପ୍ରଫେସର ଗମର ଗୀତିକବିତାର ବିବିଧତା ସମ୍ପର୍କରେ ମତ ଦେଇ କହନ୍ତି "ଗୀତି କବିତା କବି ଚିତ୍ତର ହୃଦୟସ୍ପର୍ଶୀ, ଏକ ଅନୁପମ ଅଭିବ୍ୟକ୍ତି, ମାତ୍ର ଯାହାକି ଆମର ଆବେଗକୁ ଅନେକ ପ୍ରମୂର୍ତ୍ତ କରେ, ନିର୍ମଳ କରେ ଏବଂ କବି ଭାବାବେଗ ସହ ଏକାତ୍ମକତା ସୃଷ୍ଟି କରେ। ଆରିଷ୍ଟଟଲ ଏ ପ୍ରକାର ପ୍ରକ୍ରିୟାକୁ କାଥାରସିସ୍ ବା ପ୍ରକ୍ଷାଳନ ରୂପେ ଅଭିହିତ କରିଥାନ୍ତି।" ସୁତରାଂ ସେ ଦୃଷ୍ଟିରୁ ଗୀତିକବିତାର, ପ୍ରକାର ଭେଦ ପାଠକ ଅନ୍ତରେ ସୃଷ୍ଟି ହେଉଥିବା ଭାବନାର ପ୍ରକୃତ ଚିହ୍ନଟ ଉପରେ ନିର୍ଭର କରେ। [୯]

ଗୀତିକବିତା ମାନବ ଜୀବନର କୌଣସି ଗୋଟିଏ ଉପାଦାନକୁ ନେଇ ଗଠିତ ନୁହେଁ। ବରଂ ଅନେକ ରୀତିଗତିକୁ ନେଇ ତା'ର ସଂସାର। କାରଣ ମଣିଷର ୫ଟି ମନ, ଯଥା :- ଅମନ, କୁମନ, ବିମନ, ସୁମନ ଓ ମନ। ଏଇ ୫ଟି ମନରେ ରାଗ, ଦ୍ୱେଷ, ଈର୍ଷା, ଜୁଗୁପ୍ସା, ଜୀଗିଷା, ବିରାଗ ଓ ଅନୁରାଗ ଆଦି ୨୫ଟି ପ୍ରକୃତି ରଖିଛି। ସୁତରାଂ ମନ ସର୍ବଦା ଚଞ୍ଚଳ।

ଯୁବକବି ସୁରଞ୍ଜନ ପାତ୍ରଙ୍କ ମନ ସେମିତି ବିଭିନ୍ନ ପ୍ରକାର ଗୀତିକବିତା ଲେଖିବାରେ ଲାଗିଥାଏ।

୧) ଶ୍ରାବଣରେ ଆସି ଫଗୁଣରେ ହାୟ ଚାଲିଚାଲ ତୁମେ କାହିଁ,
ପଚାରିଲେ ଯେତେ ତୁମର ଠିକଣା ଜଣେ କେହି ଦେଉ ନାହିଁ। (୦)
ବେଳାଭୂଇଁଠାରୁ ଉପବନଯାଏ ଦେଖେ ତୁମ ପାଦଚିହ୍ନ,
କେଉଁ ରାଇଜରେ ରହିଲ ଗୋ ତୁମେ ପୋଡ଼ିଦେଇ ମୋର ମନ
ତୁମ ବିରହର ଜହରକୁ ପିଇ ମରୁଅଛି ନିତି ମୁହିଁ, ପଚାରିଲେ ଯେତେ... (୧)
ଅନାଦୃତ ମୋର ଜୀବନ ବୀଣାର ତନ୍ତୀ ଯାଇଛି ଛିଡ଼ି
କେମିତି ତୋଳିବି ଜୀବନର ଗୀତ ପଦକୁ ପଦ ଗୋଯୋଡ଼ି;
ଯୁଆଡ଼େ ଚାହୁଁଛି ଦେଖୁଅଛି
ଖାଲି ଉଜାଣି ବହୁଛି ନଈ,
ପଚାରିଲେ ଯେତେ.... (୨)

**ଆସ ହଜିଯିବା ଏ ଶୁଭ ଲଗନେ, ଜୀବନ କବିତା ଲେଖି, ଏ ରାତି ପାହିବା ଆଗରୁ।**

୨) ଏ ରାତି ପାହିବା ଆଗରୁ
ଏ ଜହ୍ନ ମଉଳି ନ ଯାଉ ସଖୀ,
କୁହ କୁହ କିଛି ମଉନ କାହିଁକି
ଗଜରା ହେଉଛି ବାସି;
ଆଜି ଏ ପୃଥିବୀ ଆମ ଜୀବନର ଆଣିଛି ମିଳନ ଋତୁ,
ସଜ ଅନୁରାଗେ ଗୋପନ ଆବେଗ ଆଖିରେ ଦିଅ ଗୋ ଲେଖି,
ଏ ରାତି ପାହିବା .... (୧)
ସୋରିଷ ଫୁଲିଆ ବୟସ ଫସଲେ ଦେଖ ଦେଖୁଅଛି ତାରା,
ଏ ଦେହ ଦେଉଳେ ହସୁଅଛି ପୁଣି ଯଉବନ ସୁନାଖରା;
ଆସ ହଜିଯିବା ଏ ଶୁଭ ଲଗନେ ଜୀବନ କବିତା ଲେଖି, ଏ ରାତି ପାହିବା ଆଗରୁ ..... (୨)

ଗୀତିକବିତା କ୍ଷେତ୍ରରେ ଧନଞ୍ଜୟ ସ୍ୱାଇଁ ଏକ ପରିଚିତ ନାମ। ତାଙ୍କର କେତୋଟି କବିତା ଏପରି।

୧) ବଟାହଳଦୀର ରଙ୍ଗବୋଲି ତୁମ ଦେହ ଛୁଇଁ ଯାଏ ଖରା
ତୁମ ଜୁଇଫୁଲ ଜୁଡ଼ାରେ ଅବାସେ ପେନ୍ଥାଏ ଫୁଟିଲା ଗରା
କନିଅର ରଙ୍ଗ ଖରାରେ ତୁମେ ତ ଆ ଶିଣର ଦେବୀ ପରି,
ସେ ଖରା ସୁନ୍ଦର ତୁମରି ଗାଆଁରେ ମୁରୁଜ ଦେଲେ ସେ ପାରି,
ମାଣ ଖଟୁଲିରେ ମୋ ବୋଉ ଆଙ୍କିଛି ମଗୁଶିର ମାଣ ଚିତା
ବୋଉ ଭାତ ଲାଗି ହଳଦୀ ପତରେ ବାସଇ ଏଣ୍ଡୁରି ପିଠା
ଚକୁଳି ହେଉକି ଛୁଞ୍ଚି ପତର କାକରା କି ସରପୁଳି
ମଣ୍ଡା ଆରିସାଠୁ ଏଣ୍ଡୁରି ଅଲଗା ତା' ପରି ନୁହେଁ କେ ପରା,
ବଟା ହଳଦୀର.... (୧)
୨) ନିଃଶ୍ୱାସରେ ଅବା ଝରା ଶେଫାଳୀର ଗନ୍ଧ ସେ ବାରିବାରି
ମହୁଲିଆ ଶୀତ ପିନ୍ଧି ଆସିଲାଣି କାକରର କାଚମାଳି
କାଚମାଳି ନୁହେଁ ଭୋର କାକରରେ ମୋତି ହାରଟିଏ ଗଢ଼ି
ଶୀତ ଚାହେଁ ଅବା ପ୍ରଭାତୀ ପ୍ରଣାମ ସଅଳ ଦେବାକୁ ବାଢ଼ି
ଶୀତ ଲାଗି ଶୁଭେ ସାତ ସାହି ଡେଇଁ କାନଫଟା ହୁଳହୁଳି,
ମହୁଲିଆଶୀତ.... (୧)
ଶୀତ ଆସିଲାଣି ପିଠୋଉ ବଟାରେ ମାଟିକାନ୍ଥ ଲିପିପୋଛି
ଦେଖାଇବାକୁ ସେ ଓଡ଼ିଆଣୀ ହାତ କଳା କାରିଗରି କିଛି
ଶୀତେ ବାସିଲାଣି ତବତ ଭାତର ବାଡ଼ିବିଲ ମୁଗଡାଲି, ମହୁଲିଆ ଶୀତ..... (୨)

ଗୀତିକବିତାର ପରିସର ବ୍ୟାପକ ଓ ସୁଦୂରପ୍ରସାରୀ, ଏହାର ବିସ୍ତୃତ ଆଲୋଚନା ପାଇଁ ଯଥେଷ୍ଟ ସମୟ ଓ ସ୍ଥାନ ନିଶ୍ଚିତ ଭାବରେ ଦରକାର, ଏହା କହିବା ବାହୁଲ୍ୟ ହେବ।

**ପାଦଟୀକା**

(୧) ସାହିତ୍ୟ ଓ ଆଲୋଚନା, ଡଃ. ହରେକୃଷ୍ଣ ମହତାବ, ପ୍ର- ଫ୍ରେଣ୍ଡସ ପବ୍ଲିସର୍ସ, କଟକ, ୧ମ ସଂସ୍କରଣ, ପୃ-୨୫
(୨) ଡ. ବାଉରୀବନ୍ଧୁ କର, ଓଡ଼ିଆ ସାହିତ୍ୟର ଇତିହାସ, ପ୍ର- କିତାବ ମହଲ, ୧୯୮୯, ପୃ-୧୮୦
(୩) ପଠାଣି ପଟ୍ଟନାୟକ, ଓଡ଼ିଆ ସାହିତ୍ୟର ଇତିହାସ, ପ୍ର-ଲ୍ଲହ୍ଦା, ୧୯୮୮, ପୃଷ୍ଠା- ୧୦୧।
(୪) ଓଡ଼ିଆ ପଲ୍ଲୀ ସାହିତ୍ୟ ପ୍ରବନ୍ଧ, ଡ. ନଟବର ସାମନ୍ତରାୟ।
(୫) ଏନ୍‌ସାଇକ୍ଲୋପେଡିଆ, ଭଲ୍ୟୁମ୍-୨
(୬) ଲିରିକ୍ ଆଣ୍ଡ ରିଫ୍ଲେକ୍ଟିଭ୍ ପୋଏଟ୍ରି, ଆର୍.ଜେ ରିସ୍
(୭) ବିଭୂତି ପଟ୍ଟନାୟକ, ସାହିତ୍ୟର ସୂଚୀପତ୍ର, ପ୍ର-ନାଳନ୍ଦା, ୧୯୮୬, ପୃଷ୍ଠା-୧
(୯) ଏଫ.ବି. ଗୁମର, ଅଧ୍ୟାୟ-୯, ପୃଷ୍ଠା-୪୨

□□

ଲେଖକଙ୍କ ଇ-ମେଲ ଠିକଣା:
parida.sadananda55@gmail.com

ଧାରାବାହିକ ବ୍ୟଙ୍ଗ



# ଟାଣୁଆ ଜାଲ

ଡ. ଅଜୟ କୁମାର ମିଶ୍ର

ଜଗନ୍ନାଥଙ୍କ ସକାଳଘଣ୍ଟ, ଦୁଆରଫିଟା, ମଙ୍ଗଳ ଆଳତିରେ ହଇଚଇ ହେଇପାରେ, ଦିନେ ଓଳିଏ ଡେରିଡୁରା ହେଇପାରେ; ଶିବଙ୍କ ବେଲପତ୍ରୀ ଚଢ଼ାଣରେ ଓଲମ ବିଲମ ହେଇପାରେ, ପାରବ।ତୀଙ୍କ ଚୁଆ, ଚନ୍ଦନ, ହଳଦୀ ସିନ୍ଦୂର ମଖାଣରେ ଏପଟସେପଟ ହୋଇପାରେ, ମାତ୍ର ଘଣ୍ଟୁଙ୍କ ଖବରକାଗଜ ଓଲଟାଣ ପାଲଟାଣରେ ଏତେ ଟିକେ ବି ଢିଲା ହେବାର ଖବର ଏ ଯାଏଁ କାହା କାନରେ ପଡିନାଇଁ। କାରଣ ଖବରକାଗଜ ପଢ଼ାରେ ସମାନ ଏକନିଷ୍ଠ ସାଧକ ହେଲେ ଘଣ୍ଟୁ।




ସୋରିଷ ଉପରୁ ପାରାର ଆଖି ହଟିଯାଇପାରେ, କାଉ ଆଖିରୁ ବହଳିଆ ହଳଦିଆ ଖଦିଡ଼ା ବର୍ତ୍ତିପାରେ, ଚିଲ ଆଖିରୁ ମାଛ ଖସି ଯାଇପାରେ, ଶାଗୁଣା ଆଖିରୁ ମଡ଼ ଆଢୁଆଳ ହେଇପାରେ; ମାତ୍ର ଘଣ୍ଟୁଙ୍କ ଛଅାଣ ଲେନ୍‌ସିଆ ଆଖିରୁ ଖବରକାଗଜର ଦୁଃସମ୍ବାଦମାନ କେବେ ବି ନିସ୍ତାର ପାଇବାର ନଜିର ନାହିଁ। ଉଣ୍ଡାଉଣ୍ଡି କରି ଘଣ୍ଟୁ ଏମନ୍ତ ପ୍ରକାରର ଖବର ତଲାସ କରେ, ଖବରରୁ ଅଖବର କୁଖବର ଓ ଦୁଃଖବର ଉପରେ ଅଧିକ ନଜର ଥାଏ। ତଲାସାତଲସୀ କରି ଗୋଟାଏ ମାସରେ ଘଣ୍ଟୁ ଖାଲି ସ୍ୱାସ୍ଥ୍ୟ ଖବର ପଢ଼ିପଢ଼ି ଗୋଟାଏ ପ୍ରକାରର ଦୀର୍ଘ ଗବେଷଣା କଲେ। ଲୋକେ କୁହନ୍ତି, 'ସ୍ୱାସ୍ଥ୍ୟ ହିଁ ସଂପଦ'। ନିହାତି ଶହେ ଶହେରେ ସତ। ସ୍ୱାସ୍ଥ୍ୟ ପାଇଁ ସଂପଦ ବଡ଼େ। ନ ହେଲେ କି, କାଲି ଯେଉଁ ଟୁଣ୍ଟୁଟୁଣିକିଆ ବଇଦେ, ଝୁମ୍ପୁରିରେ ତାଙ୍କ ଶାଳ ଖୋଲିଥିଲେ, ଆଜି ସେଇଠି ଆକାଶକୁ ଖତେଇ ହେଉଥିବା ବଡ଼ ବଡ଼ ମହଲାମାନ ମୁଣ୍ଡ ଟେକି ନ ଥାନ୍ତା ହେ!

## ନାନା ଜାତିର ଅଶ୍ୱିନୀକୁମାର

ଅନୁଷ୍ଠାନିଆଁ, ଅଣଅନୁଷ୍ଠାନିଆଁ ଟୁଣ୍ଟୁଟୁଣିକିଆ, ଚେରମୂଳିଆ, ଶାଗୁଣୁଚିଆଁ, ଛୁରି କଇଁଚିଆ - ଏମନ୍ତ ନାନା ଜାତିର ଅଶ୍ୱିନୀକୁମାର ଆଉ ଧନ୍ୱନ୍ତରୀଙ୍କ ମାଉସୀ ପିଲା, ପିଇସୀପିଲା, ଦେଠାପିଲା, କକାପିଲା, ମଉଳା ଛୁଆ, ମଉସା ସନ୍ତାନ ବୋଲାଉଥିବା ଡାକତରମାନଙ୍କ କାମ କଥା ଶୁଣି ସେ ତାଜୁବ ହେଲା। ଆମ ରାଇଜରେ ସାଧାରଣ ରୋଗରେ ଲୋଡ଼ା ପଡ଼ନ୍ତି ଟୁଣ୍ଟୁଟୁଣ୍ଡିକିଆମାନେ। ତାଙ୍କର ପଇସା ଅଳ୍ପ, କଥାରେ କଥାରେ ବଶ କରିଦେବେ ରୋଗଣାମାନଙ୍କୁ। ଚେରମୂଳିଆମାନେ ବଇଦ ପ୍ରଜାତିର, ଏମାନେ ବଟାଚୂରା ବଟିକା, ମୋଦକ, ପାଚନାଦି ଦେଇ ରୋଗରୁ ବଉଁଶ ପଦା କରିବାକୁ ପ୍ରତିଶ୍ରୁତି ଦିଅନ୍ତି, ଆମ ନେତାଙ୍କ ଭଳିଆ। ରୋଗ ବଇଁଶପଦା ନ ହେଉଣୁ ରୋଗୀ ମଶାଣିପଦା ଦେଖେ। ଧଳାକଳା ପାଣି, ସାଗୁଦାନା ଦେଇ ହାନିମ୍ୟାନ୍‌ଙ୍କ ବନ୍ଧୁ ବିରାଦର, ମଡ଼ାସାଙ୍ଗିଆ ଡାକତରମାନେ ଛୋଟ ବୋତଲରେ ବଡ଼ ବଡ଼ ରୋଗ ଭଲ ହେବାର ବାହାସ୍ଫୋଟ ମାରି ମାରି; ରୋଗୀଙ୍କୁ ଦରମରା ଓ କଇଁଥା କରିବାରେ ଓସ୍ତାଦୀ ଛାଡ଼ି ନ ଥାନ୍ତି। ତେଣୁ ପଇସାବାଲା ରୋଗୀଏ, ଏମାନଙ୍କ ପାଖ ମାଡ଼ନ୍ତି ନାଇଁ। ସେମାନେ ଯାଆନ୍ତି ଆଧୁନିକିଆ ଛୁରି-କଇଁଚିଆ, ଟାବଲେଟିଆ ଓ କ୍ୟାପସୁଲିଆମାନଙ୍କ ପାଖକୁ।

ସରକାରୀ ଡାକ୍ତରଖାନା- ଯମ ଦରବାର ପ୍ରାୟ ସମାନ। ଜୀବନରେ ପିକ୍‌ନିକ୍ କଲା ଭଳିଆ ଥରେ ଅଧେ ଯେ ଏଠିକି ଟଣା ହେଇଆଇଛନ୍ତି, ସେମାନେ ଜୀବଦ୍ଦଶାରେ ସାକ୍ଷାତ୍ ଯମଭୁବନ ଦେଖିଛନ୍ତି। ଏଠିକି ଯେ ଆସିଲା, ତା'ଘର ଲୋକେ ଆଗରୁ କୋକେଇବନ୍ଧାଣ କରିବା କଥା। ଏ ବିଭାଗରୁ ସେ ବିଭାଗ ଘୋଷରା ହେଇ ଷ୍ଟ୍ରେଚରରେ ଯିବାବେଳେ, ଏମାନେ ଜିଇ ଥାଉଁ ଥାଉଁ କୋକେଇ ସୁଆଦ ବି ଚାଖିନେଇଛନ୍ତି। ଏଠି ବନ୍ଧୁକୁଟୁମ୍ବୀ ପରିବାରର ବାରଭାଇ ଆଖେଡ଼ା ଭଳିଆ, ପଦାକୁ

ଏକ; ମାତ୍ର ଭିତରେ ଭିତରେ ଅନେକ। ଅନେକରେ ଏକ ଆମର ମହାନ ସଂସ୍କୃତି। ଦୈବାତ୍ ପିମ୍ପୁଡ଼ି ଦଂଶନ କଲେ ଏଠି ନାନା ପରୀକ୍ଷା, ନାନା କୀର୍ତ୍ତନ, ବହୁ ଭଜନ ଚାଲେ। ଏଠୁ ଫେରନ୍ତା ରୋଗୀ ଘରକୁ ଯିବାର ନଜିର ନ ଥାଏ, ସମାନେ ମଶାଣିପଦାକୁ, ସାଙ୍ଗରେ ରାମନାମ, ହରିନାମ ଯାଏ।

**ରୋଗୀଙ୍କ ଅବସ୍ଥା ରଫା**

ମନ୍ତ୍ରୀ-ପୁତୁରା, ଠିକାଦାରିଆ, ବିଜିନେସିଆ ଭଳିଆ ବଡ଼ ବଡ଼ ହାତୀମାନେ ତେଣୁ ସରକାରୀ ବଡ଼ ଡାକ୍ତରଖାନା ନାଁ ଶୁଣିବା ମାତ୍ରେ ତରକି ଉଠନ୍ତି। ସାଜସଜ୍ଜା ଏଠି ତୋଫା, ରୋଗୀଙ୍କ ଅବସ୍ଥା ରଫା। ତେଣୁ ଏମାନଙ୍କୁ ଚିକିତ୍ସା ଡକେଇତିଆମାନେ ବଡ଼ମାରି ଜାଲରେ ଫାସ ଖୋଇ, ନରସିଂହ ହୋମିଆ, କ୍ଲିନିକିଆଙ୍କ ପାଖକୁ ଗୋଟାପଣେ ଘୋଷାରି ନିଅନ୍ତି। କ୍ଲିନିକ୍ - ଏଠି ସବୁ କ୍ଲିନ୍, ଚିକିଚିକିଆ ପିନ୍ଧାଣ, ନବରସରେ ପରିପୂର୍ଣ୍ଣା ଏଠିକା ନଅରସ। ଏଠି ସବୁ କ୍ଲିନ୍, ପହିଲେ ରୋଗୀର ଅଣ୍ଟା ବଟୁଆ କ୍ଲିନ୍, ପଛନ୍ତେ ରୋଗୀ ବି। ସରକାରୀ ଡାକତରମାନେ ଏଠିକା ପୋଷାକୁକୁର, କୁକୁର ହାଡ଼ରୁ ମାଉଁସ ଝୁଣେ, ଏଇ ଚମଚଟାମାନେ ଚମଡ଼ାକୁ ଝୁଣିବାରେ ଜିଭ ଲଗେଇ ଦିଅନ୍ତି। ସରକାରଙ୍କୁ ଠିଆ ଚିତାକାଟି ଠାଆକୁ ଠାଆ କ୍ଲିନିକ୍। ମୋବାଇଲ୍ ନନାଙ୍କ ପୂଜା କରିବା ଢଙ୍ଗଠାରୁ ଏମାନେ ଆଉ ତରକା। ଏଠି ପଶୁ ନ ପଶୁ ନାନାଦି ପରୀକ୍ଷା ଆଳରେ ରକତ, ମଳ, ମୂତ୍ର, କଫ, ସିଂଘାଣି - ସବୁକୁ ଷ୍ଟ୍ର ପକେଇ ଆଗ ଶୋଷି ନେବେ।

**ଉପରେ ଉପରେ ନର, ଭିତରେ ଭିତରେ ସିଂହ, ପଶୁ। ଏମାନେ ପଛପଟୁ ଶିକାର କରିବାରେ ଓସ୍ତାଦ୍।**

ବାକି ରହିଥିବା 'ନରସିଂହ ହୋମ୍' ନାମରୁ ଜଣାପଡ଼େ ଠାଣି। ନର+ସିଂହ = ମଣିଷ ରୂପ ପଶୁ। ସିଂହ ପଶୁରାଜ, ସାମନାରୁ ଶିକାର କରେ, ମାତ୍ର ଏଇ ନରସିଂହହୋମିଆମାନେ ସ୍ୱାଭିମାନକୁ ଚାକିରି କରିବା ଦିନରୁ ନଖ କାଟିବା ଭଳି କାଟି ଫିଙ୍ଗି ଦେଇଚନ୍ତି। ଉପରେ ଉପରେ ନର, ଭିତରେ ଭିତରେ ସିଂହ, ପଶୁ। ଏମାନେ ପଛପଟୁ ଶିକାର କରିବାରେ ଓସ୍ତାଦ୍। ମଣିଷପଣକୁ ଉଜେଇଁ ଦେଇଚନ୍ତି ଏମାନେ। ଯମ- ହେଲେ ଧର୍ମରାଜ, ବୁଝି ବିଚାରି ଜୀବନ ନିଅନ୍ତି, ଏମାନେ ଯମ ଭଳି ତରବରିଆ ନୁହନ୍ତି, ରୋଗୀ ଯେତେଦିନ ଏଠି ରହିବ, ପଣି ସେତେ ଅଧିକ ହେବ। ତେଣୁ ଏମାନେ ପ୍ରଥମେ ଟଙ୍କା ଖଲାସ୍ କରନ୍ତି, ପରେ ରୋଗ ନୁହେଁ, ରୋଗୀକୁ ଖଲାସ୍ କରି, ଅତି ଗମ୍ଭୀରରେ ଜଣାନ୍ତି ! 'ଆଇ ଆମ ସରି'। 'ଆ ସି ଇଉ''- "ମୁଁ ତୁମକୁ ଦେଖୁଚି।" ଏଠାରେ ମୁର୍ଦ୍ଦାର ବି ସପ୍ତାହେ ରହି ପାରେ, ପଣିପାଉଣା ଗଣନ୍ତି ତା'ର ନିଜ ଲୋକେ।

ପେଟ ଖଲାସିଆଙ୍କ କଥା ଧର୍ମକୁ ଆଖିଠାର। ଭ୍ରୂଣ ନିରୂପଣ ଦୋଷାବହ ବୋର୍ଡ ମାରି ଏମାନେ ଭ୍ରୂଣ ହତ୍ୟା କରି, ଏମାନଙ୍କ ଶାଳରେ ଅନେକ ଅବୈଧ ପ୍ରୀତିଣୀ କୁମାରୀଙ୍କୁ 'ସତୀ' ଷ୍ଟାମ୍ପ୍ ଲଗେଇ ଛାଡ଼ି ଦିଅନ୍ତି। କେହି କେହି ବି ଗର୍ଭଧାରିଣୀ କୁମାରୀ ସହିତ ଲୀଳା ରଚନା ବି କରିଥାନ୍ତି।


ଘଣ୍ଟୁ ଖବରକାଗଜରୁ ଏମନ୍ତ ଅଘଟଣମାନ ଖୁଣ୍ଟି ସାରିବା ପରେ, ମନେ ମନେ ଗୋଟେ ପାଞ୍ଚ ଭେଇଲା। ଆଗେ ଏଇ ପେଟଖଲାସିଆଙ୍କୁ ତଲାସ କରି କିଛି ଝାଡ଼ିବାକୁ ହେବ। ଗାଁ ଘୋଡ଼ାନାଚରେ ରାଉତାଣୀ ହେଉଥିବା କଇଆକୁ ଗାଆଁରୁ ନେଇ ସହର ଆସିଲେ ଘଣ୍ଟୁ। ତା'ପରେ ଟ୍ରେନିଂ ଦିଆ କରେଇଲେ। ଘୋଡ଼ାନାଚରେ ରାତିକେ ଅତି ବେଶିରେ ଟଙ୍କା ତିନିଶ ଚାରିଶ ପାଉଥିବା କଇଆକୁ ରାତିକେ ହଜାରେ ଟଙ୍କାରେ ରାଉତାଣୀ ହେବାକୁ ମନେଇ ନେଲେ। ଅତି ସାବଧାନରେ ତାକୁ ନୂଆ ପୋଷାକ ପିନ୍ଧେଇ ନାଟୁଆଙ୍କ ଭଳି ରିହରସାଲ୍ କରେଇ ନେଲେ ଘଣ୍ଟୁ। କଇଆ ବି ଅଭିନୟରେ ପୂରା ପୋଖତ। ରାଉତାଣୀର ଢଗ ଢମାଳି, ଠାଣି, ମାଣି- ସବୁ ତାକୁ ଜଣା, ସେ ତ କଇଆ ନୁହେଁ, ବେଶ ହେବା ପରେ ସେ ମର୍ତ୍ତ୍ୟର କିନ୍ନରୀଠାରୁ ବି ଛାପ ଚିକ୍କଣ, ଠାଣିରେ ପୂରା ନାରୀ, ବାଣୀରେ କୋକିଳକଣ୍ଠୀ, ଚାହାଣିରେ ଛାତିରେ ଛୁରି ଚଳେଇ ଦେବ।

ଘଣ୍ଟେ ପହିଲେ ଗଳିକନ୍ଦିଆ 'ନରସିଂହ ହୋମ୍' ଉପରେ ଆଖି ପକେଇଲେ। ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ ଡାକ୍ତର କନ୍ଦର୍ପ ଦାସଙ୍କ ବୋର୍ଡର ବଡ଼ ଅକ୍ଷର ଉପରେ ଆଖି ପଇଲା, ଭିତରକୁ ଯାଇ ନବରସିକା ନର୍ସଙ୍କୁ ଭେଟି, ଗଭୀର ଦୁଃଖ ଜଣେଇଲେ। ତାଙ୍କଠାରୁ ବୁଝି ନେଲେ - କନ୍ଦର୍ପ ସାଆରେ ଭାରି ନାମଜାଦା, ଭାରି ବିଜି, ରାତି ଦଶଟା ପରେ ସେ ରୋଗୀ ଦେଖନ୍ତି; କିନ୍ତୁ ପନ୍ଦର ଦିନ ଆଗରୁ ତାଙ୍କ ପାଖରେ ନମ୍ବର କରିବାକୁ ପଡେ।

ନବରସିକାଙ୍କ ହାତରେ ସମାନ ଦି'ଖଣ୍ଡ ଗାନ୍ଧିମୁଣ୍ଡିଆ ଧରେଇ ଦେଲେ ସେ। ନର୍ସେ ବି କାଲି ରାତି ପାଇଁ ଘଣ୍ଟୁଙ୍କ ପେସେଣ୍ଟର ନମ୍ବର କରିଦେଲେ। କେବଳ ଟିକେ ଟିକେ ହସ ବିନିମୟରେ ଘଣ୍ଟେ ଫେରି ଆସିଲେ।

## ନରସିଂହ ହୋମ୍

ପରଦିନ ସଂଜ ନଇଁଲା, ରାତି ଦଶଟା ହେଲା, କଇଆକୁ କଇଁ ସଜେଇ ଘଣ୍ଟେ ଯାଇ 'ସର୍ବରୋଗ ନିବାରଣ ନରସିଂହ ହୋମ୍'ରେ ପହଞ୍ଚି ନମ୍ବର ପାଇଲେ ଅଠର। ତାଙ୍କର ପାଳି ପଡିବ ରାତି ଦିଇଟାରେ। ଠିକ୍ ଅଛି, ରାତିରେ ଚିକିତ୍ସା ଭଲ, ଥଣ୍ଡା ପଡିଥିବ, ଖରାକାଟୁ ନ ଥିବ- ବାଃ ବଢ଼ିଆ ଗୋଟିଏ ଖଟିଆରେ ଆଶ୍ରା ନେଲେ କଇଆ ଓରଫ କଇଁ ଓ ଘଣ୍ଟେ। ଗାଉଁଲିଆ ଚରିତ୍ରରେ ଘଣ୍ଟେ ବି ବଡ଼ ବଡ଼ କଳାକାରଙ୍କୁ ଆଣ୍ଟେଇ ପକେଇବେ। ନର୍ସଙ୍କ ଦୟାରୁ ରାତି ଦିଇଟାରେ କ୍ଲିନିକର କନ୍ଦର୍ପ ଦାସଙ୍କ ଚେମ୍ବରକୁ ପଶିଲେ କଇଁ ଆଉ ଗାଉଁଲିଆ ଘଣ୍ଟେ। କନ୍ଦର୍ପ ଦାସେ ଅତି ତରକା; କଇଁର ବେଶ ପୋଷାକକୁ ଏମନ୍ତ ଠାଣିରେ ଅନେଇଲେ, ଯେମିତି ତାଙ୍କର ସେଇଟା ଚାହାଣି ନୁହେଁ, ହାଇପାବାର ସ୍କାନର। ସଙ୍ଗେ ସଙ୍ଗେ ମାଛି ଘଉଡ଼େଇବା ଭଳିଆ ଘଣ୍ଟୁକୁ ଘଉଡ଼େଇ ଦେଇ, କଇଁକି କେଉଁ ପୋଜିସନ୍‌ରେ ଚିକିତ୍ସା ଦେବେ ମନେ ମନେ ନକ୍ସା ତିଆରି କରିଦେଲେ। ତାଙ୍କ ନିର୍ଦ୍ଦେଶରେ କଇଁ ଉଚ୍ଚାଖଟିଆରେ ଶୋଇଲା, ଡାକ୍ତର ଚୌକି ଛାଡି କଇଁ ଦେହରେ ଛୁଆଁ ଦେଲେ। କଇଁ ଏଥର କଦମ୍ବ ଭଳିଆ ରୁମେଇଲା। ଥାନ-ଅଥାନରେ ହାତ ମାରୁ ମାରୁ କଇଁ ବଡ ଜୋରରେ ଘୋଡ଼ାନାଟୁଆ ସ୍ୱରରେ ଉଚ୍ଚ କଣ୍ଠରେ ବରଷିଗଲା- "ହଇରେ ଗଜା ଠାଇଁଆ, ଅଳପେଇଶା, ଚୁଲିପଶା, ଗାତପଶା, ରଇଜଳା, ବାଡ଼ିପଡ଼ା, ଯୋଗଣିଖିଆ, ଘୁ'ଖୁଆ- ତୋ ବଅଁଶରେ ମାଆ ଭଉଣୀ, ଝୁଅ-ଝିଆଣି, ଖୁଡୀ-ମାଇଁ, ମାଉସୀ-ପିଇସୀ କେହି ନାହାନ୍ତି କିରେ ନିଆଁନଗା ? ଡାକତର ଦେଖଉଚୁ ମତେ ! 'ଇଲୋ ମୁଁ କ'ଣ କରିବି ଲୋ'- ମାଇଚିଆ ତାନରେ ବାହୁନା ଆରମ୍ଭିଲା କଇଁ।



ଏଇ ଡକାପରା କାନ୍ଦଣାରେ କମ୍ପିଲା ଆଖପାଖ ଅଞ୍ଚଳ, ଲୋକେ ଉଠିପଡିଲେ, ଭାବିଲେ ରାମଲୀଳାର ସୀତାଚୋରି ଦୃଶ୍ୟରେ ଅରକ୍ଷିତା ସୀତା ଏମିତି ରୋଦନ କରୁଚି। ଆଖପାଖ ଲୋକେ ନରସିଂହହୋମ୍ ଗଳି ଦରଜା ଭାଂଗି ଭିତରେ ହାଜର। ଘଣ୍ଟୁଙ୍କ ନିର୍ଦ୍ଦେଶରେ ଆଗରୁ ସଜିଲ୍ ହେଇଥିବା ପବନା ବି ପୋଲିସ୍ ପୋଷାକରେ ସେଠି ହାଜର। କନ୍ଦର୍ପ ଦାସଙ୍କ ହୋସ୍ ଉଡ଼ିବା ଉଡ଼ିବା ଅବସ୍ଥା, ନଅର୍ସେ ତାଙ୍କୁ ପାଣିବୋତଲ ଧରେଇଲେଣି। ନକଲି ପୋଲିସ୍ ପବନା ବି ରୋଲ୍ ଆରମ୍ଭ କରିଦେଲା। ଚିତ୍ରାଳୟରୁ ଆଣି ଧରିଥିବା ଲାଠି ଉଞ୍ଚେଇ ଲୋକଙ୍କୁ ଘଉଡ଼େଇ ଦେଲା କ୍ଷଣକରେ। ବାଆଁ ହାତରେ କନ୍ଦର୍ପ ଦାସର ଷ୍ଟେଥୋ ସହ ମାଡ଼ି ବସି, କହିଲା- 'ଚାଲେରେ ପୁଅ, ଡାକ୍ତର ପିଲା, ଚାଲ ଥାନାକୁ'। କଇଁ ଛିଗୁଲେଇଲା –

'ଅନା ପତର କି ବନା ପତର କୁଲାଟାକୁ କାଇଁ ଥୋଇବି ?

ଛାତି ଗୋଟାଯାକ ଅଣ୍ଡାଳି ଅଣ୍ଡାଳି, କହିଲା ମୁଁ ଟିକେ ଖାଇବି।'

ଏଇ ନିଅଂଶିଆ ଡାକତର ନାଁ କ'ଣ ? ଏଇ ସିନ୍‌ରେ ଘଣ୍ଟେ ଆବିର୍ଭୂତ ହେଲେ, ପବନା ପୁଲିସର ଗୋଡ଼ ଦିଟା ମାଡ଼ି ବସି ଘଟଣାଟା ଚପେଇ ଦେବାକୁ କାକୁତି କଲେ। ଡାକ୍ତରେ ବି ରାଜି, ସଙ୍ଗେ ସଙ୍ଗେ ଲକ୍ଷେ ଚାଳିଶ ହଜାର ଦେଣ ନେଣରେ କଥା ଛିଣ୍ଡିଲା । କଇଁ କାନ୍ଦି କାନ୍ଦି ବାହାରିଲା, ଘଣ୍ଟେ ପାଞ୍ଚ ହଜାର ଧରାଇବା ପରେ କାନ୍ଦ ବନ୍ଦ। ପବନା ବି ଟଙ୍କା ପାଞ୍ଚ ହଜାର ପାଇ ସଲାମ୍ ମାରି ଫେରିଗଲା।

ଏଣିକି ଘଣ୍ଟଙ୍କ ଏମନ୍ତ ଜାଲରେ କିଏ ପଡୁଚି, ଦେଖିବା କଥା। କଇଆ ଓ ପବନା କହୁଥିଲେ- 'ତମ ଏ ଜାଲ ଭାରି ଟାଣ' । ଏମିତିଆ ଆଉ ଦରକାର ହେଲେ ଘଣ୍ଟୁବାବୁ ଦିହିଁଙ୍କୁ ଜଣେଇବେ ବୋଲି ଶୁଣାଇଲେ।

ଡାକ୍ତର କନ୍ଦର୍ପ ଦାସଙ୍କୁ ଭେଟି ସେଠୁ ବିଦାୟ ନେବା ପୂର୍ବରୁ, ଏମିତି ଭଙ୍ଗାଣକାରୀ ଆଉ କେତେଜଣଙ୍କ ଠା, ଠିକଣାର ଛୋଟ ଗୋଟେ ତାଲିକା ବି, ଡାକ୍ତରଙ୍କ ଓଷଦଲେଖା କାଗଜରେ ଟିପା କରେଇ ଘଣ୍ଟେ ବାହୁଡ଼ିଲେ।

□□

ଲେଖକଙ୍କ ଇ-ମେଲ ଠିକଣା:
mishrasala.ctc@gmail.com


**ପ୍ରବନ୍ଧ**

# ଛମାଣ ଆଠଗୁଣ୍ଠ ରଚନାର ଅନ୍ତରାଳେ



ଡ. ପୂର୍ଣ୍ଣଚନ୍ଦ୍ର ମିଶ୍ର

ବାମଣ୍ଡା ରାଜା ସଚ୍ଚିଦାନନ୍ଦ ତ୍ରିଭୁବନ ଦେବଙ୍କ ଦ୍ୱାରା 'ସରସ୍ୱତୀ' ଉପାଧିରେ ଭୂଷିତ ଫକୀରମୋହନ ସେନାପତିଙ୍କ ରଚନାବଳୀ ମଧ୍ୟରେ 'ଛମାଣ ଆଠଗୁଣ୍ଠ' ଉପନ୍ୟାସ ଅନ୍ୟତମ। "ଛମାଣ ଆଠଗୁଣ୍ଠ ଫକୀର ମୋହନଙ୍କର ଔପନ୍ୟାସିକ ଜୀବନର ପ୍ରାରମ୍ଭ ହୋଇଛି ବୋଲି କହିଲେ ଚଳେ।"[୧] ଉକ୍ତ ଉପନ୍ୟାସଟି 'ଉତ୍କଳ ସାହିତ୍ୟ' ପତ୍ରିକାର ୧ମ ବର୍ଷ ୧୦ମ ସଂଖ୍ୟା ଅକ୍ଟୋବର ୧୮୯୭ ମସିହାରୁ ୩ୟ ବର୍ଷ ୭ମ ସଂଖ୍ୟା ଜୁଲାଇ ୧୮୯୯ ମସିହା ପର୍ଯ୍ୟନ୍ତ ଧାରାବାହିକ ରୂପେ ପ୍ରକାଶ ପାଇଥିଲା। ଏହାର ଲେଖକ ଥିଲେ ଛଦ୍ମନାମଧାରୀ 'ଧୂର୍ଜଟୀ'। ଉପନ୍ୟାସଟି ସେତେବେଳେ ଉତ୍କଳୀୟ ପାଠକମାନଙ୍କ ପ୍ରାଣକୁ ପୁଲକିତ କରିଥିଲା। କେବଳ ସେତିକି ନୁହେଁ ଏହି ଛ'ମାଣ ଆଠଗୁଣ୍ଠ କିଭଳି ଭାବରେ ଓଡ଼ିଶାର ସବୁ ଶ୍ରେଣୀର ଲୋକଙ୍କୁ ଆକୃଷ୍ଟ କରିଥିଲା ସେ ସମ୍ପର୍କରେ ସମ୍ବଲପୁର ହିତୈଷିଣୀରେ ଦୈତ୍ୟାରି କରଙ୍କ ପ୍ରକାଶ ପାଇଥିବା ମନ୍ତବ୍ୟ ବାସ୍ତବିକ୍ ପ୍ରଣିଧାନଯୋଗ୍ୟ। ଦୈତ୍ୟାରି କର ଉଲ୍ଲେଖ କରିଛନ୍ତି-




"ମୁଁ ଏକା ନୁହେଁ, ପ୍ରାୟ ଉତ୍କଳର ଅଧିକାଂଶ ଗ୍ରାହକ ଓ ଉପଗ୍ରାହକ ପ୍ରବନ୍ଧ ପାଠ ପୂର୍ବରୁ ଛମାଣ ଆଠଗୁଣ୍ଠ ପଢ଼ିଥାନ୍ତି। ଅନେକ ଅଶିକ୍ଷିତ ଲୋକ ମଧ୍ୟ ଛମାଣ ଆଠଗୁଣ୍ଠ ଶୁଣିବା ନିମନ୍ତେ ବ୍ୟଗ୍ର। ଆଉ ଶିକ୍ଷିତ ଲୋକମାନଙ୍କ କଥା ଛାଡ଼ନ୍ତୁ, ସେମାନେ ଯେଉଁଠାରେ ମିଳିଲେ, କିମ୍ବା ଦୁଇ ଚାରିଜଣ କୌଣସିଠାକୁ ଏକତ୍ର ଗଲେ ସେମାନଙ୍କ ସଙ୍ଗେ ସଙ୍ଗେ ଧୂର୍ଜଟୀ, ଗାଧୁଆ ତୁଠରେ ଧୂର୍ଜଟୀ, ଯେଉଁଠାରେ ରହସ୍ୟ କଥା ପଡ଼ିଲା ସେହିଠାରେ ଧୂର୍ଜଟୀ-ବନ୍ଧୁମାନେ କୌତୁକୀ ହୋଇ କହିଥାନ୍ତି ବୁଝିଶୁଝି ବ୍ୟବହାର କର, ନୋହିଲେ ଧୂର୍ଜଟୀ ଚିତ୍ର କରି ଘେନି ଯିବ ଯେ।"[୨]

ଫକୀରମୋହନ ନିଜର ଆତ୍ମଜୀବନ ଚରିତରେ ମଧ୍ୟ ଉଲ୍ଲେଖ କରିଛନ୍ତି, "ରାମଚନ୍ଦ୍ର ମଙ୍ଗରାଜଙ୍କର ମକଦ୍ଦମାର ବିବରଣ ଯେତେବେଳେ ଉତ୍କଳ ସାହିତ୍ୟରେ ପ୍ରକାଶିତ ହେଉଥିଲା, ସେତେବେଳେ ମଫସଲର କେତେକ ଅଞ୍ଚଳୋକ ମକଦ୍ଦମା ବିଚାର ଦେଖିବା ପାଇଁ କଟକ ଆସିଥିଲେ।"[୩] ଏହାରି ମଧ୍ୟରେ ଫକୀର ମୋହନଙ୍କ ଛମାଣ ଆଠଗୁଣ୍ଠର ଜୀବନ୍ତ ବର୍ଣ୍ଣନା ତଥା ଲୋକପ୍ରିୟତାର ଏକ ସ୍ପଷ୍ଟ ଚିତ୍ର ଦେଖିବାକୁ ମିଳିଥାଏ।

### ଲୋକପ୍ରିୟତାର କାରଣ

ଛମାଣ ଆଠଗୁଣ୍ଠ ଫକୀର ମୋହନଙ୍କ ଆଦ୍ୟ ଉପନ୍ୟାସ ହୋଇଥିଲେ ମଧ୍ୟ ଏହାର ଏତେ ଲୋକପ୍ରିୟତା ଅର୍ଜନ ମୂଳରେ କେଉଁ କାରଣ ରହିଛି ସେ ସମ୍ପର୍କରେ ବିଶେଷ ଆଲୋକପାତ କରାଯାଇ ନ ଥିବାରୁ ଏହି ପ୍ରବନ୍ଧରେ ଉକ୍ତ ଉପନ୍ୟାସର ପରିକଳ୍ପନା ପୂର୍ବରୁ କିଭଳି ଭାବରେ ଫକୀରମୋହନ ମାନସିକ ସ୍ତରରେ ପ୍ରସ୍ତୁତ ହେବା ସଙ୍ଗେସଙ୍ଗେ ଏହାକୁ ସାଫଲ୍ୟ ବିମଣ୍ଡିତ କରିଛନ୍ତି ତାହାର ବିଶ୍ଳେଷଣ କରିବା ନିମନ୍ତେ ଉଦ୍ୟମ କରାଯାଇଛି।

ଓଡ଼ିଆ ସାହିତ୍ୟର ଉନ୍ନତି କଳ୍ପେ ୧୮୬୬ ମସିହାରେ ଈଶ୍ୱରଚନ୍ଦ୍ର ବିଦ୍ୟାସାଗରଙ୍କ ଦ୍ୱାରା ରଚିତ ବଙ୍ଗଳା ଭାଷାର 'ଚରିତାବଳି'କୁ ଫକୀରମୋହନ ଓଡ଼ିଆରେ 'ଜୀବନ ଚରିତ' ନାମରେ ଅନୁବାଦ କରିଥିଲେ। ଏହା ପରେ ୧୮୬୯ ମସିହାରେ ଭାରତବର୍ଷର ଇତିହାସ ପ୍ରଥମଭାଗ ରଚନା

କରିଥିଲେ। ଏହା ଦ୍ୱାରା ଓଡ଼ିଆ ସାହିତ୍ୟର ଉନ୍ନତି ହେଲା ସତ୍ୟ କିନ୍ତୁ ଅନୁବାଦ ସମୟରେ ବଙ୍ଗଳା ଭାଷାର ପ୍ରଭାବ[୫] ଓ ଭାରତବର୍ଷର ଇତିହାସ ପ୍ରଥମଭାଗ ରଚନା ବେଳେ ବଙ୍ଗୋତ୍କଳ ମିଶ୍ରିତ ତଥା ପ୍ରଭାବିତ ଭାଷା ଯୋଗୁଁ ସେ ତୀବ୍ର ସମାଲୋଚନାର ସମ୍ମୁଖୀନ ହୋଇଥିଲେ।[୬] ସେତେବେଳେ ଫକୀରମୋହନଙ୍କ ଭାରତବର୍ଷର ଇତିହାସ ସମ୍ପର୍କରେ ଯେଉଁ ମନ୍ତବ୍ୟ ଦିଆଯାଇଥିଲା ତାହା ପ୍ରଣିଧାନଯୋଗ୍ୟ। ଉତ୍କଳ ଦୀପିକାରେ ଉଲ୍ଲେଖ ଥିଲା, " କିନ୍ତୁ ଗ୍ରନ୍ଥର ରଚନା ପ୍ରତି ଦୃଷ୍ଟି କଲେ ସ୍ପଷ୍ଟ ପ୍ରତୀତ ହେଉଅଛି, ସେ ଗ୍ରନ୍ଥକର୍ତ୍ତା ବିଷମରା ମିଷ୍ଟାନ୍ନ ପ୍ରସ୍ତୁତ କରି ଉତ୍କଳ ଭାଷାର ବିନାଶ ସାଧନ ପକ୍ଷରେ ଯେ ରୂପ ଦୃଢ଼ପ୍ରତିଜ୍ଞ ହୋଇଅଛନ୍ତି ତହିଁରେ ତାହାଙ୍କୁ କପଟ ବନ୍ଧୁ ଭିନ୍ନ ଆଉ କି ଜ୍ଞାନ କରିବୁଁ ?"[୭] ଏହା ସାଙ୍ଗକୁ ୧୮୭୦ ମସିହାରେ କାନ୍ତିଚନ୍ଦ୍ର ଭଟ୍ଟାଚାର୍ଯ୍ୟ 'ଉଡ଼ିୟା ସ୍ୱତନ୍ତ ଭାଷା ନହେ' ଗ୍ରନ୍ଥରେ ଫକୀରମୋହନଙ୍କ ଅନୂଦିତ 'ଜୀବନ ଚରିତ' (ଚରିତାବଳିର ନାମାନ୍ତର)ରେ ବ୍ୟବହୃତ ଭାଷାରୁ ଉପଲକ୍ଷ୍ୟ ଦେଇ ଓଡ଼ିଆ ଭାଷାକୁ ବଙ୍ଗଳା ଭାଷାର ଏକ ଉପଭାଷା ରୂପେ ପ୍ରତିପାଦନ କରିବା ନିମନ୍ତେ ଯେଉଁ ହୀନ ଚକ୍ରାନ୍ତ କରିଥିଲେ, ତାହା ତାଙ୍କୁ (ଫକୀରମୋହନଙ୍କୁ) ମର୍ମାହତ କରିବା ସ୍ୱାଭାବିକ୍। ଏତଦ୍‌ବ୍ୟତୀତ ଉକ୍ତ 'ଜୀବନ ଚରିତ'ର ବିଜ୍ଞାପନରେ ଥିବା "ଏ କଥା ଯଥାର୍ଥ ଯେ, କେବଳ କ୍ରିୟା ମାତ୍ର ପରିବର୍ତ୍ତନ କରି ଦେଲେ ବଙ୍ଗଳା ଓଡ଼ିଆ ହୋଇଯାଏ"[୮] ଉଲ୍ଲେଖକୁ ନେଇ କାନ୍ତିଚନ୍ଦ୍ର ଓଡ଼ିଆ ଓ ବଙ୍ଗଳା ଭାଷାରେ ଥିବା ଐକ୍ୟକୁ ପ୍ରତିପାଦନ କରିବା ଉଦ୍ୟମ ଫକୀରମୋହନଙ୍କୁ ଆହୁରି ବିଚଳିତ କରିବା ସଙ୍ଗେସଙ୍ଗେ ତାଙ୍କ ମନରେ ନିଶ୍ଚିତ ପ୍ରତିକ୍ରିୟା ସୃଷ୍ଟି କରିବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନ ପାରେ।

ତେଣୁ ଏହି ବଙ୍ଗ ଭାଷା ପ୍ରଭାବିତ ଓଡ଼ିଆ ସାହିତ୍ୟ ରଚନାଠାରୁ ଦୂରରେ ରହି ଖାଣ୍ଟି ଓଡ଼ିଆ ଭାଷାର ସାହିତ୍ୟ ସାଧନା ପ୍ରତି ତାଙ୍କ ମନରେ ତୀବ୍ର ଆଗ୍ରହ ସୃଷ୍ଟି ହେବା ସ୍ୱାଭାବିକ।[୯] କେବଳ ସେତିକି ନୁହେଁ, ଖାଣ୍ଟି ଓଡ଼ିଆରେ ଲିଖିତ ସାହିତ୍ୟକୁ ସେ କିପରି ବିଶେଷ ଉତ୍ସାହିତ କରୁଥିଲେ ତାହା ଗୋପାଳଚନ୍ଦ୍ର ପ୍ରହାରାଜଙ୍କ ସ୍ୱୀକୃତିରୁ ଜଣାଯାଏ। ସେ ଲେଖିଛନ୍ତି, 'ଫକୀରମୋହନ କେତେଥର ମୋର ଖାଣ୍ଟି ଓଡ଼ିଆ ଲେଖା ଯୋଗୁ ମତେ ଧନ୍ୟବାଦ ଦେବାକୁ ଆସି "ମୋର ଆଦର୍ଶ କିଏ ? ଏ ପ୍ରଶ୍ନର ଉତ୍ତରରେ ମୋ ଲେଖା ଆପଣଙ୍କ ଲିଖନଭଙ୍ଗୀ ଓ ଭାଷା ଛଟାର ବିକୃତ ଅନୁକରଣ ମାତ୍ର" ଶୁଣି ପ୍ରେମରେ ଗଦ୍‌ଗଦ୍ ହୋଇଥିବାର ମୁଁ ନିଜେ ଅନୁଭବ କରିଅଛି।'[୧୦]

## ଐକ୍ୟ ଓ ଅନୈକ୍ୟ

୧୮୭୦ ମସିହାରେ କାନ୍ତିଚନ୍ଦ୍ର ଭଟ୍ଟାଚାର୍ଯ୍ୟଙ୍କ ବଙ୍ଗଳା ଓ ଓଡ଼ିଶାର ଲିଖିତ ସାହିତ୍ୟର ଭାଷା ମଧ୍ୟରେ ବହୁସାମ୍ୟ ଥିବା ଉକ୍ତିକୁ ତଥା ରାଜେନ୍ଦ୍ରଲାଲ ମିତ୍ରଙ୍କ ଯୁକ୍ତିକୁ ଦୃଢ଼ ଭାବରେ ଖଣ୍ଡନ କରି ବାଲେଶ୍ୱରର ତତ୍‌କାଳୀନ କଲେକ୍ଟର ଜନ ବିମସ୍ ସାହେବ ମତ ଦେଇଥିଲେ ଯେ ଉଭୟ ଭାଷାର ଐକ୍ୟ ଓ ଅନୈକ୍ୟ ସମ୍ପର୍କରେ ଅନୁଧ୍ୟାନ କରିବାକୁ ହେଲେ ଢାକା ଓ ଘୁମୁସରର ଚଷାଙ୍କ କଥିତ ଭାଷାକୁ ଅନୁଧ୍ୟାନ କରିବା ଆବଶ୍ୟକ। ପ୍ରକୃତ ତଥା ଜୀବନ୍ତ ଓଡ଼ିଆ ଭାଷାର ସନ୍ଧାନ ପାଇବା ନିମନ୍ତେ ଜଣେ ଘୁମୁସରର ଚଷାଙ୍କ ନିକଟକୁ ଯିବା ଦରକାର। ଏପରିକି ହଲ୍ଲାମ ସାହେବ ମଧ୍ୟ ମୁକ୍ତ କଣ୍ଠରେ ଘୋଷଣା କରିଥିଲେ ଯେ ଓଡ଼ିଶାର ଚଷାମାନଙ୍କ ମୁଖରେ ପ୍ରକୃତ ଓଡ଼ିଆ ଭାଷା ବଞ୍ଚି ରହିଛି।[୧୧]

**ପ୍ରକୃତ ତଥା ଜୀବନ୍ତ ଓଡ଼ିଆ ଭାଷାର ସନ୍ଧାନ ପାଇବା ନିମନ୍ତେ ଜଣେ ଘୁମୁସରର ଚଷାଙ୍କ ନିକଟକୁ ଯିବା ଦରକାର।**

ଫକୀରମୋହନଙ୍କ 'ଛମାଣ ଆଠଗୁଣ୍ଠ' ପ୍ରକାଶିତ ହେବା ବେଳକୁ ଓଡ଼ିଆ ସାହିତ୍ୟରେ ରାମଶଙ୍କର ରାୟ ଓ ଉମେଶଚନ୍ଦ୍ର ସରକାର ଉପନ୍ୟାସ ରଚନା କ୍ଷେତ୍ରରେ ଲେଖନୀ ଚାଳନା କରିସାରିଥିଲେ। ରାମଶଙ୍କର ରାୟଙ୍କ ଦ୍ୱାରା ସୌଦାମିନୀ (୧୮୭୮), ବିବାସିନୀ (୧୮୯୩) ଓ ଉନ୍ମାଦିନୀ (୧୮୯୨) ପ୍ରଭୃତି ଉପନ୍ୟାସ ଯଥାକ୍ରମେ ଉତ୍କଳ ମଧୁପ, ଉତ୍କଳ ପ୍ରଭା ଓ ଇନ୍ଦ୍ରଧନୁ ପତ୍ରିକାରେ ଧାରାବାହିକ ଭାବେ ପ୍ରକାଶ ପାଉଥିଲା। ପତ୍ରିକାଗୁଡ଼ିକର ଅନିୟମିତତା ତଥା ଅକାଳ ମୃତ୍ୟୁ ଲାଗି ରାମଶଙ୍କର ରାୟଙ୍କର 'ସୌଦାମିନୀ' ଓ 'ଉନ୍ମାଦିନୀ' ଅସମ୍ପୂର୍ଣ୍ଣ ହୋଇଥିଲା। କେବଳ 'ବିବାସିନୀ' ହେଉଛି ରାମଶଙ୍କର ରାୟଙ୍କର ଏକମାତ୍ର ସମ୍ପୂର୍ଣ୍ଣ ଉପନ୍ୟାସ। ଉମେଶଚନ୍ଦ୍ର ସରକାରଙ୍କ ଦ୍ୱାରା ରଚିତ ପଦ୍ମମାଳୀ ୧୮୮୯ ମସିହାରେ ଆତ୍ମପ୍ରକାଶ କରିଥିଲା। ଏହି ଦୁଇଟି ଉପନ୍ୟାସର

ବିଷୟ ବସ୍ତୁ ମୁଖ୍ୟତଃ ଐତିହାସିକ ଘଟଣାଶ୍ରିତ। ଉଭୟ ଉପନ୍ୟାସରେ ଇଂରାଜୀ ରୀତି ପ୍ରଭାବିତ ଗଦ୍ୟ ଭଙ୍ଗୀକୁ ଅନୁସରଣ କରାଯାଇଥିଲେ ମଧ୍ୟ ରାମଶଙ୍କରଙ୍କ ଭାଷା ଅପେକ୍ଷା ଉମେଶଚନ୍ଦ୍ରଙ୍କ ଭାଷା ଥିଲା ଅଧିକ ଜୀବନ୍ତ ତଥା ମାର୍ଜିତ।[୧୨] ଫକୀରମୋହନ ଭାଷା ପ୍ରୟୋଗ କ୍ଷେତ୍ରରେ ଉମେଶଚନ୍ଦ୍ର ସରକାରଙ୍କ ଭାଷାକୁ ସାମାନ୍ୟ ଭାବେ ଅନୁସରଣ କରିଥିଲେ ହେଁ ତାଙ୍କର ଅବଚେତନ ମନରେ ବୀମସ୍ ଓ ହଲ୍ଲାମ ସାହେବଙ୍କ ପ୍ରକୃତ ଓଡ଼ିଆ ଭାଷାର ସ୍ୱରୂପ ଅନୁରଣନ ସୃଷ୍ଟି କରିଥିଲା। ତେଣୁ ସେ 'ଛମାଣ ଆଠଗୁଣ୍ଠ'ରେ ପ୍ରଚଳିତ ଚାଷୀ ମୂଲିଆର ଭାଷାକୁ ବା ଖାଣ୍ଟି ଦେଶୀ ଭାଷାକୁ ଉପେକ୍ଷା କରିପାରି ନ ଥିଲେ। ତାଙ୍କର ଏହି ଭାଷା ପ୍ରୀତି ସମ୍ପର୍କରେ ଗୋପାଳଚନ୍ଦ୍ର ପ୍ରହରାଜ ଯଥାର୍ଥରେ କହିଛନ୍ତି, "ଫକୀରମୋହନ ଉତ୍କଳରେ ଗଦ୍ୟକୁ ଯେଉଁ ଭାଷା ଦେଇ ଯାଇଅଛନ୍ତି, ସେ ଭାଷା ତତ୍ପୂର୍ବେ ସାହିତ୍ୟ କ୍ଷେତ୍ରରେ ପ୍ରଚଳିତ ନ ଥିଲା ବୋଲି କହିଲେ ଚଳେ। କି ଭାଷାର ଗ୍ରାମ୍ୟ ମାଧୁରୀ, କି ପ୍ରାକୃତିକ ଦୃଶ୍ୟ ବର୍ଣ୍ଣନ, ସବୁଥିରେ 'ଛମାଣ ଆଠଗୁଣ୍ଠ' ଉତ୍କଳ ସାହିତ୍ୟରେ ଗଦ୍ୟବିଭାଗରେ ଗୋଟିଏ ନବଯୁଗ ସୂଚନା କରିଥିଲା। ଖାଣ୍ଟି ଓଡ଼ିଆ ଭାଷା ଫକୀରମୋହନଙ୍କ ଲେଖାର ପ୍ରତି ଛତ୍ରରେ ପୂର୍ଣ୍ଣ।"[୧୩]

**ଫକୀରମୋହନ ଉତ୍କଳରେ ଗଦ୍ୟକୁ ଯେଉଁ ଭାଷା ଦେଇ ଯାଇଅଛନ୍ତି, ସେ ଭାଷା ତତ୍ପୂର୍ବେ ସାହିତ୍ୟ କ୍ଷେତ୍ରରେ ପ୍ରଚଳିତ ନ ଥିଲା ବୋଲି କହିଲେ ଚଳେ।**

### ବଙ୍କିମଚନ୍ଦ୍ରଙ୍କ ବିଷବୃକ୍ଷ

ଫକୀରମୋହନ ଥିଲେ ରାମଶଙ୍କରଙ୍କ ଉପନ୍ୟାସର ପ୍ରିୟ ପାଠକ ତଥା ପ୍ରଶଂସକ।[୧୪] ତାଙ୍କର 'ଛମାଣ ଆଠଗୁଣ୍ଠ' ଉପନ୍ୟାସ ସହିତ ବଙ୍କିମଚନ୍ଦ୍ରଙ୍କ 'ବିଷବୃକ୍ଷ' ଉପନ୍ୟାସର ବହୁସାମ୍ୟ ଥିବା କଥା କେତେକ ଆଲୋଚକ ଦର୍ଶାଇଛନ୍ତି।[୧୫] ବିଷବୃକ୍ଷରେ କୁନ୍ଦନନ୍ଦିନୀ ଏକ ଘରବୁଡ଼ା କୋହିନୂର ହୋଇଥିବା ବେଳେ 'ଛମାଣ ଆଠଗୁଣ୍ଠ' ଏକ ଘରବୁଡ଼ା ଜମି ହୋଇଛି। ତେଣୁ ବଙ୍କିମ ଚନ୍ଦ୍ରଙ୍କ କୋହିନୂର ଆଭିଜାତ୍ୟ ଦୃଷ୍ଟିଭଙ୍ଗୀରେ ପରିପୂର୍ଣ୍ଣ ହେବା ବେଳେ 'ଛମାଣ ଆଠଗୁଣ୍ଠ' ଗୋଟିଏ ଅମୂଲ୍ୟ ସମ୍ପତ୍ତି ରୂପେ ଚିତ୍ରିତ ହୋଇଛି। ଏହା ପୁଣି ଏପରି ଏକ ନିମ୍ନ ଗରିବ ପରିବାରର, ଯେ କି ତାକୁ ଅତି ଆପଣାର କରିଛି। ତେଣୁ ଭଗିଆ ଏକ ତନ୍ତୀ ହେଲେ ମଧ୍ୟ ଫକୀରମୋହନଙ୍କ ଦୃଷ୍ଟିରେ ସେ ଏକ ଗରିବ ଚାଷୀ। ତେଣୁ 'ଛମାଣ ଆଠଗୁଣ୍ଠ' ରଚନାର ପୃଷ୍ଠଭୂମିରେ ବଙ୍କିମ ଚନ୍ଦ୍ରଙ୍କର ପ୍ରେରଣା ଥିଲେ ମଧ୍ୟ ଅନ୍ୟ ଏକ ଇଂରାଜୀ ଗ୍ରନ୍ଥ 'ବେଙ୍ଗଲ ପିଜାଣ୍ଟ ଲାଇଫ୍'ର ପ୍ରୋତ୍ସାହନ ଅନସ୍ୱୀକାର୍ଯ୍ୟ।

ଏହି ଇଂରାଜୀ ଗ୍ରନ୍ଥଟିର ରଚୟିତା ହେଉଛନ୍ତି ଲାଲବିହାରୀ ଦେ। ୧୮୭୧ ମସିହାରେ ବାବୁ ଜୟକିଶାନ ମୁଖାର୍ଜୀ ନାମକ ଉତ୍ତରପଡ଼ାର ଜନୈକ ବଙ୍ଗାଳୀ ଜମିଦାର 'ସୋସିଆଲ୍ ଡୋମେଷ୍ଟିକ୍ ଲାଇଫ୍ ଅଫ୍ ରୁରାଲ ପପୁଲେସନ ଆଣ୍ଡ ୱାର୍କିଙ୍ଗ କ୍ଲାସେସ୍ ଅଫ୍ ବେଙ୍ଗଲ'(ସୋସିଆଲ ଡୋମେଷ୍ଟିକ୍ ଲାଇଫ୍ ଅଫ୍ ରୁରାଲ୍ ପପୁଲେସନ ଆଣ୍ଡ ୱାର୍କିଂ କ୍ଲାସେସ୍ ଅଫ୍ ବେଙ୍ଗଲ) ଶୀର୍ଷକ ଉପରେ ଗୋଟିଏ ଭଲ ଲେଖା ଲେଖିବା ନିମନ୍ତେ ପଚାଶ ପାଉଣ୍ଡର ଏକ ପୁରସ୍କାର ଘୋଷଣା କରିଥିଲେ। ଲାଲବିହାରୀ ଦେ ଏଥିରେ ଅନୁପ୍ରାଣିତ ହୋଇ ୧୮୭୨ ମସିହାରେ ଅକ୍ଳାନ୍ତ ପରିଶ୍ରମ କରି ଏହି ଇଂରାଜୀ ଗ୍ରନ୍ଥଟି ରଚନା କରିଥିଲେ। ଏହାକୁ ପୁରସ୍କାର ପ୍ରାପ୍ତି ଆଶାରେ ଦାଖଲ କରିଥିଲେ ମଧ୍ୟ ୧୮୭୪ ମସିହା ପର୍ଯ୍ୟନ୍ତ ବିଭିନ୍ନ ଅସୁବିଧାବଶତଃ ପୁରସ୍କାର ଘୋଷିତ ହୋଇ ପାରି ନ ଥିଲା। ତେଣୁ କେତେକ ଇଂରେଜ ବନ୍ଧୁଙ୍କ ସଶ୍ରଦ୍ଧ ପ୍ରୋତ୍ସାହନରେ ସେ ଏହି ଗ୍ରନ୍ଥଟିକୁ ୧୮୭୪ ମସିହାରେ 'ଗୋବିନ୍ଦ ସାମନ୍ତ ଅର୍ ଦି ହଷ୍ଟ୍ରି ଅଫ୍ ଏ ବେଙ୍ଗଲ ପିଜାଣ୍ଟ' ନାମରେ ପ୍ରକାଶ କରିଥିଲେ। ଏହି ଇଂରାଜୀ ଉପନ୍ୟାସଟିର ଆଦର ସେ ସମୟରେ ଏତେ ଦୂର ବଢ଼ିଯାଇଥିଲା ଯେ ଯାହା ଫଳରେ ୧୮୭୮ ମସିହାରେ ସେ ତା'ର ନୂତନ ମୁଦ୍ରଣ 'ବେଙ୍ଗଲ ପିଜାଣ୍ଟ ଲାଇଫ୍' ନାମରେ କରାଇଥିଲେ। ୧୮୭୯ ମସିହାଠାରୁ ୧୯୧୬ ମସିହା ମଧ୍ୟରେ ଏହି ଗ୍ରନ୍ଥଟି ସର୍ବୋଚ୍ଚ ୧୫ ଥର ମୁଦ୍ରିତ ହୋଇଥିଲା। କେବଳ ସେତିକି ନୁହେଁ, ଉକ୍ତ ଗ୍ରନ୍ଥଟି ୧୮୯୮ ମସିହାରେ ଦୁଇଥର, ୧୯୦୯ ମସିହାରେ ତିନିଥର ମୁଦ୍ରିତ ହୋଇ ପାଠକମାନଙ୍କୁ ବିଶେଷ ଭାବରେ ଆକୃଷ୍ଟ କରିଥିଲା।

ଫକୀରମୋହନ ନିଜ ଜୀବନକାଳ ମଧ୍ୟରେ ଏହି ଗ୍ରନ୍ଥଟି ପଢ଼ିଥିବା କଥା ମୁକ୍ତ କଣ୍ଠରେ ସ୍ୱୀକାର କରିଛନ୍ତି। ସେ ନିଜର ଇଂରାଜୀ ଶିକ୍ଷା ସମ୍ପର୍କରେ ସୂଚନା ଦେବାକୁ ଯାଇ ଉଲ୍ଲେଖ

କରିଛନ୍ତି, "ମୁଁ ନିଜେ ନିଜେ ଡିକ୍ସନାରୀ ସାହାଯ୍ୟରେ ଆରବିଆନ୍ ନାଇଟ୍, ରବିନସନ୍ କ୍ରୁଶୋ, ବେଙ୍ଗଲ ପିଜାଣ୍ଟ ଲାଇଫ୍, ବାଇବେଲ୍ ପ୍ରଭୃତି କେତେଖଣ୍ଡ ମାତ୍ର ଇଂରାଜୀ ବହି ପଢ଼ିଥିଲି। ସେତିକି ଇଂରାଜୀ ଶିକ୍ଷା ଭବିଷ୍ୟତ ଜୀବନରେ ମୋର ଅନେକ ସହାୟତା କରିଥିଲା।"[୧୬]

ତେଣୁ ଏ ବହିଟି ଦ୍ୱାରା ଫକୀରମୋହନ ବିଶେଷ ରୂପେ ଅନୁପ୍ରାଣିତ ହୋଇ 'ଛମାଣ ଆଠଗୁଣ୍ଠ' ରଚନା କରିଥିବାର ସମ୍ଭାବନା ଯଥେଷ୍ଟ ରହିଛି। ଦୁଇ ଗୋଟି ବହି ମଧ୍ୟରେ ଥିବା ନିମ୍ନୋକ୍ତ ସାମଞ୍ଜସ୍ୟଗୁଡ଼ିକୁ ଲକ୍ଷ୍ୟ କଲେ ଏପରି ସମ୍ଭାବନାକୁ ସ୍ୱୀକାର କରିବାକୁ ହେବ।

### ହୃଦୟ ବିଦାରକ କାହାଣୀ

ବିଷୟ ବିନ୍ୟାସ ଦୃଷ୍ଟିରୁ ଉଭୟ ଗ୍ରନ୍ଥ ଜମିଦାରଙ୍କ ଦ୍ୱାରା ଅତ୍ୟାଚାରିତ ତଥା ଉତ୍ପୀଡ଼ିତ ଏକ ଚାଷୀ ପରିବାରର ହୃଦୟ-ବିଦାରକ-କରୁଣ କାହାଣୀକୁ ନେଇ ରଚିତ। ବେଙ୍ଗଲ ପିଜାଣ୍ଟ ଲାଇଫ୍‌ରେ ଜମିଦାର ବାବୁ ଜୟଚାନ୍ଦ ରାୟଚଉଧୁରୀଙ୍କ କୋପ ଦୃଷ୍ଟି ଚାଷୀ ଗୋବିନ୍ଦ ଉପରେ ପଡ଼ିବା ଭଳି 'ଛମାଣ ଆଠଗୁଣ୍ଠ'ରେ ଜମିଦାର ରାମଚନ୍ଦ୍ର ମଙ୍ଗରାଜଙ୍କ ଲୋଲୁପ ଦୃଷ୍ଟି ପଡ଼ିଛି ଗରିବ ଭଗିଆର ଜମି ଉପରେ। ଉପନ୍ୟାସର ବିଷୟବସ୍ତୁ ଚାଷୀ ପରିବାରର ଘଟଣା ହୋଇଥିବାରୁ ଲାଲ ବିହାରୀ ଦେ ତାକୁ ପ୍ରଥମେ ନାୟକ ନାମାନୁସାରେ 'ଗୋବିନ୍ଦ ସାମନ୍ତ ଅର୍ ଦି ହଷ୍ଟ୍ରି ଅଫ୍ ଏ ବେଙ୍ଗଲ ପିଜାଣ୍ଟ' ରଖିବା ବେଳେ ପରବର୍ତ୍ତୀ ସମୟରେ ନାମକୁ ସଂକ୍ଷିପ୍ତ କରିବା ଉଦ୍ଦେଶ୍ୟରେ 'ବେଙ୍ଗଲ ପିଜାଣ୍ଟ ଲାଇଫ୍' ଦେଇଛନ୍ତି। ଫକୀରମୋହନ ଟିକିଏ ସରଳ ତଥା ସଙ୍କେତଧର୍ମୀ ରୂପେ ବିଷୟାନୁସାରେ 'ଛମାଣ ଆଠଗୁଣ୍ଠ' ଜମିକୁ ନେଇ ତାଙ୍କ ଉପନ୍ୟାସର ନାମକରଣ କରିଛନ୍ତି।

ଲାଲବିହାରୀ ଦେ ତାଙ୍କ ଉପନ୍ୟାସଟିର ବିଷୟ ବିନ୍ୟାସ ସମୟରେ ତାକୁ କେତୋଟି ଅଧ୍ୟାୟ (ଚାପ୍ଟର)ରେ ବିଭକ୍ତ କରି ଅଧ୍ୟାୟ ଆରମ୍ଭରେ ଗୋଟିଏ ଗୋଟିଏ ଇଂରାଜୀ ଉଦ୍ଧୃତି ପ୍ରଦାନ କରିଛନ୍ତି। ଫକୀରମୋହନ ଏହି ପରମ୍ପରାକୁ ଅନୁସରଣ କରି ସ୍ୱରଚିତ ଉପନ୍ୟାସର କେତେକ ଅଧ୍ୟାୟର ପ୍ରାରମ୍ଭରେ ପୂର୍ବସୂରୀଙ୍କ ଉଦ୍ଧୃତିକୁ ମଧ୍ୟ ପ୍ରୟୋଗ କରିବାକୁ କୁଣ୍ଠା ପ୍ରକାଶ କରିନାହାନ୍ତି।[୧୭] ସ୍ଥଳ ବିଶେଷରେ ଉଭୟ ଉପନ୍ୟାସରେ ବିଷୟ ପରିବେଷଣ ସମୟରେ ମଧ୍ୟ ମଝିରେ ମଝିରେ ଉଦ୍ଧୃତି ଦିଆଯାଇଛି, ଯାହାକି ଗ୍ରାମ୍ୟ ଲୋକମାନେ କଥା ପ୍ରସଙ୍ଗରେ ଉଦ୍ଧାର କରିଥାଆନ୍ତି। କେତେକ ସ୍ଥାନରେ ଏହା ଅବିକଳ ଭାବରେ ପ୍ରଦାନ କରାଯିବା ବେଳେ କେତେକ ସ୍ଥଳରେ ଲାଳିକା ରୂପେ ପ୍ରଦତ୍ତ ହୋଇଛି।

ଲାଲବିହାରୀ ଦେ ସରଳ ତଥା ବୋଧଗମ୍ୟ ଇଂରାଜୀ ଭାଷାରେ ତାଙ୍କ ଉପନ୍ୟାସଟି ରଚନା କରିଥିଲେ ମଧ୍ୟ ତନ୍ମଧ୍ୟରେ ଚାଷୀ ପରିବାରରେ ବ୍ୟବହୃତ ତଥା କଥିତ ଶବ୍ଦର ପ୍ରୟୋଗ ଦେଖିବାକୁ ମିଳେ। ସର୍ବସାଧାରଣଙ୍କ ବୋଧଗମ୍ୟ ହେବା ନିମନ୍ତେ ଏହି ଶବ୍ଦଗୁଡ଼ିକୁ ବହିର ଶେଷରେ 'ଗ୍ଲସରୀ ଅଫ୍ ଇଣ୍ଡିଆନ୍ ଟର୍ମ'ରେ[୧୮] ସଂଯୋଗ କରିବା ଶୈଳୀକୁ ଅନୁସରଣ କରି ଫକୀରମୋହନ 'ଛମାଣ ଆଠଗୁଣ୍ଠ'ରେ ବ୍ୟବହୃତ କଥିତ ଓଡ଼ିଆ ଶବ୍ଦର ଏକ ସୂଚୀ ବହିର ଶେଷରେ 'ନିର୍ଘଣ୍ଟ' ଶିରୋନାମାରେ ପ୍ରଦାନ କରିଛନ୍ତି।[୧୯]

**ଫକୀରମୋହନ 'ଛମାଣ ଆଠଗୁଣ୍ଠ'ରେ ବ୍ୟବହୃତ କଥିତ ଓଡ଼ିଆ ଶବ୍ଦର ଏକ ସୂଚୀ ବହିର ଶେଷରେ 'ନିର୍ଘଣ୍ଟ' ଶିରୋନାମାରେ ପ୍ରଦାନ କରିଛନ୍ତି।**

### ଅଧ୍ୟାୟମାନଙ୍କର ନାମକରଣ

ଲାଲବିହାରୀ ଦେ ତାଙ୍କର ପ୍ରତ୍ୟେକ ଅଧ୍ୟାୟକୁ ଗୋଟିଏ ଗୋଟିଏ ଶିରୋନାମା ଦ୍ୱାରା ଭୂଷିତ କରିବା ଭଳି ଫକୀରମୋହନ ମଧ୍ୟ 'ଛମାଣ ଆଠଗୁଣ୍ଠ' ଉପନ୍ୟାସର ପ୍ରତ୍ୟେକ ଅଧ୍ୟାୟକୁ ନାମିତ କରିଛନ୍ତି। ଉଭୟ ଉପନ୍ୟାସରେ ପ୍ରଦତ୍ତ କେତେଗୁଡ଼ିଏ ଶିରୋନାମାର ସାମାନ୍ୟ ଅବିକଳ ରୂପ ବା ରୂପାନ୍ତରିତ ରୂପ ଦେଖିବାକୁ ମିଳିଥାଏ।


ଲାଲବିହାରୀ ଦେଙ୍କ ବେଙ୍ଗଲ ପିଜାଣ୍ଟ ଲାଇଫ୍‌ରେ ପ୍ରଯୁକ୍ତ ଆନ୍ ଇମ୍ପରଟାଣ୍ଟ ଡିସକସନ୍, ଦି ହିନ୍ଦୁ ଉଇଡୋ, ଲେଡିଜ୍ ପାର୍ଲାମେଣ୍ଟ, ଇଭେଣ୍ଟସ୍ ଆଟ୍ ଦୁର୍ଗାପୁର, ଫାୟାର୍! ଫାୟାର୍, ଦି ପୋଲିସ୍ ଇନ୍‌ଭେଷ୍ଟିଗେସନ୍, ଦି ଭିଲେଜ୍ ଗର୍ଗସପ୍, ଦି ଏଣ୍ଡ୍ ପ୍ରଭୃତି ଶିରୋନାମା ଯଥାକ୍ରମେ 'ଛମାଣ ଆଠଗୁଣ୍ଠ'ର ମନ୍ତ୍ରଣା, ଚମ୍ପା, ଅସୁରଦୀଘି, ଗାଁର ହାଲଚାଲ, କିପରି ଘର ପୋଡ଼ିଗଲା, ପୁଲିସ ତଦାରଖୀ, ଗୋପୀସାହୁର ଦୋକାନ ଘରେ, ଉପସଂହାର ଆଦିର ଶିରୋନାମା ସହ ଯଥେଷ୍ଟ ସାମଞ୍ଜସ୍ୟ ରହିଅଛି। ଉଭୟ ଗ୍ରନ୍ଥରେ ଏପରି କେତେକ ଆଙ୍ଗିକ ସାମଞ୍ଜସ୍ୟ

ଥିବା ବେଳେ ଫକୀରମୋହନ ଅତ୍ୟନ୍ତ ଚତୁରତାର ସହିତ ତନ୍ମଧ୍ୟସ୍ଥ ବିଷୟ ବିନ୍ୟାସ ସମୟରେ ନିଜର ସ୍ୱାତନ୍ତ୍ର୍ୟ ପ୍ରକାଶ କରିବା ପାଇଁ ଉଦ୍ୟମ କରିଛନ୍ତି। ତେଣୁ ରୂପ ବର୍ଣ୍ଣନା ସମାଜ ଚିତ୍ର, ଦୃଶ୍ୟ ବା ଘଟଣା ବିନ୍ୟାସ ମଧ୍ୟରେ ଫକୀରମୋହନଙ୍କ ରଙ୍ଗାଜୀବତ୍ୱ ସୁସ୍ପଷ୍ଟ ହୋଇଛି।[୨୦]

ବିଷୟ ପରିବେଷଣ ସମୟରେ ଲାଲବିହାରୀ ଦେ 'ରୂପା ମା' ବୋଲି ଯେପରି ଗୋଟିଏ ଅଜ୍ଞାତ କୁଳଶୀଳା ନାରୀର ଚିତ୍ର ପ୍ରଦାନ କରିଛନ୍ତି ଫକୀରମୋହନ ମଧ୍ୟ ସେହିପରି ଭାବରେ ଚମ୍ପାକୁ ରୂପାୟିତ କରିଛନ୍ତି।

**ହାସ୍ୟବୋଧ**

ବେଙ୍ଗଲ ପିଜାଣ୍ଟ ଲାଇଫ୍ ଓ ଛମାଣ ଆଠଗୁଣ୍ଠରେ ଉଭୟ ଲେଖକଙ୍କର ହାସ୍ୟବୋଧ (ସେନ୍ସ ଅଫ୍ ହ୍ୟୁମର)ର ପରାକାଷ୍ଠା ପରିଦୃଷ୍ଟ ହୋଇଥାଏ। ଫକୀରମୋହନଙ୍କ ଉପନ୍ୟାସରେ ବ୍ୟଙ୍ଗ ବିଦ୍ରୂପ ମଧ୍ୟରେ ବିଭିନ୍ନ ଚରିତ୍ର ସତେ ଯେପରି ଆହୁରି ଜୀବନ୍ତ ତଥା ପ୍ରାଣବନ୍ତ ହେବା ସହ ପାଠକର ନିକଟବର୍ତ୍ତୀ ହୋଇପାରିଛି। ଏଥି ନିମିତ୍ତ ବେଙ୍ଗଲ ପିଜାଣ୍ଟ ଲାଇଫ୍‌ରେ ଯେପରି ଅପୂର୍ବ ବର୍ଣ୍ଣନା ବହୁଳତା ଦେଖିବାକୁ ମିଳେ, ଛମାଣ ଆଠଗୁଣ୍ଠରେ ମଧ୍ୟ ସେହିପରି ପରିଦୃଷ୍ଟ ହୋଇଥାଏ। ଚମ୍ପାର ରୂପ ବର୍ଣ୍ଣନା ସମୟରେ ଲାଳିକାର ପ୍ରୟୋଗ, ମଙ୍ଗରାଜଙ୍କ ଏକାଦଶୀ ପାରଣା ବିଧାନ ମଧ୍ୟରେ ଫକୀରମୋହନଙ୍କର ତୀବ୍ର ବ୍ୟଙ୍ଗୋକ୍ତି ପାଠକମାନଙ୍କ ମନରେ ଅପୂର୍ବ ଆନନ୍ଦ ସୃଷ୍ଟି କରେ। ଫକୀରମୋହନ ଗୋଟିଏ ଗୋଟିଏ ଦୃଶ୍ୟକୁ ନିଖୁଣ ଭାବରେ ଚିତ୍ରଣ କରିଛନ୍ତି। ଏହି ଚିତ୍ରଣ ପାଇଁ ବହୁଳ ବର୍ଣ୍ଣନାର ଆବଶ୍ୟକତା ପଡ଼ିଛି। ତେଣୁ ଏପରି ବର୍ଣ୍ଣନାବହୁଳ ପ୍ରୟୋଗ ଘଟଣା ପ୍ରବାହର ସ୍ୱଚ୍ଛନ୍ଦ ଗତିରେ ବାଧା ଦେଇଥିଲେ ହେଁ କାହାଣୀ ଓ ଚରିତ୍ରଗୁଡ଼ିକୁ ଅତ୍ୟନ୍ତ ଜୀବନ୍ତ ତଥା ମୂର୍ତ୍ତିବନ୍ତ କରିପାରିଛି।[୨୧]



ବେଙ୍ଗଲ ପିଜାଣ୍ଟ ଲାଇଫ୍‌ରେ ଲାଲବିହାରୀ ଦେ ଯେପରି ଭାବରେ ରାତିରେ ଚାରିଥର ନ ଡାକିଲେ ଜବାବ ଦେବନି, ଝିଟିପିଟିର ଟିକ୍‌ଟିକ୍ ଶବ୍ଦକୁ ଅଶୁଭ ଶକୁନ ରୂପେ ଗ୍ରହଣ କରିବା, ସତୀପ୍ରଥା ଆଦି ବଙ୍ଗଳାର ଲୋକବିଶ୍ୱାସ, ଲୋକ ସଂସ୍କୃତି ଆଦିର ପ୍ରୟୋଗ ଦ୍ୱାରା ଉପନ୍ୟାସଟିକୁ ଲୋକପ୍ରିୟ କରାଇ ପାରିଛନ୍ତି, ଫକୀରମୋହନ ସେହିପରି ଛମାଣ ଆଠଗୁଣ୍ଠ ମଧ୍ୟରେ ଗ୍ରାମ ଦେବତୀ, ବୁଢ଼ୀମଙ୍ଗଳା, ଜାତିଆଣ ଟଙ୍କାରେ ମନ୍ଦିର ନିର୍ମାଣ, ସନ୍ତାନ ନିମନ୍ତେ ବାରବ୍ରତ ପାଳନ, ସନ୍ତାନ କାମାର୍ଥେ ମନ୍ଦିର ନିର୍ମାଣ ନିମିତ୍ତ ମାନସିକ, ମୃତ୍ୟୁ ସମୟରେ ବିଭିନ୍ନ ଅଶୁଭ ଶକୁନ ଦର୍ଶନ ପ୍ରଭୃତିର ଅବତାରଣା ଦ୍ୱାରା ଉପନ୍ୟାସଟିକୁ ହୃଦୟସ୍ପର୍ଶୀ କରିପାରିଛନ୍ତି।

ଉଭୟ ଉପନ୍ୟାସ ମଧ୍ୟରେ ଚାଷୀ ଜୀବନର ହସକାନ୍ଦଭରା ତେଲଲୁଣ ସଂସାରର ଚିତ୍ର, ଲୋକ ବିଶ୍ୱାସ, ଲୋକ ସଂସ୍କୃତି, କୁସଂସ୍କାରାଦି ସହିତ ସରଳ, ସହଜ ତଥା ବୋଧଗମ୍ୟ ପଲ୍ଲୀ ଭାଷାର ପ୍ରୟୋଗରେ ବହୁବିଧ ସାମଞ୍ଜସ୍ୟ ପରିଲକ୍ଷିତ ହୋଇଥାଏ। ଉଭୟ ଗ୍ରନ୍ଥର ମୂଳ ଉଦ୍ଦେଶ୍ୟ ହେଉଛି ଜମିଦାରଙ୍କ ନିଷ୍ଠୁରତା ପ୍ରତିପାଦନ ସହ ପଲ୍ଲୀପ୍ରାଣ ସରଳ ନିଷ୍କପଟ ପ୍ରଜାମାନଙ୍କ ପ୍ରତି ସମବେଦନା ଜ୍ଞାପନ। ଫକୀରମୋହନ ମଧ୍ୟ ନିଜ ଆତ୍ମଜୀବନ ଚରିତରେ ଏ କଥା ମୁକ୍ତକଣ୍ଠରେ ସ୍ୱୀକାର କରିଛନ୍ତି, "ପ୍ରକୃତରେ ମୁଁ ସର୍ବଦା ପ୍ରଜା ସାଧାରଣଙ୍କର ପକ୍ଷପାତି। ସେହିମାନେ ଲୋକ ସମାଜର ମେରୁଦଣ୍ଡ, ସେମାନଙ୍କ ଶୁଭାଶୁଭରେ ଦେଶର ଉନ୍ନତି ଓ ଅବନତି ନିର୍ଭର କରେ।"[୨୨]

ଇଂରେଜ ସମାଲୋଚକ ଫକ୍ସ କହିଛନ୍ତି, 'ଉପନ୍ୟାସ କେବଳ ମନଗଢ଼ା କଥା ନୁହେଁ, ଏହା ପ୍ରକୃତ ମଣିଷ ଜୀବନର କଥା, ସମଗ୍ର ମଣିଷ ଜୀବନ ଅଭିବ୍ୟକ୍ତ କରିବାରେ ପ୍ରୟାସୀ ପ୍ରଥମ କଳା।'[୨୩] ଫକୀରମୋହନଙ୍କ ଛମାଣ ଆଠଗୁଣ୍ଠକୁ ଅଧ୍ୟୟନ କଲେ ଏହି କଥା ସ୍ପଷ୍ଟ ରୂପେ ପ୍ରତିଭାତ ହୋଇଥାଏ। ଫକୀରମୋହନ ନିଜର ଆଦ୍ୟ ଉପନ୍ୟାସ ରଚନାରେ ଯେଉଁ ସଫଳତା ଅର୍ଜନ କଲେ ତାହା ବାସ୍ତବିକ୍ ତାଙ୍କର ଦୀର୍ଘ ମାନସିକ ପ୍ରସ୍ତୁତିର ଫଳ। ତେଣୁ ତାଙ୍କର ଛମାଣ ଆଠଗୁଣ୍ଠ ଉପନ୍ୟାସକୁ ଅଧ୍ୟୟନ କଲେ, "କ୍ଳାନ୍ତିବୋଧ ହୁଏ ନାହିଁ, କାରଣ ତାହା ହୃଦୟ ସଙ୍ଗେ ମିଶିଯାଏ ଏବଂ ଇନ୍ଦ୍ରିୟ ବିଷୟାଭୂତ ହୋଇଯାଏ। ଛମାଣ ଆଠଗୁଣ୍ଠର ସମସ୍ତ ଚିତ୍ର ବିଷଦ ଓ ପ୍ରାଞ୍ଜଳ।

ସେ ସମସ୍ତ ଯଥାର୍ଥ ଘଟଣାର ଭ୍ରମ ଜନ୍ମାଇଥାଏ।"[୨୪] ଏହା ହିଁ ଫକୀରମୋହନଙ୍କ ଅମ୍ଳାନ ଲେଖନୀର ପରାକାଷ୍ଠା। ତେଣୁ 'ଛମାଣ ଆଠଗୁଣ୍ଠ' ଲାଲବିହାରୀ ଦେଙ୍କ 'ବେଙ୍ଗଲ ପିଜାଣ୍ଟ ଲାଇଫ୍'ର ପ୍ରେରଣାରେ ରଚିତ ହେଲେ ମଧ୍ୟ ଏହା ଓଡ଼ିଆ ସାହିତ୍ୟର ଏକ ଯୁଗାନ୍ତକାରୀ ସୃଷ୍ଟି-ଯେପରି ମୌଳିକ, ସେପରି ବି ପ୍ରାଣବନ୍ତ।

> **ଫକୀରମୋହନ ନିଜର ଆଦ୍ୟ ଉପନ୍ୟାସ ରଚନାରେ ଯେଉଁ ସଫଳତା ଅର୍ଜନ କଲେ ତାହା ବାସ୍ତବିକ୍ ତାଙ୍କର ଦୀର୍ଘ ମାନସିକ ପ୍ରସ୍ତୁତିର ଫଳ।**

**ପାଦଟୀକା**


୧) ସ୍ୱର୍ଗତ ଫକୀରମୋହନ - ମୃତ୍ୟୁଞ୍ଜୟ ରଥ, *ଉତ୍କଳ ସାହିତ୍ୟ, ୨୨/୬,* କଟକ, ୧୩୨୫ ସାଲ (ଜୁନ୍୧୯୧୮), ପୃ. ୨୭୫।

୨) ଉତ୍କଳ ସାହିତ୍ୟରେ ଛମାଣ ଆଠଗୁଣ୍ଠ - ଦୈତ୍ୟାରି କର, *ସମ୍ବଲପୁର ହିତୈଷିଣୀ, ୧୧/୨୨,* ବାମଣ୍ଡା, ତା.୪.୧୦.୧୮୯୯, ପୃ. ୮୭।

୩) *ଆତ୍ମଜୀବନ ଚରିତ* - ଫକୀରମୋହନ, ଜଗନ୍ନାଥ ରଥ, କଟକ, ୧୯୬୯, ପୃ. ୨୨୬-୨୨୭।

୪) *ସରସ୍ୱତୀ ଫକୀରମୋହନ* - ଡକ୍ଟର ମାୟାଧର ମାନସିଂହ, ଗ୍ରନ୍ଥ ମନ୍ଦିର, କଟକ, ୧୯୭୨, ପୃ. ୨୩୦।

୫) *ଉତ୍କଳ ଦୀପିକା, ୨/୧୦,* କଟକ, ୯ ମାର୍ଚ୍ଚ, ୧୮୬୭, ପୃ. ୪୦।

୬) *ତତ୍ରୈବ, ୪/୧୫,* କଟକ, ୧୦ ଏପ୍ରିଲ୍,୧୮୬୯, ପୃ. ୫୯।

୭) *ତତ୍ରୈବ,* ପୃ. ୫୯।

୮) *ଓଡ଼ିଆ ଭାଷା ଆନ୍ଦୋଳନ* - ଡକ୍ଟର ବଂଶୀଧର ମହାନ୍ତି, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ, ୧୯୮୯, ପୃ. ୧୬୯।

୯) ଫକୀରମୋହନଙ୍କ ଗଦ୍ୟରୀତି ଓ ଓଡ଼ିଆ ଭାଷା ସୁରକ୍ଷା ଆନ୍ଦୋଳନ-ଡକ୍ଟର ଗଗନେନ୍ଦ୍ରନାଥ ଦାଶ, *ଝଙ୍କାର, ୪୩/୧୦,* କଟକ, ଜାନୁୟାରୀ,୧୯୯୨. ପୃ. ୯୦୨।

୧୦) ଆମଘରର ହାଲଚାଲ (ସ୍ୱର୍ଗୀୟ ଫକୀରମୋହନ) - ଗୋପାଳଚନ୍ଦ୍ର ପ୍ରହରାଜ, *ଉତ୍କଳ ସାହିତ୍ୟ, ୨୨/୪,* କଟକ, ଶ୍ରାବଣ, ୧୩୨୫ ସାଲ, (ଏପ୍ରିଲ୍ ୧୯୧୮), ପୃ. ୧୭୨।

୧୧) ଫକୀରମୋହନଙ୍କ ଗଦ୍ୟରୀତି ଓ ଓଡ଼ିଆ ଭାଷା ସୁରକ୍ଷା ଆନ୍ଦୋଳନ-ଡକ୍ଟର ଗଗନେନ୍ଦ୍ରନାଥ ଦାଶ, *ଝଙ୍କାର, ୪୩/୧୦,* କଟକ, ଜାନୁୟାରୀ,୧୯୯୨. ପୃ. ୯୦୪।

୧୨) *ଫକୀରମୋହନ ସମୀକ୍ଷା* - ସୁରେନ୍ଦ୍ର ମହାନ୍ତି, ନିଉ ଷ୍ଟୁଡେଣ୍ଟସ୍ ଷ୍ଟୋର, କଟକ, ୧୯୭୨, ପୃ. ୮।

୧୩) ଆମଘରର ହାଲଚାଲ (ସ୍ୱର୍ଗୀୟ ଫକୀରମୋହନ)- ଗୋପାଳଚନ୍ଦ୍ର ପ୍ରହରାଜ, *ଉତ୍କଳ ସାହିତ୍ୟ, ୨୨/୪,* କଟକ, ଶ୍ରାବଣ, ୧୩୨୫ ସାଲ, (ଏପ୍ରିଲ୍ ୧୯୧୮), ପୃ. ୧୭୧।

୧୪) *ଫକୀରମୋହନ ଗ୍ରନ୍ଥାବଳୀ, ପ୍ରଥମ ଭାଗ,* କଟକ ଷ୍ଟୁଡେଣ୍ଟସ୍ ଷ୍ଟୋର, କଟକ, ୧୯୬୩, ପୃ. ୭୪୨।

୧୫) ବିଷବୃକ୍ଷ ଓ ଛମାଣ ଆଠଗୁଣ୍ଠ- ଡକ୍ଟର କୃଷ୍ଣଚରଣ ସାହୁ, *ଝଙ୍କାର, ୧୯/୯,* ଡିସେମ୍ବର, ୧୯୬୯, କଟକ।

୧୬) *ଆତ୍ମଜୀବନ ଚରିତ-ଫକୀରମୋହନ,* ଜଗନ୍ନାଥ ରଥ, କଟକ, ୧୯୬୯, ପୃ. ୬୯।

୧୭) କ) ଛମାଣ ଆଠଗୁଣ୍ଠ - (*ଫକୀରମୋହନ ଗ୍ରନ୍ଥାବଳୀ, ଦ୍ୱିତୀୟ ଭାଗ,* କଟକ ଷ୍ଟୁଡେଣ୍ଟସ୍ ଷ୍ଟୋର, କଟକ, ୧୯୬୩, ପୃ. ୯, ୧. ୧୬, ୫୬।

ଖ) ମାମୁ - *ତତ୍ରୈବ,* ପୃ. ୧୨୨, ୧୨୪, ୧୨୯, ୧୩୧, ୧୩୭, ୧୪୫, ୧୫୨, ୧୬୪, ୧୬୭, ୧୬୮, ୨୨୯, ୨୩୧।

୧୮) ବେଙ୍ଗଲ ପିଜାଣ୍ଟ ଲାଇଫ୍, ରେଭ୍ ଲାଲ୍ ବିହାରୀ ଦେ, ବୁକ୍ ସୋସାଇଟି ଅଫ୍ ଇଣ୍ଡିଆ, କଲିକତା, ୧୯୭୦, ପୃ. ୨୮୫-୨୯୦।

୧୯) *ଫକୀରମୋହନ ଗ୍ରନ୍ଥାବଳୀ, ଦ୍ୱିତୀୟ ଭାଗ,* କଟକ ଷ୍ଟୁଡେଣ୍ଟସ୍ ଷ୍ଟୋର, କଟକ, ୧୯୬୩, ପୃ. ୯୪-୧୭।

୨୦) ମର୍ଡର୍ଣ୍ଣ ଓରିଆ ଲିଟରେଚର, ପ୍ରିୟ ରଂଜନ ସେନ୍, କଲିକତା, ୧୯୪୭, ପୃ. ୧୦୩।

୨୧) ଯଥୋପରି, ପୃ. ୧୦୩।

୨୨) *ଫକୀରମୋହନ ଗ୍ରନ୍ଥାବଳୀ, ପ୍ରଥମ ଭାଗ,* କଟକ ଷ୍ଟୁଡେଣ୍ଟସ୍ ଷ୍ଟୋର, କଟକ, ୧୯୬୩, ପୃ. ୯୪।

୨୩) ନୋଭେଲ୍ ଆଣ୍ଡ ଦି ପିପୁଲ୍, ରାଲ୍ଫ ଫକ୍ସ, ମସ୍କୋ, ୧୯୫୪, ପୃ. ୬୨।

୨୪) ଉତ୍କଳ ସାହିତ୍ୟରେ ଛମାଣ ଆଠଗୁଣ୍ଠ - ଦୈତ୍ୟାରି କର, *ସମ୍ବଲପୁର ହିତୈଷିଣୀ, ୧୧/୨୨,* ବାମଣ୍ଡା, ତା.୪.୧୦.୧୮୯୯, ପୃ. ୮୭।


□□


ଲେଖକଙ୍କ ଇ-ମେଲ ଠିକଣା:
purnachandramishra.99@gmail.com



ଅନୁବାଦ


# ଆଧା



ମୂଳ ଉର୍ଦ୍ଦୁ: ଗୁଲଜାର

ଅନୁବାଦ: ସୁକୋମଳ ଦାଶ

ସଭିଏଁ, ତାକୁ 'ଆଧା' ଡାକୁଥିଲେ। ନା ପୂରା, ନା ପୌନା, କେବଳ 'ଆଧା', ବାସ୍। ଉଚ୍ଚତାରେ କାହିଁରେ କେତେ ଗେଡ଼ା ଥିଲା। କେଜାଣି କିଏ ଯେ ତା'ର ନାଁ ଦେଇଥିଲା, ବାପ ମା' ଥାଆନ୍ତେ ହେଲେ, ତାଙ୍କଠୁ ପଚାରି ବୁଝି ନିଅନ୍ତା। ବୁଦ୍ଧି ପାଇଲା ଦିନଠୁ ଏଇ ନାଁରେ ଡାକ ଶୁଣିଥିଲା, ଅଭ୍ୟସ୍ତ ଥିଲା ଆଉ, ଏଭଳି ବି ନୁହଁ ଯେ ତାକୁ କଷ୍ଟ ହୋଇଥିବ, ବ୍ୟଥା ହୋଇଥିବ; ଜମାରୁ ନୁହଁ। ସଦାବେଳେ ନିଜର ଗୋଟିଏ ଧୁନରେ ରହୁଥିଲା।



ଖରଭୁଜାବାଲା କହିଲା, 'ଆରେ ଆଧା! ଦୋକାନ ଟିକେ ଜଗିଥା, ମୁଠେ ଖାଇ ଦେଇ ଆସୁଛି!' ଏବଂ ଆଧା, ଏକଦମ ଆରାମରେ ଦଣ୍ଡି ପଲା ଧରି ବସିଯାଇ ଚିତ୍କାରି ଉଠୁଥିଲା, 'ଆସ ଆସ, ମିଶ୍ରି ମୁଣ୍ଡା ନେଇଯାଅ, ଚିନି ମୁଣ୍ଡା ନେଇଯାଅ...।' କେବେ ସେ ଖରଭୁଜା ବିକେ, କେବେ ଖଜୁରି। ବୁଢ଼ୀ ଆଈ ପାଇଁ ବଇଦଠୁ ହଜମୀ ଔଷଧ ପହଞ୍ଚେଇ ଦେଇଯାଏ। ତୃତୀୟ ମହଲା ବାସିନ୍ଦା କେଶୱାନୀଙ୍କ ଝିଅକୁ ସ୍କୁଲରେ ଛାଡ଼ିଦେଇ ଆସେ। ଏବଂ, ମାଧୋ ମିସ୍ତିର ମଜୁରିଆ ଅଭାବ ହେଲେ, ଇଟା ଧୁଆ କାମରେ ବି ହାତ ବଢ଼େଇ ଦିଏ।

ଆଧା କିନ୍ତୁ, ସର୍ବାଧିକ ଉଲ୍ଲସିତ ହେଉଥିଲା ବରଯାତ୍ରୀ ଆଗରେ ନାଚିଲା ବେଳେ। କାହାରି ବି ବରାତି ହେଉ ସେଇ ମାଇଲିଏ ଇଲାକାରେ ଯଦି, ଆଧା ଆଗ ଦେଇ ବାହାରି ଗଲା ତେବେ, ତାର କୁନି କୁନି ହାତ ଗୋଡ଼ ଛାଟି ସେ ବିହ୍ୱଳ ହୋଇ ନାଚି ନାଚି ସେମାନଙ୍କୁ ବଳେଇ ଦେଇ ଆସୁଥିଲା। ସେଦିନ, ସେ ବାଟ ଦେଇ ଚାନ୍ଦି ୱରକ୍ କୁଟାଳୀ ଇଲିୟାସର ବରଯାତ୍ରୀ ବାହାରିଲା ବେଳକୁ ଆଧା, ତା'ର ଚିରାଚରିତ ଅଭ୍ୟାସବଶତଃ ଆଗରେ ଆଗରେ ନାଚି ବସିଲା। ପଣ୍ଡିତଜୀ ଆକଟ କଲେ, 'ଆବେ ଆଧେ! ମୁସଲମାନର ବରଯାତ୍ରୀରେ ନାଚୁଛୁ?' ଶୂନ୍ୟରେ କୁନି କୁନି ହାତ ଛାଟି ଛାଟି ଆଧା କହିଲା, 'ଢୋଲ ତ ଦିହିଙ୍କ ବାଜେ ନା ପଣ୍ଡିତଜୀ, ଆଉ ସମାନ ହିଁ ବାଜେ।' ଆଧା, ବାର ବର୍ଷିଆ ପିଲାଙ୍କ ସହ ଖେଳିଲେ ସେମାନଙ୍କ ଭିତରୁ ଜଣେ ଭଳିଆ ଲାଗେ। ସେମାନେ ସ୍କୁଲ ଚାଲିଗଲେ, ସୋସାଇଟିର ପାର୍କରେ ବୃଦ୍ଧ ମାଳୀ ସହ ଶୁଖିଲା ନିମ ପତ୍ରଯାକ ଗୋଟାଏ ଓ ରାତିରେ ପ୍ରଫେସର ସାହେବଙ୍କ ବୈଠକ ଘରୁ ଡିଆସିଲି ଆଣି ତାକୁ ଜଳେଇ ଦିଏ। ପ୍ରଫେସର ସାହେବ ଥରେ ତାକୁ ପୁରୁଣା କୋଟ୍ ଖଣ୍ଡେ ଦେଲେ।

-'ମୋ ଭଳିଆ ତିନି ଜଣ ଏଇ ଗୋଟାକରେ ପଶିଯିବେ ବାବୁ...' ଆଧା କହିଲା।

ଛତ୍ରପୁର ସୋସାଇଟିର, ପାଞ୍ଚଟି ବିଲଡିଙ୍ଗରେ ରହୁଥିବା ୮୦ଟି ପରିବାରର, ପାଖାପାଖି ସାଢ଼େ ତିନିଶହ ମଣିଷଙ୍କ ମଧ୍ୟରେ ଆଧା, (ଠିକ୍ ଉର୍ଦ୍ଦୁ ଅକ୍ଷର) 'ଜୀମ୍' ଓ 'ଖେ' ର 'ନୁକ୍ତା' (ବିନ୍ଦୁ) ଭଳି ଘୂରି ବୁଲୁଥିଲା। ତା' ବିହୁନେ କାହାରି କୌଣସି କାମ, ଅଧାରେ ଅଟକି ଯାଉ ନ ଥିଲା କିନ୍ତୁ, ତା ବିହୁନେ କୌଣସି କାମ ପୂରା ହେଉ ନ ଥିଲା। ଆଧା ନାହିଁ ମାନେ, କାମ ପୂରା ହୋଇନି। ଯେଭଳି, ଭରା ଭରା ଘରଟିରେ ପାଳିତ ବିଲେଇଟିଏ ଅଧିକ କିଛି ଭରି ଦେଇଥାଏ, ସେଇମିତି ଅଧିକ କିଛି ଛତ୍ରପୁର ସୋସାଇଟିରେ, ଆଧା ଭରି ଦେଇଥିଲା।

କାଲି କିନ୍ତୁ, ସେ ସମସ୍ତଙ୍କୁ କାଙ୍ଗାଳ କରି ଚାଲିଗଲା, ନିଃସ୍ୱ କରିଦେଇ ଚାଲିଗଲା। ହତା ଭିତରେ ଜମିଥିବା ଗହଳିକୁ

ପ୍ରଫେସର ଚିତ୍କାର କରି କହିଲେ, 'ତୁମେ ସମସ୍ତେ ଆଧା ଅଟ, ଅସଂପୂର୍ଣ୍ଣ, ଅପରିପୂର୍ଣ୍ଣ ଅଟ। ଆଉ ଯାହାକୁ ତୁମେ ଆଧା ଡାକୁଛ, ଦେଖ ସେ କିଭଳି ପୂରା ଅଟେ, କିଭଳି ସମ୍ପୂର୍ଣ୍ଣ, କିଭଳି ପରିପୂର୍ଣ୍ଣ।'

ଘଟଣାଟା କାଲିକା ହୋଇଥାଉ କିନ୍ତୁ, ଆରମ୍ଭ ହୋଇଥିଲା ଦୀର୍ଘ ଦୁଇ ବର୍ଷ ପୂର୍ବରୁ। ଆଉ, ଅସଲ ଘଟଣାଟାର ପୂର୍ବରୁ ବି ଘଟଣାଟିଏ ଘଟିଥିଲା ଯାହାକି, ଅସଲ ଘଟଣାଠୁ କିଛି କମ୍ ଅସଲ ନ ଥିଲା। ସେ ବାବଦ କିନ୍ତୁ, ବହୁତ କମ୍ ଲୋକ ଜାଣିଥିଲେ। ଛତ୍ରପୁର ସୋସାଇଟିର ସବୁଠୁ ସୁନ୍ଦରୀ ଝିଅ ରାଧା କମଲାନୀ। ସେଦିନ, ହୀର ଗଞ୍ଜ ଅଂଚଳ ଦେଇ ସେ ଆସୁଥିଲା ବେଳେ, ଗୁଣ୍ଡା ତିନି ଜଣ ତାକୁ ଘେରି ନେଲେ। ଜଣେ ଆଖି ଠାରିଲା, ଦ୍ୱିତୀୟ ଜଣକ ସିଟି ମାରିଲା ଓ ତୃତୀୟ ଜଣକ ତାର କାନ୍ଧରେ କାନ୍ଧ ଘଷି ଆଗକୁ ବଢ଼ିଗଲା। ରାଧା ଡରିଗଲା। ଗଳିର ଅନ୍ୟ ମୁଣ୍ଡରେ ଦୂରରୁ ତାକୁ ଛାଇଟିଏ ଦିଶିଗଲାରୁ ସେ ଚିତ୍କାର କଲା, 'ଆଧେ.... !' ଚିତ୍କାର ଶୁଣି ଆଧା ଧାଇଁ ଆସିଲା। ରାଧା ତାର ହାତ ଧରିନେଲା, 'ଆଧେ, ମତେ ଘର ଯାକେ ଟିକେ ଛାଡ଼ିଦେ...।' ଘଟଣାଟା ବୁଝିବାକୁ ଆଧାକୁ ସମୟ ଲାଗିଲାନି। ସତେକି ଶତସିଂହର ବଳ ପାଇଗଲା। ରାଧାର ହାତ ଧରି ନେଇ କହିଲା, 'ଚାଲ, ମୁଁ ଅଛି !' ସେଇ ତିନିଜଣ ଗୁଣ୍ଡାଙ୍କ ହାବୁଡ଼ରୁ ରାଧାକୁ ସେ ଏଭଳି ଉଦ୍ଧାର କରି ନେଇ ଆସିଲା, ଦଲକାଏ ବତାସ ଯେଭଳି ନିର୍ବିଘ୍ନରେ ସମସ୍ତ ବାଧା ବିଘ୍ନ ଅତିକ୍ରମ କରି ଯାଇଥାଏ। ସେ ରାତିରେ କିନ୍ତୁ ଆଧାକୁ ଆଉ ନିଦ ହେଲାନି। ପ୍ରଥମ ଥର ସେ ଅନୁଭବ କଲା ଯେ, ତାର ବୟସ ଅଠେଇଶ ଛୁଇଁଲାଣି। ଆରଦିନଠୁ ସେ ସ୍କୁଲ ପିଲାଙ୍କ ସହ ଖେଳ ବର୍ଜନ କରିଦେଲା ଓ ପୋଷାକ, ଇସ୍ତ୍ରି କରେଇ ପିନ୍ଧିଲା। ପରିବର୍ତ୍ତନ ସଭିଏଁ ଦେଖିଲେ ଓ ରାଧା ବି। ସେ କେବଳ ଥରେ ହସିଦେଲା, 'ହାଓ କ୍ୟୁଟ୍ !' ଆଧାକୁ ସତେକି ନୂଆ ନାଁଟିଏ ମିଳିଗଲା, 'ବଡିଗାର୍ଡ଼', 'ରକ୍ଷକ'। ରାଧାକୁ ବି ବ୍ୟବସ୍ଥାଟା ଭଲ ଲାଗିଲା।

ସକାଳୁ ସକାଳୁ ଆଧା, ରାଧାକୁ କଲେଜ ଯାଏଁ ଛାଡ଼ିଦେଇ ଆସେ। କେବେ କେବେ ବହି ପତ୍ର କିଛି ବୋହିନିଏ। କେବେ ସଂଧ୍ୟାରେ ପହଞ୍ଚିଯାଏ, ଫେରିଲା ବେଳକୁ ସାଥିରେ ଫେରେ। ସେଇ ରାଧା କିନ୍ତୁ, ଦିନେ ତା'ର ହୃଦୟ ଭାଙ୍ଗିଦେଲା। ରାଧା, ଜଗଦୀଶ ସହ ଭେଟିବାକୁ ଯାଉଥିଲା ଯେଉଁଠିକି, ଆଧା ତାକୁ ପହଞ୍ଚେଇ ଆସୁଥିଲା... ଜଗଦୀଶକୁ କିନ୍ତୁ, ଏ ବ୍ୟବସ୍ଥା ଭଲ ଲାଗିଲାନି। ସେ ପ୍ରତିବାଦ କଲାରୁ ରାଧା ଜଗଦୀଶକୁ ଗାଳି ଦେଲା, 'ଛିଃ, ଯାକୁ ତୁମେ ସନ୍ଦେହ କରୁଛ ? ଏଇ ଆଧାକୁ, 'ଅର୍ଦ୍ଧ-ପୁରୁଷ'ଟାକୁ...!!!' ବାସ୍, ତାଠୁ ଆଗକୁ ଆଉ ଆଧା ଶୁଣିପାରିଲାନି। ଫେରିପଡ଼ିଲା। ଆସୁ ଆସୁ, ଗଳିରେ ଶୋଇଥିବା କୁକୁରଟାକୁ ସେ ନିଷ୍ଠୁର ପ୍ରହାର କଲା, ନିଜେ କ୍ଳାନ୍ତ ହେବାଯାଏଁ ପିଟିଲା। ତାକୁ ପ୍ରଚୁର ପିଟି ପିଟି ସତେକି, ନିଜେ ଘାଇଲା ହୋଇ ପଡ଼ିଲା, ନିଜର କୁଡ଼ିଆରେ ଯାଇ ଅସାଡ଼ ହୋଇ ପଡ଼ିଗଲା। ଆର ଦିନକୁ ତା'ର ମନୋଭାବ ବଦଳି ଯାଇଥିଲା। ଲୋକେ ତାଜୁବ ହୋଇଗଲେ। ଯିଏ ବି ଯାହା କିଛି କାମ କହିଲା, ଆଧା ପଚାରିଲା, 'ଟଙ୍କା ଦେବ ?'

**ସେ ରାତିରେ କିନ୍ତୁ ଆଧାକୁ ଆଉ ନିଦ ହେଲାନି। ପ୍ରଥମ ଥର ସେ ଅନୁଭବ କଲା ଯେ, ତାର ବୟସ ଅଠେଇଶ ଛୁଇଁଲାଣି।**

-'ଏଁ ଟଙ୍କା ? ତୁ ଟଙ୍କା କ'ଣ କରିବୁ ?'

-'କିଛି ବି କରେଁ... ତୁମର କ'ଣ ଯାଏ ଆସେ ?'

ଧୀରେ ଧୀରେ ଆଧାର ସିନ୍ଦୁକରେ ଅନେକ ପ୍ରକାର ନୋଟ୍ ଓ ରେଜା ଜମା ହୋଇ ବସିଲା। ଏଇ ହେଲା ଅସଲ ଘଟଣାର ପୂର୍ବର ଘଟଣା। ଅସଲ ଘଟଣାଟା ହେଲା ଯେ, କିଛି ମାସ ପରେ ରାଧାର ବିବାହ ହୋଇଗଲା... ଜୋର ଜୋରରେ ରେକର୍ଡ ମାଇକ୍ ବାଜିଲା ଏବଂ ଗଳି ମୁଣ୍ଡ ବାଙ୍କରୁ ବ୍ୟାଣ୍ଡ ବାଜା ଶୁଭିଲା। ଆଧାକୁ ସବୁ କିଛି ଅସହ୍ୟ ମନେ ହେଲା। ନୃତ୍ୟ ଅଭ୍ୟସ୍ତ ତାର, କୁନି କୁନି ହାତ ପାଦମାନ ଶିରଶିରେଇ ଉଠିଲେ। ସହସା ସେ ଉଠି ବସିଲା, ସିନ୍ଦୁକରୁ ସବୁ ଟଙ୍କା ବାହାର କଲା ଏବଂ ଛତ୍ରପୁର ସୋସାଇଟୀ, 'ସି' ବ୍ଲକର ତେର ନମ୍ବର ଫ୍ଲାଟର ଦରଜା ଖଡ଼ଖଡ଼ କଲା। ତେର ନମ୍ବର ଫ୍ଲାଟରେ ରହୁଥିଲା ସତ୍ୟା, ଏକାକିନୀ ଓ ବଦନାମ। ଛତ୍ରପୁର ସୋସାଇଟିର ଅଧିକାଂଶ ବାସିନ୍ଦା ଚାହୁଁଥିଲେ ଯେ ସତ୍ୟା, ସେ ଠାଆ ଛାଡ଼ି ବାହାରିଯାଉ। କାରଣ, ଏଭଳି କେହି ନଥିଲେ ଯିଏକି, ସମୟ ଅସମୟ, ରାତି ବିକାଳି ବିଭିନ୍ନ ଅଜଣା ଅଚିହ୍ନା ଲୋକଙ୍କୁ ସେ ଫ୍ଲାଟରେ ଆତଯାତ ହେଉଥିବା ଦେଖୁ ନ ଥିଲେ। ଆଧା ବି ସେ ସବୁ ଦେଖୁଥିଲା, ବୁଝୁଥିଲା କିନ୍ତୁ ନିରବ ରହୁଥିଲା। ଆଉ ଆଜି

ସେ ଫ୍ଲାଟ୍ ଭିତରେ କଣ ହେଲା କେଜାଣି ଯେ, ପୂରାପୂରି ସାତ ଘଣ୍ଟା ପରେ ଆଧା, ସତ୍ୟାର ଫ୍ଲାଟରୁ ବାହାରିଲା ଯେତେବେଳେ କି, ରାଧାର ଡୋଲି ବିଦା ହୋଇ ସାରିଥିଲା। ତା'ପରଠୁ ଆଧା, ପ୍ରାୟତଃ ସେଇଠିକି ଯାଇ ବସିଲା। ଲୋକଙ୍କୁ କଥାଟା ହଜମ ହେଲାନି। ଶେଷରେ ସତ୍ୟା ଆଧାକୁ ବି ଛାଡ଼ିଲାନି? ତା'ସହ ବି ସମ୍ବନ୍ଧ ରଖିବାକୁ ପଛେଇଲାନି? ଏବଂ ସେମାନେ କଥାଟା ସହ୍ୟ କରି ପାରିଲେନି ଯେ, ଯେଉଁ ମହିଳା ସହ ସେମାନଙ୍କ ମଧ୍ୟରୁ ଅନେକଙ୍କ ସମ୍ବନ୍ଧ ରହିଛି, ତା' ସହ ସେଇ ବାମନଟାର ବି ସଂପର୍କ ରହିପାରେ; ସେ.. ସେ.. ବାରଙ୍ଗନା ହେଉନା କାହିଁକି! ବାସ୍, ସତ୍ୟା ବିରୁଦ୍ଧରେ ସାରା ସୋସାଇଟି ତାତିଗଲା, ଏକଜୁଟ୍ ହେଲା... ତରୁଣ ଯୁବକ କିଛି ଆଧାକୁ ମାରଧର ବି କରି ପକେଇଲେ... ଆଧା କୁହୁରି ଉଠିଲା... ମାଡ଼ ଖାଇ ପୁଣି ଥରେ ସେ ସତ୍ୟା ପାଖରେ ପହଞ୍ଚିଲା। ସତ୍ୟା ବିଛଣାରେ ବିଶ୍ରାମ କରୁଥିଲା। ହୁଏତ ଅସୁସ୍ଥ ଥିଲା। ଆଧା ସିଧାସଳଖ ସ୍ୱରରେ କହିଲା, 'ସତ୍ୟା! ମୁଁ ତତେ ବାହା ହେବାକୁ ଚାହେଁ।' ସତ୍ୟା ତା' ମୁହଁକୁ ଚାହିଁ କହିଲା, 'ହୁଁ' ଏବଂ, କଡ଼ ମୋଡ଼ି ଅନ୍ୟ ପଟକୁ ମୁହଁ କଲା। ତାର ବାହୁ ଧରି, ନିଜ ପଟେ ତାକୁ ସଳଖେଇ ଆଧା ପଚାରିଲା, 'କାହିଁକି, ମତେ କାହିଁକି ବାହା ହୋଇ ପାରିବୁନି? ମୁଁ ପୁରୁଷ ନୁହଁ? ତୁ ବି କ'ଣ ତେବେ ମତେ 'ଅର୍ଦ୍ଧ-ପୁରୁଷ' ଭାବୁଛୁ?' ସତ୍ୟା ତାକୁ ଭରା ଆଖିରେ ଚାହିଁ କହିଲା, 'ମତେ ଶୋଇବାକୁ ଦେ' ଆଧେ! ମୋର ଦେହ ଭଲ ନାହିଁ।' ଆଧାର ମୁଠାରୁ ସତ୍ୟାର ବାହୁ ଖସି ପଡ଼ିଲା, 'ଠିକ୍ ଅଛି, ତେବେ ଯା' ମର, ନର୍କକୁ ଯା।' ବୁଲି ପଡ଼ି ଫ୍ଲାଟର କବାଟ ଧଡ଼ାସ୍ କିନା ବନ୍ଦ କରି ଶିଡ଼ିରେ ଆଧା ଓହ୍ଲାଇ ଆସିଲା।

**ଆଧା ସିଧାସଳଖ ସ୍ୱରରେ କହିଲା, 'ସତ୍ୟା! ମୁଁ ତତେ ବାହା ହେବାକୁ ଚାହେଁ।'**

ଏହା ବି ଅସଲ ଘଟଣା ନୁହଁ କାରଣ, ତା' ପରେ ବି ବର୍ଷଟିଏ ଧରି ଆଧା ଛତ୍ରପୁର ସୋସାଇଟିରେ ହିଁ ରହିଲା... ସତ୍ୟା ବାବଦରେ ଉଡ଼ା ଉଡ଼ା ଖବର ତାକୁ ମିଳୁଥିଲା। ବୁଝି ବିଚାରି, ଜାଣି ଶୁଣି 'ସି' ବିଲ୍ଡିଙ୍ଗ ବାଟ ଦେଇ ସେ ଯା' ଆସ ଛାଡ଼ି ଦେଇଥିଲା। କେହି ଜଣେ ତାକୁ ଖବର ଦେଲା ଯେ ସତ୍ୟାର ପୁଅଟେ ହୋଇଛି ଏବଂ ଛତ୍ରପୁର ସୋସାଇଟିର ବାସିନ୍ଦାମାନେ ଖବରଟାକୁ ସହ୍ୟ କରିପାରି ନ ଥିଲେ। ସତ୍ୟାର ସତେ କି ଜୀବନ ନେଇନେବେ, 'ତାକୁ ବାହାର କର, ଫ୍ଲାଟ୍ ତା'ଠୁ ମୁକ୍ତ କର।' ତଥାପି, କୌଣସି ମତେ ସତ୍ୟା ଛଅ ମାସ ଯାଏ ସେଇ ଫ୍ଲାଟରେ ରହିଲା ଏବଂ, ଏଇ କାଲିର ତ ଘଟଣା, ରାଶନ ସାମାନର ବୋଝ ପିଠିରେ ବୋହି, ଆଧା ଛତ୍ରପୁର ସୋସାଇଟି ହତାରେ ପ୍ରବେଶ କଲା। ଦେଖିଲା ଯେ, 'ସି' ବିଲ୍ଡିଙ୍ଗ ତଳେ ଭିଡ଼, କୋଳାହଳ ଲାଗିଛି। ସେ କାହାକୁ ପଚାରିନି କିନ୍ତୁ, କେହି ଜଣେ କହିଲା ଯେ, ସତ୍ୟା ବିଷ ଖାଇ ଦେଇଛି। ଆଧା ତାର କୁନି କୁନି ପାଦରେ ଉପରକୁ ଧାଇଁଗଲା। ଏତକ ବି ଭୁଲିଗଲା ଯେ, ତାର ପିଠିରେ ରାଶନ ସାମାନର ବୋଝ ବୋହିଛି ଓ ତାକୁ ଓହ୍ଲାଇ ଦେଇ ପାରନ୍ତା... କେଜାଣି କାହିଁକି ଯେ ଗହଳି ବି ତାକୁ ବାଟ ଛାଡ଼ି ଦେଉଥିଲା... ଏବଂ ଶେଷରେ ସେ ତେର ନମ୍ବର ଫ୍ଲାଟ୍ ସମ୍ମୁଖରେ ପହଞ୍ଚିଗଲା। ଦେଖିଲା ଯେ, ସତ୍ୟାର ଶବ ପଲଙ୍କ ଉପରେ ଏବେ ବି ପଡ଼ିଛି ଓ ଛଅ ମାସିଆ ଶିଶୁଟି ଶବ ସହ ଖେଳୁଛି। ସାରା ଛତ୍ରପୁର ସୋସାଇଟି ହତା ଭିତରେ କେବଳ ପ୍ରଫେସରଙ୍କ ସ୍ୱର ପ୍ରତିଧ୍ୱନିତ ହେଉଥିଲା, 'ଏଇ ଶିଶୁଟିକୁ ତୁମ ଭିତରୁ କିଏ ସେ ଗ୍ରହଣ କରିବ? ତୁମ ଭିତରେ ଏତକ ମାନବିକତା ତ ଅଛି ଯେ, ଚାନ୍ଦା କରି ଶବଟିକୁ ପୋଡ଼ି ଦେଇ ପାରିବ... କିନ୍ତୁ, ସେଇ ଶିଶୁଟିକୁ... ମୁଁ ପଚାରୁଛି, ଗ୍ରହଣ କରିବ କିଏ ସେ?' ସମସ୍ତେ ପାଷାଣ ପିତୁଳା ପରି ନିର୍ବାକ୍ ଛିଡ଼ା ହୋଇଥିଲେ। ଅଚାନକ୍, ଆଧାର ପିଠିରୁ ରାଶନ ବୋଝ ଖସି ପଡ଼ିଲା। ସମସ୍ତେ ତା' ଆଡ଼କୁ ଅନେଇ ରହିଲେ... ଥିର୍ ଥିର୍ ପାଦରେ ବଢ଼ିଯାଇ ସେ ଶିଶୁଟିକୁ କୋଳେଇ ନେଲା ଓ କାହାରି ପଟେ ନ ଚାହିଁ ତାକୁ ତା'ର ଛାତିରେ ଆଉଜି ନେଇ, ଗହଳି ଭିତର ଦେଇ ସୋସାଇଟି ହତା ଭିତରୁ ବାହାରିଗଲା। ପ୍ରଫେସରଙ୍କ ସ୍ୱର ଏଯାଏଁ ପ୍ରତିଧ୍ୱନି ତୋଳୁ ଥିଲା- 'ତୁମେ ସମସ୍ତେ ଆଧା ଅଟ, ଅସଂପୂର୍ଣ୍ଣ, ଅପରିପୂର୍ଣ୍ଣ ଅଟ। ଆଉ ଯାହାକୁ ତୁମେ ଆଧା ଡାକୁଛ, ଦେଖ ସେ କିଭଳି ପୂରା ଅଟେ, କିଭଳି ସମ୍ପୂର୍ଣ୍ଣ, କିଭଳି ପରିପୂର୍ଣ୍ଣ।'

□□

ଲେଖକଙ୍କ ଇ-ମେଲ ଠିକଣା:
sukomaldash@rediffmail.com



ଅନୁଭୂତି

# ଭାରି ମନେ ପଡ଼େ

ବନଜ ଦେବୀ

ଆଜି ଏଇ ରତରତ ବେଳରେ ମନେ ପଡ଼େ ବହୁ ଦୂରରେ ଛାଡି ଆସିଥିବା ପିଲାଦିନ। ସତରେ ଭାରି ମନେ ପଡ଼େ। ଖାଲି ମନେ ତ ପଡ଼େ ନାହିଁ। ସେହି ସ୍ମୃତିରେ ବଞ୍ଚେ ମଧ୍ୟ ରାତି ଦିନ। ଆଜି ଯେତେବେଳେ ଆଗକୁ ଚାହିଁବାକୁ ଭରସା ହୁଏ ନାହିଁ, ଛାଡ଼ି ଆସିଥିବା ଜୀବନ ଯୁବ ସଂଘର୍ଷରେ ମନବୋଧ ହୁଏ ନାହିଁ, ଏହି ସନ୍ଧିକ୍ଷଣରେ ଧସେଇ ଉଭା ହେଇଯାଏ ସେହି ସୁକୁମାର ପିଲାଦିନ। ମୋର ଅଫୁରନ୍ତ ଆନନ୍ଦର ପିଲାଦିନ। ତା'ର ନୈସର୍ଗିକ ଅନୁଭବରେ ମନ ଭରି ଭରି ଯାଏ। ପିଲା ଦିନ ଏକ ଅମୃତ ସରୋବର। ତହିଁରେ ବୁଡ଼ି, ତା'ର ମାଧୁର୍ଯ୍ୟରେ ଭିଜି ରହିଯାଏ ଏଇ ଉତ୍ତୀର୍ଣ୍ଣ ବୟସ।

**ପିଲା ଦିନ ଏକ ଅମୃତ ସରୋବର। ତହିଁରେ ବୁଡ଼ି, ତା'ର ମାଧୁର୍ଯ୍ୟରେ ଭିଜି ରହିଯାଏ ଏଇ ଉତ୍ତୀର୍ଣ୍ଣ ବୟସ।**

ଆଜି ସେଇ ପିଲାଦିନର ଅପାସୋରା କଥା ଲେଖିବି। ପିଲାଦିନ ତ ପିଲାଦିନ। କଞ୍ଚା ମାଟିର ଜୀବନ, ସେଇ କଞ୍ଚା। ମାଟିରେ ମନ କଅଁଳିବାକୁ ଆରମ୍ଭ କରେ। ସେଇ କଅଁଳି ଆସୁଥିବା ମନରେ କେତେକ ଆଭା, କେତେ ବାସ୍ନାର ଛୁଆଁ ଲାଗେ। ପିଲାଦିନେ ଶୁଣିଥିବା କଲୁରୀବେଣ୍ଟ ଗପ, ବୁଢ଼ୀ ଅସୁରୁଣୀ ଓ ରାଜାପୁଅ କଥା, ପରୀମାନଙ୍କର ବିସ୍ମୟକର କଥା। ଆକାଶର ଜହ୍ନମାମୁଁ ଅସୁମାରି ତାରା କଅଁଳ ମନରେ ମୋର ଏକ ଭାବ ଭୂମି, ଗଢ଼ିବାର ନିଅଁ ପକାଇଥିଲା। ତହିଁରେ ମୁଠାଏ ମୁଠାଏ ମାଟି ପକେଇ, ମୋ ଗାଆଁର ଛବିଳ ପ୍ରକୃତି, ସବୁଜ ବୃକ୍ଷଲତା, ପାରିପାରିକି ସଂସ୍କାର, ମୋ ବୋଉ ବଡ଼ବୋଉଙ୍କ ନାରୀତ୍ୱର ନିଷ୍ଠା, ବାପା ବଡ଼ବାପାଙ୍କର ନିଃଛିଦ୍ର ସଂପର୍କର ଭାବମୂର୍ତ୍ତି, ମୋ ମନରେ ଏକ ଉଜ୍ଜ୍ୱଳ ଭାବ-ଭୂମି ନିର୍ମାଣ କରିଥିଲା। ତା' ସତ୍ତ୍ୱେ ତ ପିଲାଦିନର ଏକ ସ୍ୱତଃସ୍ଫୂର୍ତ୍ତ ଆବେଗ ଅଛି, ଅବୋଧତା ଅଛି, ଚପଳତା, ଦୁଷ୍ଟାମୀ ମଧ୍ୟ ଅଛି, ଅଛି ମଧ୍ୟ ତୀବ୍ର ଅନୁସନ୍ଧିତ୍ସା।

ହେଲେ ମୋ ପିଲାଦିନ ଟିକେ ନିଆରା, ନିଆରା। କେମିତି କେମିତିକା, କାହିଁକି କେଜାଣି ମୁଁ ପିଲାଦିନୁ ଥିଲି ଖୁବ୍ ଧୀର ସ୍ଥିର ଭାରି ଚୁପ୍‌ଚାପ୍। ଜମା ଦୁଷ୍ଟାମି କରେ ନାହିଁ। ବ'ବୋଉ କହେ ମୁଁ ଏତେ ଚୁପ୍ ଚାପ ଥିଲି ଯେ କୁଆଡ଼େ ଚାହିଁଥିବି ଯଦି ଚାହିଁଥିବି। ବସିଥିବି ଯଦି ବସିଥିବି। ଭାତ ଥାଳିରେ ବିଲେଇ ମୁହଁ ପୂରାଇଲେ ବି ଜମା ଜାଣିପାରୁ ନ ଥିଲି, ବ'ବୋଉ କହେ ମୁଁ ଥିଲି ଭାରି ବୋକୀ, ଓଲି। ବୋଉ କହେ କାବାଡ଼ି, ପିଲାଦିନେ ମୁଁ ଜମା ଖାଉ ନ ଥିଲି। କ୍ଷୀର ପିଉ ନ ଥିଲି, କ୍ଷୀର ଗ୍ଲାସ୍‌ରେ ମିଶ୍ରି ଖାଇବା ଲୋଭରେ ମୁଁ କୁନ୍ଥେଇ କୁନ୍ଥେଇ ସବୁ କ୍ଷୀର ପିଉଥିଲି। ସତରେ କେତେ ବୋକୀ ଥିଲି ମୁଁ।

**ମୋ ଓଲା ପଣ**

ମୋ ଓଲା ପଣର ନମୁନା ଦେବାକୁ ହେଲେ ପୃଷ୍ଠା ଅଣ୍ଟିବ ନାହିଁ। ପ୍ରତିଦିନ ସ୍କୁଲ ଗଲା ବେଳେ ବ'ବୋଉ ଠାରୁ ଅଣିଟିଏ ନେଇଥାଏ, ଆଇସ୍‌କ୍ରିମ୍ ଓ ମକାପୋଡ଼ା ଖାଇବି ବୋଲି। ସେତେବେଳେ ଆଇସ୍‌କ୍ରିମ୍ ଗୋଟାକ ଦି'ପଇସା। ମକାପୋଡ଼ା ଗୋଟାକ ମଧ୍ୟ ଦି ପଇସା। ଦୁଧମଲାଇ ଆଇସ୍‌କ୍ରିମ ଅଣାଏ। ହେଲେ ସବୁଦିନ ମୁଁ ଅପଦସ୍ଥ ହୁଏ। ଆଇସ୍‌କ୍ରିମ ନେଇ ସାରି ପଇସା ଦେଲାବେଳେ, ମୋ କମ୍ପାସ ବାକ୍ସରେ ପଇସା ନ ଥାଏ। ମୁଁ ସବୁଦିନ ଅପଦସ୍ଥ ହୁଏ, ମୋ ପଇସା ସବୁଦିନ କିଏ ନେଇ ଯାଇଥାଏ। ମୁଁ ଜାଣିପାରେ ନାହିଁ, ଖାଲି ସେତିକି ନୁହେଁ, ଅନେକ ଥର ମୁଁ ଝାଲମୁଢ଼ି ଫ୍ରକ୍ ଅଣ୍ଟିରେ ଧରି ଖାଉଥିବି, କୁଆଡେ ଚାହିଁଥିବି, ଛେଳି ଆସି ମୁହଁ ପୂରାଇ ଖାଇ ଦେଉଥିବ। ସାଙ୍ଗ ପିଲାଏ ତାଳିମାରି ହସୁଥିବେ। କେହି କେହି କହୁଥିବେ ନିର୍ଘାତ୍ ଓଲୀ। ମାତ୍ରାଧିକ ସରଳ।

ସ୍ୱାଧୀନତା ଯେଉଁବର୍ଷ ମିଳିଲା, ବଡ଼ ସମାରୋହରେ ପାଳନ କରାଗଲା। ଆମେ ସବୁ ଧଳା ଫ୍ରିଲ୍ ଫ୍ରକ୍ ପିନ୍ଧି, ସ୍ୱାଧୀନ ପତାକା ହାତରେ ଧରି ଶୋଭାଯାତ୍ରାରେ, ହାଇସ୍କୁଲ ପଡ଼ିଆକୁ ଗଲୁ। ସେଠି ସଭା ହେଲା, ସଭାପରେ, ପତ୍ର ଦନାରେ ସେଉ ବୁନ୍ଦିଆ ଓ ତା' ଉପରେ ଗୋଟେ ଲେଖାଏଁ ଗୋଲାପଜାମୁ, ପିଲାମାନଙ୍କୁ ଦିଆଗଲା। ଗୋଲାପଜାମୁ ମତେ ଭାରି ଭଲ ଲାଗେ। ହେଲେ ମୁଁ କୁଆଡେ ଗୋଟେ ଚାହିଁଥିଲି, ଗୋଟେ କାଉ ଆସି ମୋ ଦନାକୁ ଝାମ୍ପି ନେଲା। ସବୁ ସେଉ ବୁନ୍ଦିଆ ବୁଣିଗଲା। ହାଇସ୍କୁଲ ପିଲା ଓ ଆମ ସ୍କୁଲପିଲା ତାଳିମାରି ହସି ଉଠିଲେ, କେତେଟା ପିଲା ଗୀତ ବୋଲିଲେ "କାଉ ନେଇଗଲା ଗୋଲାପ ଜାମୁ"। ମୁଁ ତ ନାକ କାନ୍ଦୁରୀ, ଅସହାୟତାରେ କାନ୍ଦି ପକାଇଲି।




ମୁଁ ଜମା ଦୁଷ୍ଟ ନ ଥିଲି, ଅବାଧ ବି ନ ଥିଲି, ଥିଲି କେମିତି କେମିତିକା। ପିଲା ଦିନେ ମୁଁ ଜମା ମାଡ଼ଗାଳି ଖାଇନି। ସହରରେ ଜନ୍ମ ହେଇ ସହରରେ ବଢ଼ିଥିଲେ ମଧ୍ୟ ଆମର ଗାଁ ସହ ଥିଲା ନିବିଡ଼ ସଂପର୍କ। ଆମ ଗାଁ ଛୋଟ ଗାଁଟିଏ 'ପୋଷଲ'। ପୁରୀ ଯାଇଥିବା ରେଳପଥରେ ଡେଲାଙ୍ଗ ଷ୍ଟେସନ ପରେ ଯେଉଁ ଛୋଟ ଷ୍ଟେସନ 'ଜେନାପୁର ରୋଡ଼'। ସେଇଟା ହିଁ ଆମ ଗାଁ, ଅଥଚ ତା ନା' ଜେନାପୁର ରୋଡ଼। ମୁଁ ଦୁଇ ବର୍ଷ ବେଳୁ ବଡ଼ବାପାଙ୍କ ପାଖେ ଥିଲି। କଟକ ବାପା ଚାକିରି ନେଇ ବାହାରେ ବୁଲିଲେ ହେଁ ଗାଁକୁ ଆସୁଥିଲୁ ବର୍ଷକୁ ଚାରି ପାଞ୍ଚଥର। କଟକ ବାପା ବ୍ରିଟିଶ ସରକାରଙ୍କ ପାଖେ କାମ କରି ସାହେବୀ ପୋଷାକରେ ରହିଲେ ମଧ୍ୟ ଆମ ଚଳଣି ଥିଲା ଖାଣ୍ଟି ଓଡ଼ିଆ ଘରର ପାରମ୍ପରିକ ଚଳଣି, ଯାର ପ୍ରଭାବ ମୋ ରକ୍ତରେ ଫେଣ୍ଟି ହେଇ ରହିଛି।

## ପ୍ରକୃତିର ସଂଘର୍ଷ

ଆମ ଗାଁ ଛୋଟ ଗାଆଁଟିଏ ହେଲେ ହେଁ ତା' ଚାରିପାଖରେ ପ୍ରକୃତି ଥିଲା ଅତି ମନୋରମ। ତାର ଚଉପାଶରେ ଶାରଦୀୟ ଧାନକ୍ଷେତ। ନୟନଯୋରିର ଧଳା ଓ ନାଲି କଇଁ ଆମ ଗାଁ ଆକାଶର ଅସୁମାରୀ ଶଙ୍ଖଚିଲ, କଜଳପାତି, ଭଦଭଦଳିଆ, କୁମ୍ଭାଟୁଆ, ମତେ ଖୁବ୍ ଭଲ ଲାଗୁଥିଲା। ଆମ ଘର ସାମ୍ନାରେ ଥିଲା ଏକ ଘଞ୍ଚ ବଉଳଗଛ, ବହୁପୁରୁଣା ଗଛ। ସେଇ ବଉଳଗଛ ପତ୍ର ଗହଳରେ ବସା ବାନ୍ଧିଥିଲା, ହଳଦୀବସନ୍ତଟିଏ, ଏଇ ପକ୍ଷୀମାନେ ଉଡ଼ିଗଲେ ମୁଁ ଧାଉଁଥିଲି ତାଙ୍କ ପଛରେ ମୋର ଗାଁରେ ବେଳ କଟୁଥିଲା, ଏମାନଙ୍କୁ ଖୋଜିବାରେ। ବଉଳଗଛର ପର୍ଯ୍ୟାପ୍ତ ଫୁଲ ତଳେ ବିଛେଇ ହେଇ ପଡୁଥିଲା। ମୁଁ ତାକୁ ଗୋଟାଇ କରି ଫ୍ରକ ଅଣ୍ଟିରେ ରଖି, ଆମ ବାରିପଟ ବିଲଗାଡ଼ିଆ ପଥର ପାହାଚରେ ବସି ମୁଠା ମୁଠା ଫୁଲ ପାଣିକୁ ଫିଙ୍ଗୁଥିଲି। ଯେ ଥିଲା ଗାଁ ରହଣିରେ ମୋର ଏକ ଅଜବ ଖେଳ। ସେଇ ବଉଳଗଛ, ବଉଳଫୁଲ, ଶଙ୍ଖଚିଲ ଓ ହଳଦୀବସନ୍ତ ମୋ ଭାବ ଭୂମିରେ ଏମିତି ଜମେଇ ବସିଗଲେ ଯେ ଏମାନେ ମୋ ଅଜାଣତରେ ପଶି ଆସିଲେ ମୋ ଗପ, କବିତାକୁ।

ଆମ ଗାଁର ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତ ଏତେ ସୁନ୍ଦର ଯେ ତାକୁ ସେଇ ପିଲାଦିନୁ, ଦେଖୁଥିଲି ଓ ହଜୁଥିଲି ସେଥିରେ; ପୁରୀ ସମୁଦ୍ର କୂଳରେ ବୁଲିଲା ବେଳେ ଏଇ ସୂର୍ଯ୍ୟାସ୍ତରେ, ମୁଁ ଏମିତି ହଜିଯାଉଥିଲି ଯେ, ଦିଗ୍‌ବାରେଣୀ ଖୁଣ୍ଟର ତା'ର ଝୁଣ୍ଟି କଚାଡ଼ି ପଡ଼ିଚି କେତେ ଥର। ସେଇ ପିଲାବେଳେ ଯେମିତି ବୟସ୍କ ହେଲା ପରେ ବି ସେତିକି, ଅନ୍ୟର ଉପହାସ ଶୁଣିଛି।

## ଅବାଧ ନ ଥିଲି

ମୁଁ ଦୁଷ୍ଟ ନ ଥିଲି ସତ। ଅବାଧ ନ ଥିଲି, ତଥାପି କିଛି କିଛି ବଦମାସି କରିଛି ପିଲାଦିନେ। ଆମ ଗାଁରେ ଆମେ ନୂଆ ପୋଖରୀକୁ ଗାଧୋଇଯାଉ। ପହଁରା ଶିଖିବାକୁ ପ୍ରବଳ ଇଚ୍ଛା। ହେଲେ ଗାଁ ରହଣି ଦଶଦିନ, ଦଶଦିନରେ ଶିଖିପାରିଲି ନାହିଁ। ସେଇ ପୋଖରୀକୁ ଗଲାବେଳେ ବାଟରେ ପଡ଼େ ବୁଦୁବୁଦିକା ଲାଜକୁଳୀ ଲତା। ମୁଁ ସେଇଠି ଅଟକିଯାଏ ତାକୁ ଛୁଏଁ। ସେ ପତ୍ର ବୁଜି ହେଇଯାଏ। ମତେ ଭାରି ମଜା ଲାଗେ, ଦିନେ

ସେଠି ପିମ୍ପୁଡ଼ି ଗଦା ଥିଲା । ମୋ ଦେହ ସାରା ପିମ୍ପୁଡି ବେଢ଼ିଗଲେ, ମୁଁ ବିକଳରେ ପାଖରେ ପଡ଼ିଥିବା ଏକ ଖଜୁରି ଝାଡୁରେ ସେ ପିମ୍ପୁଡିମାନଙ୍କୁ ପିଟିବାରେ ଲାଗିଲି । ସେଇ ଦିନଠୁ ଜନ୍ଦା, ପିମ୍ପୁଡି ଧାର ଦେଖିଲେ, ମୁଁ ଛାଞ୍ଚୁଣି ଧରି ପିଟିଚାଲେ । ଦିନେ ବ' ବୋଉ କହିଲା, ଛିଃ, ଏମିତି କ'ଣ ମାରନ୍ତି ? ତାଙ୍କ ଭିତରେ ବି ନାରାୟଣ ଅଛନ୍ତି । ସେମାନେ ତାଙ୍କ ବାଟରେ ଯାଉଚନ୍ତି ତୁ ତାଙ୍କୁ କାହିଁକି ମାରୁଚୁ ? ମନେ ପଡୁଚି ଆଉ ଦିନର କଥା, ମୁଁ ଚଢ଼େଇମାନଙ୍କୁ ଖୁବ୍ ଭଲପାଏ ହେଲେ ବିଲେଇକୁ ଜମା ସହ୍ୟ କରିପାରେନି । ଆମ ଘରେ ତିନି ଚାରିଟା ବିଲେଇ ଥିଲେ । ମୁଁ ତାଙ୍କୁ ସବୁବେଳେ ଚିଡ଼େ । ଦିନେ ଚୁଲିରେ ଭାତ ଫୁଟୁଥାଏ । ବୋଉ ମାଛ ଧୋଇ ସାରି ଲୁଣ ହଳଦୀ ଗୋଳାଇ ଚିଡ଼େଇରେ ରଖି କାନ୍ଥ କଣ୍ଟାରେ ଚିଡ଼େଇଟାକୁ ଟାଙ୍ଗି ଦେଇଥାଏ, ସେତେବେଳେ ଗାଁମାନଙ୍କରେ ମାଛ ଚିଡେଇରେ ଓ ଚାଉଳ ବାଉଁଶିଆରେ ଧୁଆ ହୁଏ । ଆଜିକାଲି ଏଇ ଚିଡ଼େଇ ଓ ବାଉଁଶିଆ ଆଣ୍ଟିକ୍ ପିସ୍ ହେଇଗଲାଣି । ମାଛ ବାସ୍ନାରେ ବିଲେଇଟା ସେଇ ଚୁଲି ପାଖରେ ହିଁ ଶୋଇ ରହିଥିଲା, ଗେଞ୍ଜି ହେଇ । ସୁବିଧା ଦେଖି କେମିତି ମାଛ ଝାମ୍ପି ନେବ । ମୁଁ ତାକୁ ବାଡ଼ିରେ ଯେତେ କେଞ୍ଚିଲେ ମଧ ବିଲେଇଟା ଜମା ଘୁଞ୍ଚିଲା ନାହିଁ ସେଠୁ । ତା'ର ଜିଦ୍ ଦେଖି ମୋ ରାଗ ବଢ଼ିଗଲା, କଣ ଭାବିଲି କେଜାଣି ଫୁଟୁଥିବା ଭାତରୁ ଡଙ୍କାଏ ପେଜ ଆଣି ବିଲେଇ ଉପରେ ଢାଳି ଦେଲି, ଛଟପଟ ହେଇ ଡେଇଁ ଡେଇଁ ସେ ଚାଲିଗଲା । ଏକଥା ଦେଖି ବୋଉ ମତେ ଗାଳି ଦେଲା । କହିଲା, ତା' ଦେହରେ ନାରାୟଣ ଅଛନ୍ତି, କେତେ ପାପ ତ କଲୁ ? ଏ ଦୁର୍ବୁଦ୍ଧି କାହିଁକି ତୋର ହେଲା ?

### ସବୁଠି ନାରାୟଣ

ସେହିଦିନ ମଞ୍ଜିଟିଏ ପୋତି ହେଇଗଲା ମନରେ, ସବୁଠି, ନାରାୟଣ ଅଛନ୍ତି । ସେ ସବୁ ଦେଖୁଚନ୍ତି, ବ' ବୋଉ ଠାରୁ



ଶୁଣିଥିବା ଧ୍ରୁବ, ପ୍ରହଲ୍ଲାଦଙ୍କ ଗପ ଏହି ଶବ୍ଦଟିକୁ ପାକଳ କରିଥିଲା ।

ସତରେ ମୁଁ ନିଜେ ଥିଲି ଗୋଟେ କେମିତି କେମିତିକା । ସବୁ ପିଲାଙ୍କ ପରି ନୁହେଁ । ମନେ ପଡୁଚି ଗୋଟେ ମଜାକଥା । ଆମ ଛୋଟ ଗାଁରେ କରଣ ସାହିରେ ଥିଲେ ଜଣେ ଦାଦା । ତାଙ୍କୁ ସାଧୁଆ ଦାଦା ବୋଲି ଡାକୁ । ସାଧୁଆ ଦାଦା ଅନ୍ଧ ଥିଲେ । ଅବଶ୍ୟ ଜନ୍ମାନ୍ଧ ନୁହେଁ, ବସନ୍ତରେ ତାଙ୍କ ଆଖି ନଷ୍ଟ ହେଇ ଯାଇଥିଲା । ସାରା ମୁହଁରେ ବସନ୍ତଦାଗ, ତଥାପି ସେ ବାଡ଼ିଟାଏ ଧରି ସାରା ଗାଁ ବୁଲୁଥିଲେ, ସେ ଚମତ୍କାର ଗୀତ ବୋଲୁଥିଲେ । ଆମ ଗାଁକୁ ଗଲେ ସେ ଆମ ପାଇଁ ପିଜୁଳି, ଆତ ନେଇ ଆସୁଥିଲେ । ଦିନେ କ'ଣ ନେଇ ମୁଁ ତାଙ୍କ ଘରେ ପହଞ୍ଚିଲା ବେଳକୁ ସାଧୁଆ ଦାଦା ଗାଧେଇ ସାରି ଖାଇ ବସିଥିଲେ । ତାଙ୍କ ଭାଉଜ ଗୋଟେ କଂସା ଥାଳିରେ ଥାଳିଏ ଗରମ ଭାତ ଓ ଗୋଟେ ଗିନାରେ ଗିନାଏ ସାରୁ ତରକାରି ରଖିଦେଲେ । ଡାଲି ଇତ୍ୟାଦି ଆଉ କିଛି ନାହିଁ । ସାଧୁଆ ଦାଦା ବଡ଼ ବଡ଼ ଗୁଣ୍ଡା କରି ସେଇ ଶୁଖିଲା ସାରୁ ତରକାରି ନେଇ ଥାଳିକଯାକ ଭାତ ଆଙ୍ଗୁଠି ଚାଟି ଚାଟି ଖାଉଥିଲେ, ତାଙ୍କ ପରିତୃପ୍ତିର ଝଲକ, ଖୁସିର ଆଭା ସାରା ମୁହଁରେ । ତା' ଏତେ ବେଶି ଥିଲା ଯେ ମୋ ପିଲାମନରେ ଅଜାଡ଼ି ହେଇଗଲା । ସେଇ ଆଭା ମୋ ମନରେ ଗୁରେଇତୁରେଇ ହେଲା । ଭାବିଲି ଆମ ଘରେ ଡାଲି ସହ ଏତେ ପ୍ରକାରର ତରକାରି ଥିଲେ ବି ମୁଁ ଏତେ ଖୁସିରେ ଖାଇ ପାରେନି କାହିଁକି ? ଘରେ ସେଦିନ ବୋଉକୁ କହିଲି, ସାରୁ ତରକାରି ଲଗେଇ ଶୁଖିଲା ଭାତ ଖାଇବି । ସାରୁ ତରକାରି ଭାରି ସୁଆଦିଆ, ସାଧୁଆ ଦାଦାଙ୍କ ତୃପ୍ତିର ରହସ୍ୟ, ମୁଁ ଖାଲି ଖୋଜି ଲାଗିଲି ।

ସେମିତି ବୁଝିପାରି ନ ଥିଲି, ଏକ କାନ୍ଦର ରହସ୍ୟ । ଆମ ଗାଁରେ ଦୋଳପୂର୍ଣ୍ଣିମାରେ ଠାକୁର ଚାଚେରି ଭୋଗ ଖାଇବାକୁ

ଆସନ୍ତି। ତାଙ୍କ ସାମ୍ନାରେ ସଂକୀର୍ତ୍ତନ କରି ଆସନ୍ତି ସଂକୀର୍ତ୍ତନିଆ ଦଳ, ଝାଞ୍ଜ, ମୃଦଙ୍ଗ ବାଦ୍ୟରେ ଉନ୍ମତ୍ତ ସଂକୀର୍ତ୍ତନ। ତା' ଭିତରେ ଦାମ ବରାଳ ଏତେ ଭୋଳ ଥାଏ ଯେ କେତେବେଳେ ନାଚୁଥାଏ ତ କେତେବେଳେ ଡେଉଁଥାଏ। ତା' ଆଖିରୁ ବହିଯାଉଥାଏ ଧାର ଧାର ଲୁହ। ମୁଁ ବୁଝିପାରୁ ନ ଥାଏ କୀର୍ତ୍ତନ କରି ଏ ଖୁସିବାସିଆ ସଂଗୀତ ଭିତରକୁ ଏ ଅମାନିଆ ଲୁହ ଆସିଲା କହିଁକି? ଆଜି ମଧ୍ୟ ଏଇ ଉତ୍ତୀର୍ଣ୍ଣ ବୟସରେ ଜଗନ୍ନାଥଙ୍କ ଚତୁର୍ଦ୍ଧାମୂର୍ତ୍ତି ସାମ୍ନାରେ ଠିଆ ହେଲାବେଳେ ମୋ' ଆଖିରୁ ବି ଯେ ଅବାରିତ ଲୁହଝରେ, ତା'ର ଅର୍ଥ ମୁଁ ବୁଝିପାରି ନାହିଁ।

ଆମ ଘରେ ସମସ୍ତେ ଖେଳଖୋର ଥିଲେ ହେଁ ମୁଁ ଖେଳପ୍ରିୟ ନ ଥିଲି। ଆମ ପରିବାରରେ ବାପା ବଡ଼ବାପା ସଭିଏଁ ଥିଲେ ସଂଗୀତ ନାଟକ ପ୍ରିୟ, ଗାଁ ଯାତ୍ରା ଦେଖିବାକୁ ଆମେ ଭଲ ପାଉଥିଲୁ ଓ ଗାଁକୁ ଗଲେ ଆମ ଦୁଆରେ ନିଶ୍ଚୟ ଯାତ୍ରା ହୁଏ। ଯାତ୍ରାରେ ଯେଉଁ ରାଜା ଆସନ୍ତି, ତାଙ୍କ ଚକ୍‌ଚକ୍ ପୋଷାକ, ତାଙ୍କ ଚାଲି, ତାଙ୍କ ଥାଟବାଟ, ତାଙ୍କ କଥା ମତେ ଏତେ ମୁଗ୍ଧ କରାଏ ଯେ ମୁଁ ଭାବେ, ମୁଁ ଟିକେ ତାଙ୍କ ପାଖକୁ ଯାଇ ତାଙ୍କୁ ଦେଖନ୍ତି। ତାଙ୍କ ଚକ୍‌ଚକ୍ ପୋଷାକରେ ହାତ ମାରନ୍ତି। ଦିନେ ବୋଉକୁ କହିଲି, ମୁଁ ଟିକେ ରାଜାଙ୍କ ପାଖକୁ ଯିବି। ଦି' ଦିନ ପରେ ଦିନେ ଉପରଓଳି ବୋଉ କହିଲା, ରାଜାଙ୍କୁ ଦେଖିବୁ ପରା, ଯା, ଯା, ଦାଣ୍ଡ ଦୁଆରେ ସେ ଅଛି। କ୍ଷେତ୍ର ମହାରଣା ବା। ମୁଁ ଧାଇଁଗଲି, ରାଜାଙ୍କୁ ଦେଖିବାର ଲୋଭରେ। ଦେଖିଲି ଚିରା ଗାମୁଛାଟାଏ ପିନ୍ଧି କାନ୍ଧରେ ଗାମୁଛାଟିଏ ପକେଇ, ରଞ୍ଜା ମାରୁଥିବା କ୍ଷେତରା ବଢ଼େଇ। ଅଢ଼େଇ ଟଙ୍କା ମଜୁରି ନେଇ, ଘରକୁ ଗଲା। କାଲି ରାତିରେ ସେ ରଜା ହେଇଥିଲା, କାହିଁକି କେଜାଣି ଏଇ କଥା ମୋ' ମନରେ ଖୁବ୍ ଘାଣ୍ଟି ହେଲା।

**ଭାରି ଡରକୁଳୀ**

ପିଲାଦିନେ ମୁଁ ଭାରି ଡରକୁଳୀ ଥିଲି, ଭୂତ ଗପ ଶୁଣୁଥିଲି। ଶୁଣିବାକୁ ଭଲ ପାଉଥିଲି। ବର୍ଷାଦିନେ ଓଳି ତଳେ ଧାଡ଼ି ଧାଡ଼ି ହରଗଉରା ଫୁଲ ଉପରେ ବର୍ଷା ଝରିବାର ଦୃଶ୍ୟ ଦେଖୁଥିଲି, ପାଣିରେ ଫୁଟି ଉଠି ମିଳେଇ ଯାଉଥିବା ପାଣି ଫୋଟକାର ଅଭିନବ ଦୃଶ୍ୟ ମୁଁ ଦେଖୁଥିଲି ଓ ଆନମନା ହେଇ ଯାଉଥିଲି।

ବାପା, ବଡ଼ବାପା ଥିଲେ ସାହିତ୍ୟ ସଂଗୀତପ୍ରିୟ। ଘରେ ଥିଲା ଏହି ବାତାବରଣ। ମୁଁ ବି ଗୀତ ଶିଖୁଥିଲି ବାପାଙ୍କଠାରୁ। ଘରକୁ ଆସୁଥିଲା ପ୍ରଚୁର ବହି ଓ ପତ୍ରପତ୍ରିକା। ବଡ଼ବାପା ଉନ୍ନତ ପାଠକ ଥିଲେ। ମୋର ଅବଶିଷ୍ଟ ପିଲାଦିନ ହଜିଗଲା ସେହି ବହି ଭିତରେ। ବହୁ ଛୋଟ ବଦମାସି କରିଚି, ପିଲାଦିନର ବହୁତ ସ୍ମୃତି ଅଛି। ପୃଷ୍ଠା ଅଣ୍ଟିବ ନାହିଁ, ପଞ୍ଚମ ଶ୍ରେଣୀର ପ୍ରଥମେ ପଢ଼ିଲି କୁନ୍ତଳାକୁମାରୀଙ୍କ 'ପରଶମଣି', ସେଇ ବହି ମତେ ଟାଣି ନେଇଗଲା ସାହିତ୍ୟ ଭିତରକୁ। ପିଲାଦିନ ହଜିଗଲା ବହି ଓ କବିତା ଲେଖିବା ନିଶାରେ। ହେଲେ ହଜି ନ ଥିଲା ପଛରେ ଛାଡିଥିବା ସେଇ ମଧୁର ସ୍ମୃତି, ସେଇ ମାଧୁର୍ଯ୍ୟଭରା ବିପୁଳ ଅନୁଭୂତି। ସେଇ ପିଲାଦିନେ ସାଉଁଟି ଥିଲି ଅନେକ ଅମୂଲ୍ୟ ଚିଜ। ଯାହା ମନକୁ କରିଥିଲା ଐଶ୍ୱର୍ଯ୍ୟମୟ। ଅବୋଧ ବୟସରେ ମହାନଦୀରେ ଜହ୍ନରାତିରେ ନୌକାରେ କଟକ ବାପାଙ୍କର ଗୀତ ଆସର, ବରକୁଳ ଡାକ ବଙ୍ଗଳାରେ ତିନିଦିନ ରହଣି ଓ ଚିଲିକା ବିହାରର ଅମୃତ ଅନୁଭବ, ହରିରାଜପୁର ମେଳନ, ଭାର୍ଗବୀ ନଈ ପଠାରେ ସାଗର ସ୍ନାନ ଯାତ୍ରାକୁ ଶଗଡ଼ରେ ଯିବାର ଅନୁଭୂତି, ଅନ୍ନପୂର୍ଣ୍ଣା ଥିଏଟରରେ ପ୍ରତ୍ୟେକ ବହି ଦେଖିବାର ବିମଳ ଆନନ୍ଦ, ଏସବୁ ସହ ମୋ ପରିବାରର ସଂସ୍କାର, ସାଂସ୍କୃତିକ ମୂଲ୍ୟବୋଧ, ମୋ ବୋଉ ବ'ବୋଉଙ୍କର ନାରୀତ୍ୱର ନିଷ୍ଠା ଓ ତ୍ୟାଗ, ସହନଶୀଳତା, ମୋ' ଜୀବନର ଏକ ଶକ୍ତ ଆଧାରଶିଳା ହେଇ ଯାଇଥିଲା, ଯେଉଁ ଆଧାରଶିଳା ମତେ ଜୀବନ ବଞ୍ଚିବାର, ବୁଝିବାର ଓ ଅନୁଭବିବାର କଳା ଶିଖାଇଥିଲା। ସେଇ ମୋର ପିଲାଦିନ, ମୋର ସବୁ ସୁଖର ଦିନ, ସବୁ ସ୍ୱପ୍ନର ଦିନ। ଆଜି ମନେ ପଡ଼େ, ଭାରି ମନେ ପଡ଼େ।

**ମୋର ଅବଶିଷ୍ଟ ପିଲାଦିନ ହଜିଗଲା ସେହି ବହି ଭିତରେ। ବହୁ ଛୋଟ ବଦମାସି କରିଚି, ପିଲାଦିନର ବହୁତ ସ୍ମୃତି ଅଛି।**

□□

ଲେଖିକାଙ୍କ ଇ-ମେଲ ଠିକଣା:
banajadevi2012@gmail.com

ଗଳ୍ପ



# ରେବତୀର ବାଣୀବିହାର

ହେମନ୍ତ ବିଶ୍ୱାଳ

ଖରା ମାସଟା ସରିବ ସରିବ ହେଉଛି। ହେଲେ ଚାରିଆଡ଼େ ନିର୍ବାଚନର ତାତି। ଯେମିତି ଖରାମାସଟାକୁ ପଛରୁ ଭିଡ଼ି ଧରୁଛି। ଜମା ଛାଡ଼ିବନି ବୋଲି ହେଉଛି। ସକାଳୁ ସଞ୍ଜଯାଏଁ ତାତି କମିବାର ନାଁ ଧରୁନି। ଦିନ କେଇଟା ପରେ ପଞ୍ଚାୟତ ନିର୍ବାଚନ। କଟକ ଜିଲ୍ଲାର ହରିପୁର ପଞ୍ଚାୟତ ସରପଞ୍ଚ ପ୍ରାର୍ଥୀ ପାଇଁ ନୋମିନେସନ୍ ଫର୍ମ ଭରିଛନ୍ତି ତିନିଜଣ ପ୍ରାର୍ଥୀ। ଦୀନକୃଷ୍ଣ ପ୍ରଧାନ, ହରିହର ମହାପାତ୍ର ଆଉ ପାଟପୁର ଗାଁର ଶ୍ୟାମବନ୍ଧୁ ମହାନ୍ତି। ଆପଣା ଆପଣା ଜିତିବାର ପ୍ରତିଶ୍ରୁତି ଧରି ପ୍ରାର୍ଥୀମାନେ ପ୍ରଚାର ପ୍ରସାରରେ ଲାଗି ପଡ଼ିଛନ୍ତି। ଦଳୀୟ ପ୍ରାର୍ଥୀ ଭାବେ ଦୀନକୃଷ୍ଣ ଓ ହରିହର, ଆଉ ଶ୍ୟାମବନ୍ଧୁ ସ୍ୱାଧୀନ ପ୍ରାର୍ଥୀ ଭାବେ 'ସୂର୍ଯ୍ୟ' ଚିହ୍ନରେ ଲଢୁଛନ୍ତି। ସେ ପାଟପୁର ଗାଁର ମହାନ୍ତି ବଂଶର ନାମକରା ଲୋକ; ନିର୍ବାଚନରେ ହାରିବାର ପ୍ରଶ୍ନ ଉଠୁନି। ଅଥଚ ନିର୍ବାଚନ ପ୍ରଚାର ପତ୍ରରେ ସେହିପରି ଖର୍ଚ୍ଚ ଚାଲିଛି। ସ୍ୱାଭିମାନୀ ଲୋକ ସ୍ୱାଧୀନ ଭାବେ ଲଢୁଛନ୍ତି।

**ସେ ରାତାରାତି ଲୋକଙ୍କୁ ନୂଆ ସମ୍ଭାବନାର ଲୋଭ ଦେଖାଇ 'ଜଗନ୍ନାଥ'ଙ୍କ ରାଣ ନିୟମ ଖୁଆଇ ମାଗିନେଲେ ଖଣ୍ଡଖଣ୍ଡ ଭୋଟମାନ।**

ଘରେ ଯାହା ଥିଲା ସବୁ ଗୋଟିଆଗୋଟି ହୋଇ ଖର୍ଚ୍ଚ ସରିଲାଣି। ବନ୍ଧୁଙ୍କଠାରୁ ଧାର ଉଧାର ମଧ୍ୟ ଆସିଛି। କାଲି ନିର୍ବାଚନ ପ୍ରଚାରର ଶେଷ ଦିନ ପ୍ରଚାରରେ ଏକଲକ୍ଷ ଟଙ୍କା ଖର୍ଚ୍ଚର ଆକଳନ। ଶେଷକୁ ଶ୍ୟାମବନ୍ଧୁ ତାଙ୍କର ପାଟପୁର ଗାଁ ମୁଣ୍ଡ ଜମି ବିକ୍ରି ପାଇଁ ରାତାରାତି ଟଙ୍କା ଉଠାଇଲେ। ପ୍ରଚାର ପତ୍ର ସରିଲାଣି। ଏବେ ପ୍ରତି ମାସରେ ପାର୍ଟି ତରଫରୁ ଭୋଜି ଦେବାକୁ ଅଛି। ସତରଟି ସାହି ପାଇଁ ଶ୍ୟାମବନ୍ଧୁଙ୍କୁ ଦେବାକୁ ହେବ ପାଖାପାଖି ଅଶି ହଜାର ଟଙ୍କା। ଦିନ ଦୁଇଟାରେ ଭୋଟର କଥା ପଛଘୁଞ୍ଚା ଦେଲେ ଚଳେ ନାହିଁ। ଶ୍ୟାମବନ୍ଧୁ ବାବୁ ଗହୀର ବିଲର ଦୁଇ ଏକର ଜମି ବିକ୍ରି କରିବାର ପ୍ରସ୍ତାବ ଦେଇ ଟଙ୍କା ଉଠାଇଲେ।

ନିର୍ବାଚନ ସରିଲା। ଖରାଦିନ ଯାଇ ବର୍ଷା ଆସିଲାଣି। ଆକାଶରେ ମେଘମାଳ ଖେଳି ବୁଲିଲେଣି। ନିର୍ବାଚନର ଫଳାଫଳ ଘୋଷଣା ହୋଇଛି। ସତେ ଯେମିତି ଶ୍ୟାମବନ୍ଧୁଙ୍କ ଜୀବନ ଆକାଶରେ କଳାହାଣ୍ଡିଆ ମେଘ ମାଡ଼ି ଆସିଲା। ସାତ ଖଣ୍ଡ ଭୋଟରେ ଶ୍ୟାମବନ୍ଧୁ ବାବୁ ଶାସକ ପାର୍ଟି ଠାରୁ ହାରିଲେ। ହରିପୁର ପଞ୍ଚାୟତରେ ଯଦିବା ଶ୍ୟାମବନ୍ଧୁ ମହାନ୍ତି ଥିଲେ ସଭିଙ୍କର ଆପଣାର। କିନ୍ତୁ ରାଜନୀତିର ପଶାଖେଳ ଥିଲା ଭିନ୍ନ। ଦୀନକୃଷ୍ଣ ପ୍ରଧାନ ଶାସକ ଦଳର ପ୍ରାର୍ଥୀ, ରାତାରାତି ଲୋକଙ୍କୁ ନୂଆ ସମ୍ଭାବନାର ଲୋଭ ଦେଖାଇ 'ଜଗନ୍ନାଥ'ଙ୍କ ରାଣ ନିୟମ ଖୁଆଇ ମାଗି ନେଲେ ଖଣ୍ଡଖଣ୍ଡ ଭୋଟମାନ। ପ୍ରତିଶ୍ରୁତି ଦେଇଥିଲେ ମୁଁ ଏଥରକୁ ଆସିଲେ ପାର୍ଟି ତରଫରୁ ତୁମର ସବୁ ବ୍ୟବସ୍ଥା କରାଇଦେବି।

ଶ୍ୟାମବନ୍ଧୁ ବାବୁ ନିର୍ବାଚନ ପରେ ଆଉ ଗାଁ ଦାଣ୍ଡରେ ମୁହଁ ଟେକି ଚାଲିପାରିଲେ ନାହିଁ। ପ୍ରତିଦିନ ସାହୁକାର ଆସି ଘରେ ବସିଲା। ଅଭାବ ବଢୁଥାଏ। କରଜ ଟଙ୍କା ଶୁଝି ନ ପାରିବାରୁ, ଘରର ସ୍ତ୍ରୀ ଝିଅଙ୍କ କଥା କେଉଁଠି କେଉଁଠି ଦାଣ୍ଡରେ ଚର୍ଚ୍ଚା ହେଉଛି। ମହାନ୍ତିଙ୍କ ଝିଅ ରେବତୀ କୁଆଡ଼େ ବି.ଏ. କରୁଛି ରେଭେନ୍ସାରେ। ତା'ନେଇ ଗାଁରେ ନାନା କଥା ଶୁଣାଗଲାଣି। ଝିଅ ବାହାରେ ରହି ପାଠ ପଢୁଛି ନା ଦେହ ଦେଇ ବାପକୁ ସୁଧଟଙ୍କା ଗଣୁଛି। କି କଥା ଏସବୁ! କଥା ଗଡ଼ି ଗଡ଼ି ଶ୍ୟାମବନ୍ଧୁଙ୍କ କାନରେ ପଡ଼ିଲା। ବାପ ମନ ଛାଟିପିଟି

ହୋଇଯାଉଛି। ଲଜ୍ଜା, ଅପମାନରେ ମଥା ନଇଁ ଯାଉଛି। ହେଲେ କିଛି କରିବାର ବାଟ ନାହିଁ। ଏହାରି ଭିତରେ ରେବତୀର ବି.ଏ. ସରିଲା। ସେ ଏବେ ଉତ୍କଳ ବିଶ୍ୱବିଦ୍ୟାଳୟରେ ଏମ.ଏ.ରେ ଆଡ୍‌ମିସନ୍ ନେବ। ଆଡମିସନ ବାବଦରେ ସାତ ହଜାର ଟଙ୍କା ଦରକାର। ଶ୍ୟାମବନ୍ଧୁଙ୍କର ଦୁଇଟି ଗାଈ ଥିଲା ତାକୁ ବିକି କରି ଝିଅର ଆଡ୍‌ମିସନ୍‌ଟା ଯେନେତେନେକି କରିଦେଲେ। ଏହାରି ଭିତରେ ଦଶବାର ଦିନ ଗଲାଣି। ଏବେ ରେବତୀର କ୍ଲାସ ଆରମ୍ଭ ହେବ। ଏପଟେ ପଛକୁ ପଛ କରଜ ଲଦାଲଦି ହୋଇଛି। ଗୁରୁବାର ରାତିରେ ଶ୍ୟାମବନ୍ଧୁ ରେବତୀର ମା' ସଙ୍ଗରେ ରାତିଅଧ ଯାଏଁ କ'ଣ ବିଚାରୁଥିଲେ। ରେବତୀ ଆରପଟ ଘରେ ରହି କ'ଣ ଲେଖାପଢ଼ା କରୁଥାଏ। ତା' କାନରେ ଏତିକି ପଡ଼ିଲା ଯେ ଆମେ ଆମ ରେବତୀକୁ ପଢ଼ାଇବା।

ଶୁକ୍ରବାର ସକାଳୁ କୋର୍ଟ ଅଭିମୁଖେ ରେବତୀର ପରିବାର। ପରିବାର କହିଲେ, ବାପା, ମା ଓ ଝିଅଟିଏ। ଜେଜୀମା' ଦୁଇ ବର୍ଷ ତଳେ ଚାଲିଗଲେ ଆରପାରିକୁ। ପାଟପୁର ଗାଁର ମୁଣ୍ଡାମୁଣ୍ଡି କେଉଁ ଅମଳର କରଣ ବଂଶର ଘରବାରି, ବଗିଚା, ପୋଖରୀ ଯାହାଥିଲା ସବୁ କବଲା ହୋଇଗଲା। ସେଇ ଗାଁର ଦୀନବନ୍ଧୁ ପ୍ରଧାନଙ୍କର ଘନିଷ୍ଠ ବନ୍ଧୁ ଭଜମନ ସ୍ୱାଇଁଙ୍କ ନାମରେ। ଦିନ କେଇଟା ଭିତରେ କରଣ ବଂଶ ପାଟପୁର ଗାଁରୁ ନିଶ୍ଚିହ୍ନ ହୋଇଗଲେ।



ବଞ୍ଚିବାର ରାହାରେ ପରିବାରଟା ଏବେ ଭୁବନେଶ୍ୱର ଅଭିମୁଖେ ବାହାରିଲେ। ସେଇଠି ଝିଅ ରେବତୀର ବିଶ୍ୱବିଦ୍ୟାଳୟ। ରେବତୀ ଆଉ ନ ପଢ଼ି ବରଂ ଛୋଟ ମୋଟ କ'ଣ ଚାକିରିଟିଏ କରିବ ବୋଲି ଭାବିଥିଲା। ଶ୍ୟାମବନ୍ଧୁ ରେବତୀର ଏ କଥା ଶୁଣିଲେ। ବାପାର ଅଯୋଗ୍ୟପଣିଆ ପାଇଁ ଭୟରେ ଦେହ ଭିତରଟା ଥରି ଉଠିଲା। ନିଜକୁ ସମ୍ଭାଳୁ ସମ୍ଭାଳୁ କହି ଉଠିଲେ ଆମକୁ ଲଢ଼ିବାକୁ ହେବ। ଅନ୍ଧାର ସବୁବେଳେ ନ ଥାଏ। ଦିନେ ନା ଦିନେ ଅନ୍ଧାରର ପେଟଚିରି ଆଲୋକ ଆସିବ। ଶ୍ୟାମବନ୍ଧୁ ବାବୁ ସହରରେ ଛୋଟ ମୋଟ କାମଟିଏ ଠିକ୍ କରିନେଲେ। ରେବତୀ ମଧ୍ୟ କିଛି ପିଲାଙ୍କୁ ଟ୍ୟୁସନ୍ କରାଏ। ଭୁବନେଶ୍ୱର ସହରର ଘରଭଡ଼ା, ଚାଉଳ, ପରିବା, ତେଲ ଲୁଣ ସବୁ କିଣା। ନ କିଣିଲେ ନ ଚଳେ। ମଝିରେ ମଝିରେ ଅଣ୍ଟନିଅଣ୍ଟ ପଡ଼େ। ଅଭାବ ଏତେ ବଢ଼ିଯାଏ ଯେ ବେଳେ ବେଳେ ପରିବାରଟା ଠିଆ ଉପାସ। ସତେ ଅବା ପରିବାରଟା 'ନିର୍ଜଳା ଉପବାସ' ବ୍ରତ ପାଳନ କରୁଛି। ହଉ ପଛେ ଯେତେ କଷ୍ଟ ଆଉ କ'ଣ ଏକାଳେ କିଏ ଖାଇବାକୁ ନ ପାଇ ମରିଯାଉଛି। ଏଦିନ ସବୁବେଳେ ରହିବନି।

ଆଗପରି ଆଉ ରେବତୀର ଚଢ଼ଚଢ଼ି ଦୋଷ ନାହିଁ। ସେ ଯେତେ ଯେତେ ବଡ଼ ହେଉଛି ତା'ର ଚାଲିଚଳନ ବଦଳୁଛି। ସେତେ ସେତେ ନରମ, ସଂଯତ ଓ ଗମ୍ଭୀର ଜଣାପଡୁଛି। ଜେଜୀମା' ଗଲା ଦିନରୁ ରେବତୀର ସବୁ ଛଟକି ଦୋଷ ଯାଇଛି। ସତେ ଯେମିତି ରେବତୀ ବୁଢ଼ୀଟାକୁ ଚିଡେଇବା ପାଇଁ ଏମିତି ଚଢ଼ଚଢ଼ି ପରି ହୁଏ। ବୁଢ଼ୀଟା ନାତୁଣୀକୁ କେତେ ଆପଣାର କରିଥିଲା। ବୁଢ଼ୀ ଚାଲିଯିବା ପରେ ରେବତୀ ତାହା ବୁଝିଲା। ବେଳେ ବେଳେ ଉପରକୁ ଗାଳି ବର୍ଷିଦିଏ ସିନା ଲୋ ରେବ, ଲୋ ନିଆଁ, ଲୋ ପାଉଁଶ, ଲୋ ପୋଡ଼ାମୁହିଁ ଶବ୍ଦରେ। ହେଲେ ଅନ୍ତରରେ ରେବ ପାଇଁ ତା'ର ଭିତରଟା ସ୍ନେହଭରା ଆଶିଷରେ ପୂରି ଉଠେ।

ରେବତୀ ଏବେ ଉତ୍କଳ ବିଶ୍ୱବିଦ୍ୟାଳୟର ଛାତ୍ରୀ। ସେ ଶୁଣେ ବିଶ୍ୱବିଦ୍ୟାଳୟର କେତେ କାହାଣୀ, କେତେ କେତେ ପିଲାଙ୍କର ଉଜ୍ଜ୍ୱଳ ଭବିଷ୍ୟତର କଥା କେତେ କାହା ମୁହଁରୁ। ଯାହାର ଭାଗ୍ୟ ହୁଏ ସେ ଏ ବାଣୀବିହାରକୁ ଆସେ। ରେବତୀର ତାହା ହେଲେ ଭାଗ୍ୟ ଥିଲା ଉତ୍କଳ ବିଶ୍ୱବିଦ୍ୟାଳୟରେ ପଢ଼ିବାର। ଏ ବିଶ୍ୱବିଦ୍ୟାଳୟର ବିଶାଳ ପରିଜା ପାଠାଗାରର ଥାକ ଥାକ ବହିମାନଙ୍କର ନୀରବତା ତା' ଜୀବନକୁ ଉଚ୍ଚାଟିତ କରୁଛି। ସତେ ଯେମିତି ପାଠାଗାରର ଆତ୍ମା ପାଠକମାନଙ୍କୁ ଟାଣି ଆଣୁଛି ଚୁମ୍ବକର ଆକର୍ଷଣ ପରି। ସେଇଠି ଭବିଷ୍ୟ ତିଆରି ହୁଏ। ସେହି ଯେ ପାଠାଗାର ପରିଜା। ରେବତୀ ବାପା ମା'ଙ୍କ ସହ ବରମୁଣ୍ଡାରେ ରୁହେ। ସକାଳୁ ନିଜର ନିତ୍ୟକର୍ମ ସାରି ଖାଇବା ପିଇବା ସାରି ସାଙ୍ଗରେ ଦ୍ୱିପହରର ଖାଇବା ଧରି ବାହାରି ଆସେ ସାଢ଼େ

ନ'ରୁ ୟୁନିଭର୍ସିଟିକୁ। ବିଭାଗରେ ନିୟମିତ ଭାବରେ କ୍ଲାସ୍ ସାରି ସନ୍ଧ୍ୟା ପର୍ଯ୍ୟନ୍ତ ଲାଇବ୍ରେରୀ ଭିତରେ ଦିନ କାଟେ। ସଞ୍ଜାକୁ ଘରକୁ ଫେରି ପିଲା କେତେଟାଙ୍କୁ ଟ୍ୟୁସନ୍ କରାଏ। ଟ୍ୟୁସନ୍ ସାରି ବାପା ମା'ଙ୍କ ପାଖରେ ଘଡ଼ିଏ ବସେ। ପୁଣି ରାତି ଅଧଯାଏଁ ପଢ଼ାରେ ଲାଗିଥାଏ। ଏଡ଼େ ବଡ଼ ପୃଥିବୀରେ କେତେ ଲୋକଙ୍କ କେତେ ଧାଁ ଧପଡ଼ ଭିତରେ ଏଇ ତା'ର ପ୍ରତିଦିନର ରୁଟିନବନ୍ଧା ଜୀବନ।

ରେବତୀ ଆଗପରି ଆଉ ଏତେ ଉଦାସ ଜଣାଯାଉନାହିଁ। ସଂସାରରେ କେଉଁ କଥାଟା ଚିରଦିନ ପାଇଁ ଫ୍ରେସ ହୋଇ ରହେ ନାହିଁ। ପାଟପୁର ଗାଁର ଦୃଶ୍ୟ ଆସ୍ତେ ଆସ୍ତେ ମନରୁ ଲିଭିଲାଣି। ଗାଁ ଲୋକେ ବି ଏ ବଂଶଟାକୁ କେବେଠୁ ଭୁଲିଗଲେଣି। ଗାଁ ଛାଡ଼ିବାର ଏହା ଭିତରେ ବରଷେ ହେବଣି। ବସନ୍ତମାସ ରେବତୀର ସ୍ନାତକୋତ୍ତର ପଞ୍ଚମ ବର୍ଷ ସରିବା ହେଲାଣି। ମଳୟ ପବନ ବହିଲାଣି। ରେବତୀ ମନ ପୂରିଲା ପୂରିଲା ଲାଗୁଛି। କ'ଣ ହୋଇଛି କେଜାଣି ତା'ର। କ୍ଲାସ୍‌କୁ ଆସିଲା ବେଳକୁ କାହିଁକି କେଜାଣି ଏବେ ଗୋଟା ପଣେ ଝାଳେଇ ଯାଉଛି। ଭାରି ଲାଜ କଲାପରି ମନେ ହେଉଛି। ଗୋରା ଗାଲର କଳାଜାଇଟି ଭାରି ମାନୁଛି ତାକୁ। ତା'ର ଲାଜୁଆ ମୁହଁ କାହା କାହା ଆଖିରେ ଥରେ ଅଧେ ଧରା ଦେଇଛି। ହେଲେ କେହି ଠଉରେଇ ପାରନ୍ତିନି ରେବତୀର ମନକଥା। ଏଇ କେଇ ସପ୍ତାହ ହେବ ତାଙ୍କ ଅର୍ଥନୀତି ବିଭାଗକୁ ନୂଆ ଗେଷ୍ଟ୍ ଅଧ୍ୟାପକ ବାସୁ ସାର୍ ଆସିଛନ୍ତି। ସେ ଜେ.ଏନ୍.ୟୁ.ରୁ ଡକ୍ଟରେଟ ସାରି ଆସିଛନ୍ତି। ଆଜିର ବସନ୍ତ ଉତ୍ସବରେ ସଭିଏଁ ମାତିଛନ୍ତି। ଉଦ୍‌ଯାପନୀ ପର୍ଯ୍ୟାୟରେ ଫଗୁଖେଳ ପର୍ବ ଅଛି। ବାସୁ ସାର୍ ନୀଳନାଲି ଅବିର ଧରି ପିଲାଙ୍କ ସହ ଖେଳୁଛନ୍ତି। ଆଖି ଚାଲିଗଲା ରେବତୀ ଆଡ଼େ। ନୀଳରଙ୍ଗର ଅବିର ମୁଠାଏ ଧରି ବିଞ୍ଚି ଦେଲେ ରେବତୀ ଦେହରେ। ରେବତୀର ଦେହ ପୁଲକି ଉଠିଲା। ସେ ସମ୍ଭ୍ରମରେ ଲାଜେଇଗଲା। ମୁହଁରେ ଟିକେ ସ୍ମାଇଲ ଦେଇ ବାସୁ ସାର୍‌ଙ୍କ ପାଦରେ ଫଗୁ ବୁଣି ଧାଇଁ ଆସିଲା ସିଧା ଆରପଟ ନିରୋଳା ଶ୍ରେଣୀ କକ୍ଷକୁ। ସତେ ଯେମିତି ତା'ର କ'ଣ କିଛି ହୋଇଯାଇଛି। ତା' ମନ ଅଗଣାରେ କୋଇଲି 'କୁହୁ' 'କୁହୁ' ଡାକି ଉଡ଼ିଯାଉଛି।

**ତା'ର ଲାଜୁଆ ମୁହଁ କାହା କାହା ଆଖିରେ ଥରେ ଅଧେ ଧରା ଦେଇଛି। ହେଲେ କେହି ଠଉରେଇ ପାରନ୍ତିନି ରେବତୀର ମନକଥା।**

ସ୍ନାତକୋତ୍ତର ଷଷ୍ଠ ବର୍ଷର ପାଠପଢ଼ା ଆରମ୍ଭ ହେବ ଆଜିଠୁ। ପ୍ରଥମ କ୍ଲାସ ବାସୁ ସାର୍‌ଙ୍କର। ବାସୁ ସାର୍ ନିଜର ଲେକ୍‌ଚର ଭିତରେ ଓ.ଏ.ଏସ୍. ପାଇଁ ଆପ୍ଲାଏ କରିଥିବା ପିଲାଙ୍କୁ ଜାଣିବାକୁ ଚାହିଁଲେ। କେତେ ଜଣ ପୁଅ ହାତ ଟେକିଲେ। ଝିଅମାନଙ୍କ ଭିତରୁ କେବଳ ରେବତୀର ହାତ ଧୀରେ ଧୀରେ ଉଠିଲା।

ରେବତୀକୁ ଚାହିଁ ମିଠା ହସ ଫୁଟାଇ ବାସୁ ସାର୍ ପଚାରିଲେ ତୁମେ ପ୍ରିପାରେସନ କିପରି ହେଉଛ। ରେବତୀର ମନଟା ହଠାତ୍ ମଉଳିଗଲା। କାହିଁକି କେଜାଣି ଲାଜରେ ନା ଭୟରେ ତା' ମୁହଁ ତଳକୁ ହୋଇଗଲା ଏବଂ ଟିକିଏ ରହିକି ଦୁର୍ବଳିଆ କଣ୍ଠରେ ଶକ୍ତି ସଞ୍ଚୟ କରି କହିଲା ସାର୍ ୟୁଟ୍ୟୁବ୍ କ୍ଲାସ୍‌ରୁ କିଛି ଦେଖୁଛି ଆଉ ଆମ ଲାଇବ୍ରେରୀରୁ ବୁକ୍ ଆଣି କିଛି ପଢ଼ାପଢ଼ି କରୁଛି। ତାକୁ ଚାହିଁଲା ପରେ ସତେ ଯେମିତି ତା'ର ଅତୀତକୁ ପଢ଼ି ହେଉଥିଲା। ପୁଅମାନେ କହିଲେ ସେମାନେ କୁଆଡ଼େ ସହିଦ ନଗରର 'ବାନିକ୍' କୋଚିଂ ସେଣ୍ଟରରେ କୋଚିଂ ନେଉଛନ୍ତି। ବାସୁ ସାର୍ କ'ଣ ଭାବିଲେ କେଜାଣି ଆଉ ରେବତୀକୁ ଚାହିଁ କହି ପକାଇଲେ ମୁଁ ତୁମକୁ ଓ.ଏ.ଏସ୍. ପାଇଁ କୋଚିଂ ଦେବି। ତା'ପରଠାରୁ ସେ ସପ୍ତାହକୁ ତିନି ଦିନ ଚାରିଟାରୁ ପାଞ୍ଚଟା ପର୍ଯ୍ୟନ୍ତ ଓ.ଏ.ଏସ୍. ପାଇଁ ଏକ୍‌ସ୍ଟ୍ରା କ୍ଲାସ ନିଅନ୍ତି। ରେବତୀ ନିୟମିତ ବାସୁ ସାର୍‌ଙ୍କ କ୍ଲାସରେ ରୁହେ। ତାକୁ ଭଲ ଲାଗେ ତାଙ୍କ ପଢ଼ାଶୈଳୀ। ସେହି ତା'ର ପ୍ରେରଣାର ପୁରୁଷ। ବାସୁ ସାର୍‌ଙ୍କ ଶିକ୍ଷାଦାନ ରେବତୀ ମନରେ ବିପୁଳ ଶକ୍ତି ଆଣିଦିଏ। ବାସୁ ସାର୍‌ଙ୍କର ମଧ୍ୟ ରେବତୀର ପଢ଼ାପ୍ରତି ଥିବା ରୁଚି ଓ ନୀରବତା ତାଙ୍କୁ ଉତ୍ସାହିତ କରେ। ଏହା ବ୍ୟତୀତ ରେବତୀର ଆଉକିଛି କିଛି ଗୁଣ ଭଲ ଲାଗେ। ତାହା ନ ହୋଇଥିଲେ ସେ ରାତି ଅଧରେ ରେବତୀ କଥା ଭାବି ମୁରୁକି ହସ ଭିତରେ ତକିଆରେ ମୁହଁ ଲୁଚାନ୍ତି।

ରେବତୀ ବି ଏବେ ଦିନକୁ ଦିନ କାହିଁ କେଜାଣି ଅନ୍ୟମନସ୍କ ହୋଇ ଉଠେ। ଘଡ଼ିଏ ଲେଖାଏଁ ନୀରବରେ ବସେ। କ'ଣ କେଜାଣି ଭାବେ ? ଭାବନା ଶେଷରେ ମୁହଁର

ସ୍ମାଇଲ ବାହାରକୁ ଆପେ ଫୁଟି ଆସେ। ଦିନେ ରେବତୀର ମା' ଆଖିରେ ଏଇତକ ପଡ଼ିଛି। ତାକୁ କ'ଣ କହିବେ ବୋଲି ହେଉଥିଲେ। ପୁଣି ମନେ କଲେ ନାଇଁ ଝିଅଟା ଯେତେବେଳେ ଖୁସି ଅଛି ଥାଉ। ପଢ଼ାପଢ଼ିକୁ ନେଇ ବୋଧେ କିଛି ଖୁସି ଖବର ମିଳିଥିବ। ଏହାରି ଭିତରେ ଓ.ଏ.ଏସ୍.ର ପ୍ରିଲିମିନାରୀ ପରୀକ୍ଷା ସରିଛି। ଆଗକୁ ମୁଖ୍ୟ ପରୀକ୍ଷା ଅଛି। ସେଥିରେ ସେ ବସିବ। ଏପଟେ ଏମ.ଏ. ଷଷ୍ଠ ବର୍ଷର ପାଠର ଶେଷ ସେମିଷ୍ଟାର। ନିୟମିତ ତିନୋଟି ସେମିଷ୍ଟାର ରେଜଲ୍ଟରେ ସେ ପ୍ରଥମେ ଅଛି। ମନରେ ତା'ର ଅଖଣ୍ଡ ସଂକଳ୍ପ। ସେହି ସଂକଳ୍ପକୁ ଆହୁରି ମଜଭୁତ କରାଇବାର ପ୍ରେରଣା ଏବଂ ସାହାଯ୍ୟ ଯୋଗାଇ ଦେଉଛନ୍ତି ବାସୁ ସାର୍। ବାସୁ ସାର୍ ଦୁଇ ଚାରି ମାସ ଜେ.ଏନ.ୟୁ. ପ୍ରୋଜେକ୍ଟ କାମରେ ଯାଉଛନ୍ତି। ରେବତୀର ପଢ଼ାପଢ଼ିରେ ଯେମିତି କିଛି ଅସୁବିଧା ନ ହୁଏ, ସେଥିପାଇଁ ତାକୁ କେତେକ ବହିପତ୍ର ଯୋଗାଇ ଯାଇଛନ୍ତି। ରେବତୀ ଏବେ ଅନେକ ସମୟ ପରିଜା ଲାଇବ୍ରେରୀରେ କଟାଉଛି। ପରିଜାର ନୀରବତା ତାକୁ ବହି ଭିତରେ ମୁହଁ ଗୁଞ୍ଜାଇଛି। କିନ୍ତୁ ତାକୁ ମନେ ହେଉଛି ଯେମିତି ତା'ର ମନର ପ୍ରତିମା ହଜିଯାଇଛି। ଗଦା ଗଦା ବହି ଭିତରେ ବି ତାକୁ ଏକା ଏକା ମନେ ହେଉଛି। ଯାହା ଆଗରୁ କେବେ ହୋଇ ନାହିଁ। ଭିତରଟା କେଉଁ ଅଜଣା ଆକର୍ଷଣରେ ତା'ର କୋରି ହୋଇଯାଉଛି। ଏହାରି ନାଁ ବୋଧେ ପ୍ରେମ।



ସକାଳୁ ସକାଳୁ ରେବତୀ ବାପା ମା'ଙ୍କ ପାଦ ଛୁଇଁ ପ୍ରଣାମ ଜଣାଇ ଆଶୀର୍ବାଦ ଭିକ୍ଷା କଲା। ଏବେ ସେ ବାହାରି ଯିବ ଓ.ଏ.ଏସ. ପରୀକ୍ଷାକୁ। ରେବତୀର ମା'ଠାକୁର ଘରେ ଦୀପଜାଳି ବସିଲେ। ରେବତୀ ବାସୁ ସାର୍‌ଙ୍କୁ ଫୋନ୍ କରି ସାର୍‌ଙ୍କ ଆଶୀର୍ବାଦ ଲୋଡ଼ିଲା। ତାଙ୍କରି ପାଇଁ ତ ସେ ଆଜି ଏ ପରୀକ୍ଷାରେ ବସିବାକୁ ଯାଉଛି।

ପରୀକ୍ଷା ସରିବାର ଅନେକ ଦିନ ହୋଇଗଲାଣି। କାଲି ଓ.ଏ.ଏସ.ର ଫଳାଫଳ ଘୋଷଣା ହେଉଛି। ପାଟପୁର ଗାଁର ଘରେ ଘରେ ଖବରଟା ପିଟି ହେଉଛି। ରାତି ଯୋଗୁ ପଦାକୁ କଥାଟା ଆସିପାରୁନି। ସକାଳର ଖବରକାଗଜ ଆସିବାରୁ ପାଟପୁର ଗାଁରେ ସକାଳ ହେଲା। ପାଟପୁର ଗାଁର ଶ୍ୟାମବନ୍ଧୁ ମହାନ୍ତିଙ୍କ ଝିଅ ରେବତୀ ସମଗ୍ର ଓଡ଼ିଶାରେ ଓ.ଏ.ଏସ୍.ରେ ତୃତୀୟ ସ୍ଥାନ ଅଧିକାର କରିଥିବାର କଥା। ଖବରକାଗଜର ଆଗ ପୃଷ୍ଠାରେ ବଡ଼ ବଡ଼ ଅକ୍ଷରରେ ଲେଖା ହୋଇଛି। ଗାଁ ଲୋକେ ମୁହଁ ଚାହାଁ ଚାହିଁ ହୋଇ କଥା ହେଉଛନ୍ତି। କେହି ଜଣେ ତା' ଭିତରୁ କହି ଉଠିଲା ସେ କରଣ ବଂଶର ଝିଅ ତା'ବାପ ଗୋସିବାପ ଅମଳରୁ ସେ କଲମ ଧରିଆସୁଛନ୍ତି।


ବାଣୀବିହାରରେ କଥାଟା ଅନ୍ୟ ପ୍ରକାରର ଚର୍ଚ୍ଚା ଚାଲିଛି। ଯେଉଁ ଝିଅଟା ଇକୋନୋମିକସ୍ ଡିପାର୍ଟମେଣ୍ଟର ଟପ୍ପର ହୋଇଥିଲା। ସେ କୁଆଡ଼େ ଓ.ଏ.ଏସ୍. ପାଇଲା।

ବାଣୀବିହାର କ୍ୟାମ୍ପସର ଗୋପବନ୍ଧୁ ଛାତ୍ରାବାସରୁ ଆଚାର୍ଯ୍ୟ ହରିହର ଛାତ୍ରାବାସ, କୁନ୍ତଳା କୁମାରୀ ଛାତ୍ରୀ ନିବାସରୁ ଶୈଳବାଳା ଛାତ୍ରୀନିବାସ, ଗ୍ଲାସ କ୍ୟାଣ୍ଟିନରୁ ସେଣ୍ଟ୍ରାଲ କ୍ୟାଣ୍ଟିନ, ଗୋବିନ୍ଦ ମାର୍କେଟରୁ ଅଳକା ମାର୍କେଟ, ପୁରୁଣା ପ୍ରଶାସନିକ ଭବନରୁ ନୂଆ ପ୍ରଶାସନିକ ଭବନ, ପରିଜା ପାଠାଗାରରୁ ସବୁ ବିଭାଗ ଏବଂ ସକାଳର ଜଗନ୍ନାଥ ମନ୍ଦିର ବେଢ଼ାରୁ ସନ୍ଧ୍ୟାର ତାଳପାଦେଶ୍ୱରୀ ମନ୍ଦିରର ଆଳତି ଆସର ପର୍ଯ୍ୟନ୍ତ ସବୁଠି ରେବତୀର କଥା ପଡ଼ିଛି। ସଭିଙ୍କ ମୁହଁରେ ଗୋଟିଏ କଥା। ଏ ବାଣୀବିହାର କାହାକୁ ନିରାଶ କରେ ନାହିଁ।

ଏ ବାଣୀବିହାର ବିଦ୍ୟାର ବାଣୀବିହାର, ଏ ରେବତୀର ବାଣୀବିହାର, ବାସୁ ସାର୍‌ଙ୍କ ବାଣୀବିହାର, ପରିଜାର ବାଣୀବିହାର।

□□

ଲେଖକଙ୍କ ଇ-ମେଲ ଠିକଣା:
biswalhemanta26@gmail.com



ପ୍ରବନ୍ଧ

# ପୁସ୍ତକ ପ୍ରକାଶନର ସ୍ୱକୀୟ ଶୈଳୀ

ମାନସ ରଞ୍ଜନ ମହାପାତ୍ର

ପୁସ୍ତକର ପାଣ୍ଡୁଲିପି ସମ୍ପାଦନା ଓ ପ୍ରକାଶକଙ୍କ ପ୍ରକାର କଥା ଆମେ ଏହି ପତ୍ରିକାରେ ପୂର୍ବରୁ ଆଲୋଚନା କରିସାରିଛେ। ପାଣ୍ଡୁଲିପି ସମ୍ପାଦନା ସମ୍ପର୍କରେ ଓଡ଼ିଆରେ ବିଶେଷ ତଥ୍ୟ ବା ପୁସ୍ତକ ନାହିଁ। ଆମର ଉଦ୍ୟମ ଏ ଦିଗରେ ଏକ ପ୍ରୟାସ ମାତ୍ର।

ଆଗରୁ ଆମେ କଥା ହୋଇଛେ, ଭଲ ବହି ବାରି ହୋଇପଡ଼େ। ଏହି ବାରି ହେବାର ଲକ୍ଷଣ ହେଉଛି ବହିର ମୁଦ୍ରଣ, ସମ୍ପାଦନା ଓ ବିଷୟର ସ୍ୱକୀୟ ଶୈଳୀ। ଇଂରାଜୀରେ ଏହାକୁ 'ହାଉସ୍ ଷ୍ଟାଇଲ୍' କୁହାଯାଏ। ଏ ବିଷୟରେ ପ୍ରକାଶନ କଳାର ମହାନ ଗ୍ରନ୍ଥ 'ଚିକାଗୋ ମାନୁଆର ଅଫ ଷ୍ଟାଇଲ୍'ରେ ବିଶଦ ଭାବେ ଲେଖାଯାଇଛି।

> **ଭଲ ବହି ବାରି ହୋଇପଡ଼େ। ଏହି ବାରି ହେବାର ଲକ୍ଷଣ ହେଉଛି ବହିର ମୁଦ୍ରଣ, ସମ୍ପାଦନା ଓ ବିଷୟର ସ୍ୱକୀୟ ଶୈଳୀ।**

**ହାଉସ୍ ଷ୍ଟାଇଲ**

ହାଉସ ଷ୍ଟାଇଲ୍ ହେଉଛି ଏକ ସମ୍ପାଦନା, ସଂରଚନାର ନିୟମ ଏବଂ ପ୍ରକାଶକ, ମୁଦ୍ରକ, ଟାଇପସେଟର୍ ଆଦିଙ୍କ ପାଇଁ ଉଦ୍ଦିଷ୍ଟ/ପ୍ରଯୁଜ୍ୟ ନୀତି ସମୂହ, ଯାହାକି ଲେଖକ ଏବଂ ପାଣ୍ଡୁଲିପି ସମ୍ପାଦକଙ୍କ ଗୋଚରାର୍ଥେ ଆରମ୍ଭରୁ ଦିଆଯାଇଥାଏ। ପ୍ରକାଶନ ସଂସ୍ଥାର ନିଜସ୍ୱ ପାଣ୍ଡୁଲିପି ସମ୍ପାଦନା ଏକ ନିର୍ଦ୍ଦିଷ୍ଟ ବ୍ୟାକରଣଗତ ବ୍ୟବହାର ଏବଂ ତର୍କସଙ୍ଗତ କ୍ରମ, ଯଥା, ଶୀର୍ଷକ, ଉପଶୀର୍ଷକ, ନୋଟ ବା ଦ୍ରଷ୍ଟବ୍ୟ, କୋଟେଶନ (ଉଦ୍ଧୃତି) ଆଦିର ନିୟମ ଅନୁସରଣ କରିଥାନ୍ତି, ଯାହାକି ପାଣ୍ଡୁଲିପିର ପ୍ରସ୍ତୁତି ସମ୍ପର୍କରେ ପାଠକ ଏବଂ ମୁଦ୍ରକଙ୍କୁ ସୂଚନା ଦେଇଥାଏ। ଏଥିରେ ଥାଏ କ୍ରମାଗତ ଭାବେ ସଂକ୍ଷିପ୍ତୀକରଣ, ଅକ୍ଷର, ପଙ୍କଚୁଏସନ୍ ବା ବିରାମ, ଶବ୍ଦ ଖଣ୍ଡିତ କରିବାର ନିୟମାବଳୀ, ଯାହାକି ଲେଖକଙ୍କ ରଚନା ପାଠକକୁ ଶୃଙ୍ଖଳିତ ଭାବେ ବୁଝାଏ ଓ ମୁଦ୍ରକଙ୍କ ପାଇଁ ସରଳ, ଦିଗଦର୍ଶକର କାମ କରେ।

ଇଂରାଜୀ ଭାଷାର ବ୍ରିଟିଶ ଓ ଆମେରିକୀୟ ଲିପି ବା ବନାନ୍ ପଦ୍ଧତି ପରି ଭାରତୀୟ ଭାଷାମାନଙ୍କରେ ସଂଯୁକ୍ତାକ୍ଷର, ବିସର୍ଗ, ହଳନ୍ତ, ଚନ୍ଦ୍ରବିନ୍ଦୁ ଆଦିର ବ୍ୟବହାର ମଧ୍ୟ ହାଉସ୍ ଷ୍ଟାଇଲର ଅନ୍ତର୍ଭୁକ୍ତ। ସେହିପରି ଇଂରାଜୀର ଗ୍ଲସରୀ, ଥିସାରସ୍, ଏବଂ ଡିକ୍ସିନାରୀ ପରି ଭାରତୀୟ ଭାଷାମାନଙ୍କରେ ମାନକ ଶବ୍ଦକୋଷ ଓ ଭାଷାକୋଷ ରହିଛି। ଓଡ଼ିଆ ଭାଷାରେ ଗୋପାଳଚନ୍ଦ୍ର ପ୍ରହରାଜଙ୍କ ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷ ଗ୍ଲସରୀ, ଥିସାରସ୍ ଏବଂ ଡିକ୍ସିନାରୀର ଏକ ଅପୂର୍ବ ସଂଯୁକ୍ତ ଉଦାହରଣ।

ପ୍ରକାଶନ ସଂସ୍ଥାର ଲୋଗୋ ବା ଚିହ୍ନର ବ୍ୟବହାର ଓ ଅଳଙ୍କରଣ ମଧ୍ୟ ହାଉସ ଷ୍ଟାଇଲର ଅଂଶବିଶେଷ। ସାହିତ୍ୟ ଅକାଦେମିର ପୁସ୍ତକମାନଙ୍କର ଇନର୍ କଭରରେ ଅଜନ୍ତା ବା ଏଲୋରାର ଭାସ୍କର୍ଯ୍ୟର ଚିତ୍ର ଥାଏ। ସେହିପରି ନ୍ୟାସନାଲ ବୁକ୍ ଟ୍ରଷ୍ଟର ପ୍ରଚ୍ଛଦରେ ଥାଏ ବିଶିଷ୍ଟ ଶିଳ୍ପୀମାନଙ୍କର କଳାକୃତି। ଯେଉଁ ଓଡ଼ିଆ ପ୍ରକାଶକମାନଙ୍କ ଲୋଗୋ ବା ପ୍ରକାଶକୀୟ ଚିହ୍ନ ଉଲ୍ଲେଖଯୋଗ୍ୟ, ସେମାନେ ହେଲେ କଟକ ଷ୍ଟୁଡେଣ୍ଟସ୍ ଷ୍ଟୋର, ଲାର୍କ ବୁକ୍ସ, ଗ୍ରନ୍ଥ ମନ୍ଦିର, କାହାଣୀ, ଫ୍ରେଣ୍ଡସ ପବ୍ଲିସର ଇତ୍ୟାଦି। ଏଗୁଡିକ ଉତ୍ତମ ରେଖାଚିତ୍ର ବା କ୍ୟାଲିଗ୍ରାଫ ଉପରେ ଆଧାରିତ। ଅଧିକାଂଶ ଅସିତ୍ ମୁଖାର୍ଜୀଙ୍କ କଳାକୃତି।

କଭର ବନ୍ଧେଇ ମଧ୍ୟ ହାଉସ ଷ୍ଟାଇଲର ଏକ ଅଂଶ। କଲିକତାର ରାଇଟର୍ସ ୱାର୍କସପର ବହିଗୁଡ଼ିକର ବନ୍ଧାଇ କଳା - ତା ମଧ୍ୟ ବିଷୟ ବା କଥା ଅନୁସାରେ। ଗ୍ରନ୍ଥ ମନ୍ଦିରର ବିଶ୍ୱ ସାହିତ୍ୟ ଗ୍ରନ୍ଥମାଳା ବା ଭାରତୀୟ ସାହିତ୍ୟ ମାଳାର ପ୍ରଚ୍ଛଦ ଦେଖିଲେ ଭିତରେ କ'ଣ ଥିବ, ପାଠକ ସହଜରେ ବୁଝିପାରେ।

ପ୍ରକାଶନ ଓ ମୁଦ୍ରଣ ଛଡା ଲେଖକ ଓ ସଂପାଦକଙ୍କର ମଧ୍ୟ ନିଜ ନିଜ ସ୍ୱକୀୟ ଶୈଳୀ ବା ହାଉସ ଷ୍ଟାଇଲ୍ ଥାଏ। ଅନେକ ରୋମାଞ୍ଚ କାହାଣୀ ବା ଡିଟେକ୍‌ଟିଭ ଉପନ୍ୟାସର ଲେଖକଙ୍କର ନିଜ ନିଜ ନାୟକ ଥାଆନ୍ତି। ଏକଦା ଲାର୍କ ବୁକ୍ସ ପ୍ରକାଶିତ ସ୍ୱୀୟ କବିତା ପୁସ୍ତକମାନଙ୍କର ମୁଖବନ୍ଧ ନ ଲେଖି ରମାକାନ୍ତ ରଥ ପୃଷ୍ଠବନ୍ଧ ଲେଖୁଥିଲେ। ତାଙ୍କ ଦ୍ୱାରା ପ୍ରଭାବିତ ହୋଇ ମୋର ଦୁଇଟି ବହିରେ ମୁଁ ବି ପୃଷ୍ଠବନ୍ଧ ଲେଖେଇଲି। ସତ୍ୟ ମିଶ୍ରଙ୍କ ଗଳ୍ପ ସଂକଳନ 'ବହୁବଚନ'ରେ ସେଭଳି କିଛି ଲେଖାଥିବା ମୋର ମନେପଡୁଛି। ଅର୍ଦ୍ଧ ଶତାବ୍ଦୀ ତଳର କଥା। ସେକାଳ ପଖାଳ ଏବେ ଆଉ ନାହିଁ।

ଚିକାଗୋ ମାନୁଆଲ ଅଫ ଷ୍ଟାଇଲ୍ ଛଡା ପ୍ରକାଶକୀୟ ସ୍ୱକୀୟ ଶୈଳୀ ବିଷୟରେ ଆଉ ଯେଉଁ କେତୋଟି ବହିରେ ଅଛି ସେଗୁଡିକ ହେଲା:

୧. ହାର୍ଟସ୍ ରୁଲସ୍ ଫର୍ କମ୍ପୋଜିଟରର୍ସ ଆଣ୍ଡ ରିଲିଜ୍ ଆଣ୍ଡ ରିଲିଜ୍ ଆଟ୍ ଦି ୟୁନିଭରସିଟି ପ୍ରେସ୍, ଅକ୍ସଫୋର୍ଡ ୟୁନିଭରସିଟି ପ୍ରେସ୍ ୧୯୭୫

୨. ଏଡିଟରର୍ସ ଅର୍ ଏଡିଟିଂ ଆଇ.ଭି.ବି.ଟି ୧୯୯୩

୩. ଜୁଡିଥ୍ ବାଚେର, କପି ଏଡିଟିଂ, କାମ୍ବ୍ରିଜ୍ ୟୁନିଭରସିଟି ପ୍ରେସ୍, ୧୯୮୭

୪. ଆଇଜିଏନ୍‌ଓୟୁ କୋର୍ସ ମ୍ୟାଟେରିଆଲ୍ ଅର୍ ବ୍ୟାଙ୍କ ପବ୍ଲିସିଙ୍ଗ, ୨୦୦୧

୫. ପୁସ୍ତକ ରଚନା ବିଧି, ଓଡ଼ିଶା ରାଜ୍ୟ ପାଠ୍ୟ ପୁସ୍ତକ ପ୍ରକାଶନ ସଂସ୍ଥା, ପ୍ରଫୁଲ୍ଲ କୁମାର ତ୍ରିପାଠୀ,୨୦୧୧

୬. ସମ୍ବାଦ ରଚନା ବିଧି, ସମ୍ବାଦ, ପ୍ରଫୁଲ୍ଲ କୁମାର ତ୍ରିପାଠୀ,୧୯୮୮

୭. ଇଟିଭି ଭାଷା ସହଚର, ପ୍ରଫୁଲ୍ଲ କୁମାର ତ୍ରିପାଠୀ, ଇଟିଭି ୨୦୦୭

୮. ସମାନ୍ତର କୋଷ, ଅରବିନ୍ଦ କୁମାର ଓ କୁସୁମ କୁମାର ଏନ୍‌ବିଟି ୧୯୯୫

ହାଉସ ଷ୍ଟାଇଲ ବା ପ୍ରକାଶନର ସ୍ୱକୀୟ ଶୈଳୀ ଏକ ଢାଞ୍ଚା ବା ମଡେଲ, ଏହା ଅନେକଙ୍କ ମତରେ ପ୍ରକାଶକ, ମୁଦ୍ରକ, ସଂପାଦକ ଓ ସେମାନଙ୍କ ପାଇଁ ଦେଇଥିବା ନିର୍ଦ୍ଦେଶିକା। କେତେ ମାର୍ଜିନ ଦୁଇପଟରେ ରହିବ, ଦୁଇ ଧାଡ଼ି ଭିତରେ କେତେ ଜାଗା ଛାଡ଼ିବ, ଶୀର୍ଷକ ଓ ପାରାଗ୍ରାଫ ବା କବିତା ପଙ୍‌କ୍ତି ଭିତରେ କେତେ ଜାଗା ବା ସିଙ୍କ ରହିବ, ଏସବୁ ପ୍ରଥମେ ଦେଇଦେଲେ, ସଂପାଦକ ପାଇଁ ସମ୍ପାଦନା ଓ ଲେଖକଙ୍କ ପାଇଁ ରଚନା ସହଜ ହୁଏ; ମୁଦ୍ରକ ଏହି ନିର୍ଦ୍ଦେଶିକା ଅନୁସାରେ କାମ କରନ୍ତି।

**ଲେଖକୀୟ ଢାଞ୍ଚା**

ଅନେକଙ୍କ ମତରେ ଲେଖକୀୟ ରଚନା ଶୈଳୀ ହାଉସ ଷ୍ଟାଇଲ ନୁହେଁ, ମାତ୍ର ଲେଖକୀୟ ଢାଞ୍ଚା, ଯଥା ମୁଖବନ୍ଧ ରଖିବ କି ପୃଷ୍ଠବନ୍ଧ ରଖିବ, ପ୍ରତି ପଙ୍‌କ୍ତି ଭିତରେ କେତେ ଜାଗା ଛାଡ଼ିବ, ଶୀର୍ଷକ ଉପରେ ରଖିବ କି କଡ଼ରେ ରଖିବ, ଏ ନେଇ କିଛି ବ୍ୟତିକ୍ରମ ରହିଥିଲେ ଲେଖକ ନିଜ ପାଇଁ ଏକ ଷ୍ଟାଇଲ ସିଟ୍ ତିଆରି କରି ମୁଦ୍ରକ ବା ପ୍ରକାଶକଙ୍କୁ ଜଣାଇବେ। ଉଭୟଙ୍କ ସମ୍ମତିରେ ଏହା ସ୍ଥିର ହେବ ଏବଂ ପ୍ରକାଶକ ପୁସ୍ତକର ଆରମ୍ଭରେ ଏ ପ୍ରକାର ନୂତନ ଢାଞ୍ଚା ସମ୍ପର୍କରେ ପାଠକଙ୍କୁ ଜଣାଇବେ। ଓଡ଼ିଆ ସାହିତ୍ୟରେ ଦିଲ୍ଲୀପ ଦାସ, ଅମରେଶ ପଟ୍ଟନାୟକ ପ୍ରମୁଖ ଏ ପ୍ରକାର ନୂତନ ପ୍ରୟୋଗ 'ଆସନ୍ତାକାଲି' ପୃଷ୍ଠାରେ ସତୁରି ଦଶକରେ କରିଥିଲେ।

ପୁସ୍ତକର ସୂଚିପତ୍ର ଓ ପ୍ରକାଶକୀୟ ସୂଚନା ପୃଷ୍ଠା (ଇମ୍ପ୍ରିଣ୍ଟ) ମଧ୍ୟ ହାଉସ ଷ୍ଟାଇଲର ଅନ୍ତର୍ଭୁକ୍ତ। ଅଶି ଦଶକରେ ବହୁ ପତ୍ରିକା ନିଜ ସୂଚୀପତ୍ର ପଛପଟ ପ୍ରଚ୍ଛଦରେ ଛାପିଥିବା ଏହାର ଉଦାହରଣ। ତିନୋଟି ଭିନ୍ନ ପ୍ରକାରର ପ୍ରକାଶକୀୟ ସୂଚନା ପତ୍ର ଏଥିସହ ଦିଆଯାଇଛି। ପ୍ରଚ୍ଛଦପତ୍ରର ଗୋଟିଏ ଉଦାହରଣ ଅଛି।

ପୁସ୍ତକର ପଛ ପ୍ରଚ୍ଛଦରେ ଆଜିକାଲି ବହୁ ପ୍ରକାଶକ ବହି ଓ ଲେଖକଙ୍କ ସମ୍ପର୍କରେ ସୂଚନା ଦେଇଥାନ୍ତି। ତାହାକୁ ବ୍ୟାକ୍ ପେଜର ଟେକ୍ସଟ୍ ବା ପୁସ୍ତକ ଲେଖକଙ୍କ ସମ୍ପର୍କରେ ସୂଚନା ପତ୍ର କୁହାଯାଇପାରିବ। ଏକଦା ପେପରବ୍ୟାକ ବନ୍ଧେଇ ପ୍ରାୟ ନ ଥିଲା। ବୋର୍ଡ ବନ୍ଧେଇ ବହିର ପ୍ରଚ୍ଛଦ ଉପରେ ଏକ

ଜ୍ୟାକେଟ୍ ରହୁଥିଲା। ଜ୍ୟାକେଟର ପ୍ରଥମ ପଟେ ରହୁଥିଲା ବହି ଓ ପ୍ରକାଶନ ସଂସ୍ଥା ସମ୍ପର୍କରେ। ଶେଷ ପ୍ରଚ୍ଛଦ ପଛପଟ ଜ୍ୟାକେଟରେ ରହୁଥିଲା ଲେଖକଙ୍କ ସମ୍ପର୍କରେ। ପ୍ରତି ପ୍ରକାଶକଙ୍କ ଶୈଳୀ ଥିଲା ଅଲଗା ଅଲଗା – ସ୍ୱକୀୟ ହାଉସ ଷ୍ଟାଇଲ୍।

ହାଉସ ଷ୍ଟାଇଲ୍ ମୂଳତଃ ପ୍ରକାଶକଙ୍କ ଦ୍ୱାରା ପ୍ରକାଶନକୁ ସୁସଂହତ କରିବା ପାଇଁ ସ୍ଥିରୀକୃତ ନିୟମ। ଏହା ବ୍ୟାକରଣଗତ ବା ଅକ୍ଷରଗତ ହୋଇପାରେ। ମାତ୍ର ଯଦି ଲେଖକଙ୍କ ଶୈଳୀ ଏକ ବିଶେଷ ଶୈଳୀ ହୋଇଥାଏ (ଯଥା ମନୋଜ ଦାସ ବା ଏଚ୍. ଜି. ୱେଲସ୍) ତେବେ ପ୍ରକାଶକ ନିଜସ୍ୱ ସ୍ୱକୀୟ ପ୍ରକାଶନ ଶୈଳୀ ବଦଳାଇ ପାରନ୍ତି ବା ତା' ସହ ବୁଝାମଣା କରିପାରନ୍ତି।


**ହାଉସ ଷ୍ଟାଇଲ୍ ମୂଳତଃ ପ୍ରକାଶକଙ୍କ ଦ୍ୱାରା ପ୍ରକାଶନକୁ ସୁସଂହତ କରିବା ପାଇଁ ସ୍ଥିରୀକୃତ ନିୟମ।**

ତେବେ, ପ୍ରକାଶକଙ୍କ ନିର୍ଦ୍ଦେଶିକା ସ୍ପଷ୍ଟ ଓ ନିର୍ଦ୍ଦିଷ୍ଟ ହେବା ଜରୁରୀ। ହାଉସ ଷ୍ଟାଇଲର ଲକ୍ଷ୍ୟ ଭାଷାର ସ୍ଥିରତା ବା ଆକ୍ୟୁରାସି, ଗତି ବା ସ୍ପିଡ୍, ସ୍ଥିର ସଞ୍ଚାର ବା ଅନେଷ୍ଟ କମ୍ୟୁନିକେସନ, ପ୍ରକାଶନର ପରମ୍ପରା ବା କନଭେନସନ୍ ରକ୍ଷା, ବର୍ଣ୍ଣନାର ସ୍ୱଚ୍ଛତା ବା କ୍ଲାରିଟି ଓ ସମ୍ପାଦକଙ୍କ ପାଇଁ ପାଠକଙ୍କ ସୁବିଧା ନିମନ୍ତେ ପୁସ୍ତକର ବିଷୟ ସଂଯୋଜନାକୁ ସଙ୍ଗତ ରଖିବାରେ ସହଯୋଗ କରିବ। ଏହା ଏକ ନିୟମାବଳୀ, ମାତ୍ର ବ୍ୟତିକ୍ରମ ପାଇଁ କଠୋର ଦଣ୍ଡର ବ୍ୟବସ୍ଥା ନାହିଁ।

□□

ଲେଖକଙ୍କ ଇ-ମେଲ ଠିକଣା:
mrmahapatra@yahoo.co.in

ଧାରା ଶ୍ରୀରାଧା ଟ୍ରଷ୍ଟର ଏକ ଅନବଦ୍ୟ ପ୍ରକାଶନ




ଧାରା ଶ୍ରୀରାଧା

କବି – ମଙ୍ଗଳାପ୍ରସାଦ ପ୍ରଧାନ

DHARA SHREE RADHA TRUST
Regd. No.: 4108170538
Bhubaneswar, Odisha

**DHARA SHREE RADHA TRUST**
**(A Literary & Cultural Organisation)**
**Email - dharashreeradha2017@gmail.com**

କବିତା

# ଦୁଇଟି ଗଜଲ



ଜାକିର ଖାନ୍



(୧)

ଆଉ ଥରେ ଆଉ ଥରେ ମୋତେ ଛୁଇଁ ଯାଅ
ମିଛି ମିଛି ହେଉ ପଛେ ମୋର ହୋଇଯାଅ ।

ଆଉ ପଛେ ଆସ କି ନ ଆସ ପୁଣି କେବେ
ଶେଷ ଥର ପାଇଁ ତୁମେ ଥରେ ଆସିଯାଅ ।

ଦୁଃଖ ମୋର ହର କି ନ ହର ତୁମେ ହେଲେ
ଜଗତର ଦୁଃଖ ଯେତେ ହରି ନେଇଯାଅ ।

ନିଅ, ନିଅ ମୁଁ ନିଜକୁ, ତୁମକୁ ଦେଉଛି
ମୋତେ ନେଇ ସଦା ପାଇଁ ମୋତେ ପାଇଯାଅ।

କେହି ତୁମର ହେଉ ବା ନ ହେଉ ଜଗତେ
ହେଲେ ତୁମେ ସାରା ଜଗତର ହୋଇଯାଅ ।

ଜାକିର ଭାବୁଛି ବାଣ୍ଟିଦେବ ସେ ନିଜକୁ
କିଏ ନେବ ତା'କୁ ନିଅ, ନିଅ ନେଇଯାଅ ।

(୨)

ଦୁଃଖରେ ତ ଆଜି ଏ ଦୁନିଆ ପୂରା ବୁଡ଼ି ଅଛି
କିଏ ପୁଣି ଏଇ ସପନର ଜାଲ ବୁଣିଅଛି ।

କିଏ କାହାଠାରୁ ଅଲଗା କେମିତି କୁହ ତୁମେ
ସଭିଙ୍କୁ ତ ଏଇ ଧରା ଆମ କୋଳେ ଧରିଅଛି ।

କାହାକୁ କହିବି ନିଜର ମୋର ବା କିଏ ପର
ସଭିଙ୍କୁ ତ ମୋର ହୃଦୟରେ ମୁହିଁ ଭରି ଅଛି ।

କାହିଁକି ଆମରି ଭିତରେ ପୁଣି ଏତେ ଫାଟ କୁହ
କିଏ ସେ ଏମିତି ଚକ୍ରବ୍ୟୂହ ଏଠି ରଚି ଅଛି ।

ଯେପରି ତୁମକୁ ମୁହିଁ ବୁଝିଅଛି କୁହ ତୁମେ
ଆଉ କିଏ ବା ତୁମକୁ ସେଇପରି କ'ଣ ବୁଝି ଅଛି ।

ଜାକିର, କେତେ ତ ସୁନ୍ଦର ତୁମ ପୃଥିବୀ ଏଇ
କିଏ ସେ ତାକୁ ଏପରି ସୁନ୍ଦର କରିଅଛି।

□□

କବିଙ୍କ ଇ-ମେଲ ଠିକଣା:
zakirkhanbbsr@gmail.com



ମିନି ଗଳ୍ପ

# ବୋଉ ପାଇଁ ତିନୋଟି ସ୍କେଚ୍

ଲତିକା ବିଲାସ

## (୧) ବର୍ଗ ବନ୍ଧନୀ

ଦଶହରା ଛୁଟିରେ ସମସ୍ତେ ଗାଆଁକୁ ଆସିଥାନ୍ତି। ବଡ଼ଭାଇ, ସାନଭାଇ ଓ ଅଲିଭା। ହସଖୁସିରେ ଫାଟି ପଡୁଥାଏ ଘର। ପିଲାମାନଙ୍କର କିନ୍ତୁ ଯେଉଁଠି ରହିଲେ ବି ଗୋଟିଏ କାମ। ପାଠପଢ଼ା। ସେଦିନ ହଠାତ୍ ସାନଭାଇ ଝିଅ ଝୁନି ଗଣିତ ବହି ଧରି ବସିପଡ଼ିଲା ଅଲିଭା ପାଖରେ
...ପିଉସୀ ଏ ପିଉସୀ ! .... ଏଇ ବନ୍ଧନୀଟା ନା, ଉଁଉଁଉଁ.... ଭାରି କିଟିମିଟିଆ ପାଠ। ତୁମେ ପରା ମାଥ୍ ଟିଚର.... ବୁଝେଇ ଦିଅନା ପ୍ଲିଜ୍।

ଅଲିଭା ବୁଝାଉଥିଲା ଉଦାହରଣ ମାଧ୍ୟମରେ। ରେଖା ବନ୍ଧନୀ, ଚନ୍ଦ୍ର ବନ୍ଧନୀ, କୁଟିଳ ବନ୍ଧନୀ ଖୋଲୁଥିଲେ କ୍ରମାନ୍ୱୟରେ ....ନିଜ ନିଜର ହିସାବ ତୁଟେଇ। ଛୋଟରୁ ଛୋଟ ହେଉଥିଲା ଧାଡ଼ି। ଶେଷକୁ ବର୍ଗ ବନ୍ଧନୀ ମଝିରେ କେବଳ ଦୁଇଟି ସଂଖ୍ୟା। ଅଲିଭା ଦୀର୍ଘ ନିଃଶ୍ୱାସ ଛାଡ଼ି ଚାହିଁଲା



ଅଗଣାକୁ। ବୋଉ ଅଗଣାରେ ସମସ୍ତଙ୍କ ମନପସନ୍ଦ ଜିନିଷକୁ ଅଲଗା ଅଲଗା ପେଡ଼ି ପୁଟୁଳି ବାନ୍ଧି ସଜେଇ ରଖୁଥିଲା। ରାତି ପାହିଲା। ଜଣ ଜଣ କରି ସମସ୍ତେ ଚାଲି ଯାଉଥିଲେ ନିଜ ନିଜ ବାଟରେ। ପଛରେ ଲୁହ ପୋଛୁଥିଲା ବୋଉ।

## (୨) ବିଣ୍ଡି

ବୋଉ ଭାରି ଅଭିମାନୀ। ଛୋଟ ଛୋଟ କଥାରେ ଅଭିମାନ କରେ। ମୁହଁ ଲୁଚେଇ କାନ୍ଦେ। ବାପା ବୁଝାଇ କହନ୍ତି ---'ପାଗେଳିଟା, ବୁଢ଼ୀଟିଏ ହେଲଣି ଅଥଚ ସେଇ ନାକଫୁଲା ଗଲାନି ଏଯାଏଁ। ପୁଣି ଚୁପ୍ ଚୁପ୍ କହନ୍ତି ହେଲା ବାବା ସରି।'

ବୋଉର ସବୁ ରାଗ ଅଭିମାନ ପାଣି ଫାଟି କେମିତି ତରଳି ଯାଏ ବାପାଙ୍କର ସେ ଅନୁରାଗପୂର୍ଣ୍ଣ କଅଁଳ କଥା ପଦକରେ। ଏ ଭିତରେ ବିତି ଗଲାଣି ଅନେକ ବର୍ଷ।



ବାପାଙ୍କ ଅନ୍ତେ ବୋଉର ଅଭିମାନ ସବୁ ବରଫ ପାଲଟି ଗଲେଣି କେବେଠୁ। ସେଦିନ ବୋଉ ନିଜ ପାଦର ବଡ଼ ବିଣ୍ଡିକୁ ବ୍ଲେଡରେ ସଫା କରୁଥିବା ବେଳେ ମୋ ଝିଅ ରୀମା କହିଲା - ' ବାପା ଦେଖିଲ, ଜେଜେମା କ'ଣ କରୁଛନ୍ତି।

-- ଜେଜେମା ! କଞ୍ଚା ମାଉଁସ ଟାକୁ ଏମିତି ଛେଲୁଛ... କାଟୁନି ତୁମକୁ ? ମୋତେ ତ ଦେଖିକରି ବି କଷ୍ଟ ଲାଗୁଛି।'

ବୋଉ ରୀମା ମୁଣ୍ଡକୁ ଆଉଁସି କହିଲା-- 'ମୋର ଆଉ କ'ଣ ତୋ ଭଳି କଅଁଳ ଚମଡା ଅଛି ଯେ କାଟିବ ? କଷ୍ଟ ଲାଗିବ? କଣ୍ଟା, ପଥରର ଆଘାତ ସହି ସହି ବିଣ୍ଡି ହୋଇଗଲାଣି ପରା।'

ମୁଁ ଚାହିଁଲି ବୋଉର ମୁହଁକୁ। ଚଷମା ତଳେ ଲୁହ ଲୁଚାଉଥିଲା ବୋଉ ।

## (୩) ବିଲେଇ

ବଞ୍ଚିଥିବା ବେଳେ ଆଇ କହେ, 'ତୋ ବୋଉଟା ଭାରି ଆଇଁଷିଆଣୀ। ପୂରା ବିଲେଇ ତ। ମାଛ ନ ହେଲେ ଭାତ ରୁଚେନି ତାକୁ। ସେଥିପାଇଁ ତୋ ଅଜା ମାଛବାଲୀଟେ ନାଗୁଆ ରଖିଥିଲେ ପା।'



....ଏ କଥା ଶୁଣି ମୁଁ ମୁଣ୍ଡ ହଲାଏ। ମୁଁ ବି ଜାଣେ, ବୋଉ ମାଛ ଭଲପାଏ ବୋଲି ପ୍ରତି ରବିବାର ବାପା ମାଛ ଆଣନ୍ତି। ବୋଉ ସେ ମାଛ ଭାଜେ, ବେସର କରେ। ବାପା ପାଇଁ ମୁଣ୍ଡ ସହିତ ବଡ଼ ବଡ଼ ଖଣ୍ଡ ସିକାରେ ସାଇତି ରଖେ। ଆମ ଭାଇ ଭଉଣୀକୁ ପେଟଭାଗ ଖୁଏଇ ଅବଶିଷ୍ଟ ଲାଞ୍ଜର କଣ୍ଟାକୁ ଚୁଚୁମି ସଫା କରିଦିଏ ବୋଉ।

.... ସୁନୟନା ଆସିଲା ପରେ ଆଲମିରା ଚାବି ଭଳି ରୋଷେଇ ଦାୟିତ୍ୱ ବି ଚାଲିଗଲା ତାଙ୍କ ହାତକୁ। ସେ ମଧ ଭଲ ରାନ୍ଧନ୍ତି। ମନ ଜାଣି ଗିନାଏ ମାଛ ଭଜା ଥୋଇଦିଅନ୍ତି ବୋଉର ଭାତ କଂସା ଆଗରେ। ପାଖରେ ବସେଇ ଦିଅନ୍ତି ଶିଲୁ ଆଉ ଶୁଭମ୍‌କୁ। ବୋଉ କଣ୍ଟା ଛଡେଇବା ଆଗରୁ ଆଁ ସବୁ ଲମ୍ବି ଆସନ୍ତି।

.... ଆଜି ପିଣ୍ଡ ପଡୁଛି ବୋଉର। ସୁନୟନା ଆଣି ଥୋଇ ଦେଇଛନ୍ତି ଛଣା ମାଛ ଖଲିଏ। କହିଛନ୍ତି , ସବୁ ମାଛ ପତରରେ ବାଢ଼ିଦେବ। ଜାଣିଛ ତ, ବୋଉ କେମିତି ବିଲେଇ। ସୁନୟନା କଥା ଶୁଣି ଲୁହ ଛଳଛଳ ହୋଇଗଲା ମୋ ଆଖି। ଆଖି ପୋଛି ଚାହିଁଲା ବେଳକୁ ପଡିଥିବା ପିଣ୍ଡ ପତର ଅନ୍ୟମାନଙ୍କ ଖଲିରେ ଥିଲା ଲାଗି ପ୍ରସାଦ ହୋଇ।

□□

ଲେଖିକାଙ୍କ ଇ-ମେଲ ଠିକଣା:
bilashlatika@gmail.com

'ସାହିତ୍ୟ ଚର୍ଚ୍ଚା' ପତ୍ରିକାର ବାର୍ଷିକ ସଂଗ୍ରହ

ଦୁଇ ବର୍ଷର ୧୨+୧୨ଟି ସଂଖ୍ୟା ଏକତ୍ର ବନ୍ଧାଇ ହୋଇ ଉପଲବ୍ଧ ଅଛି।




ଭୁବନେଶ୍ୱର ପୁରୁଣା ବସ୍‌ଷ୍ଟାଣ୍ଡରେ ଥିବା ନାରାୟଣୀ ବୁକ୍‌ଷ୍ଟଲ୍‌ରୁ ଆଗ୍ରହୀ ପାଠକମାନେ ଏହାକୁ ସଂଗ୍ରହ କରିପାରିବେ।

ପ୍ରତ୍ୟେକଟିର ମୂଲ୍ୟ : ଟ.୩୬୦/- ମାତ୍ର





ଶିଶୁ ଗଳ୍ପ


# କଇଁଛ ଓ ଦୁଷ୍ଟ ମାଙ୍କଡ଼

ସ୍ନିଗ୍ଧା ନାୟକ

ଅନେକ ବର୍ଷ ତଳର କଥା। ଆମର ଏ ଟୁଙ୍ଗୁରୀ ପାହାଡ଼ର ସେପାଖେ ଥିବା ଜଙ୍ଗଲରେ ମେକ୍ ନାମକ ମାଙ୍କଡ଼ଟିଏ ବାସ କରୁଥିଲା। ସେ ତା'ର ଖଳ ପ୍ରକୃତି ପାଇଁ ଜଣାଶୁଣା ଥିଲା। ଜଙ୍ଗଲରେ ବାସ କରୁଥିବା ଅନ୍ୟ ପ୍ରାଣୀ ତାକୁ ଜମାରୁ ପସନ୍ଦ କରୁ ନ ଥିଲେ। ସେ ସବୁ ପ୍ରାଣୀଙ୍କୁ ଉପହାସ କରେ। ସବୁବେଳେ ସେ ଗଛର ଏ ଡାଳରୁ ସେ ଡାଳକୁ ଡେଇଁଥାଏ। ଅନ୍ୟମାନଙ୍କ ଖାଦ୍ୟ ଛଡ଼ାଇ ନିଏ ଆଉ ହଇରାଣ କରେ। ତା' ସାଥୀମାନେ ତାକୁ ଅନେକ ଥର ବୁଝାଇ କୁହନ୍ତି 'ମେକ୍ ଦୟାଳୁ ହୁଅ, ଅନ୍ୟମାନଙ୍କ ସହ ଏଭଳି ବ୍ୟବହାର କରିବା ଅନୁଚିତ୍।

ଦିନେ ତୁମକୁ ଏସବୁ ପାଇଁ ପଶ୍ଚାତାପ କରିବାକୁ ହେବ।'

କିନ୍ତୁ ମେକ୍ ସେମାନଙ୍କ କଥାକୁ ଅଣଶୁଣା କରିଦିଏ। ସେ ତା' ଦୁଷ୍ଟାମୀକୁ ମଜାଳିଆ ଖେଳ ଭାବେ। ନିଜକୁ ସବୁଠୁ ଚତୁର ମନେକରେ ଆଉ ଅନ୍ୟ ସମସ୍ତେ ତା'ଠୁ ହାରିଯିବ ବୋଲି ତା'ର ଦୃଢ଼ ବିଶ୍ୱାସ ଥାଏ। ସେ ତା' ଦୁଷ୍ଟାମି କରିବାର ଗୋଟାଏ ବି ସୁଯୋଗ ହାତଛଡ଼ା କରେନି।



ଦିନେ ଟୋମି ବୃଦ୍ଧ କଇଁଛ ଜଙ୍ଗଲ ରାସ୍ତା ଦେଇ ଯାଉଥାଏ। ଟୋମି ଖୁବ୍ ଶାନ୍ତ ସ୍ୱଭାବର ପ୍ରାଣୀ। ସେ ତା' ମନ୍ଥର ଗତିରେ ଆଗକୁ ଆଗଉଥାଏ। ସେତିକିବେଳେ ସେଇ ରାସ୍ତା କଡ଼ରେ ଥିବା ଗଛର ଏ ଡାଳରୁ ସେ ଡାଳକୁ ମେକ୍ ଡିଆଁ ମାରୁଥାଏ। ଟୋମି କଇଁଛକୁ ଦେଖି, ଗଛରୁ ଡିଆଁ ମାରି ତଳକୁ ଆସି ଟୋମି ସମ୍ମୁଖରେ ଛିଡାହେଲା। ଟୋମି କଇଁଛ ମେକ୍‌ର ଦୁଷ୍ଟାମି ସହ ପରିଚିତ ଥିଲା ତେଣୁ ସେ ତା' ସହ ନ ଲାଗି ନିଜ ପଥ ବଦଳାଇନେଲା। ମେକ୍ କିନ୍ତୁ ଛାଡ଼ିବାବାଲା ନୁହଁ। ସେ ପୁଣି ଡିଆଁ ମାରି କଇଁଛର ରାସ୍ତା ଅବରୋଧ କରି ଛିଡାହେଲା ଓ କହିଲା 'ତୁମେ ଏତେ ଧୀରେ କାହିଁକି ଚାଲୁଛ ? ତୁମେ କ'ଣ ମୋ ଭଳି ଧାଇଁ ପାରିବ ?' ଆହୁରି ଅନେକ କଥା କହି ଟୋମିକୁ ଉପହାସ କଲା।


ଟୋମି କଇଁଛ ଶାନ୍ତସ୍ୱରରେ କହିଲା 'ମେକ୍, ତୀବ୍ର ଗତିରେ ଦୌଡ଼ିବା କିମ୍ବା ଡିଆଁ ମାରିବା ସବୁକିଛି ନୁହଁ। ଜୀବନତମାମ ଏମିତି ଡିଆଁକୁଦା କରିବା ଛଡ଼ା ଆହୁରି ଅନେକ କିଛି ଅଛି। ତମେ ଭଲ ଜ୍ଞାନ ଆହରଣ କରିବାକୁ ଚେଷ୍ଟା କର।'

'ଆଚ୍ଛା ! ତୁମେ ମତେ ଏତେ ଉପଦେଶ ଦେଉଛ ତ ଚାଲ ପରୀକ୍ଷା କରିବା ମୁଁ ଠିକ୍ ନା' ତୁମ ଉପଦେଶ ଠିକ୍। ଚାଲ ଦୁହେଁ ଦୌଡ଼ ଲଗାଇବା କିଏ ଜଙ୍ଗଲର ଅନ୍ୟ ପାର୍ଶ୍ୱରେ ଥିବା ଟୁଙ୍ଗୁରୀ ପାହାଡ ପାଖରେ ଆଗ ପହଞ୍ଚିବ।'

କଇଁଛ ତା' କଥାରେ ରାଜି ହେଇଗଲା। ମେକ୍ ସଂକ୍ଷିପ୍ତ ପଥକୁ ଚୟନ କରି ଦୌଡ଼ ମାରିଲା। ଯୋଉ ପଥ ଦେଇ ସେ ଆଗରୁ କେବେ ଯାଇ ନ ଥିଲା। ସେ ଅଜଣା ପଥଟି କଣ୍ଟାବୁଦାରେ ଭରପୂର ଓ ପଥୁରିଆ ଥିଲା। ମେକ୍ ଗୋଟାଏ ପରେ ଗୋଟାଏ ଅନେକ ଅସୁବିଧାର ସମ୍ମୁଖୀନ ହେଲା। କେତେବେଳେ ତା' ଦେହରେ କଣ୍ଟାଲାଗି ରକ୍ତ ଝରିଲା ତ କେବେ ପଥର ଉପରେ କଚାଡ଼ି ହୋଇ ପଡ଼ିଲା ତ ପୁଣି କେତେବେଳେ ବଡ଼ ବଡ଼ ବୃକ୍ଷର ଶକ୍ତ ଡାଳ ତା' ମୁଣ୍ଡରେ ବାଜିବାରୁ ରକ୍ତାକ୍ତ ହେଲା। ସେଇ ଭିତରେ

ତା'ର ଅନେକ ସମୟ ଚାଲିଗଲା। ଅଜଣା ପଥଟି ଯେତେ କଠିନ ଥିଲା ସେତିକି ବିପଜ୍ଜନକ ମଧ୍ୟ।

ଟୋମି କଇଁଛ କିନ୍ତୁ ତା'ର ମନ୍ଥର ଗତି ନେଇ ତା' ବୁଦ୍ଧିକୁ ଉପଯୋଗ କରି ଠିକ୍ ପଥରେ ଆଗେଇଲା। ତାକୁ ସମୟ ଲାଗିଲା କିନ୍ତୁ ଖୁବ୍ ଆରାମରେ ମେକ୍‌ଠୁ ଆଗ ଜଙ୍ଗଲର ଅନ୍ୟ ପାର୍ଶ୍ୱରେ ଥିବା ଟୁଙ୍ଗୁରୀ ପାହାଡ଼ ପାଖରେ ପହଞ୍ଚିଲା।



ଟୋମି କଇଁଛ ପହଞ୍ଚିବାର ଅନେକ ସମୟ ପରେ ମେକ୍ କ୍ଳାନ୍ତ ଓ ଖଣ୍ଡିଆଖାବରା ହୋଇ ପହଞ୍ଚିଲା। ସେ ବିଶ୍ୱାସ କରି ପାରିଲା ନାହିଁ ଯେ ଗୋଟାଏ ମନ୍ଥର ଗତିରେ ଚାଲୁଥିବା ପ୍ରାଣୀଠୁ ସେ ହାରିଯାଇଛି। ସେ ବୁଝିପାରିଲା ଯେ ଜିତିବା ପାଇଁ ଠିକ୍ ଯୋଜନା ଓ ବୁଦ୍ଧି ଦରକାର। ଏଭଳି ବିନା ଭାବିଚିନ୍ତି ଡେଇଁ ପଡ଼ିବା ଦ୍ୱାରା କାର୍ଯ୍ୟ ସିଦ୍ଧି ହୁଏନି।

ମେକ୍ ଅତ୍ୟଧିକ କ୍ଳାନ୍ତ ଓ ଖଣ୍ଡିଆଖାବରା ହେଇଯାଇଥିବାରୁ ଚେତା ହରାଇ ପଡ଼ିଗଲା। ଟୋମି କଇଁଛ ତା'ର ଯତ୍ନ ନେଲା। ଅନ୍ୟ ପ୍ରାଣୀମାନେ ମଧ୍ୟ ମେକ୍‌କୁ ଖାଦ୍ୟ ଆଣି ଖାଇବାକୁ ଦେଲେ। ସମସ୍ତଙ୍କ ସେବା ପାଇ ସେ ଖୁବ୍ ଶୀଘ୍ର ସୁସ୍ଥ ହେଇପଡ଼ିଲା। ସେ ତା'ର ଦୁଷ୍ଟାମି ପାଇଁ ସବୁ ପ୍ରାଣୀଙ୍କୁ କ୍ଷମା ପ୍ରାର୍ଥନା କଲା। ଆଉ ସେଦିନ ଠୁ ସେ ତା' ଦୁଷ୍ଟାମି ଛାଡ଼ିଦେଇ ସମସ୍ତଙ୍କ ସହ ମିଳିମିଶି ରହିଲା। ସମସ୍ତେ ମିଳିମିଶି ରହିବା ଦ୍ୱାରା ଜଙ୍ଗଲରେ ସୁସ୍ଥ ପରିବେଶଟେ ଗଠନ ହେଲା।

□□

ଲେଖିକାଙ୍କ ଇ-ମେଲ ଠିକଣା:
snigdhama78@gmail.com

## 'ସାହିତ୍ୟ ଚର୍ଚ୍ଚା'କୁ ଲେଖା ପଠାଇବାର ନିୟମାବଳୀ

୧. 'ସାହିତ୍ୟ ଚର୍ଚ୍ଚା' ଏକ ପାରିବାରିକ, ସାଂସ୍କୃତିକ, ଆଧ୍ୟାତ୍ମିକ, ଗବେଷଣାତ୍ମକ ଅବା ଫିଚର-ଧର୍ମୀ ପତ୍ରିକା ନୁହେଁ, ବରଂ ଏକ ନିରୁତା ସାହିତ୍ୟ ପତ୍ରିକା। ଲେଖକମାନେ ନିଜର ଲେଖା ପଠାଇବା ବେଳେ ଏହା ଦୃଷ୍ଟିରେ ରଖିବା ପାଇଁ ଅନୁରୋଧ।

୨. ପ୍ରବନ୍ଧ, ସମାଲୋଚନା, ଗଳ୍ପ, ରମ୍ୟରଚନା, ବ୍ୟଙ୍ଗ, କବିତା, ଅନୁବାଦ ଓ ଶିଶୁଗଳ୍ପ ଆଦି ଯେକୌଣସି ବିଭାଗର ଲେଖା ପଠାଇ ପାରନ୍ତି। ଆମେ ଗଦ୍ୟ ରଚନାଗୁଡ଼ିକୁ ଅଧିକ ପ୍ରାଧାନ୍ୟ ଦେଉ।

୩. ପତ୍ରିକା ପାଇଁ କୌଣସି ପ୍ରବନ୍ଧ ଲେଖିବା ଆରମ୍ଭ କରିବା ପୂର୍ବରୁ ଦୟାକରି ଆମକୁ ତାହାର ବିଷୟ ସମ୍ପର୍କରେ ପୂର୍ବରୁ ଇ-ମେଲ୍ କିମ୍ବା ହ୍ୱାଟ୍‌ସଆପ୍ ଯୋଗେ ଜଣାନ୍ତୁ। ଆବଶ୍ୟକ ହେଲେ ଏ ବିଷୟରେ ଫୋନ୍‌ରେ ମଧ୍ୟ ଆଲୋଚନା କରିପାରନ୍ତି।

୪. ଲେଖାଗୁଡ଼ିକୁ ଟାଇପ୍ କରି ଇ-ମେଲ୍ ଯୋଗେ info@sahityacharcha.com ଠିକଣାରେ କିମ୍ବା ଆମର ହ୍ୱାଟସଆପ୍ ନମ୍ବର 9368772506 କୁ ପଠାଇବାକୁ ଅନୁରୋଧ। ଆବଶ୍ୟକ ସ୍ଥଳେ ସ୍ୱହସ୍ତଲିଖିତ ରଚନାର ସ୍ପଷ୍ଟ ଛବି ଉଠାଇ ମଧ୍ୟ ପଠାଇପାରନ୍ତି।

୫. ପୂର୍ବ ପ୍ରକାଶିତ କୌଣସି ଲେଖା ନ ପଠାଇବାକୁ ଅନୁରୋଧ।

୬. ଲେଖା ସହିତ ଲେଖକ ବା ଲେଖିକାଙ୍କର ଏକ ଫଟୋ, ମୋବାଇଲ୍ ନମ୍ବର ଏବଂ ଇ-ମେଲ୍ ଠିକଣା ରହିଥିବା ଆବଶ୍ୟକ।


୭. ଅତି ଦୀର୍ଘ ଲେଖା ନ ପଠାଇବାକୁ ଅନୁରୋଧ।

୮. ଲେଖକମାନଙ୍କ ପାଇଁ ଆମର ଶ୍ରଦ୍ଧା ଓ ସମ୍ମାନର ନିଦର୍ଶନ ସ୍ୱରୂପ କିଞ୍ଚିତ୍ ମାନଦେୟର ବ୍ୟବସ୍ଥା ଅଛି। କିନ୍ତୁ ଲେଖାଟି ପୂର୍ବରୁ ଅନ୍ୟତ୍ର ପ୍ରକାଶିତ ହୋଇଥିବାର ଜଣାଗଲେ ଏହି ମାନଦେୟ ରାଶି ପ୍ରେରଣ ହୁଏ ନାହିଁ। ଆମର କେବଳ ଅନ୍‌ଲାଇନ୍ ସଂସ୍କରଣରେ ପ୍ରକାଶିତ ରଚନା ପାଇଁ ମଧ୍ୟ ମାନଦେୟ ପ୍ରେରଣ ହୁଏନାହିଁ।

୯. ଚୟନ କରାଯାଇଥିବା ଲେଖାର ପ୍ରକାଶନ ପାଇଁ ଅନ୍ତତଃ ଦୁଇମାସ ଅପେକ୍ଷା କରିବା ପାଇଁ ନିବେଦନ।

୧୦. ଅପ୍ରକାଶିତ ଲେଖାର କାରଣ ଦର୍ଶାଇବା ପାଇଁ ସମ୍ପାଦନାମଣ୍ଡଳୀ ବାଧ୍ୟ ନୁହନ୍ତି।

୧୧. ପ୍ରକାଶନ ପୂର୍ବରୁ ଲେଖାଗୁଡ଼ିକୁ ଆବଶ୍ୟକ ମୁତାବକ ସଂପାଦନା, ସଂଶୋଧନ ବା ପୁନର୍ଲିଖନ କରିବାର ଅଧିକାର ସଂପାଦନା ମଣ୍ଡଳୀର ରହିଛି।




ପୁସ୍ତକ ସମୀକ୍ଷା

# ଭଙ୍ଗାଘରେ ଚକାଜହ୍ନ

**ଲେଖକ: ଡ. ବସନ୍ତ କୁମାର ଦାସ**
**ପ୍ରକାଶିକା: ଶାନ୍ତିଲତା ଦାସ, ଭୁବନେଶ୍ୱର**
**ପୃଷ୍ଠା: ୫୧୨ ମୂଲ୍ୟ: ଟ. ୭୦୦/-**

ଆଲୋଚ୍ୟ ପୁସ୍ତକଟିକୁ ଆମେ ଓଡ଼ିଆ ଆତ୍ମଜୀବନୀ ସାହିତ୍ୟର ଏକ ଉଲ୍ଲେଖନୀୟ କୃତି ବୋଲି କହିପାରିବା। ବିଶିଷ୍ଟ ମନସ୍ତତ୍ତ୍ୱବିତ୍, ଅଧ୍ୟାପକ ତଥା ନାଟ୍ୟବିତ୍ ଡ଼. ବସନ୍ତ କୁମାର ଦାସଙ୍କର ଏହା ଏକ ସୁଖପାଠ୍ୟ ଆତ୍ମଚରିତ। ନିଜର ଜନ୍ମବୃତ୍ତାନ୍ତଠାରୁ ନେଇ ଅଧ୍ୟାପନା ବୃତ୍ତିରୁ ଅବସର ଉପରାନ୍ତେ 'ଚେତନା' ନାମକ ଅନୁଷ୍ଠାନରେ ଯୋଗଦାନ ପର୍ଯ୍ୟନ୍ତ ସୁଦୀର୍ଘ କାଳର ଏକ ନିଖୁଣ ଦସ୍ତାବେଜ ବହନ କରେ ପୁସ୍ତକଟି।

ଏହି ଆତ୍ମଚରିତ ରଚନା କରିବା ପଛରେ ନିଜର ଅଗ୍ରଜ ତଥା ପ୍ରଥିତଯଶା ଓଡ଼ିଆ ପ୍ରାବନ୍ଧିକ ସ୍ୱର୍ଗତ ଚିତ୍ତରଞ୍ଜନ ଦାସଙ୍କଠାରୁ ସେ ପାଇଥିବା ପ୍ରେରଣା ବିଷୟରେ ଲେଖକ ବିସ୍ତୃତ ଭାବରେ ଉଲ୍ଲେଖ କରିଛନ୍ତି ନିଜର 'ଆଦ୍ୟକଥନ'ରେ। ଯେମିତି ମନେହୁଏ, ସ୍ୱର୍ଗତ ଦାସ ବାରମ୍ବାର ତାଗିଦ୍ କରିନଥିଲେ ଲେଖକଙ୍କ କଲମରୁ ଏହି ଆତ୍ମକଥନଟି ସାକାର ହୋଇ ପାରିନଥା'ନ୍ତା।

ପୁସ୍ତକଟି ଥରେ ପଢ଼ିବା ଆରମ୍ଭ କଲେ ନିଜର ଜୀବନସ୍ମୃତିର ଉପସ୍ଥାପନା କ୍ରମରେ ଲେଖକଙ୍କ ଏକାତ୍ମ ଅନ୍ତରଙ୍ଗତାର ସ୍ୱର ଆମକୁ ଗଭୀର ଭାବରେ ସ୍ପର୍ଶ କରେ; ଯେମିତି,

"କନ୍ଥା ଉପରେ ନିଶ୍ଚିନ୍ତରେ ଶୋଇଥିବା ପୁଅର କ'ଣ ଯାଏ ଆସେ? ସେ କ'ଣ ଜାଣିପାରୁଛି ଯେ ଯୋଉ ମାଆର ଅନ୍ତ ଫାଡ଼ି ସେ ବାହାରକୁ ଆସିଲା, ତା'ର କୋଳ ଛାଡ଼ି ଆଉ ଗୋଟିଏ ମା'ର କୋଳମଣ୍ଡନ କରିବାକୁ ପଡ଼ିବ, ଗୋଟିଏ ମାଆର ଦଳରୁ କ୍ଷୀର ଶୋଷି ଆଉ ଗୋଟିଏ ମାଆର ଆଶା, ଭରସା, ଓ ଜୀବନ ଶଂଖାଳି ତା'କୁ ହେବାକୁ ପଡ଼ିବ। ସ୍ୱାମୀ ଥାଇ ନ ଥିବାର ଆଶା ଓ ଆଶଙ୍କାପୂର୍ଣ୍ଣ ଗୋଟିଏ ମାଆର ଜୀବନ ଲାଗି ସାନ୍ତ୍ୱନାର ଗଣ୍ଠିଧନ ସେ ପାଲଟିବ, ଏସବୁ ଗହନ କଥା କ'ଣ ସେ ବୁଝି ପାରୁଥିଲା?"

ଏହି ସ୍ତରର ମାର୍ମିକ ଭାବ ଓ ଅନୁରୂପ ଭାଷାବିନ୍ୟାସ ଅବଶ୍ୟ ପ୍ରାରମ୍ଭିକ ଅଧ୍ୟାୟଗୁଡ଼ିକରେ ଅଧିକ ମାତ୍ରାରେ ଦେଖିବାକୁ ମିଳେ। ମାତ୍ର ପୁସ୍ତକଟିର ପରବର୍ତ୍ତୀ ଅଂଶରେ, ଯେଉଁଥିରେ ଲେଖକଙ୍କ ଉତ୍ତର-ଜୀବନର ଘଟଣାବଳୀ ଉପସ୍ଥାପିତ, ଏହି ସ୍ୱର କିଂଚିତ୍ ଔପଚାରିକ ମୋଡ଼ ନେଇ ଯନ୍ତ୍ରବତ୍ ଗଡ଼ି ଚାଲିଥିବା ଲକ୍ଷ୍ୟ କରିହୁଏ। 'ଆଦ୍ୟକଥନ'ରେ ଲେଖକଙ୍କ ସ୍ୱୀକାରୋକ୍ତିରୁ ଯାହା ଅନୁମାନ ହୁଏ, ପ୍ରଥମ କେତୋଟି ଅଧ୍ୟାୟକୁ ନିଜର ରଚନାଗତ ଉତ୍କର୍ଷର ଏକ ନମୁନା ଭାବରେ ଅଗ୍ରଜ ଚିତ୍ତ ଭାଇଙ୍କୁ ଦେଖାଇବାର ଅଭିପ୍ରାୟ ନେଇ ଏହା ରଚନା କରିଥିବାରୁ ଲେଖକ ଏହି ପ୍ରାରମ୍ଭିକ ଭାଗରେ ଅତି ସତର୍କତାର ସହିତ କଲମ ଚାଳନା କରିଛନ୍ତି।

୫୧୨ ପୃଷ୍ଠା ବିଶିଷ୍ଟ ଏହି ପୁସ୍ତକଟି ୧୬୮ ଗୋଟି ଅଧ୍ୟାୟରେ ବିଭକ୍ତ। ନିଜ ସୁଦୀର୍ଘ ଜୀବନର ବୃତ୍ତିଗତ, ବ୍ୟକ୍ତିଗତ ଓ ସାମାଜିକ ଘଟଣାଗୁଡ଼ିକ ଲେଖକ ଏତେ ତନ୍ନ ତନ୍ନ କରି ବର୍ଣ୍ଣନା କରିଛନ୍ତି ଯେ ମନେହୁଏ, ଏଥିରୁ କେତେକ ଅନାବଶ୍ୟକ ଅଂଶ ବାଦ ଦେଇ ପୁସ୍ତକଟିକୁ ହୁଏତ ଟିକିଏ ସଂକ୍ଷିପ୍ତ କରିବା ଶ୍ରେୟସ୍କର ହୋଇଥାଆନ୍ତା।

ପ୍ରକାଶିତ ପୁସ୍ତକଟି 'ପ୍ରଥମ ଉଚ୍ଛ୍ୱାସ' (ଅର୍ଥାତ୍ ପ୍ରଥମ ଭାଗ)ର ଉପ-ଶିରୋନାମା ବହନ କରେ। ଆଗକୁ ଦ୍ୱିତୀୟ ଓ ତୃତୀୟ ଉଚ୍ଛ୍ୱାସ ମଧ୍ୟ ପ୍ରକାଶ ଅପେକ୍ଷାରେ ଅଛି ବୋଲି ଏହାର ମଲାଟ ପଛରେ ସୂଚନା ଦିଆଯାଇଛି। ଏହା ପଢ଼ିବାକୁ ଆମର ଅପେକ୍ଷା ରହିଲା।

*-ନିହାର ଶତପଥୀ*

# ସାହିତ୍ୟ ସମାଚାର


## ଭୁବନେଶ୍ୱରରେ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ପାଇଁ ପ୍ରସ୍ତୁତି

ଓଡ଼ିଶା ସରକାରଙ୍କ ଆନୁକୂଲ୍ୟରେ ପ୍ରଥମ ବିଶ୍ୱ ଓଡ଼ିଆ ସମ୍ମିଳନୀର ଆୟୋଜନ ପାଇଁ ପ୍ରସ୍ତୁତି ଆଗେଇ ଚାଲିଛି । ଏହି ସମ୍ମିଳନୀ ଆସନ୍ତା ଫେବୃଆରୀ ୩ରୁ ୫ ପର୍ଯ୍ୟନ୍ତ ଭୁବନେଶ୍ୱରସ୍ଥିତ ଜନତା ମଇଦାନରେ ଅନୁଷ୍ଠିତ ହେବ । ଏଥିରେ ଆଦିକବି ସାରଳା ଦାସ, ଅତିବଡ଼ି ଜଗନ୍ନାଥ ଦାସ, କବିସମ୍ରାଟ ଉପେନ୍ଦ୍ର ଭଞ୍ଜ, ବ୍ୟାସକବି ଫକୀର ମୋହନ ସେନାପତିଙ୍କ ନାମରେ ନାମିତ ଚାରୋଟି କକ୍ଷରେ ଓଡ଼ିଆ ଭାଷାକୁ ନେଇ ବିଭିନ୍ନ ସମ୍ପାନରେ ପ୍ରାସଙ୍ଗିକ ବିଷୟବସ୍ତୁ ଉପରେ ତଥ୍ୟଭିତ୍ତିକ ଆଲୋଚନା ଅନୁଷ୍ଠିତ ହେବ ।

ଏହି ସମ୍ମିଳନୀର ପ୍ରଥମ ଦିବସରେ ବିଶିଷ୍ଟ ଐତିହାସିକ ହରମନ୍ କୁଲକେ ଯୋଗଦେବେ ବୋଲି ଜଣାଯାଇଛି । ଜର୍ମାନୀର ବର୍ଲିନରେ ଜନ୍ମିତ ପ୍ରଫେସର କୁଲକେଙ୍କର ଭାରତୀୟ ଉପମହାଦେଶର ଭାଷା,ସଂସ୍କୃତି, ସାହିତ୍ୟ ଓ ଇତିହାସ ଅଧ୍ୟୟନ ଓ ଗବେଷଣା କ୍ଷେତ୍ରରେ ଅଗାଧ ପାଣ୍ଡିତ୍ୟ ରହିଛି । ସେହିଭଳି ଓଡିଶା ସହ ତାଙ୍କର ସମ୍ପର୍କ ଅତ୍ୟନ୍ତ ନିବିଡ଼ । ରାଜ୍ୟର କଳା, ସଂସ୍କୃତି ପ୍ରତି ମଧ୍ୟ ତାଙ୍କର ସ୍ୱତନ୍ତ୍ର ରୁଚି ରହିବା ସହ ଓଡ଼ିଶାର ଇତିହାସକୁ ସେ ଅତି ନିକଟରୁ ଅଧ୍ୟୟନ କରିଛନ୍ତି ।

ଏହି ସମ୍ମିଳନୀ ବୁଦ୍ଧିଜୀବୀ, ଗବେଷକ, ବିଦ୍ୱାନ ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ ମତ ବିନିମୟ ପାଇଁ ଏକ ସୁନ୍ଦର ମଞ୍ଚ ଭାବେ କାର୍ଯ୍ୟ କରିବ ବୋଲି ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଶା ପ୍ରକାଶ କରିଛନ୍ତି ।

## ପରଲୋକରେ ବର୍ଷୀୟାନ୍ ସାହିତ୍ୟିକ ଅଭିନ୍ନ ଚନ୍ଦ୍ର ସାହୁ



ବର୍ଷୀୟାନ ସାହିତ୍ୟିକ ଅଭିନ୍ନ ଚନ୍ଦ୍ର ସାହୁ ଜାନୁଆରୀ ୭ ତାରିଖ ମଧ୍ୟରାତ୍ରିରେ ଭୁବନେଶ୍ୱରଠାରେ ପରଲୋକ ଗମନ କରିଛନ୍ତି । ମୃତ୍ୟୁ ବେଳକୁ ତାଙ୍କୁ ୮୪ ବର୍ଷ ବୟସ ହୋଇଥିଲା । ସେ ଜଣେ ସୁଯୋଗ୍ୟ ଶିକ୍ଷାବିତ୍, କବି ତଥା ସାହିତ୍ୟ ସମାଲୋଚକ ଥିଲେ ।

ତାଙ୍କର ଅନେକ କୃତି ପସ୍ତକାକାରରେ ପ୍ରକାଶ ପାଇଛି । ତାଙ୍କ ଦ୍ୱାରା ସମ୍ପାଦିତ 'ଆଧୁନିକ ଓଡ଼ିଆ ସାହିତ୍ୟର ଭୂମି ଓ ଭୂମିକା' ବିଶେଷ ପାଠକାଦୃତି ଲାଭ କରିଥିଲା । ଶାନ୍ତିନିକେତନ ସ୍ଥିତ 'ବିଶ୍ୱଭାରତୀ'ର ଜଣେ ପ୍ରାକ୍ତନ ଛାତ୍ର ଥିବା ସ୍ୱର୍ଗତ ସାହୁ ଓଡ଼ିଆ ବିଭାଗର ଜଣେ ଆଦର୍ଶ ଅଧାପକ ଭାବରେ ସୁନାମ ଅର୍ଜନ କରିଥିଲେ ଏବଂ ଭୁବନେଶ୍ୱରର ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନରେ ଅଧାପକ ପଦରେ ଥାଇ ଅବସର ଗ୍ରହଣ କରିଥିଲେ ।ତାଙ୍କର ମହାପ୍ରୟାଣର ସମ୍ବାଦ ପାଇ ଓଡ଼ିଶା ସାହିତ୍ୟ ଏକାଡେମୀର ସଭାପତି ଡ଼. ହୃଷୀକେଶ ମଲ୍ଲିକ ଏକ ଶୋକବାର୍ତ୍ତାରେ କହିଛନ୍ତି ଯେ ସେ ଅତ୍ୟନ୍ତ ମାନବିକ, ସ୍ନେହଶୀଳ ତଥା କବି-ହୃଦୟ ସମ୍ପନ୍ନ ବ୍ୟକ୍ତି ଥିଲେ । ତାଙ୍କର ବିୟୋଗ ଓଡ଼ିଆ ସାହିତ୍ୟ ତଥା ଅଧାପନା କ୍ଷେତ୍ରରେ ପ୍ରକୃତରେ ଏକ ଶୂନ୍ୟତା ସୃଷ୍ଟି କରିଛି । ଭୁବନେଶ୍ୱର ସ୍ଥିତ 'ଓଡ଼ିଆ ଭାଷା ଉତ୍କର୍ଷ କେନ୍ଦ୍ର'ର ନିର୍ଦ୍ଦେଶକ ଡ. ବସନ୍ତ କୁମାର ପଣ୍ଡା ମଧ୍ୟ କହିଛନ୍ତି ଯେ ବିଶିଷ୍ଟ ଶିକ୍ଷାବିତ୍ ଓ ସାହିତ୍ୟିକ ଅଭିନ୍ନ ଚନ୍ଦ୍ର ସାହୁଙ୍କ ଆକସ୍ମିକ ବିୟୋଗରେ ସେ ମର୍ମାହତ ।

# ଶେଷ ପୃଷ୍ଠା



# ନ୍ୟୂନପଞ୍ଚାଶଭାବ*

ଅତିବଡ଼ୀ ଜଗନ୍ନାଥ ଦାସଙ୍କ 'ତୁଳାଭିଣା' ପଢୁଥିଲି। ସଂସାରତତ୍ତ୍ୱ ହେତୁ ଆଦିଶକ୍ତି ମା ପାର୍ବତୀଙ୍କ ଜିଜ୍ଞାସାର ବୋଧରୂପ :

'ପାର୍ବତୀ ବସି ଏକଦିନେ। କହନ୍ତି ବସି ଶିବ ସନ୍ନିଧାନେ

ହେ ପ୍ରଭୁ କରୁଣା-ସାଗର। କେମନ୍ତେ ହୋଇଲା ସଂସାର।'

ତତ୍ପରେ, ସଂଶୟ ଦୂର କରିଛନ୍ତି ମହାଦେବ ଅତି ତାତ୍ତ୍ୱିକ ମାର୍ଗରେ। ଓଁକାର ଠାରୁ ବ୍ରହ୍ମାଣ୍ଡ ପରିଯନ୍ତେ। ସ୍ମୃତିପଥରୁ ସାଉଁଟି ଆଣିଲି ସେଇ ଜିଜ୍ଞାସାର ପର୍ବ ଓଡ଼ିଆ ଭାଗବତରୁ :

'ଶିଷ୍ୟ ଭକ୍ତିରେ ଦୟା ବହେ। ସକଳ ଗୁଢ଼ତତ୍ତ୍ୱ କହେ

ଏଣୁ ବ୍ୟାସଙ୍କ ଶିକ୍ଷା ଯେତେ। ପ୍ରକାଶ ଆମ୍ଭର ଅଗ୍ରତେ।'

ସେଇ ଜିଜ୍ଞାସାର ଭାବ ଜୀବତତ୍ତ୍ୱ, ଭବସାଗରରୁ ତରିଯିବାର ଆଗ୍ରହର କଥା। ଅତି ଭାବମୟ।

ଭଗବାନ ଶ୍ରୀକୃଷ୍ଣ ଯେଉଁ ଅଷ୍ଟାଦଶ ଯୋଗର ବ୍ୟାଖ୍ୟା କରିଛନ୍ତି ତାହା ହେଉଛି ବ୍ରହ୍ମ, ଜୀବ ଓ ମୁକ୍ତିମାର୍ଗର ମହାକଥା। ଏଣୁ ଜିଜ୍ଞାସାଗତ ପ୍ରାଣ ହିଁ ବୋଧିଟିଏ। ଗତ ଥର ଅନୁରୋଧ କରିଥିଲି ଯେ ବୋଧିଏ; ଆସନ୍ତୁ ପାଠକଟିଏ ହେବା। ପଢ଼ିବା, ବୁଝିବା, ଜାଣିବା। ଜୀବ, ବ୍ରହ୍ମ, ମୋକ୍ଷ, ପ୍ରଭୃତିର କଥା; ଭାଷା, ସାହିତ୍ୟ, ଜ୍ଞାନବିଜ୍ଞାନର କଥା। ଏଣୁ ତ ପଢ଼େ; ନ୍ୟୂନପଞ୍ଚାଶଭାବ ନେଇ ନୁହଁ, ଜାଣିବାକୁ ଓ ପାଇବାକୁ ଅମୂଲ୍ୟମଣି ସବୁ ଆମ ଭାଷା ଓ ସାହିତ୍ୟର ତତ୍ତ୍ୱ ଓ ତଥ୍ୟସମୂହ। ହେଲେ ଗଇ ଖୋଜିବା ଲୋକ ଅଛନ୍ତି। ମୁଣ୍ଡହୁଁ ମଞ୍ଜ ନବୁଝି ଅନେକ ବିଜ୍ଞ ନିଜର ମନ୍ତବ୍ୟ ଥୋପି ଦିଅନ୍ତି ଏଇ କଥାରେ।

ଜ୍ଞାନ-ଅଜ୍ଞାନର ତତ୍ତ୍ୱ ହିଁ ବିଜ୍ଞାନ; ଏଣୁ ଅନ୍ତଃସଂଜ୍ଞ ସର୍ବସ୍ୱ ହେବାକୁ ହେବ। ଏଥିପାଇଁ କହିଥିଲି; ଆଲୋକ-ଅନ୍ଧକାର ସତ୍ତାର ପ୍ରଜ୍ଞପ୍ତି ହେଉଛି ବିଜ୍ଞାନ; ଆଲୋକର ପ୍ରଜ୍ଞାବାଦ ହେଉଛି ଜ୍ଞାନ। ଆଲୋକର ଉପସ୍ଥିତିରେ ଅନ୍ଧକାରର ମୋହ ହେଉଛି ଅଜ୍ଞାନ। ଯେହେତୁ, ଜ୍ଞାନରୂପୀ ଆଲୋକର ସଂଶୟରୂପୀ ପଥରୋଧରେ ହିଁ ଅଜ୍ଞାନରୂପୀ ଅନ୍ଧକାରର ସୃଷ୍ଟି।

ମମ୍ମଟ ମତାନୁଯାୟୀ ସାହିତ୍ୟ-ସର୍ଜନା, ବ୍ରହ୍ମା-ସର୍ଜନା ଅପେକ୍ଷା ଉତ୍କୃଷ୍ଟତର। କାରଣ ବ୍ରହ୍ମା-ସୃଷ୍ଟି ନିର୍ଦ୍ଦିଷ୍ଟ ନିୟମ ଓ ଶୃଙ୍ଖଳାର ବଶବର୍ତ୍ତୀ ; ହେଲେ ସାହିତ୍ୟ-ସୃଷ୍ଟି ବୈଶିଷ୍ଟ୍ୟ ଓ ବୈଚିତ୍ର୍ୟରେ ପରିପୂର୍ଣ୍ଣ। ବ୍ରହ୍ମାଙ୍କ ସୃଷ୍ଟିରେ ମଧୁର, ଅମ୍ଳ, ଲବଣ, କଟୁ, ତିକ୍ତ, କଷାୟ ପରି ଛଅ ପ୍ରକାର ରସ ଉପଲବ୍ଧ ହେଲା ବେଳେ ସାହିତ୍ୟିକ ସୃଷ୍ଟିରେ ଶୃଙ୍ଗାର, ହାସ୍ୟ, କରୁଣ, ରୌଦ୍ର, ବୀର, ଭୟାନକ, ବିଭତ୍ସ, ଅଦ୍ଭୁତ ଓ ଶାନ୍ତ ପରି ନଅଗୋଟି ରସର ଉପଲବ୍ଧି ହୁଏ। ମମ୍ମଟଙ୍କ ମତାନୁଯାୟୀ ସାହିତ୍ୟ-ସର୍ଜନା ବିଭିନ୍ନ ବୋଧ ନେଇ କରାଯାଇଥାଏ; ଯଥା ଯଶ, ଅର୍ଥ, ଅମଙ୍ଗଳର ବିନାଶ, ବ୍ୟବହାର ଜ୍ଞାନ, ପରମାନନ୍ଦ ପ୍ରାପ୍ତି ଓ କାନ୍ତା ସଦୃଶ ସରସ ଉପଦେଶ। ପ୍ରଥମ ତିନୋଟି ଲେଖକର ଲକ୍ଷ୍ୟ ଓ ଶେଷ ତିନୋଟି ପାଠକର ଲକ୍ଷ୍ୟ।

ଏଣୁ, ଭାଷା ଓ ସାହିତ୍ୟ ପଥରେ ପାଦ ଥାପିଥିବା ସମସ୍ତ ତଥା ସର୍ବୋପରି ଗଜାବଉଦଙ୍କୁ ବୁଝାଇ କହିବି ଯେ, ନ୍ୟୂନପଞ୍ଚାଶଭାବ ନୁହଁ ବରଂଚ ଧ୍ୱନ୍ୟାଲୋକର ରଚୟିତା ଶ୍ରୀମଦ ଆନନ୍ଦବର୍ଦ୍ଧନ ଆଚାର୍ଯ୍ୟ କହିବାନୁଯାୟୀ, "କବି ହେଉଛି ସ୍ୱୟଂ ବ୍ରହ୍ମା ଓ ସମଗ୍ର କାବ୍ୟ ସଂସାର ହିଁ କବିର ସୃଷ୍ଟି। କବି ତା'ର ରୁଚି ଅନୁଯାୟୀ କାବ୍ୟ-ସଂସାରକୁ ପରିବର୍ତ୍ତିତ କରିଥାଏ।"

ଏହି ବୋଧ ନେଇ ଅତି ଦାୟିତ୍ୱର ସହ ଆମ ଭାଷା ଓ ସାହିତ୍ୟର ତତ୍ତ୍ୱ ପଢ଼ି, ବୁଝି, ଜାଣି, ବୁଝି ଲେଖିବାକୁ ହେବ।

**-ପ୍ରଭୂ**

* **ନ୍ୟୂନପଞ୍ଚାଶଭାବ** – ଉନପଞ୍ଚାଶତ୍ ବାୟୁଗ୍ରସ୍ତ; ପାଗଳ; ବାତୁଳ, ହତଜ୍ଞାନ

□□

ଲେଖକଙ୍କ ଇ-ମେଲ୍ ଠିକଣା:
prasantabhunya@gmail.com

Eastern India's **No.1*** Paediatric Hospital

# JAGANNATH HOSPITAL

AN EXCLUSIVE PERINATAL CENTRE

## Because we treat every child like our own

- 24 X 7 PAEDIATRIC NEONATAL EMERGENCY
- LEVEL - 3 NICU
- PAEDIATRICS & NEONATAL SURGERY
- 24 X 7 OBSRETRIC & GYNAECOLOGY
- 24 X 7 PATHO LAB



Call : 8093091301

185-P, Saheed Nagar, Bhubaneswar-15

*Source: Times of India Critical Healthcare Survey

Jugaad Corner
A bit of Jugaad & lots of Love





Jugaad Corner deals with
supplies of raw bases for
art and craft purposes
for artists and Crafters PAN India.

www.jugaadcorner.com
www.facebook.com/jugaadcorner
www.instagram.com/jugaadcorner







We design, customize and manufacture
all kinds of MDF and pinewood products
that are further used by artists and crafters
all over India for their creative projects.

Our designs are exclusively curated for
home décor, utility and gifting purposes.

J.C. CREATIONS
Shop No. 2, Plot No. 137,
Mahavir Vihar,
Near Patia Railway Station,
Kalarahanga, Patia,
Bhubaneswar - 751024, Odisha
Contact - 9439034505,

Blessed Fingers
deals with art and craft
finished products and
orders even accepted on
çustomizations.

www.blessedfingers.com
www.facebook.com/theblessedfingers
www.instagram.com/theblessedfingers


Blessed Fingers







SAHITYA CHARCHA ● February 2024 ● Rs.40 RNI Regd. No. : ODIODI/2022/81590




Printed, Published and owned by Nihar Ranjan Satpathy, and Printed at Gayatri Industries, TS 3/193, Mancheswar Industrial Estate, Bhubaneswar - 751010 and published from SB-19, Arya Village, Dumuduma, Phase-4, Bhubaneswar - 751019.
Editor : Nihar Ranjan Satpathy